ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶୁକ୍ରବାର, ମେ ୩୦/୨୦୨୫ (୧୪ ପୃଷ୍ଠା) | Bhubaneswar, Friday, May 30/2025 | Page 14 | ₹ 7.00 | BERHAMPUR
୫୧ଶ ଭାଗ ୧୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 184 | ମୂଲ୍ୟ ₹୭/-

# ପ୍ରତିରକ୍ଷା ସାମଗ୍ରୀ: ଚୁକ୍ତି ହେଉଛି, ପହଞ୍ଚୁନାହିଁ

**ନୂଆଦିଲ୍ଲୀ,୨୯।୫**

## ଚିନ୍ତାବ୍ୟକ୍ତ କଲେ ବାୟୁସେନା ମୁଖ୍ୟ

ଭାରତର ପ୍ରତିରକ୍ଷା ସାମଗ୍ରୀ କିଣା ଓ ବିନିର୍ମାଣରେ ବିଳମ୍ବକୁ ନେଇ ବାୟୁସେନା ମୁଖ୍ୟ ଅମରପ୍ରୀତ ସିଂ ଚିନ୍ତା ବ୍ୟକ୍ତ କରିଛନ୍ତି। ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ବ୍ୟବସାୟିକ ସମ୍ମିଳନୀରେ ଯୋଗଦେଇ ଅମରପ୍ରୀତ କହିଛନ୍ତି, ତେଜସ୍ ଏମ୍‌କେ୧ ଫାଇଟର ଜେଟ୍ ଅଧିଗ୍ରହଣ ପାଇଁ ଚୁକ୍ତି ସ୍ୱାକ୍ଷରକୁ ୩ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏହି ଯୁଦ୍ଧବିମାନ ଆସିପାରିଲା ନାହିଁ। ଏଭଳି ବିଳମ୍ବ ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପ୍ରଭାବିତ ହେବାରେ ଲାଗିଛି। ଅନେକ ସମୟରେ ଚୁକ୍ତି ସ୍ୱାକ୍ଷର କରିବାବେଳେ ସମ୍ପୃକ୍ତ ସିଷ୍ଟମ୍ ଆସିବ ନାହିଁ ବୋଲି ଆମେ ଜାଣିଥାଉ। ସମୟସୀମା ଏକ ବଡ଼ ପ୍ରସଙ୍ଗ। ନିର୍ଦ୍ଧାରିତ ସମୟରେ କୌଣସି ଗୋଟିଏ ହେଲେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାହା ପରିବା ନାହିଁ, ତାକୁ ନେଇ ପ୍ରତିଶ୍ରୁତି କାହିଁକି ଦେବା ବୋଲି ବାୟୁସେନା ମୁଖ୍ୟ ପ୍ରଶ୍ନ କରିଛନ୍ତି। ନିକଟରେ ଭାରତ-ପାକିସ୍ତାନ ମଧ୍ୟରେ ସାମରିକ ଉତ୍ତେଜନା ପ୍ରକାଶ ପାଇ ସଂଘର୍ଷର ରୂପ ନେଇଥିବାବେଳେ ବାୟୁସେନା ମୁଖ୍ୟ ଉଠାଇଥିବା ପ୍ରଶ୍ନ ତାତ୍ପର୍ଯ୍ୟପୂର୍ଣ୍ଣ।

(ସମ୍ପୂର୍ଣ୍ଣ ରିପୋର୍ଟ: ପୃଷ୍ଠା-୪)




**ଆଜିର ସମ୍ପାଦକୀୟ**


**ଜିଡିପି ଓ ସମୃଦ୍ଧି**

# ହୋମ୍‌ଗାର୍ଡ ଶାରୀରିକ ପରୀକ୍ଷା ବେଳେ ୨ ମୃତ

## ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଶି ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ଗଜପତି ଜିଲା ପାରଳାଖେମୁଣ୍ଡିଠାରେ ହୋମଗାର୍ଡ ନିଯୁକ୍ତି ପାଇଁ ଗୁରୁବାର ଆଶାୟୀଙ୍କ ଶାରୀରିକ ପରୀକ୍ଷା ହୋଇଥିଲା। ହେଲେ ଏହି ପ୍ରତିଯୋଗିତା ସମୟରେ ଅଭାବନୀୟ ଘଟଣା ଘଟିଛି। ଏଥିସକାଶେ ଅନୁଷ୍ଠିତ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇଥିବା ୧,୨୦୦ ଆଶାୟୀଙ୍କ ମଧ୍ୟରୁ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଅସୁସ୍ଥ ହୋଇ ଚିକିତ୍ସିତ ହେଉଛନ୍ତି। ଦୌଡ଼ିବା ସମୟରେ ଗୋଡ଼ର ମାଂସପେଶୀ ଜମାଟ ହେବା ସହ ଅଣନିଃଶ୍ୱାସୀ ଯୋଗୁ ଏଭଳି ଅଘଟଣ ଘଟିଥିବା ଡାକ୍ତର ସନ୍ଦେହ କରୁଛନ୍ତି। ତେବେ ମୃତକଙ୍କ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଇଛି। ଏଭଳି ଘଟଣାରେ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ରାଶି ଘୋଷଣା କରିଛନ୍ତି। ଏଥିସହ ଉଭୟ ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ହୋମ୍‌ଗାର୍ଡ ଚାକିରି ପ୍ରଦାନ କରାଯିବ ବୋଲି ଏସ୍‌ପି ଯତୀନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।**

## ପରିବାରର ଜଣଙ୍କୁ ମିଳିବ ଚାକିରି: ଏସ୍‌ପି


ଦୀପକ ପଡ଼ାଲ


ସୁଲନ୍ତ ମିଶାଲ

**ପାରଳାଖେମୁଣ୍ଡି,୨୯।୫ (ଗିରିଧାରୀ ପରିଚ୍ଛା)**

ଗଜପତି ଜିଲାରେ ଗୃହରକ୍ଷୀ ନିଯୁକ୍ତି ପରୀକ୍ଷା ଜାରି ରହିଛି। ୧୪୪ଟି ପଦବୀ ପାଇଁ ଚାଲିଥିବା ସାକ୍ଷାତ୍କାରରେ ୧୨ଶହ ଆଶାୟୀ ସାମିଲ ହୋଇଥିଲେ। ଗୁରୁବାର ସକାଳୁ ସେମାନଙ୍କ ଶାରୀରିକ ପରୀକ୍ଷା ଆରମ୍ଭ ହୋଇଥିଲା। ରାଣୀପେଣ୍ଠଠାରୁ ପଦ୍ମପୁର ଦୁଇ କି.ମି. ରାସ୍ତାରେ ସକାଳୁ ଦୌଡ ପରୀକ୍ଷା ଚାଲିଥିବାବେଳେ ୮ଜଣ ପରୀକ୍ଷାର୍ଥୀ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଲନ୍ତ ମିଶାଲଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୭ଜଣଙ୍କ ମଧ୍ୟରୁ ଦୀପକ ପଡାଲ୍‌ଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଦୀପକଙ୍କ ମୃତ୍ୟୁ ହୋଇଛି। ପାରଳାଖେମୁଣ୍ଡିରେ ଚିକିତ୍ସାଧୀନ ଥିବା ଅନ୍ୟ ୬ଜଣ ହେଲେ ପାରଳାଖେମୁଣ୍ଡିର ପି.ବାବୁଜୀ, ଗୁମ୍ମାର ଅର୍ପନ ପାଣି, ଗୋଷାଣୀର ସଞ୍ଜୟ ଶବର, କାଶୀନଗରର ବାଳକୃଷ୍ଣ ଲିମ୍ମା, ଗୁରାଣ୍ଡିର ଶିବ ପ୍ରସାଦ ମହାପାତ୍ର ଏବଂ ଅନ୍ୟ ଜଣଙ୍କ ପରିଚୟ ମିଳିପାରି ନାହିଁ। ଏସ୍‌ପି ପଣ୍ଡା ହସ୍ପିଟାଲରେ ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

ରାମଗିରି ଥାନା ଅନ୍ତର୍ଗତ ପରିସଲ ଗ୍ରାମର ସୁଲନ୍ତ ତାଙ୍କ ପରିବାରର ଏକମାତ୍ର ଆଶା ଥିଲେ। ତାଙ୍କୁ ହରାଇ ବିଧବା ମା' ଓ ଭଉଣୀ ଅସହାୟ ହୋଇପଡ଼ିଛନ୍ତି। ଘଟଣାକୁ ନେଇ ସୁଲନ୍ତଙ୍କ ମାମୁ କହିଛନ୍ତି, ସୁଲନ୍ତଙ୍କ ପରିବାରେ ଦୁଇ ଭାଇଙ୍କ ମଧ୍ୟରୁ ଆଗରୁ ଜଣକର ମୃତ୍ୟୁ ☞ପୃଷ୍ଠା-୪

# ୨୦ ଲକ୍ଷ ଲାଞ୍ଚ: ସିବିଆଇ ହାତରେ ଇଡି ଡେପୁଟି ଡାଇରେକ୍ଟର

**ଭୁବନେଶ୍ୱର,୨୯।୫(ସତ୍ୟଜିତ ରାଉତ)**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ଜୋନାଲ ଅଫିସର ଡେପୁଟି ଡାଇରେକ୍ଟର ଚିନ୍ତନ ରଘୁବଂଶୀ ଲାଞ୍ଚ ନେବାବେଳେ ଗୁରୁବାର ଧରାପଡ଼ିଛନ୍ତି। ଢେଙ୍କାନାଳର ଜଣେ କ୍ରସର ବ୍ୟବସାୟୀଙ୍କଠାରୁ ୨୦ଲକ୍ଷ ଟଙ୍କା ଲାଞ୍ଚ ନେଉଥିବାବେଳେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଟିମ୍ ତାଙ୍କୁ କାବୁ କରିଛି। ରଘୁବଂଶୀଙ୍କୁ ସିବିଆଇ ଟିମ୍ ଉଠାଇ ନେଇ କାର୍ଯ୍ୟାଳୟରେ ପଚରାଉଚରା କରୁଥିବା ଜଣାପଡ଼ିଛି। ତେବେ ଏନେଇ ସିବିଆଇ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇ ନ ଥିଲେ ହେଁ ଖଣି କାରବାର ସମ୍ପର୍କିତ ମାମଲାର ରଫାଦଫା ପାଇଁ ଟଙ୍କା ଆଦାୟ ଲାଗି ରଘୁବଂଶୀ କରିଥିବା ଯୋଜନା ଫେଲ୍ ମାରିଥିବା ସୂଚନା ମିଳିଛି। ଇଡିର ଜଣେ ବରିଷ୍ଠ ଅଧିକାରୀଙ୍କୁ ଲାଞ୍ଚ କାରବାର ଅଭିଯୋଗରେ ସିବିଆଇ ଗିରଫ କରିବା ଘଟଣା ରାଜ୍ୟରେ ପ୍ରଥମ ବୋଲି କୁହାଯାଉଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ ଖଣି କାରବାରକୁ ନେଇ ବେଆଇନ ଅର୍ଥ କାରବାର ମାମଲାରେ ଇଡି ପକ୍ଷରୁ ରଘୁବଂଶୀ ତଦନ୍ତ କରୁଥିବାବେଳେ ଏହାର ରଫାଦଫା ପାଇଁ ସମ୍ପୃକ୍ତ କ୍ରଶର ବ୍ୟବସାୟୀଙ୍କୁ ୫୦ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଏପରି କି ଟଙ୍କା ନ ଦେଲେ କିଛି ଶୁଣାଯିବ ନାହିଁ ବୋଲି ରଘୁବଂଶୀ ବାରମ୍ବାର କହିଥିଲେ। ଶେଷରେ ୨୦ ଲକ୍ଷ ଟଙ୍କା ନେବେ ବୋଲି କଥା ଛିଡ଼ିଥିଲା। ଏନେଇ ସିବିଆଇ ଟିମ୍ ସୂଚନା ପାଇବାପରେ ରଘୁବଂଶୀଙ୍କ ଉପରେ କିଛିଦିନ ହେଲା ନଜର ରଖିଥିଲା। ଗୁରୁବାର ସନ୍ଧ୍ୟାରେ ଶହୀଦ ନଗର ଅଞ୍ଚଳର ଏକ ସ୍ଥାନରେ ରଘୁବଂଶୀ ଲାଞ୍ଚ ନେବାବେଳେ ସିବିଆଇ ଚଢ଼ାଉ କରି ଟଙ୍କା ସହ ତାଙ୍କୁ କାବୁ କରିଥିଲା। ପରେ ରଘୁବଂଶୀଙ୍କୁ ସିବିଆଇ କାର୍ଯ୍ୟାଳୟକୁ ନେଇଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ରଘୁବଂଶୀଙ୍କୁ ପଚରାଉଚରା ଜାରି ରହିଥିବା ଜଣାପଡ଼ିଛି। ତେବେ ଏହି ଘଟଣାରେ ରଘୁବଂଶୀଙ୍କ ଜଣେ ସହଯୋଗୀଙ୍କୁ ମଧ୍ୟ ସିବିଆଇ ଅଟକ ରଖିଥିବା ସୂଚନା ମିଳିଛି। ଉଲ୍ଲେଖଯୋଗ୍ୟ, ୨୦୧୩ ବ୍ୟାଚ୍‌ର ଆଇଆର୍‌ଏସ୍ ଅଫିସର ଚିନ୍ତନ ରଘୁବଂଶୀ ୨୦୨୧ ଏପ୍ରିଲରେ ଇଡି ଡେପୁଟି ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ରଘୁବଂଶୀ ୨୦୨୩ ନଭେମ୍ବରରେ ଭୁବନେଶ୍ୱର ଇଡି ଆଞ୍ଚଳିକ ଶାଖାକୁ ବଦଳି ହୋଇ ଆସିଥିଲେ।


ଚିନ୍ତନ ରଘୁବଂଶୀ

# ମୋବାଇଲରେ ଚାଷୀ ପାଇବେ ପାଣିପାଗ ସୂଚନା

**ନୂଆଦିଲ୍ଲୀ,୨୯।୫**

## ଆଇଏମ୍‌ଡି ଆଣୁଛି ଏଆଇ ସର୍ଭିସ୍ 'ମୌସମ୍ ଜିପିଟି'



ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଖୁବ୍‌ଶୀଘ୍ର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଚାଳିତ ଏକ ଆପ୍ ଲଞ୍ଚ କରାଯିବ। 'ମୌସମ୍ ଜିପିଟି' ନାମକ ଏହି ଆପ୍ ଜରିଆରେ ସ୍ଥାନୀୟ ପାଣିପାଗ ସମ୍ପର୍କିତ ସୂଚନା ଆଞ୍ଚଳିକ ଭାଷାରେ ଯୋଗାଇ ଦିଆଯିବ। ଉକ୍ତ ସୂଚନା ଉଭୟ ଟେକ୍ସ୍ଟ ଓ ଅଡିଓ ଫର୍ମାଟରେ ଆସିବ। ଏହାଦ୍ୱାରା କୃଷକମାନେ ନିଜ ମୋବାଇଲ ଫୋନ୍‌ରେ ଆପ୍ ଇନ୍‌ଷ୍ଟଲ କରି ପାଣିପାଗ ସମ୍ପର୍କିତ ସୂଚନା ମାତ୍ର ୨ କିମ୍ବା ୩ଟି ବଟନ୍ ଦବାଇ ପାଇପାରିବେ। ଏହା ଆସନ୍ତା ୬ ମାସ ଭିତରେ ଉଭୟ ସ୍ମାର୍ଟ ଫୋନ୍ ଓ ବେସିକ୍ ଫିଚର ଫୋନ୍‌ରେ ଉପଲବ୍ଧ ହେବ ବୋଲି ବୁଧବାର ଭୂବିଜ୍ଞାନ ସଚିବ ଏମ୍. ରବିଚନ୍ଦ୍ର ସୂଚନା ଦେଇଛନ୍ତି।

ଆଇଏମ୍‌ଡିରୁ ମୋବାଇଲ୍ ଆପ୍ ମୌସମ ଜିପିଟିରେ ପାଣିପାଗ ସମ୍ପର୍କିତ ସୂଚନା ପାଇବା ଦ୍ୱାରା କୃଷକମାନେ ବିହନ ବୁଣାଠାରୁ ନେଇ ଫସଲ ଅମଳ ପର୍ଯ୍ୟନ୍ତ ଲାଭାନ୍ୱିତ ହେବେ। ବିଶେଷକରି ଗ୍ରାମାଞ୍ଚଳର ଲୋକେ ଏଥିରୁ ଅନେକ ସୁବିଧା ପାଇପାରିବେ। ବର୍ଷା ହେବ କି ନାହିଁ ସେନେଇ ଯାତ୍ରୀମାନେ ମଧ୍ୟ ଆଡ୍‌ଭାଇଜରି ପାଇବେ ଏବଂ ନିଜ ଯୋଜନା ଓ ସୁରକ୍ଷାରେ ଉନ୍ନତି ଆଣିପାରିବେ। ☞ପୃଷ୍ଠା-୪

### ମନ୍‌ସୁନ୍ ଜିପିଟି

ମୌସମ୍ ଜିପିଟିର ଆର୍ଲି ଭର୍ସନ 'ମନ୍‌ସୁନ୍ ଜିପିଟି' ବିକଶିତ ହୋଇସାରିଛି। ଫିଚର ଫୋନ୍ ଓ ସ୍ମାର୍ଟଫୋନ୍‌ଗୁଡ଼ିକରେ ଏହାକୁ କାର୍ଯ୍ୟକାରୀ କରାଇବା ପାଇଁ ଏଥିରେ ଆଉ କିଛି କାମ ବାକି ଅଛି। ଉଦାହରଣସ୍ୱରୂପ ଜଣେ କ୍ଷୁଦ୍ରଚାଷୀ ଏକ ସାଧାରଣ ଫୋନ୍‌ରେ ୨/୩ଟି ବଟନ୍ ଦବାଇବା ପରେ ଯେପରି ପାଣିପାଗ ସୂଚନା ପାଇପାରିବେ, ସେଥିଲାଗି ଉଦ୍ୟମ ଜାରି ରହିଛି। ଟେଲିକମ୍ ଟାୱାର ବ୍ୟବହାର କରି ଏହି ବ୍ୟବସ୍ଥା କଲରଙ୍କ ଅବସ୍ଥିତି ଠାବ କରିପାରିବ। ଏହା ପରେ ସ୍ଥାନୀୟ ଭାଷାରେ ସରଳ ଭାବେ ପାଣିପାଗ ପୂର୍ବାନୁମାନ କରି ଉଭୟ ଲିଖିତ ଓ ମୌଖିକ ଭାବେ ଜଣାଇଦେବ।



## କଶ୍ମୀରରୁ ୨ ଲସ୍କର ଆତଙ୍କବାଦୀ ଗିରଫ

ଶ୍ରୀନଗର, ୨୯।୫

ଜମ୍ମୁ-କଶ୍ମୀରର ଶୋପିଆନରେ ସେନା, କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍‌ର ମିଳିତ ଅପରେଶନକୁ ଗୁରୁବାର ସଫଳତା ମିଳିଛି। ବସ୍‌କୁଚନ ଇମାମସାହିବ ଅଞ୍ଚଳରେ ଲସ୍କର-ଇ-ତୋଇବାର ୨ ଜଣ ହାଇବ୍ରିଡ୍ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ବିପୁଳ ମାତ୍ରାରେ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି। ବସ୍‌କୁଚନ ଇମାମସାହିବ ଅଞ୍ଚଳରେ କେତେଜଣ ଆତଙ୍କବାଦୀ ଲୁଚିଥିବା ଗୋଇନ୍ଦା ସୂଚନା ଆଧାରରେ ସର୍ଚ୍ଚ ଅପରେଶନ ଆରମ୍ଭ କରାଯାଇଥିଲା। ୨ ଆତଙ୍କବାଦୀ ଇର୍‌ଫାନ ଓ୍ୱଶିର ଏବଂ ଉଜୈର ସଲାମଙ୍କୁ ସୁରକ୍ଷା ବଳ ଘେରିଯିବାରୁ ସେମାନେ ଆତ୍ମସମର୍ପଣ କରିଥିଲେ।

## ପାକିସ୍ତାନ ରାଲିରେ ପହଲଗାମ୍ ଆକ୍ରମଣର ମାଷ୍ଟର ମାଇଣ୍ଡ

ନୂଆଦିଲ୍ଲୀ, ୨୯।୫

ଗତ ଏପ୍ରିଲ ୨୨ରେ ଜମ୍ମୁ-କଶ୍ମୀରର ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ କୁହାଯାଉଥିବା ଲସ୍କର-ଇ-ତୋଇବା କମାଣ୍ଡର ସୈଫୁଲ୍ଲା କସୁରୀଙ୍କୁ ବୁଧବାର ସର୍ବସାଧାରଣରେ ଦେଖିବାକୁ ମିଳିଥିଲା। ଭାରତ ବିରୋଧୀ ଏକ ରାଲିରେ ସେ ପାକିସ୍ତାନୀ ରାଜନେତାମାନଙ୍କ ସହ ମଞ୍ଚରେ ଉପସ୍ଥିତ ଥିଲେ। ତାଙ୍କ ସହିତ ଅନ୍ୟ କେତେଜଣ ଓ୍ୱାଣ୍ଟେଡ୍ ଆତଙ୍କବାଦୀ ମଧ୍ୟ ଉକ୍ତ ରାଲିରେ ଯୋଗଦେଇଥିଲେ। ପାକିସ୍ତାନର ଆଣବିକ ପରୀକ୍ଷାର ବାର୍ଷିକୀ ପାଳନ ଅବସରରେ ପାକିସ୍ତାନ ମର୍କାଜି ମୁସ୍‌ଲିମ୍ ଲିଗ୍ (ପିଏମ୍‌ଏମ୍‌ଏଲ୍) ପକ୍ଷରୁ ଏହି ର୍‍ୟାଲିର ଆୟୋଜନ କରାଯାଇଥିଲା। ସେଠାରେ ସୈଫୁଲ୍ଲାଙ୍କ ସହ ଅନ୍ୟମାନେ ଭାରତ ବିରୋଧରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ। ଅନ୍ୟ ଆତଙ୍କବାଦୀଙ୍କ ମଧ୍ୟରେ ଲସ୍କର ପ୍ରତିଷ୍ଠାତା ହାଫିଜ ସୟିଦଙ୍କ ପୁଅ ତାଲହା ସୟିଦ ମଧ୍ୟ ଉପସ୍ଥିତ ଥିଲେ। ପହଲଗାମ୍ ଆକ୍ରମଣ ପାଇଁ ମୋତେ ଦାୟୀ କରାଯିବା ଦ୍ୱାରା ସାରା ବିଶ୍ୱରେ ମୋ ନାଁ ପ୍ରସିଦ୍ଧ ହୋଇଗଲା ବୋଲି ରାଲିରେ ସୈଫୁଲ୍ଲା କହିଥିଲେ।

## ପିଓକେ ବାସିନ୍ଦା ସ୍ୱଇଚ୍ଛାରେ ଭାରତ ଫେରିବେ: ରାଜନାଥ

ନୂଆଦିଲ୍ଲୀ, ୨୯।୫

ପାକ୍ ଅଧିକୃତ କଶ୍ମୀର(ପିଓକେ)ର ଜନସାଧାରଣ ହେଉଛନ୍ତି ଭାରତୀୟ ପରିବାର। ସେମାନେ ସ୍ୱେଚ୍ଛାକୃତ ଭାବେ ଭାରତର ମୁଖ୍ୟ ସ୍ରୋତକୁ ଫେରିବା ସମୟ ଆଉ ବେଶି ଦୂର ନାହିଁ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର କହିଛନ୍ତି। ଇସ୍‌ଲାମାବାଦ ସହ ଆଲୋଚନା କେବଳ ଆତଙ୍କବାଦ ଏବଂ ପିଓକେକୁ ନେଇ ସମ୍ଭବ। ସିଆଇଆଇ ବିଜ୍‌ନେସ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ, ପିଓକେ ଜନସାଧାରଣ ନିଜ ଅନ୍ତରାତ୍ମାର ଆହ୍ୱାନ ଶୁଣି ଦିନେ ନିଶ୍ଚୟ ଫେରିବେ ବୋଲି ବିଶ୍ୱାସ ରହିଛି।

# ଟ୍ରମ୍ପ୍‌ଙ୍କୁ ଅଦାଲତୀ ଝଟକା

## ଟାରିଫ୍‌କୁ ଅଟକାଇଲେ ଅନ୍ତର୍ଜାତୀୟ କୋର୍ଟ




ଡୋନାଲ୍ଡ ଟ୍ରମ୍ପ୍

ଓ୍ୱାଶିଂଟନ, ୨୯।୫

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଟାରିଫ୍ କାର୍ଯ୍ୟକାରିତା ଉପରେ ମାନ୍‌ହାଟନସ୍ଥିତ ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ରୋକ୍ ଲଗାଇଛନ୍ତି। ଯେଉଁ ଦେଶଗୁଡ଼ିକ ଆମେରିକାକୁ ଅଧିକ ସାମଗ୍ରୀ ବିକୁଛନ୍ତି ଓ କମ୍ ସାମଗ୍ରୀ କିଣୁଛନ୍ତି, ସେମାନଙ୍କ ଉପରେ ଟାରିଫ୍ ଲଗାଇ ରାଷ୍ଟ୍ରପତି ତାଙ୍କ କ୍ଷମତାଠାରୁ ଅଧିକ ପ୍ରୟୋଗ କରୁଥିବା ଅଦାଲତ କହିଛନ୍ତି। ଟାରିଫ୍ କ୍ଷମତା କାଏମ ରଖିବା ପାଇଁ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ ଅଦାଲତଙ୍କୁ ନିବେଦନ କରାଯାଇଥିଲା। ଆଇନଗତ ପ୍ରତିବନ୍ଧକ ଯୋଗୁ ଚାଇନା ସହ ବାଣିଜ୍ୟ ଯୁଦ୍ଧର ଦିଗ ବଦଳିବା ସହ ଭାରତ-ପାକିସ୍ତାନ ସଂଘର୍ଷ ପୁଣିଥରେ ଘଟିପାରେ ବୋଲି ପ୍ରଶାସନ ଯୁକ୍ତି ଦର୍ଶାଇଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ସଂଘର୍ଷ ବେଳେ ଅସ୍ତ୍ରବିରତି ପାଇଁ ଟ୍ରମ୍ପ୍ ଟାରିଫ୍ କ୍ଷମତାକୁ ଅସ୍ତ୍ର କରିଥିବା ଦାବିକରି ଆସୁଛନ୍ତି। ତେବେ ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ଟ୍ରମ୍ପ୍ ପ୍ରଶାସନର ସମସ୍ତ ଯୁକ୍ତିକୁ ଖାରଜ କରିଦେବା ସହ କଂଗ୍ରେସ ଆଇଇଇପିଏ ଅଧୀନରେ ରାଷ୍ଟ୍ରପତିଙ୍କୁ ଅସୀମ କ୍ଷମତା ଦେଇ ନାହିଁ ବୋଲି କହିଛନ୍ତି। କେବଳ ଜରୁରୀ ସମୟରେ ଅସାଧାରଣ ବିପଦର ମୁକାବିଲା ପାଇଁ ରାଷ୍ଟ୍ରପତି ଆବଶ୍ୟକ ଆର୍ଥିକ କଟକଣା ଲଗାଇପାରିବେ ବୋଲି ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

## ଅସ୍ତ୍ରବିରତି ବେଳେ ଟାରିଫ୍ ଆଲୋଚନା ହୋଇ ନ ଥିଲା: ଭାରତ

ନୂଆଦିଲ୍ଲୀ, ୨୯।୫

ଭାରତର ଅପରେଶନ ସିନ୍ଦୂର ପରେ ମେ' ୧୦ରେ ଅସ୍ତ୍ରବିରତି ପାଇଁ ପାକିସ୍ତାନ ସହ ବୁଝାମଣା ହୋଇଥିଲା। ଆମେରିକା ସହ ବାଣିଜ୍ୟ ଆଲୋଚନାର ଏଥିସହିତ କୌଣସି ସମ୍ପର୍କ ନ ଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଭାରତ ଓ ଆମେରିକୀୟ ଅଧିକାରୀଙ୍କ ମଧ୍ୟରେ କଥା ହୋଇଥିଲା ବେଳେ ବାଣିଜ୍ୟ ପ୍ରସଙ୍ଗ ଉଠି ନ ଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨ ଆଣବିକ ଶକ୍ତିସମ୍ପନ୍ନ ଦେଶକୁ ବାଣିଜ୍ୟ ସୁବିଧା ଦେବା ପାଇଁ ପ୍ରସ୍ତାବ ଦେବା ପରେ ସେମାନେ ଅସ୍ତ୍ରବିରତି ବୁଝାମଣାରେ ପହଞ୍ଚିଥିଲେ ବୋଲି ଏହାର ବାଣିଜ୍ୟ ସଚିବ ହୱାର୍ଡ ଲୁଟ୍‌ନିକ୍ କୋର୍ଟରେ ଯୁକ୍ତି ରଖିଥିବାରୁ ଭାରତ ପୁଣିଥରେ ଏହାକୁ ଖଣ୍ଡନ କରିଛି।

## ଟ୍ରମ୍ପ୍ ପ୍ରଶାସନରୁ ଅଲଗା ହେଲେ ମସ୍କ

### ୧୩୦ ଦିନ ପରେ ଡିଓଜିଇ ମୁଖ୍ୟ ପଦରୁ ଇସ୍ତଫା ଦେଲେ

ଓ୍ୱାଶିଂଟନ୍, ୨୯।୫



ଏଲନ ମସ୍କ

ବିଶ୍ୱର ସବୁଠାରୁ ଧନୀ ବ୍ୟକ୍ତି ତଥା ଟେସ୍‌ଲା ସିଇଓ ଏଲନ ମସ୍କ ବୁଧବାର ନିଜକୁ ଆମେରିକାର ଡୋନାଲ୍ଡ ଟ୍ରମ୍ପ୍ ପ୍ରଶାସନରୁ ଅଲଗା କରିଛନ୍ତି। ଏନେଇ ସେ ଏକ୍ସ'ରେ ଏକ ପୋଷ୍ଟ କରି ଘୋଷଣା କରିଛନ୍ତି। ସେ ଟ୍ରମ୍ପ୍ ପ୍ରଶାସନରେ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ) ମୁଖ୍ୟ ଭାବେ ପଦ ସମ୍ଭାଳୁଥିଲେ।

ମସ୍କ ତାଙ୍କ ପୋଷ୍ଟରେ କହିଛନ୍ତି, ଆମେରିକାର ଟ୍ରମ୍ପ୍ ପ୍ରଶାସନରେ ଜଣେ ସ୍ୱତନ୍ତ୍ର କର୍ମଚାରୀ ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଅନାବଶ୍ୟକ ସରକାରୀ ଖର୍ଚ୍ଚକୁ କମ୍ କରିବା ପାଇଁ ତାଙ୍କୁ ସୁଯୋଗ ଦେଇଥିବାରୁ ସେ ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମୟ ସହ 'ଡିଓଜିଇ'ର ମିଶନ ଆହୁରି ଶକ୍ତିଶାଳୀ ହେବ ବୋଲି ସେ କହିଛନ୍ତି। ତେବେ ଟ୍ରମ୍ପ୍‌ଙ୍କ ଓ୍ୱାନ୍ ବିଗ୍ ବିୟୁଟିଫୁଲ ବିଲ୍‌କୁ ଆଲୋଚନା କରିବାର ଠିକ୍ ପରେ ମସ୍କଙ୍କ ଏହି ଘୋଷଣା ଅନେକ କଳ୍ପନାଜଳ୍ପନାକୁ ପ୍ରକାଶ କରିଛି। ଉକ୍ତ ବିଲ୍‌ରେ ବହୁ ଟ୍ରିଲିୟନ୍ ଡଲାରର ଟିକସ ଛାଡ଼, ପ୍ରତିରକ୍ଷା ଖର୍ଚ୍ଚ ବୃଦ୍ଧି ଆଦି ପଦକ୍ଷେପ ଅନ୍ତର୍ଭୁକ୍ତ ଥିଲା। ଟ୍ରମ୍ପ୍‌ଙ୍କ ଏହି ବିଲ୍ ଡିଓଜିଇର କାର୍ଯ୍ୟକୁ ଦୁର୍ବଳ କରୁଥିବା ସହ ଏହା ଆମେରିକା ପ୍ରଶାସନକୁ କ୍ଷତି ପହଞ୍ଚାଇପାରେ ବୋଲି ସେ କହିଥିଲେ। ତେବେ ମସ୍କଙ୍କ ଏହି ମନ୍ତବ୍ୟକୁ ନେଇ ଆଗକୁ ଅନୁଧ୍ୟାନ କରାଯିବ ବୋଲି ଟ୍ରମ୍ପ୍ କହିଥିଲେ।

ଅନ୍ୟପକ୍ଷରେ 'ଡିଓଜିଇ'ର ଦେଖାଶୁଣା ଯୋଗୁ ମସ୍କ ତାଙ୍କ ବ୍ୟବସାୟରେ ପର୍ଯ୍ୟାପ୍ତ ସମୟ ଦେଇପାରୁ ନ ଥିବା ନେଇ ବିଭିନ୍ନ ରିପୋର୍ଟରେ କୁହାଯାଇଥିଲା। ଗତ ୧୩୦ ଦିନ ଧରି ସେ ଟ୍ରମ୍ପ୍ ପ୍ରଶାସନରେ ଡିଓଜିଇ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ମସ୍କ ନିଜ କାର୍ଯ୍ୟକାଳରେ ବିଦେଶୀ ସହାୟତା ଏବଂ ସାର୍ବଜନୀନ ପ୍ରସାରଣ ଉପରେ ଖର୍ଚ୍ଚ ହ୍ରାସ ପାଇଁ ପରାମର୍ଶ ଦେଇଥିଲେ। ଲଗାତର ଟେସ୍‌ଲାର ଶେୟାରରେ ଭାରୀ ହ୍ରାସ ଘଟୁଥିବାରୁ ଟେସ୍‌ଲାର ନିବେଶକମାନେ ମସ୍କଙ୍କୁ ଟ୍ରମ୍ପ୍ ପ୍ରଶାସନରୁ ଇସ୍ତଫା ଦେବା ପାଇଁ ଦାବି କରିଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ପ୍ରକାଶ ଯେ, ଗତ ବର୍ଷ ହୋଇଥିବା ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ମସ୍କ ଟ୍ରମ୍ପ୍‌ଙ୍କ ପ୍ରଚାରର ମଙ୍ଗ ଧରିଥିଲେ। ସେ ଟ୍ରମ୍ପ୍‌ଙ୍କ ପାଇଁ ପାଣ୍ଠି ଜୁଟାଇବା ସହ ସୋସିଆଲ ମିଡିଆରେ ତାଙ୍କ ସପକ୍ଷରେ ବ୍ୟାପକ ପ୍ରଚାର କରିଥିଲେ।




ଆସାମର ଗୁଆହାଟୀ ସ୍ଥିତ ରୁକ୍ମିଣୀଗାଓଁରେ ଲଗାଣ ବର୍ଷା ଯୋଗୁ ବନ୍ୟା ସ୍ଥିତି ସୃଷ୍ଟି ହୋଇଥିବାବେଳେ ସ୍ଥାନୀୟ ଲୋକମାନେ ଏକ ରବର ବୋଟ୍‌ରେ ଯାତାୟାତ କରୁଛନ୍ତି।

## ପାକିସ୍ତାନ ପାଇଁ ଗୁପ୍ତଚରଗିରି: ସରକାରୀ କର୍ମଚାରୀ ଗିରଫ

ଜୟପୁର, ୨୯।୫



ଶକୁର ଖାନ୍

ପାକିସ୍ତାନ ପାଇଁ ଗୁପ୍ତଚରଗିରିରେ ଲିପ୍ତଥିବା ଅଭିଯୋଗରେ ରାଜସ୍ଥାନର ଜଣେ ସରକାରୀ କର୍ମଚାରୀଙ୍କୁ ଜୟସାଲମେରରେ ଗିରଫ କରାଯାଇଛି। ଶକୁର ଖାନ୍ ନାମକ ଉକ୍ତ କର୍ମଚାରୀ ପୂର୍ବରୁ ଜଣେ ବରିଷ୍ଠ କଂଗ୍ରେସ ନେତାଙ୍କ ବ୍ୟକ୍ତିଗତ ସହାୟକ ଥିଲେ। ସୁରକ୍ଷା ସମ୍ପର୍କିତ ସୂତ୍ରରୁ ସୂଚନା ପାଇ ଗୋଇନ୍ଦା ଅଧିକାରୀମାନେ ବୁଧବାର ରାତିରେ ତାଙ୍କୁ ଗିରଫ କରିଛନ୍ତି। ଜିଲା ନିଯୋଜନ କାର୍ଯ୍ୟାଳୟରେ କାମ କରୁଥିବା ଖାନ୍‌ଙ୍କ ମୋବାଇଲ୍ ଫୋନ୍‌ରୁ କେତେକ ପାକିସ୍ତାନୀ ଫୋନ୍ ନମ୍ବର ମିଳିଛି। ଏକ ମିଳିତ ଟିମ୍ ତାଙ୍କୁ ଜେରା କରୁଛି। ଏନେଇ ପ୍ରଶ୍ନ କରାଯିବାରୁ ସେ କୌଣସି ଉତ୍ତର ଦେଇପାରି ନାହାନ୍ତି। ଗତ କିଛିବର୍ଷ ମଧ୍ୟରେ ସେ ୭ ଥର ପାକିସ୍ତାନ ଯାଇଥିବା ସ୍ୱୀକାର କରିଛନ୍ତି।

## ସୁପ୍ରିମକୋର୍ଟରେ ୩ ବିଚାରପତି ନିଯୁକ୍ତ



ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆ ଜଷ୍ଟିସ୍ ବିଜୟ ବିଷ୍ଣୋଇ ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକର

ନୂଆଦିଲ୍ଲୀ, ୨୯।୫(ପି.ଟି.)

ସୁପ୍ରିମକୋର୍ଟରେ ଗୁରୁବାର ୩ ଜଣ ବିଚାରପତିଙ୍କୁ ନିଯୁକ୍ତ କରାଯାଇଛି। କର୍ଣ୍ଣାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଏନ୍.ଭି. ଅଞ୍ଜାରିଆ, ଗୁଆହାଟୀ ହାଇକୋର୍ଟ ମୁଖ୍ୟ ବିଚାରପତି ବିଜୟ ବିଷ୍ଣୋଇ ଏବଂ ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏ.ଏସ୍. ଚନ୍ଦୁରକରଙ୍କୁ ଶୀର୍ଷ ଅଦାଲତର ବିଚାରପତି ଭାବେ ପଦୋନ୍ନତି ଦେବା ପାଇଁ ସୋମବାର ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ। ପୂର୍ବତନ ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ହୃଷୀକେଶ ରୟଙ୍କ ଅବସର ପରେ ଉପରୋକ୍ତ ବିଚାରପତିମାନଙ୍କୁ ସୁପ୍ରିମକୋର୍ଟରେ ନିଯୁକ୍ତି ଦେବା ନିମନ୍ତେ ସୁପାରିସ କରାଯାଇଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ କରିବା ପରେ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି।

## ସେନାମୁଖ୍ୟଙ୍କୁ ଦକ୍ଷିଣାରେ ପିଓକେ ମାଗିଲେ ଗୁରୁ

ଚିତ୍ରକୂଟ, ୨୯।୫



ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ

ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ ବୁଧବାର ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟଙ୍କୁ ତାଙ୍କ ଚିତ୍ରକୂଟସ୍ଥିତ ଆଶ୍ରମରେ ଭେଟିଥିଲେ। ଏହି ଅବସରରେ ଗୁରୁ ତାଙ୍କୁ ଦୀକ୍ଷା ଦେଇଥିଲେ ଓ ଗୁରୁ ଦକ୍ଷିଣାରେ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ମାଗିଥିଲେ। ଗୁରୁବାର ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ କହିଛନ୍ତି, ସେ ସେନାମୁଖ୍ୟଙ୍କୁ ରାମ ମନ୍ତ୍ର ସହ ସମାନ ଦୀକ୍ଷା ଦେଇଥିଲେ, ଯାହା ଭଗବାନ ହନୁମାନ ମାତା ସୀତାଙ୍କଠାରୁ ପାଇଥିଲେ। ଏହି ଦୀକ୍ଷା ନେଇ ହନୁମାନ ଲଙ୍କାରେ ବିଜୟୀ ହୋଇଥିଲେ। ଏହି ଦୀକ୍ଷାର ପ୍ରତିବଦଳରେ ଦକ୍ଷିଣା ଭାବେ ସେ ପିଓକେକୁ ଭାରତକୁ ଫେରାଇ ଆଣିବା ପାଇଁ ସେନାମୁଖ୍ୟଙ୍କୁ କହିଥିଲେ। ଜେନେରାଲ ଦ୍ୱିବେଦୀ ଜଗଦ୍‌ଗୁରୁଙ୍କ ଆଶ୍ରମରେ ଅନେକ ସନ୍ଥଙ୍କ ସହ ଆଲୋଚନା କରିଥିଲେ।

## ୩ ସ୍ତ୍ରୀ, ୯ ପିଲାଙ୍କ ପାଇଁ ଚୋର ହେଲେ

ବେଙ୍ଗାଲୁରୁ, ୨୯।୫ (ପି.ଟି.)



ବାବାଜାନ

ବେଙ୍ଗାଲୁରୁର ବାବାଜାନ ନାମକ ବ୍ୟକ୍ତି (୩୬) ନିଜ ୩ ସ୍ତ୍ରୀ ଓ ୯ ପିଲାଙ୍କ ଯତ୍ନ ନେବା ପାଇଁ ଅନ୍ୟ ଉପାୟ ନ ପାଇ ଚୋରି ବୃତ୍ତିକୁ ଆପଣାଇ ନେଇଛନ୍ତି। ଏକ ଚୋରି ମାମଲାରେ ଧରାପଡ଼ିବା ପରେ ବାବାଜାନ ପୋଲିସ ସମ୍ମୁଖରେ ଏହା ପ୍ରକାଶ କରିଛନ୍ତି। ଗତ ୭ରେ ବେଙ୍ଗାଲୁରୁର ବେଙ୍ଗାଦାସନ୍‌ପୁରାସ୍ଥିତ ଏକ ଘରୁ ସେ ୪.୬ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଚୋରି କରିଥିଲେ। ପୋଲିସ ବୁଧବାର ବାବାଜାନଙ୍କୁ ଧରିବା ସହ ତାଙ୍କ ନିକଟରୁ ୧୮ ଗ୍ରାମ୍ ସୁନା ଅଳଙ୍କାର, ୫୫୦ ଗ୍ରାମ୍ ରୁପା ଅଳଙ୍କାର ଏବଂ ନଗଦ ୧,୫୦୦ ଟଙ୍କା ଜବତ କରିଛି। ଜେରା ବେଳେ ବାବାଜାନ କହିଛନ୍ତି, ସେ ୩ ଜଣଙ୍କୁ ବିବାହ କରିଥିବାବେଳେ ତାଙ୍କର କୌଣସି ସ୍ଥାୟୀ ଚାକିରି ନ ଥିଲା। ନିଜର ୩ ସ୍ତ୍ରୀ ଓ ୯ ପିଲାଙ୍କୁ ଚଳାଇବା ତାଙ୍କ ପକ୍ଷେ କଷ୍ଟସାଧ ହେଉଥିଲା। ତେଣୁ ସେ ଚୋର ହୋଇଗଲେ। ସେ ବେଙ୍ଗାଲୁରୁର ବିଭିନ୍ନ ଘରେ ଚୋରି କରି ପରିବାର ଚଳାଉଥିଲେ। ସେ ଅନେକ ଚୋରି କରି ସହରର ଜଣେ ପେସାଦାର ଚୋର ପାଲଟିଥିବା ପୋଲିସ କହିଛି। ଚୋରି କାର୍ଯ୍ୟରେ ତାଙ୍କୁ ତାଙ୍କ ୧୬ ବର୍ଷୀୟ ପୁଅ ସହଯୋଗ କରୁଥିଲେ।


## ଫୁର୍‌ସତ

# 'ଲଗ୍ ଜା ଗଲେ'ରେ ଟାଇଗର-ଜାହ୍ନବୀ



ବଲିଉଡ୍‌ର ୟଙ୍ଗ ସେନ୍‌ସେସନ୍ ଟାଇଗର ଶ୍ରଫ୍‌ଙ୍କ ପରବର୍ତ୍ତୀ ପ୍ରୋଜେକ୍ଟ ହେଉଛି 'ଲଗ୍ ଜା ଗଲେ'। ପ୍ରେମ ଉପରେ ଆଧାରିତ ଏହି ଚଳଚ୍ଚିତ୍ରରେ ଟାଇଗରଙ୍କ ନାୟିକା ସାଜିବେ ଅଭିନେତ୍ରୀ ଜାହ୍ନବୀ କପୁର। ପ୍ରଥମ ଥର ପାଇଁ ସିନେପ୍ରେମୀମାନେ ଟାଇଗର ଏବଂ ଜାହ୍ନବୀଙ୍କ ମଧ୍ୟରେ କେମେଷ୍ଟ୍ରିକୁ ଦେଖିବାକୁ ପାଇବେ। ଟାଇଗରଙ୍କ ସହ ସ୍କ୍ରିନ୍ ଶେୟାରକୁ ନେଇ ଜାହ୍ନବୀ କହିଛନ୍ତି, ଏହି ଅଫର ପାଇ ତାଙ୍କ ଖୁସି ଦ୍ୱିଗୁଣିତ ହୋଇଯାଇଥିଲା। ଟାଇଗର ଜଣେ ପ୍ରତିଭାଶାଳୀ ଅଭିନେତା। ତାଙ୍କ ସହ ମିଶି ଅଭିନୟ କରିବାକୁ ସେ ଦୀର୍ଘ ଦିନ ହେବ ଚାହୁଁଥିଲେ। ଏବେ ତାଙ୍କର ଏହି ଇଚ୍ଛା ପୂରଣ ହୋଇଛି। ଏନେଇ ସେ ଫିଲ୍ମ ପ୍ରଯୋଜନା ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି। 'ଲଗ୍ ଜା ଗଲେ' ଫିଲ୍ମର କାହାଣୀ ଏବଂ ଏଥିରେ ଥିବା ତାଙ୍କ ଭୂମିକାରେ ସେ ପ୍ରଭାବିତ ହୋଇଛନ୍ତି ବୋଲି ଜାହ୍ନବୀ କହିଛନ୍ତି। ଅନ୍ୟପକ୍ଷରେ, ହି ଫିଲ୍ମକୁ ନେଇ ଟାଇଗର କହିଛନ୍ତି, ସେ ସବୁବେଳେ ଭିନ୍ନ ଭିନ୍ନ ଭୂମିକା ନିଭାଇ ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଚାହିଁଥାନ୍ତି। 'ଲଗ୍ ଜା ଗଲେ'ର କାହାଣୀ ତାଙ୍କୁ ବେଶ୍ ପ୍ରଭାବିତ କରିଛି। ଏହି ଫିଲ୍ମର କାହାଣୀରେ ଲଭ୍, ଇମୋଶନ, ଫ୍ୟାମିଲି ଡ୍ରାମା ଏବଂ ଆକ୍ସନ ଭରି ରହିଥିବା ଟାଇଗର କହିଛନ୍ତି। ରାଜ୍ ମେହେଟ୍ଟାଙ୍କ ନିର୍ଦ୍ଦେଶନାରେ ନିର୍ମାଣ ହେବାକୁ ଥିବା ଏହି ଫିଲ୍ମ ୨୦୨୬ରେ ରିଲିଜ୍ ହେବ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।






# ବଜ୍ରପାତ ନେଲା ୩ ଜୀବନ

**ଅତାବିରା/ବିନିକା,୨୯।୫(ଯୁଧିଷ୍ଠିର ମହାପାତ୍ର/ରାମଗୋପାଳ ବାଘ)**

ବରଗଡ଼ ଜିଲା ଅତାବିରା ଥାନା ଓ ସୁବର୍ଣ୍ଣପୁର ଜିଲା ବିନିକା ଥାନା ଅଞ୍ଚଳରେ ଗୁରୁବାର ବଜ୍ରପାତରେ ୩ଜଣଙ୍କ ଜୀବନ ଯାଇଛି। ଅତାବିରା ଥାନା ଅଞ୍ଚଳରେ ୨ ମହିଳା ଓ ବିନିକାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ଅତାବିରା ଥାନା ଖଇରପାଲି ନିକଟସ୍ଥ ନଳିଆଁ ଝୁପୁଡି ଗ୍ରାମର ସ୍ୱର୍ଗତ ରାଜେନ୍ଦ୍ର ଛତ୍ରିଆଙ୍କ ସ୍ତ୍ରୀ ଶାନ୍ତି (୪୮) ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବା ପାଇଁ କାଠ ସଂଗ୍ରହ କରି ଘରକୁ ଫେରୁଥିବାବେଳେ ବଜ୍ରପାତ ହୋଇଥିଲା। ସେହିପରି ଅତାବିରା ଥାନା ଟୋପ ଗ୍ରାମର ଯଶୋଦା ମଲ୍ଲିକ(୩୬) କ୍ଷେତରେ ଦିନ ମଜୁରିଆ ଭାବେ କାମ କରୁଥିବା ତାଙ୍କ ସ୍ୱାମୀ ଗଣନାଥଙ୍କ ପାଖକୁ ଭାତନେଇ ଦେଇଆସୁଥିବାବେଳେ ବିଲରେ ବଜ୍ରପାତ ଘଟିଥିଲା। ଉଭୟଙ୍କୁ ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ପରେ ଡାକ୍ତର ଏ ଶତିଶ କୁମାର ମୃତ ଘୋଷଣା କରିଛନ୍ତି। ଖବରପାଇ ଅତାବିରା ଥାନା ଆଇଆଇସି ପ୍ରକାଶ କର୍ଣ୍ଣଙ୍କ ନିର୍ଦ୍ଦେଶରେ ପୋଲିସ ଉଭୟ ମୃତଦେହକୁ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ବରଗଡ଼ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏନେଇ ଦୁଇଟି ପୃଥକ୍ ଅପମୃତ୍ୟୁ ମାମଲା (ନଂ.୧୦/୨୦୨୫ ଏବଂ ୧୧/୨୦୨୫) ରୁଜୁ ହୋଇଛି।

ସେହିପରି ବିନିକା ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ଚାଷୀ ସିଂଘିଯୁବା ପଞ୍ଚାୟତ କମିରା ଗାଁର ଡୋଳାମଣୀ ପଧାନ(୬୨)। ଅପରାହ୍ନରେ ସେ ନିଜ ଚାଷଜମିରୁ କଟାଧାନ ଆଣୁଥିବା ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଦେଣ୍ଟୁପଦର ଗାଁର ଭଗବାନ ଗଡୁଆ (୫୦) ବିଲରୁ ଧାନ ଆଣୁଥିବା ସମୟରେ ବଜ୍ରପାତ ଘଟିଥିଲା। ଏଥିରେ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

# ସତ୍ୟବାଦୀରୁ ଆରମ୍ଭ ହେଲା ବିକଶିତ କୃଷି ସଂକଳ୍ପ ଅଭିଯାନ

**ଭୁବନେଶ୍ୱର/ସାକ୍ଷୀଗୋପାଳ,୨୯।୫(ସୁନିତ୍ ମିଶ୍ର/ ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର)**

ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ପୁରୀର ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଯୋଗଦେଇ ଏହି ଜାତୀୟ କାର୍ଯ୍ୟକ୍ରମକୁ 'ଏକ ପେଡ୍ ମା' କେ ନାମ' ଅଭିଯାନ ଆଧାରରେ ଗଛ ଲଗାଇ ଉଦ୍‌ଘାଟନ କରିଛନ୍ତି। ଆସନ୍ତା ୧୫ ଦିନ ଅର୍ଥାତ୍ ଜୁନ୍ ୧୨ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ପ୍ରାୟ ୧.୫ କୋଟି ଚାଷୀଙ୍କ ସହିତ ସରକାର ସିଧାସଳଖ ଭେଟି ସେମାନଙ୍କୁ ନୂତନ କୃଷି ଜ୍ଞାନ କୌଶଳ ଓ ପ୍ରଯୁକ୍ତିବିଦ୍ୟା ବିଷୟରେ ଅବଗତ କରାଇବେ। କୃଷକମାନଙ୍କ ମଧ୍ୟରେ ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ନୂତନ ବିହନ କିସମ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁବାରଠାରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଭାରତ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି।

ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରତ୍ୟେକ ଜିଲାସ୍ତରରେ ୩ଟି ଦଳ ଗଠନ କରାଯାଇ କୃଷି, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ ସମ୍ବନ୍ଧୀୟ ବିଷୟବସ୍ତୁଗୁଡ଼ିକୁ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ବିଭାଗୀୟ ଅଧିକାରୀମାନେ ମିଳିତ ଭାବରେ ଗ୍ରାମୀଣ କୃଷକଙ୍କୁ ଏ ବିଷୟରେ ବୁଝାଇବେ। ପ୍ରତ୍ୟେକ ଦଳ, ଦୈନିକ ୨ଟି ଗାଁ ଗସ୍ତ କରି ପ୍ରତ୍ୟେକ ଗାଁରେ ୨୫୦ ଜଣ ଚାଷୀଙ୍କୁ ଭେଟି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣ ଯୋଜନାଗୁଡ଼ିକୁ ବୁଝାଇବା ସହ ବିଭିନ୍ନ କାର୍ଯ୍ୟକ୍ରମ, ପଦକ୍ଷେପ ଏବଂ ନୂତନ ଜ୍ଞାନକୌଶଳର ପ୍ରୟୋଗାତ୍ମକ ଦିଗଗୁଡ଼ିକ ଉପରେ ଚାଷୀଭାଇ ଓ ଭଉଣୀମାନଙ୍କ ସହ ଆଲୋଚନା କରିବେ। ଗବେଷଣାଲବ୍ଧ କୃଷି ସୂଚନା କିପରି ଭାବରେ ଚାଷୀ ଭାଇ ଭଉଣୀମାନଙ୍କ ନିକଟରେ ପହଞ୍ଚିବ, ସେ ବିଷୟରେ ପଦକ୍ଷେପମାନ ନିଆଯିବ। ବିଶେଷ କରି ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା, ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାରିତା, ସାର ପରିଚାଳନା, ଜଳବାୟୁ ପ୍ରତିରୋଧ କୃଷି ଇତ୍ୟାଦି ବିଷୟରେ ଚାଷୀଙ୍କୁ ଅବଗତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସତ୍ୟବାଦୀ କୃଷି ବିଜ୍ଞାନକେନ୍ଦ୍ରଠାରେ ଗୁରୁବାର ଅନୁଷ୍ଠିତ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ।

କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଚୌହାନ କହିଛନ୍ତି, ଓଡ଼ିଶା ଏବେ ସାରା ଭାରତ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ସରକାର ଚାଷୀଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କ୍ରୟ କରୁଛନ୍ତି, ଯାହାକି ଧାନର ସର୍ବନିମ୍ନ ସହାୟକ ମୂଲ୍ୟଠାରୁ ୮୦୦ ଟଙ୍କା ଅଧିକ। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କାରଣ ଚାଷୀର ଆୟ ବଢିଲେ ଦେଶର ଆୟ ବଢ଼େ। କେବଳ ଚାଷ କ୍ଷେତ୍ର ନୁହେଁ, ସୁଭଦ୍ରା ଭଳି ଯୋଜନା ଯୋଗୁ ରାଜ୍ୟର ଅନେକ ମହିଳା ଲାଭାନ୍ୱିତ ହୋଇପାରିଛନ୍ତି। ମହିଳାଙ୍କ ସଶକ୍ତୀକରଣ କଥା ହେଉ ଅବା କୃଷିର ଭିତ୍ତିଭୂମି ବିକାଶ, ସବୁଥିରେ ଓଡ଼ିଶା ସାରା ବିଶ୍ୱରେ ଦୃଷ୍ଟାନ୍ତ ହେବ, ଏହା ଆମର ବିଶ୍ୱାସ ବୋଲି କେନ୍ଦ୍ର କୃଷି ମନ୍ତ୍ରୀ କହିଥିଲେ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, 'ବିକଶିତ କୃଷି ସଂକଳ୍ପ ଅଭିଯାନ' ଏକ ସ୍ୱତନ୍ତ୍ର ମାଧ୍ୟମ, କୃଷକଙ୍କୁ ଯାନ୍ତ୍ରିକ ସଶକ୍ତ କରାଇବା ପାଇଁ ଏହି ଅଭିଯାନ, ଓଡ଼ିଶାରୁ ଆରମ୍ଭ ହୋଇଛି ଏବଂ ଏହାର ଉପଲବ୍ଧତା ଓଡ଼ିଶାର କୃଷକଙ୍କ ନିକଟରେ ପହଞ୍ଚିବ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ ଏବଂ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସାକ୍ଷୀଗୋପାଳ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ନବନିର୍ମିତ ଅଡିଟୋରିଅମକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ।

**୧୫ ଦିନ ଦେଶବ୍ୟାପୀ ଚାଲୁରହିବ ଏହି ଅଭିଯାନ**

- ଧାନରେ କୁଇଣ୍ଟାଲ ପିଛା ୮୦୦ ଟଙ୍କା ସହାୟତା ଦେଇ ସାରା ଭାରତ ପାଇଁ ଉଦାହରଣ ସୃଷ୍ଟି କରିଛି ଓଡ଼ିଶା: କେନ୍ଦ୍ରମନ୍ତ୍ରୀ
- ଚାଷୀମାନଙ୍କୁ ସମାଜର ଆର୍ଥିକ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଏକ ଐତିହାସିକ ପଦକ୍ଷେପ: ମୁଖ୍ୟମନ୍ତ୍ରୀ

# ୧୦ ଜିଲାରେ ଅତି ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୯।୫(ଅନୁରାଧା ମହାରଣା)**

ବଙ୍ଗୋପସାଗରରେ ସକ୍ରିୟ ଅବପାତ ଗୁରୁବାର ଗଭୀର ଅବପାତରେ ପରିଣତ ହୋଇଛି। ଏହା ଉତ୍ତର ଦିଗକୁ ଗତି କରି ଆହୁରି ଘନୀଭୂତ ହୋଇଥିବାବେଳେ ପଶ୍ଚିମବଙ୍ଗ ଓ ବାଂଲାଦେଶ ମଧ୍ୟରେ ସ୍ଥଳଭାଗକୁ ଅତିକ୍ରମ କରିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗି ରହିଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଶୁକ୍ରବାର ଉପକୂଳ ଓଡ଼ିଶା ସମେତ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା ସମ୍ଭାବନା ରହିଛି। ଗଞ୍ଜାମ, ଗଜପତି, କୋରାପୁଟ, ରାୟଗଡ଼ା, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଳାହାଣ୍ଡି, କନ୍ଧମାଳ ଓ ବଲାଙ୍ଗୀର ଆଦି ୧୦ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହିସବୁ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଅନ୍ୟପଟେ ମାଲକାନଗିରି, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ, ସମ୍ବଲପୁର, ସୋନପୁର, ଜବରଗଡ଼, ବୌଦ୍ଧ, ମୟୂରଭଞ୍ଜ ଏବଂ ଯାଜପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସେହିପରି କେନ୍ଦୁଝର, ଢେଙ୍କାନାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼, ଅନୁଗୋଳ, ଦେବଗଡ଼, ବଲାଙ୍ଗୀର ଏବଂ ନୂଆପଡ଼ା ଆଦି ଜିଲାରେ ବଜ୍ରପାତ ସହ ଝଟ୍‌କା ପବନ ନେଇ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର।




# ଭୁବନେଶ୍ୱରରେ ସରକାର ଭଡ଼ାରେ ଯୋଗାଇଦେବେ ଘର: ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ କୋଟିଏ ଟଙ୍କା ତଳକୁ ଘର ମିଳିବ ନାହିଁ। ତେଣୁ କିଭଳି ସୁଲଭ ଦରରେ ଘର ନିର୍ମାଣକରି ଲୋକଙ୍କୁ ଦିଆଯାଇପାରିବ ସେନେଇ ସରକାର ଯୋଜନା କରୁଛନ୍ତି। ସରକାର ଏମ୍‌ଆଇଜି, ଏଲ୍‌ଆଇଜି-୧, ଏଲ୍‌ଆଇଜି-୨ ଏହିଭଳି ବିଭିନ୍ନ ପ୍ରକାର ଘର ନିର୍ମାଣ କରିବେ। ୧୫ ଲକ୍ଷ ଟଙ୍କାରୁ ଆରମ୍ଭକରି ୫୦ ଲକ୍ଷ ପର୍ଯ୍ୟନ୍ତ ବିଭିନ୍ନ ଦରରେ ଘର ନିର୍ମାଣ କରାଯିବ। ଛୋଟ ଛୋଟ ଭଲ ଘର ନିର୍ମାଣକରି ଆବଶ୍ୟକତା ଥିବା ସାଧାରଣ ଲୋକଙ୍କୁ ଯେପରି ଦିଆଯାଇପାରିବ ସେନେଇ ଚେଷ୍ଟା ଚାଲିଛି। ଏଥିଲାଗି କେଉଁମାନେ ଘର ପାଇବେ ତା'ର କ୍ରାଇଟେରିଆ ସ୍ଥିର କରାଯିବ। ଲଟେରି ମାଧ୍ୟମରେ ଘର ଦିଆଯିବ। ବସ୍ତି ଯେପରି ଆଉ ସୃଷ୍ଟି ନ ହେବ ଏହା ହେଉଛି ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ଅଭାବୀ ଲୋକମାନେ ସହରରେ ରହିବାକୁ ଆସିବେ ହେଲେ ସେମାନଙ୍କ ପାଇଁ କିଛି ସୁବିଧା ନାହିଁ। ସେମାନଙ୍କ ରହିବା ବ୍ୟବସ୍ଥା କରାଯିବା ସଙ୍ଗେ ସଙ୍ଗେ ସରକାର ଭଡ଼ାଘର ତିଆରି କରିବେ ବୋଲି ଗୁରୁବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କୃଷ୍ଣଚନ୍ଦ୍ର କହିଛନ୍ତି, କୋଅପରେଟିଭ ବ୍ୟାଙ୍କ ସହ ମିଳିତ ଭାବେ ୧୫ରୁ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଘର ନିର୍ମାଣ କରାଯିବ। କୋଅପରେଟିଭ ବ୍ୟାଙ୍କ ଉକ୍ତ ଘରଗୁଡ଼ିକର ରକ୍ଷଣାବେକ୍ଷଣ ସହିତ ଇଏମ୍‌ଆଇ ଟଙ୍କା ଆଦାୟ ଦାୟିତ୍ୱ ନେବ। ଏହି ବ୍ୟବସ୍ଥା ଦ୍ୱାରା ଅଧିକରୁ ଅଧିକ ଘର ନିର୍ମାଣ କରାଯାଇପାରିବ। ସେହିପରି ସହର ଏବେ ଜନଗହଳିପୂର୍ଣ୍ଣ ହୋଇଯାଉଥିବାରୁ ଭୁବନେଶ୍ୱର ବାହାରକୁ ଯିବାକୁ ଚାହୁଁଛୁ। ଭୁବନେଶ୍ୱର-କଟକରେ ରାଜ୍ୟ ସରକାର ଟିପି ସ୍କିମ୍‌କୁ ଗୁରୁତର ସହ ଚଳାଇଛନ୍ତି। ପୁରୀରେ ମଧ ଏହି ସ୍କିମ୍ କରାଯିବ। ଉକ୍ତ ଘର ସବୁ ନିର୍ମାଣ ଲାଗି ବଡ଼ ବଡ଼ କମ୍ପାନୀକୁ ଟେଣ୍ଡର ପାଇଁ ଡକାଯିବ। ସବୁ ସହରକୁ ବଡ଼ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ରାଇଘର ଲ୍ୟାମ୍ପ୍‌ସ ଏମ୍‌ଡି ନିଲମ୍ବିତ

**ମଣ୍ଡିରେ ଧାନ ଦେଇ ଚାଷୀ ଟଙ୍କା ନ ପାଇବା ଘଟଣା**

**ନବରଙ୍ଗପୁର/ରାଇଘର, ୨୯।୫ (ସଦାଶିବ ପ୍ରହରାଜ/କିରଣ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ରାଇଘର ଲ୍ୟାମ୍ପ୍‌ସରେ ୩୪୪ ଜଣ ଚାଷୀ ୧୪,୨୦୦ କୁଇଣ୍ଟାଲ ଧାନ ବିକିଥିଲେ। ଏହି ବାବଦକୁ ସେମାନଙ୍କୁ ୪ କୋଟି ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମିଳିନାହିଁ। ଉକ୍ତ ଘଟଣାରେ ଗୁରୁବାର ଲ୍ୟାମ୍ପ୍‌ସ ଏମ୍‌ଡି ନିରାକାର ରାଉତଙ୍କୁ ନିଲମ୍ବନ କରାଯାଇଛି। ଲ୍ୟାମ୍ପ୍‌ସ ସଭାପତି ରାଇସିଂ ଗଣ୍ଡ ଲ୍ୟାମ୍ପ୍‌ସ ନିର୍ଦ୍ଦେଶକମାନଙ୍କୁ ଡାକି ଏକ ବୈଠକ କରିଥିଲେ। ଉକ୍ତ ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ଚିଠି ନମ୍ବର ୧୪୫/୨୦୨୫-୨୬ରେ ଲ୍ୟାମ୍ପ୍‌ସ ଏମ୍‌ଡିଙ୍କୁ ନିଲମ୍ବିତ କରାଯାଇଥିବା ସଭାପତି ରାଇସିଂ ଗଣ୍ଡ ସୂଚନା ଦେଇଛନ୍ତି। ଏହାର ନକଲ ଉମରକୋଟ କେସିସି ବ୍ୟାଙ୍କ ମ୍ୟାନେଜରଙ୍କୁ ମଧ୍ୟ ପ୍ରଦାନ କରାଯାଇଛି। ପ୍ରକାଶ ଯେ, ମଣ୍ଡିରେ ଧାନ ବିକିବାର ୩ ମାସ ପରେ ମଧ୍ୟ ଏ ପର୍ଯ୍ୟନ୍ତ ଚାଷୀ ଟଙ୍କା ପାଇନାହାନ୍ତି। ବାରମ୍ବାର କାର୍ଯ୍ୟାଳୟକୁ ଯାଇ ହତାଶହେବା ପରେ ଚାଷୀ ପୂର୍ବରୁ ଲ୍ୟାମ୍ପ୍‌ସ ଘେରାଉ କରିଥିଲେ। ଏହି ଘଟଣାକୁ ନେଇ ଜିଲା ଏଆର୍‌ସିଏସ୍ ଶିବଶଙ୍କର ପ୍ରଧାନ, ଏସିଏସ୍‌ଓ ବିଷ୍ଣୁପ୍ରସାଦ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ଦାସ, ରାଇଘର ଯୋଗାଣ ନିରୀକ୍ଷକ ଦେବଧର ଧରୁଆ ତଦନ୍ତ କରିଥିଲେ। ଜିଲାପାଳଙ୍କୁ ଏହାର ତଦନ୍ତ ରିପୋର୍ଟ ଦିଆଯାଇଥିଲା। ଅନ୍ୟପକ୍ଷରେ ଜିଲା କଂଗ୍ରେସ ଓ ବିଜେଡି ମଧ୍ୟ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ନ ମିଳିଲେ ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଥିଲେ।

# ଉତ୍ତେଜନା, ୪୦ଲକ୍ଷ କ୍ଷତିପୂରଣ ଦାବି


ପୋଲିସ ଅଧିକାରୀ ପହଞ୍ଚି ତଦନ୍ତ କରୁଛନ୍ତି।

**ଢାଙ୍କୁଣି ବିହୀନ ପାଣିଟାଙ୍କିରେ ପଡ଼ି ନାବାଳିକା ମୃତ୍ୟୁ ଘଟଣା**

**ରାଉରକେଲା,୨୯।୫(ସଙ୍ଗୀତା ଜେନା)**

ରାଉରକେଲା ଛେଣ୍ଡ ଥାନା ଆଫୋର୍ଡେବଲ୍ ଅର୍ବାନ ହାଉସିଂ କମ୍ପ୍ଲେକ୍ସରେ ଥିବା ଏକ ଢାଙ୍କୁଣି ବିହୀନ ପାଣିଟାଙ୍କିରେ ପଡି ବୁଧବାର ରାତିରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଥିଲା। ସେହେଲେ ବିଦ୍ୟୁତବସ୍ତି ନିବାସୀ ରୋହିତ ବଡ଼ାଇଙ୍କ ଏକ ମାତ୍ର ଝିଅ ସାରୁନ୍(୭)। ଏ ନେଇ ଥାନାରେ ଏକ ମାମଲା(ନଂ.୧୩/୨୫) ରୁଜୁ ହୋଇଛି। ପ୍ରଶାସନର ଅବହେଳା ଯୋଗୁ ଏପରି ଘଟଣା ଘଟିଥିବା ଅଭିଯୋଗ କରି ଗୁରୁବାର ମୃତାଙ୍କ ପରିବାର ଓ ସ୍ଥାନୀୟ ଲୋକ ୪୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏହାକୁ ନେଇ ପୂର୍ବାହ୍ନ ୧୧ଟାରେ ଉକ୍ତ କମ୍ପ୍ଲେକ୍ସରେ ଉତ୍ତେଜନା ଦେଖାଯାଇଥିଲା। ଖବର ପାଇ ଘଟଣାସ୍ଥଳକୁ ରାଉରକେଲା ମହାନଗର ନିଗମ ଅଧିକାରୀମାନେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ରାଉରକେଲାରେ ଗରିବ ଭୂମିହୀନଙ୍କ ପାଇଁ ଆଫୋର୍ଡେବଲ୍ ଅର୍ବାନ ହାଉସିଂ କମ୍ପ୍ଲେକ୍ସ ଛେଣ୍ଡରେ ନିର୍ମାଣ କରାଯାଇଛି। ମେ ୬ ତାରିଖରେ ବିଦ୍ୟୁତ୍ କଲୋନୀରେ ରହୁଥିବା ରୋହିତଙ୍କ ପରିବାରକୁ ଏହି ନୂତନ ଘର ମିଳିଥିଲା। ସେଠାରେ ସେ ପରିବାର ସହ ରହୁଥିଲେ। ବୁଧବାର ସନ୍ଧ୍ୟାରେ ସାରୁନ୍ ତାଙ୍କ ସାଙ୍ଗମାନଙ୍କ ସହ ବିଲ୍ଡିଂ ନିକଟସ୍ଥ ଖୋଲା ପଡ଼ିଆରେ ଖେଳୁଥିଲେ। ଖେଳ ସାରି ସମସ୍ତେ ଘରକୁ ଫେରି ଯାଇଥିବା ବେଳେ ସାରୁନ୍ ଘରକୁ ଫେରି ନ ଥିଲେ। ତାଙ୍କ ମାତାପିତା ବହୁ ଖୋଜାଖୋଜି ପରେ ବି ତାଙ୍କୁ ପାଇ ନ ଥିଲେ। ରାତି ପ୍ରାୟ ୧୧ଟାରେ ସ୍ଥାନୀୟ ଲୋକେ ଏକ ପାଣିଟାଙ୍କି ନିକଟରେ ଏକ ଛୋଟ ପିଲାର ଚପଲ ପଡ଼ିଥିବା ଦେଖିଥିଲେ। ପାଣି ଟାଙ୍କି ଭିତରକୁ ଅବଲୋକନ ପରେ ଏକ ଛୋଟ ପିଲା ଭାସମାନ ଅବସ୍ଥାରେ ଥିବା ଦେଖିଥିଲେ। ବାହାରକୁ ଆଣିଲା ପରେ ଏହା ସରୁନ୍‌ଙ୍କର ବୋଲି ଚିହ୍ନଟ କରାଯାଇଥିଲା। ତାଙ୍କୁ ତୁରନ୍ତ ରାଉରକେଲା ସରକାରୀ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜୁଲାଇ ୨୦ରେ ସ୍ପେଶାଲ ଓଟିଇଟି

**କଟକ,୨୯।୫(କାର୍ତ୍ତିକ ସାହୁ)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚାକିରିରେ ଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସ୍ପେଶାଲ ଓଡ଼ିଶା ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ଜୁଲାଇ ୨୦ ତାରିଖ ରବିବାରରେ ଅନୁଷ୍ଠିତ ହେବ। ଉକ୍ତ ଦିନ ୧ମ ସିଟିଂ ସକାଳ ୯ଟାରୁ ପୂର୍ବାହ୍ନ ସାଢ଼େ ୧୧ଟାରେ ପେପର-୧ ଓ ୨ୟ ସିଟିଂ ଅପରାହ୍ନ ୨ଟାରୁ ଅପରାହ୍ନ ୪.୩୦ ଯାଏ ପେପର-୨ର ପରୀକ୍ଷା ହେବ। ଅନ୍‌ଲାଇନ ଜରିଆରେ ବୋର୍ଡ ୱେବସାଇଟ୍‌ରୁ ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡ୍‌ମିଟ୍ କାର୍ଡ ଡାଉନଲୋଡ୍ କରିପାରିବେ। ଆଡ୍‌ମିଟ୍ କାର୍ଡ ବୋର୍ଡ ୱେବସାଇଟ୍‌ରୁ ଆଗାମୀ ଜୁଲାଇ ୧୨ରୁ ଉପଲବ୍ଧ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଶୀତଳଷଷ୍ଠୀ ପାଇଁ ୫୦ ଲକ୍ଷର ଅନୁଦାନ ଘୋଷଣାକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ଶୀତଳଷଷ୍ଠୀର ଅଧିକ ପ୍ରଚାରପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜସ୍ୱ ପାଣ୍ଠିରୁ ଗୁରୁବାର ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ ଲାଗି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଏକ୍ସ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି, ଶୀତଳଷଷ୍ଠୀ ଯାତ୍ରା ଆମ ସଂସ୍କୃତି, ପରମ୍ପରାର ଅନନ୍ୟ ବାର୍ତ୍ତାବହ। ଦେବ ଦେବ ମହାଦେବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଐତିହସମ୍ପନ୍ନ ଶୀତଳଷଷ୍ଠୀ ଯାତ୍ରାକୁ ଅଧିକ ଭବ୍ୟ କରିବା ଲାଗି ଉକ୍ତ ଆର୍ଥିକ ଅନୁଦାନ ଘୋଷଣା କରିଛନ୍ତି।

# ମହାପ୍ରଭୁଙ୍କୁ ଦର୍ଶନକଲେ ଆକାଶ ଅମ୍ବାନୀ


ମହାପ୍ରଭୁଙ୍କ ଦର୍ଶନ ସାରି ଆକାଶ ଅମ୍ବାନୀ ଫେରୁଛନ୍ତି।

**ପୁରୀ,୨୯।୫(ଅଜିତ୍ କୁମାର ମହାନ୍ତି)**

ବିଶିଷ୍ଟ ଶିଳ୍ପପତି ମୁକେଶ ଅମ୍ବାନୀଙ୍କ ବଡ଼ପୁଅ ଆକାଶ ଅମ୍ବାନୀ ବୁଧବାର ବିଳମ୍ବିତ ରାତିରେ ପୁରୀ ଆସି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଆକାଶ ରିଲାଏନ୍ସ ଜିଓ ଇନ୍‌ଫୋ କମ୍ ଲିମିଟେଡ୍‌ର ଅଧକ୍ଷ ଅଛନ୍ତି। ସେ ବୁଧବାର ବିଳମ୍ବିତ ରାତିରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଆସି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲେ। ତାଙ୍କୁ ସେଠାରେ ଶ୍ରୀମନ୍ଦିର ପ୍ରଶାସନ ଏବଂ ସେବାୟତଙ୍କ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଆକାଶ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ମହାପ୍ରଭୁଙ୍କ ଶ୍ରୀମୁଖ ସିଂହାର ହେବା ପରେ ସନ୍ଧ୍ୟାଧୂପରେ ସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିଥିବା ଜଣାପଡ଼ିଛି। ସେ ପ୍ରସ୍ଥାନ ସମୟରେ ପତିତପାବନଙ୍କ ଦର୍ଶନକରିବା ସହ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କିଛି ଅର୍ଥରାଶି ଦାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ନାମରେ ସିଲ୍ ଥିବା ରିଲାଏନ୍ସ ଖାମ୍‌ରେ ଚେକ୍ ମାଧ୍ୟମରେ ସେ ଡୋନେସନ ଦେଇଥିବା ଜଣାପଡ଼ିଛି। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅମ୍ବାନୀଙ୍କୁ ଶ୍ରୀମନ୍ଦିର କ୍ୟାଲେଣ୍ଡର, ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଖଣ୍ଡୁଆ ଆଦି ପ୍ରଦାନ କରାଯାଇଥିଲା। ପରେ ସିଂହଦ୍ୱାର ସମ୍ମୁଖରେ ପୂର୍ବତନ ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସିଂହାରୀ ସେବାୟତ ଜଗନ୍ନାଥ କର ଆକାଶଙ୍କୁ ଖଣ୍ଡୁଆ ସମେତ ଚତୁର୍ଦ୍ଧାବିଗ୍ରହଙ୍କ ପ୍ରତିକୃତି ପ୍ରଦାନ କରିଥିଲେ। ଏହି ଅବସରରେ ଆକାଶ ସେବାୟତ କରଙ୍କ ପାଦ ଛୁଇଁ ମୁଣ୍ଡିଆ ମାରି ଆଶୀର୍ବାଦ ନେଇଥିଲେ। ସେବାୟତ କର ତାଙ୍କୁ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ମହାପ୍ରଭୁଙ୍କ ପ୍ରତି ଅମ୍ବାନୀ ପରିବାରର ଅଶେଷ ଭକ୍ତି ଓ ସମର୍ପଣ ଭାବ ରହିଛି। ଅନନ୍ତ ତାଙ୍କ ବିବାହ ପୂର୍ବରୁ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ସାନ୍ନିଧ ଗ୍ରହଣକରି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ ପ୍ରଦାନ କରିଥିଲେ। ସେହିପରି ଶ୍ରୀମନ୍ଦିର ତିନିଦ୍ୱାରକୁ ରୁପା ଛାଉଣି କରିବା ପାଇଁ ସହାୟତା କରିଥିଲେ ବୋଲି ଜଣାପଡ଼ିଛି।

# ଆଜି କ’ଣ କେଉଁଠି

## ଭୁବନେଶ୍ୱର
- ଓଡ଼ିଶା ବିଭାଗୀୟ ମୁଖ୍ୟ ଦପ୍ତର ସ୍ୱଳ୍ପ ବେତନ ଭୋଗୀ ସରକାରୀ କର୍ମଚାରୀ ସଂଘର ଦ୍ୱାଦଶତମ ଦ୍ୱିବାର୍ଷିକ ରାଜ୍ୟ ସମ୍ମିଳନୀ, ସ୍ଥାନ: ସଂଘ କାର୍ଯ୍ୟାଳୟ, ୟୁନିଟ୍-୩, ସମୟ: ପୂର୍ବାହ୍ନ ୧୧ଟା ୫।

## କଟକ
- ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସାରସ୍ୱତ ସାଧକ ଅନାଦି ସାହୁଙ୍କ ତୈଳଚିତ୍ର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବାଲେଶ୍ୱର
- ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ନୂଆପାଢ଼ୀ ହାଇସ୍କୁଲ, ରେମୁଣା, ସମୟ: ସକାଳ ୯ଟା।
- ରୋଗୀ କଲ୍ୟାଣ ସମିତି ବୈଠକ, ସ୍ଥାନ: ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷ, ରୁପସା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଏକାଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ପଳସା, ଛୟାଳସିଂହ, ବନ୍ତ ଏବଂ ଅନହରପୁର ପ୍ରାଥମିକ ବିଦ୍ୟାଳୟ, ଭଗବାନପୁର, ଧାମନଗର, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅର୍ଜୁନବିନ୍ଧା, ତିହିଡ଼ି, ସମୟ: ସକାଳ ୯ଟା।
- ଶିବବିବାହ ପାଇଁ ମଙ୍ଗଳକୃତ୍ୟ, ସ୍ଥାନ: ଆଖଣ୍ଡଳମଣି ପୀଠ, ଆରଡ଼ି, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ଏରେଇ(ଭଦ୍ରକ), ରହଣିଆ(ଭଣ୍ଡାରିପୋଖରୀ), ଇରମ(ବାସୁଦେବପୁର), ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର,ସ୍ଥାନ:ଷ୍ଟାଡ଼ିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।
- ଅଷ୍ଟପ୍ରହର ଉପଲକ୍ଷେ ଦଧିହାଣ୍ଡି ଭଙ୍ଗା,ସ୍ଥାନ: ଶୀର୍ଷାପାଳ, ମୋରଡ଼ା, ସମୟ: ସକାଳ ୯ଟା।
- ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ,ସ୍ଥାନ: ଚିତ୍ରଡ଼ା ବ୍ଲକ କାର୍ଯ୍ୟାଳୟ,ସମୟ: ସକାଳ ୯ଟା।
- ୬ଷ୍ଠ ସେମିଷ୍ଟାର ଯୁକ୍ତି ପରୀକ୍ଷା ଫଳ ପ୍ରକାଶ, ସ୍ଥାନ:ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ତକତପୁର, ବାରିପଦା, ସମୟ: ଅପରାହ୍ନ ୨ଟା୩୦।

## କନ୍ଧମାଳ
- ଦାରିଙ୍ଗବାଡ଼ି ଅଞ୍ଚଳକୁ ବିଧାୟକ ପ୍ରତିନିଧି ଦଳଙ୍କ ଗସ୍ତ, ସ୍ଥାନ: କଫି ବଗିଚା ଓ ଅନ୍ୟାନ୍ୟ ସ୍ଥାନ, ସମୟ: ସକାଳ ୯ ଟା।

## ଢେଙ୍କାନାଳ
- ରଥଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ, ସ୍ଥାନ: ସଦଭାବନା ସଭାଗୃହ, ଜିଲା କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା୩୦।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଡେଶ୍ୱର ଦେବ ପୀଠ, ବାଳିଚନ୍ଦ୍ରପୁର, ରାଜନଗର, ଅମରେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ଦକ୍ଷତା ବିକାଶ ତାଲିମ,ସ୍ଥାନ : ରଗଡି ଉପକାରାଗାର ପରିସର,ସମୟ : ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୮୮ ତମ ଜୟନ୍ତୀ ସମାରୋହ, ସ୍ଥାନ: ଧର୍ମଶାଳା ଷ୍ଟାଡ଼ିୟମ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ଖଣ୍ଡପଡାର ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, କଣ୍ଟିଲୋ ହରି ସୁବଦ୍ଧି ପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଭଞ୍ଜ ଜୟନ୍ତୀ, ସ୍ଥାନ:ନୂଆଗାଁ ବ୍ଲକ ମାଳିସାହି ଗତିଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ:ସନ୍ଧ୍ୟା ୬ଟା।
- ଲଡୁବାବାଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ଶରଣକୁଳ ଭିକାରୀପଡା ବ୍ରାହ୍ମଣ ଶାସନ, ସମୟ: ରାତି ୮ଟା।
- ରାମେଶ୍ୱରଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହର ରାମେଶ୍ୱର ମନ୍ଦିର, ସମୟ: ରାତି ୮ଟା।
- ବିଶ୍ୱନାଥଙ୍କ ଶିତଳ ଷଷ୍ଠୀ ଯାତ୍ରାର ମଙ୍ଗନ ଉତ୍ସବ, ସ୍ଥାନ:ନୟାଗଡ ପୁରୁଣା ସହରର ବିଶ୍ୱନାଥ ମନ୍ଦିର, ସମୟ: ରାତି ୮ଟା।

## ନବରଙ୍ଗପୁର
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ : ହୋଟେଲ ଗଲେଜ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର, ସ୍ଥାନ : ସମ୍ବଲପୁର ବିନାଖିଣ୍ଡିସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ : ସକାଳ ୭ଟା।
- ସାକ୍ଷୀଗୋପୀନାଥ ଠାକୁରଙ୍କ ଶୋଭାଯାତ୍ରା, ସ୍ଥାନ : ସାକ୍ଷୀପଡା, ସମୟ : ଅପରାହ୍ନ ୫ଟା।
- ଶ୍ରୀଶ୍ରୀ ଲୋକନାଥ ବାବାଙ୍କ ହନୁମାନ ନିଉତା, ସ୍ଥାନ : ଝାଡୁଆପଡା, ସମୟ : ସନ୍ଧ୍ୟା ୭ଟା।
- ଶ୍ରୀଶ୍ରୀ ଜାଗେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ: ମୁଦିପଡା, ସମୟ: ସନ୍ଧ୍ୟା ୭ଟା ୩୦।
- ଶ୍ରୀଶ୍ରୀ ଶୀତଲେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ମୁଦିପଡା, ସମୟ : ରାତି ୮ଟା।
- ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ହନୁମାନ ନିଉତା, ସ୍ଥାନ : ଠାକୁରପଡା , ସମୟ: ରାତି ୮ଟା।

## ବଲାଙ୍ଗୀର
- ହରିଶଙ୍କରରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ହରଶଙ୍କର, ଖପ୍ରାଖୋଲ, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ବାବାଙ୍କ ଶୀତଳଷଷ୍ଠୀ ଅଳଙ୍କାର ଧାରଣ, ବର ନିମନ୍ତ୍ରଣ, ସ୍ଥାନ: ସାଗରପଡା, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା ୩୨ ମିନିଟ।

## ରାଉରକେଲା
- ଯୋଗ ଶିବିର, ସ୍ଥାନ: ବ୍ରହ୍ମକୁମାରୀ ରାଜଯୋଗ ସେଣ୍ଟର, ବାସନ୍ତୀ କଲୋନି, ସମୟ: ସକାଳ ୭ଟା।
- ଛେଣ୍ଡ ସତ୍‌ସଙ୍ଗ କେନ୍ଦ୍ରରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ ଆଶ୍ରମ, ସମୟ: ଅପରାହ୍ନ ୫ଟା ୩୦।
- ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।
- ରଥଯାତ୍ରା ପାଇଁ ଆଲୋଚନା, ସ୍ଥାନ: ମା’ ବାଟ ମଙ୍ଗଳା ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼
- ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ହିତାଧିକାରୀଙ୍କୁ ରାଶନ କାର୍ଡ ବଣ୍ଟନ, ସ୍ଥାନ: ଡିଆରଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ୧୦ଟା।
- କୃଷକ ମୋର୍ଚ୍ଚା କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା,ସ୍ଥାନ: ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼
- ଶୀତଳଷଷ୍ଠୀରେ ଗଣ୍ଡିଆଳ ଫିଟା ଶୋଭାଯାତ୍ରା, ସ୍ଥାନ: ବରପାଲି, ସମୟ: ସକାଳ ୯ଟା।
- ମହାଦେବ, ପାର୍ବତୀଙ୍କ ବିବାହ ପାଇଁ ଅଳଙ୍କାର ଧାରଣ, ସ୍ଥାନ: ସଂକ୍ରିପାଣି, ଗାଇସିଲେଟ୍, ସମୟ: ସକାଳ ୯ଟା।

## କଳାହାଣ୍ଡି
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ତାଲିମ ଶିବିର, ଯୋଗଦେବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ଭବାନୀପାଟଣା ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବାଲୁଙ୍କେଶ୍ୱର ମହାଦେବ ଓ ମାତା ପାର୍ବତୀଙ୍କ ବିବାହ, ଶୀତଳ ଷଷ୍ଠୀ ଯାତ୍ରା ଆରମ୍ଭ, ସ୍ଥାନ: ଭବାନୀପାଟଣା ପୁରୁଣାପଡା, ସମୟ: ଅପରାହ୍ନ ୪ଟା।

## ବୌଦ୍ଧ
- ବିକାଶ ମେଳା ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ମିନି ସମ୍ମିଳନୀ କକ୍ଷ, ବୌଦ୍ଧ, ସମୟ: ସକାଳ ୮ଟା ୩୦।

## ସୁବର୍ଣ୍ଣପୁର
- ଶୀତଳଷଷ୍ଠୀ ଯାତ୍ରା ପାଇଁ ବରାନୁଗମନ, ସ୍ଥାନ: ସୋନପୁର ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ବିନିକା ଶୀତଳଷଷ୍ଠୀ ଯାତ୍ରା ପାଇଁ କନ୍ୟା ଆନୟନ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।
- ଶିବ ପାର୍ବତୀଙ୍କ ବିବାହ, ସ୍ଥାନ: ସୋନପୁର ସହର ଘୋଡାଘାଟପଡା ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହ, ସମୟ: ରାତି ୧୦ଟା।

## ନୂଆପଡ଼ା
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଶିବ ବିବାହ ପାଇଁ ନିମନ୍ତ୍ରଣ, ସ୍ଥାନ: ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଗାଁ, ସମୟ: ଅପରାହ୍ନ ୫ଟା।
- ଯୋଗେଶ୍ୱର ବାବାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ବାଲୁଙ୍କେଶ୍ୱର ମନ୍ଦିର ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ବିଭିନ୍ନ ସମସ୍ୟା ବିଜଡ଼ିତ ରହି କାର୍ଯ୍ୟହାନି, ମନସ୍ତାପ ଓ ବିବାଦରେ ଲିପ୍ତ ରହିପାରନ୍ତି। ପାରିବେଶିକ କୁପ୍ରଭାବରେ ସ୍ୱାସ୍ଥ୍ୟ ଓ ପୂର୍ବ ଶତ୍ରୁତା ସମ୍ପର୍କିତ ଚିନ୍ତା କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବାରେ ଅସୁବିଧା ହେବ ନାହିଁ। ଭ୍ରାତୃ ସମ୍ପର୍କ, ବନ୍ଧୁପ୍ରୀତି, ଅର୍ଥପ୍ରାପ୍ତି , ଯାତ୍ରା ଓ ଆଲୋଚନା ଫଳପ୍ରଦ ହୋଇପାରେ।

**ବୃଷ** ଆପଣ ଅନ୍ୟମାନଙ୍କୁ ମନେଇ ନିଜ ଆଡ଼କୁ ଆକର୍ଷିତ କରିବା ପାଇଁ ଚେଷ୍ଟା କରି ସଫଳ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ନିକଟ ଅତୀତରେ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। କୃତ୍ତିକା ନକ୍ଷତ୍ର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା, ଯାତ୍ରା ପାଇଁ ଦିନଟି ଭଲ। ଅପରାହ୍ନେ ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ କେତେକାଂଶରେ ଉପକୃତ ହେବେ।

**କର୍କଟ** ରାହୁଙ୍କ କୁପ୍ରଭାବରେ ଅଶାନ୍ତ ମନ ନେଇ ଟିକିଏ ଟିକିଏ କଥାରେ ବିରକ୍ତି ପ୍ରକାଶ କଲେ ପାରିବାରିକ ସମସ୍ୟା ବଢ଼ିଯିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇବେ। ଆତ୍ମୀୟମାନଙ୍କ ପରାମର୍ଶ ନେଇ କାମ କଲେ ଉପକୃତ ହେବେ।

**ସିଂହ** ପୂର୍ବର କଳହକୁ ନେଇ ନିଜର ଆତ୍ମୀୟ ଓ ପଡ଼ୋଶୀଙ୍କ ସହ ସମ୍ପର୍କ ଭଲ ରହିବ ନାହିଁ। ବିଳମ୍ବରେ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାରୁ ମନସ୍ତାପ କରିପାରନ୍ତି। ସମସ୍ୟାର ସରଳ ସମାଧାନ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନାରମ୍ଭ କିମ୍ବା ଚୁକ୍ତିପତ୍ର ସ୍ୱାକ୍ଷରିତ ହେବାର ସୂଚନା ରହିଛି।

**କନ୍ୟା** ପୂର୍ବ ବିବାଦକୁ କେନ୍ଦ୍ରକରି କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢ଼ିପାରେ। ସାମାଜିକ କ୍ଷେତ୍ରରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ ଓ ସାହାଯ୍ୟ ସହଯୋଗ ମିଳିବ। ଶତ୍ରୁତା କରୁଥିବା ବ୍ୟକ୍ତି ପଛରେ ନାନାଦି କଥା କହିପାରନ୍ତି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** ପାରିବାରିକ ଆଲୋଚନାରେ ସହକର୍ମୀ କିମ୍ବା ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ଅତ୍ୟଧିକ ପରିଶ୍ରମ ଜନିତ ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କାର୍ଯ୍ୟହାସଲ ଲାଗି ବିଶେଷ ଅର୍ଥ ବ୍ୟୟ କରି ଦୁଃଖିତ ହେବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଲେଖାପଢ଼ା, ନିର୍ମାଣ, ଗବେଷଣାରୁ ପ୍ରଶଂସିତ ହୋଇପାରନ୍ତି ।

**ବିଛା** କର୍ମକ୍ଷେତ୍ରରେ ମିତ୍ରବନ୍ଧୁମାନଙ୍କ ଦ୍ୱାରା ଅର୍ଥ ଓ ସମ୍ମାନ ଲାଭ କରିବେ। ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ ଏବଂ ପରୋକ୍ଷ ଶତ୍ରୁତା କାମକୁ ବିଶୃଙ୍ଖଳିତ କରିବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରଖିବା ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି।

**ଧନୁ** ପରିବାର ସହ ପ୍ରତ୍ୟୁଷ ଯାତ୍ରାରେ ବନ୍ଧୁମିଳନ ସାଙ୍ଗକୁ ମୂଲ୍ୟବାନ ଦ୍ରବ୍ୟ ପ୍ରାପ୍ତିର ସମ୍ଭାବନା ରହିଛି। ଫେରିବା ରାସ୍ତାରେ ଜଣେ ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ଦ୍ୱାରା ସୁଫଳ ମିଳିପାରିବ। ଭ୍ରମଣଜନିତ କ୍ଳାନ୍ତି ଅନୁଭବ କରିପାରନ୍ତି। ଭାବପ୍ରବଣତାର ବଶବର୍ତ୍ତୀ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲାଭଳି କାମ କରିବା ଠିକ୍ ହେବ ନାହିଁ ।

**ମକର** ଯାତ୍ରା ସମୟରେ କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା କାମ ହାସଲର ମଉକା ପାଇବେ । ଆଲୋଚନା ପରିସରରେ ଯୁକ୍ତିତର୍କ କାରଣରୁ ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। ଶ୍ରବଣା ନକ୍ଷତ୍ରର ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହେବ। ଅନ୍ୟମାନଙ୍କ ସହଯୋଗ ଅଭାବରୁ ଅଫିସରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** ଆଶା କରିଥିବା ଧାର୍ମିକ କାର୍ଯ୍ୟ, ବନ୍ଧୁ, ସହକର୍ମୀଙ୍କ ପାଇଁ ତ୍ୟାଗ ସ୍ୱୀକାର କଲେ ମଧ୍ୟ ସେମାନଙ୍କ ଭୁଲ୍ ଧାରଣକୁ ବଦଳାଇ ପାରିବେ ନାହିଁ। ବ୍ୟବସାୟିକ, ସାମାଜିକ, ନୂତନପ୍ରକଳ୍ପ ସମ୍ପର୍କିତ ଯୋଜନାକୁ କାର୍ଯ୍ୟକାରୀ କରାଇନେବେ। ବସ୍ତ୍ରଭୂଷଣ, ଅର୍ଥ ଓ ସମ୍ମାନ ଲାଭ କରିବେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ନ ଦେଲେ ଅସୁବିଧା ଭୋଗିବେ।

**ମୀନ** ଆଜି କର୍ମକ୍ଷେତ୍ରରେ ସହଜରେ କାମ ହାସଲ କରପାରିବେ। ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବାରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ ସଫଳତା ହାସଲ କରିବେ। ଉତ୍ତରଭାଦ୍ରପଦ ନକ୍ଷତ୍ର ସକାଶେ ପରୋକ୍ଷ ଶତ୍ରୁତା ମନକୁ ବିଚଳିତ

ଆଜି ମେ ୩୦ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଚତୁର୍ଥୀ ଶୁକ୍ରବାର, ଆଜି ଶିବ ବିବାହ ତାଟ ନିମନ୍ତ୍ରଣ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୩ ଗତେ ଘ.୦୬.୫୫ ମଧ୍ୟେ, ଘ.୧୨.୧୦ ଗତେ ଘ.୦୨.୪୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୦୫ ଗତେ ଘ.୧୧.୪୪ ମଧ୍ୟେ ରାହୁ କାଳ।

# ମହାପ୍ରଭୁଙ୍କୁ ଦର୍ଶନକଲେ କେନ୍ଦ୍ର କୃଷିମନ୍ତ୍ରୀ



କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ସସ୍ତ୍ରୀକ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନକରି ଫେରୁଛନ୍ତି। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୨୯।୫(ଅଜିତ କୁମାର ମହାନ୍ତି)

ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଗୁରୁବାର ସାକ୍ଷୀଗୋପାଳସ୍ଥିତ କୃଷିବିଜ୍ଞାନ କେନ୍ଦ୍ରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇଥିଲେ। ତେବେ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ଚୌହାନ ସସ୍ତ୍ରୀକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଚୌହାନ ଓ ତାଙ୍କ ସହଧର୍ମିଣୀ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ଉଭୟଙ୍କୁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଏବଂ ଜିଲା ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯାଇଥିଲା। କେନ୍ଦ୍ରମନ୍ତ୍ରୀ ଚୌହାନ ଓ ତାଙ୍କ ସହଧର୍ମିଣୀ ବାଇଶି ପାହାଚ ଦେଇ ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରିଥିଲେ। ପରେ ସେମାନେ ଭିତରବେଢ଼ାରେ ଥିବା ପାର୍ଶ୍ୱଦେବଦେବୀଙ୍କୁ ଦର୍ଶନକରି କିଛି ସମୟ ଶ୍ରୀମନ୍ଦିର ପରିସରରେ ବିତାଇ ପ୍ରସ୍ଥାନ କରିଥିଲେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଉଭୟଙ୍କୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ ଓ ପତିତପାବନ ବାନା ଆଦି ପ୍ରଦାନ କରାଯାଇଥିଲା।

# ଚୁକ୍ତି ସ୍ୱାକ୍ଷର ସତ୍ତ୍ୱେ ପ୍ରତିରକ୍ଷା ସାମଗ୍ରୀ ପହଞ୍ଚୁନାହିଁ: ବାୟୁସେନା ମୁଖ୍ୟ

ନୂଆଦିଲ୍ଲୀ,୨୯।୫



ଅମରପ୍ରୀତ୍ ସିଂ

ପ୍ରତିରକ୍ଷା ସାମଗ୍ରୀ କ୍ରୟ ଓ ଯୋଗାଣ ପ୍ରକ୍ରିୟାରେ ଅହେତୁକ ବିଳମ୍ବକୁ ନେଇ ବାୟୁସେନା ମୁଖ୍ୟ ଅମରପ୍ରୀତ୍ ସିଂ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ସିଷ୍ଟମ କଦାପି ଆସିବ ନାହିଁ ଜାଣି ମଧ୍ୟ ଆମେ ଅନେକ ସମୟରେ ଚୁକ୍ତି ସ୍ୱାକ୍ଷର କରିଥାଉ। ସାମରିକ ସରଞ୍ଜାମ କ୍ରୟରେ ସମୟସୀମା ଏକ ବଡ଼ ପ୍ରସଙ୍ଗ ବୋଲି ସେ ସ୍ୱୀକାର କରିଛନ୍ତି। କୌଣସି ଗୋଟିଏ ପ୍ରକଳ୍ପ ଠିକ୍ ସମୟରେ ଶେଷ ହୋଇଥିବା ନେଇ ଚିନ୍ତା କରିପାରୁ ନାହୁଁ ବୋଲି ସିଆଇଆଇ ବାର୍ଷିକ ବିଜ୍‌ନେସ୍ ସମିଟ୍‌ରେ ଉଦ୍‌ବୋଧନ ଦେଇ ଏୟାର ମାର୍ଶାଲ ଅମରପ୍ରୀତ୍ କହିଛନ୍ତି।

ସ୍ୱଦେଶୀ ପ୍ରକଳ୍ପ ସହ ସମ୍ପୃକ୍ତ ପ୍ରତିରକ୍ଷା ସିଷ୍ଟମ୍‌ରେ ବିଳମ୍ବ ହେଉଥିବାର ଅନେକ ଘଟଣା ରହିଛି। ହାଲୁକା ଲଢୁଆ ଯୁଦ୍ଧବିମାନ (ଏଲ୍‌ସିଏ) ପ୍ରସଙ୍ଗରେ ସେ କହିଛନ୍ତି, ତେଜସ୍ ଏମ୍‌କେ୧ଏ ଫାଇଟର ଜେଟ୍ କ୍ରୟ ନିମନ୍ତେ ହିନ୍ଦୁସ୍ତାନ ଏରୋନଟିକ୍ସ ଲିଃ (ହାଲ୍) ସହ ୨୦୨୧ ଫେବୃଆରୀରେ ୪୮,୦୦୦ କୋଟି ଟଙ୍କାର ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା, ଯାହା ଏବେ ମଧ୍ୟ ଅଟକି ରହିଛି। ୮୩ଟି ଯୁଦ୍ଧବିମାନ ପାଇଁ ଅର୍ଡର କରାଯାଇଥିବାବେଳେ ଏପର୍ଯ୍ୟନ୍ତ ଗୋଟିଏ ବି ମିଳିପାରି ନାହିଁ। ୨୦୨୪ ମାର୍ଚ୍ଚରୁ ତେଜସ୍ ଫାଇଟର ଜେଟ୍ ମିଳିବା ନେଇ ସମୟ ଧାର୍ଯ୍ୟ ହୋଇଥିଲା। ଏଭଳି ବିଳମ୍ବ ଯୋଗୁ ଅନେକ ପ୍ରମୁଖ ପ୍ରକଳ୍ପ ପ୍ରଭାବିତ ହୋଇଛି। ତେଜସ୍ ଏମ୍‌କେ୧ ଯୋଗାଣରେ ବିଳମ୍ବ ହୋଇଥିବାବେଳେ ଏମ୍‌କେ୨ର ପ୍ରୋଟୋଟାଇପ୍ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ସେହିପରି ଏଏମ୍‌ସିଏ ଯୁଦ୍ଧବିମାନର ପ୍ରୋଟୋଟାଇପ୍ ମଧ୍ୟ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନାହିଁ। ସରକାରଙ୍କ ଆତ୍ମନିର୍ଭର ଭାରତ ଇନିସିଏଟିଭ୍ ଅଧୀନରେ ବାୟୁସେନା ସ୍ୱଦେଶୀ ଜ୍ଞାନକୌଶଳ ଏବଂ ଘରୋଇ ସାମର୍ଥ୍ୟ ବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ଅମରପ୍ରୀତ୍ ଏଭଳି ମନ୍ତବ୍ୟ ଦେଇଛନ୍ତି। ଆମେ କେବଳ ଭାରତରେ ଉତ୍ପାଦନ କଥା କହିପାରିବା ନାହିଁ, ଡିଜାଇନ୍ ବିଷୟରେ ମଧ୍ୟ କହିବା ଆବଶ୍ୟକ। ସେନା ଏବଂ ଶିଳ୍ପସଂସ୍ଥା ମଧ୍ୟରେ ଆସ୍ଥା ଜରୁରୀ। ଥରେ ଆମେ ପ୍ରତିଶ୍ରୁତି ଦେଇଥିଲେ, ତାହା ପ୍ରଦାନ କରିବା ଆବଶ୍ୟକ। ବାୟୁସେନା ଭାରତକୁ ସବୁଠୁ ଭଲ କରିବାକୁ ଉଦ୍ୟମ କରୁଛି। ଭବିଷ୍ୟତ ପାଇଁ ପ୍ରସ୍ତୁତ ବଦଳରେ ବର୍ତ୍ତମାନ ପାଇଁ ପ୍ରସ୍ତୁତ କରିବାକୁ ହେବ। ୧୦ ବର୍ଷରେ ଆମ ଶିଳ୍ପରୁ ଅଧିକ ଉତ୍ପାଦନ ହେବ, କିନ୍ତୁ ଆଜି ଯାହା ଦରକାର, ତାହା ଆଜି ହିଁ ମିଳିବା ଆବଶ୍ୟକ। ସେନାକୁ ସଶକ୍ତ କରିବା ଦ୍ୱାରା ଯୁଦ୍ଧ ଜିତାଯାଏ ବୋଲି ବାୟୁସେନା ମୁଖ୍ୟ କହିଛନ୍ତି। ଅପରେଶନ ସିନ୍ଦୂର ସମ୍ପର୍କରେ ନୌସେନା ମୁଖ୍ୟ ପୂର୍ବରୁ କହିଥିଲେ, ଯୁଦ୍ଧର ଚରିତ୍ରରେ ପରିବର୍ତ୍ତନ ହୋଇଛି। ପ୍ରତିଦିନ ନୂଆ ପ୍ରଯୁକ୍ତି ଆସୁଛି। ଆମକୁ ଭବିଷ୍ୟତରେ କ’ଣ ଆବଶ୍ୟକ ଅପରେଶନ ସିନ୍ଦୂର ସେ ନେଇ ଏକ ସ୍ପଷ୍ଟ ଧାରଣା ଦେଇଛି। ତେଣୁ ଆମକୁ ଅନେକ କିଛି କରିବା ଆବଶ୍ୟକ ବୋଲି ଅମରପ୍ରୀତ୍ କହିଛନ୍ତି।

# ମାଓବାଦୀଙ୍କ ହାତରେ ୪ ଟନ୍ ବିସ୍ଫୋରକ
# ଏନ୍‌ଆଇଏ ତଦନ୍ତ ଆରମ୍ଭ

**ସୁନ୍ଦରଗଡ଼ ଜିଲା କେ. ବଲାଙ୍ଗରେ ମଙ୍ଗଳବାର ଏକ ଟ୍ରକ୍‌ରେ ନିଆଯାଉଥିବା ୪ ଟନ୍ ବିସ୍ଫୋରକକୁ ମାଓବାଦୀମାନେ ଲୁଟିଥିଲେ। ସେମାନେ ଡ୍ରାଇଭରଙ୍କୁ ଅପହରଣ କରିବା ସହ ଉକ୍ତ ଟ୍ରକ୍‌କୁ ସରଣ୍ଡା ଜଙ୍ଗଲ ଭିତରକୁ ନେଇଯାଇଥିଲେ। ଏହାର ୨ ଦିନ ପରେ ଓଡ଼ିଶା-ଝାଡ଼ଖଣ୍ଡ ସୀମାକୁ ସିଲ୍ କରାଯିବା ସହ କୋମ୍ବିଂ ଅପରେଶନ୍‌କୁ ଜୋର୍‌ଦାର କରାଯାଇଛି। ମାଓବାଦୀଙ୍କ ହାତରେ ଏତେ ପରିମାଣର ବିସ୍ଫୋରକ ମହଜୁଦ ରହିଲେ ସରକାରଙ୍କ ମାଓବାଦୀ ନିରୋଧୀ ଅଭିଯାନ ଦୁର୍ବଳ ହୋଇପାରେ ବୋଲି ଅଶଙ୍କା ଥିବାରୁ ଗୁରୁବାର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପକ୍ଷରୁ ତନାଘନା ଆରମ୍ଭ କରାଯାଇଛି। ଅନ୍ୟପକ୍ଷେ ଦୀର୍ଘଦିନ ଧରି ସମ୍ପୃକ୍ତ ଅଞ୍ଚଳରେ ମାଓବାଦୀ ସକ୍ରିୟ ରହିଥିଲେ ମଧ୍ୟ ବିନା ସୁରକ୍ଷାରେ କିପରି ଭାବେ ବିସ୍ଫୋରକ ଯାଉଥିଲା ଏବଂ ସେଥିପ୍ରତି ପୋଲିସ ତତ୍ପରତା ଦେଖାଇ ନ ଥିଲା, ତାହା ଏବେ ବଡ଼ ପ୍ରଶ୍ନ ପାଲଟିଛି। ପଶ୍ଚିମ ଓଡ଼ିଶାରେ ମାଓବାଦୀ ପୁଣି ପ୍ରଭାବ ବିସ୍ତାର କରୁଥିବା ଏହି ଘଟଣା ଦର୍ଶାଉଛି।**

## ଓଡ଼ିଶା-ଝାଡ଼ଖଣ୍ଡ ସୀମା ସିଲ୍

ସୁନ୍ଦରଗଡ/ବଣାଇଁ,୨୯।୫ (ଜୟ ନାରାୟଣ ମେଣ୍ଟୁଲି/ ପ୍ରଦୀପ ତ୍ରିପାଠୀ)

କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ଶେଷ ସୁଦ୍ଧା ଦେଶକୁ ମାଓବାଦମୁକ୍ତ କରିବା ପାଇଁ ଉଦ୍ୟମ ଚଳାଇଥିବାବେଳେ ବିଭିନ୍ନ ରାଜ୍ୟର ପୋଲିସ ସହ ମିଶି କେନ୍ଦ୍ରୀୟ ସୁରକ୍ଷା ବଳ କୋମ୍ବିଂ ଅପରେଶନ୍ ଚଳାଇଛି। ତେବେ ମାଓବାଦୀମାନେ ଏହି ପ୍ରୟାସକୁ ଝଟ୍‌କା ଦେବା ଭଳି କାର୍ଯ୍ୟ କରିଛନ୍ତି। ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ମଙ୍ଗଳବାର ମଧ୍ୟାହ୍ନରେ ବ୍ଲାଷ୍ଟିଂ ପାଇଁ ଆସିଥିବା ୪ ଟନ୍ ବିସ୍ଫୋରକ ବୋଝେଇ ଏକ ଟ୍ରକ୍‌କୁ ୩୦ରୁ ୪୦ ସଶସ୍ତ୍ର ମାଓବାଦୀ ସଂଘବଦ୍ଧ ଭାବେ ଟାର୍ଗେଟ କରିଥିଲେ। ଏହି ଘଟଣାରେ ବୁଧବାର ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ କେ. ବଲାଙ୍ଗ ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଅପରେଶନ ଆଇଜି ଡ. ଦୀପକ କୁମାରଙ୍କ ନେତୃତ୍ୱରେ ଡିଆଇଜି ବ୍ରିଜେଶ କୁମାର ରାୟ, ଗୋଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ୍, ଆଇଆର୍‌ବି (ଇଣ୍ଡିଆନ ରିଜର୍ଭ ବାଟାଲିୟନ)ର ଯବାନମାନେ ଘଟଣାସ୍ଥଳରେ ତଦନ୍ତ କରିଥିଲେ। ଝାଡ଼ଖଣ୍ଡର ଜାଗୁଆର ଟିମ୍ ସର୍ଚ୍ଚ ଅପେରେଶନ ଜୋରଦାର କରିବା ସହ ପୋଲିସ ଟିମ୍ ମଧ୍ୟ କୋମ୍ବିଂ ଅପରେଶନ ଚଳାଇଛି। ଏଥିସହ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନଙ୍କ ଉପସ୍ଥିତିରେ ବଡ଼ଗାଁ ଥାନା ଆଇଆଇସି ବାଲୁଙ୍କେଶ୍ୱର ନାଏକ, ଏଏସ୍‌ଆଇ ଉମାକାନ୍ତ ନାଏକ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ସାମଗ୍ରୀ ଗୋଦାମକୁ ସିଲ୍ କରିଥିଲେ। ଏହାର ଦିନକ ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ପୋଲିସ ଉକ୍ତ ଟ୍ରକ୍‌କୁ ଠାବ କରିଛି। କିନ୍ତୁ ସେଥିରେ ଥିବା ବିସ୍ଫୋରକକୁ ଝାଡ଼ଖଣ୍ଡର ମାଓବାଦୀମାନେ ନେଇଯାଇଛନ୍ତି। ବିସ୍ଫୋରକକୁ ଜଙ୍ଗଲ ଭିତରେ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି। ତେବେ ଅଦ୍ୟାବଧି କୌଣସି ମାଓବାଦୀ ସଙ୍ଗଠନ ନିଜକୁ ଦାୟୀ କରିନାହାନ୍ତି। ଟ୍ରକ୍ ଚାଳକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଖଣି କମ୍ପାନୀଗୁଡ଼ିକୁ ସେମାନଙ୍କ ପରିବହନ ଯନ୍ତ୍ରପାତିର ସୁରକ୍ଷା ବଢ଼ାଇବା ପାଇଁ ପରାମର୍ଶ ଦିଆଯାଇଛି। ସମ୍ପୃକ୍ତ ଅଞ୍ଚଳ ଦେଇ ଯାଉଥିବା ବିସ୍ଫୋରକ ସାମଗ୍ରୀ ଉପରେ ନଜର ରଖାଯାଇଥିବା ପୋଲିସ କହିଛି। ଉଲ୍ଲେଖଯୋଗ୍ୟ, ୨୦୦୯ରେ ମାଓବାଦୀମାନେ ଅନୁରୂପଭାବେ ବିସ୍ଫୋରକ ଲୁଟ୍ ସହ ସବ୍‌ଇନ୍‌ସପେକ୍ଟର ଅଜିତ ବର୍ଦ୍ଧନଙ୍କୁ ହତ୍ୟା କରିବା ପରେ ଅନେକ ଲ୍ୟାଣ୍ଡମାଇନ ବିସ୍ଫୋରଣ କରିଥିଲେ। ଗୁରୁବାର ପୋଲିସ ଡିଜି ରାଉରକେଲା ଏସପିଙ୍କ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ବୈଠକ କରିଛନ୍ତି। ସିଆର୍‌ପିଏଫ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ବାଙ୍କୋରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭୋକେ ସୁଆଦ,
ବୟସେ ସୁନ୍ଦର ।**

ଭୋକ ଲାଗୁଥିବାବେଳେ ସବୁ ଖାଦ୍ୟପଦାର୍ଥ ପାଟିକୁ ବେଶ୍ ସୁଆଦିଆ ଲାଗିଥାଏ। ସେହିପରି ଯୌବନ କାଳରେ ସମସ୍ତେ ଆଖିକୁ ଖୁବ୍ ସୁନ୍ଦର ଦିଶୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଭଉଣୀ ରାଣୀ ହେଲେ ଭାଇ ନୁହେଁ ରଜା,
ଅତି ସେରେନ୍ତାରେ ଡାକିବେ ରଜାଙ୍କ ପରଜା।**

ଭଉଣୀ ଯେତେ ବଡ଼ ଘରେ ବିଭା ହେଲେ ମଧ୍ୟ ଭାଇର ଚଳଣି ବା ଅବସ୍ଥାରେ କିଛି ବି ପରିବର୍ତ୍ତନ ଘଟିନଥାଏ। ପରୋକ୍ଷରେ ଭଉଣୀ ଘରେ ରହୁଥିବା ଭାଇର ଗୁରୁତ୍ୱ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ହୋମ୍‌ଗାର୍ଡ ଶାରୀରିକ...

ଘଟିଥିଲା। ଏବେ ସୁଲନ୍ତଙ୍କ ମୃତ୍ୟୁ ତାଙ୍କ ପରିବାର ପ୍ରତି ଅପୂରଣୀୟ କ୍ଷତି ଘଟାଇଛି। ଘରେ ତାଙ୍କ ବିଧବା ମା’ ଓ ଝିଅ ଖବର ପାଇ ସ୍ତବ୍ଧ ହୋଇଯାଇଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ନାରାୟଣପୁରର ଦୀପକଙ୍କ ସାନ ଭାଇ ଗୋବିନ୍ଦ ପତାଲ ମଧ୍ୟ ହୋମଗାର୍ଡ ପାଇଁ ଶାରୀରିକ ପରୀକ୍ଷା ଦେଇଛନ୍ତି। ତେଣୁ ତାଙ୍କୁ ଅନୁକମ୍ପାମୂଳକ ଚାକିରି ପ୍ରଦାନ କରାଯିବ ବୋଲି ଏସ୍‌ପି ପଣ୍ଡା କହିଛନ୍ତି। ଏନେଇ ପରିସଲ ଗ୍ରାମର ପ୍ରରୀକ୍ଷାର୍ଥୀ ସସ୍ମିତାଙ୍କ କହିବା ହେଲା ସେମାନେ ସମସ୍ତେ ସାକ୍ଷାତ୍‌କାର ଦେବାକୁ ଆସିଥିଲେ। ହେଲେ ପରୀକ୍ଷା ସମୟରେ ଏଭଳି ଅଭାବନୀୟ ଘଟଣା ସେମାନଙ୍କୁ ଚକିତ କରିଛି ବୋଲି କହିଛନ୍ତି।

## ମୋବାଇଲରେ ଚାଷୀ...

ଭାରତରେ ମୋଟ ୧୪୫ ନିୟୁତ ଚାଷୀ ରହିଛନ୍ତି। ଜମି ମାଲିକ ଚାଷୀଙ୍କ ସଂଖ୍ୟା ପ୍ରାୟ ୮୬ ନିୟୁତ ବୋଲି ସଦ୍ୟ କୃଷି ସେନ୍‌ସସ ଡେଟାରୁ ଜଣାପଡ଼ିଛି। ରବିଚନ୍ଦ୍ର ଆହୁରି କହିଛନ୍ତି, ଏହାବ୍ୟତୀତ ଆଇଏମ୍‌ଡି ୨ଟି ବହୁବିଷୟକ ସାମୁଦ୍ରିକ ଗବେଷଣା ଜାହାଜ କିଣିବାକୁ ଯାଉଛି। ପ୍ରତ୍ୟେକ ଜାହାଜର ମୂଲ୍ୟ ୧,୦୦୦ କୋଟି ଟଙ୍କା ରହିବ। ଏଥିସହ ବର୍ତ୍ତମାନର ମୈତ୍ରି ବେସ୍ ନିକଟରେ ୨୦୨୯ ସୁଦ୍ଧା ଏକ ନୂଆ ଆଣ୍ଟାର୍କଟିକ୍ ରିସର୍ଚ୍ଚ ସେଣ୍ଟର ‘ମୈତ୍ରି-୨’ ମଧ୍ୟ ପ୍ରତିଷ୍ଠା କରାଯିବ। ଏଥିରେ ୨,୦୦୦ କୋଟି ଟଙ୍କା ଖର୍ଚ୍ଚ ହେବ।

# ଗ୍ରାମାଞ୍ଚଳରେ ନେତୃତ୍ୱ ଭାବନା ଜାଗ୍ରତକରିବା ମୂଳ ଉଦ୍ଦେଶ୍ୟ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ସେଣ୍ଟରଠାରେ ଗୁରୁବାର ଲକ୍ଷପତି ଦିଦି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିଦିମାନଙ୍କୁ ସମ୍ମାନିତ କରୁଛନ୍ତି। ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉପସ୍ଥିତ।

**ରାଷ୍ଟ୍ରୀୟ ଲକ୍ଷପତି ଦିଦି-୨୦୨୫ ସମ୍ମିଳନୀ**

- ଯୋଜନା କେବଳ କାର୍ଯ୍ୟକ୍ରମ ନୁହେଁ, ଏକ ଆନ୍ଦୋଳନ: ଉପମୁଖ୍ୟମନ୍ତ୍ରୀ
- ଲକ୍ଷପତି ଦିଦି ସୃଷ୍ଟିରେ ନୟାଗଡ଼ ଜିଲା ୧ମ
- ୨ୟରେ କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର

**ଭୁବନେଶ୍ୱର, ୨୯।୫(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦର୍ଶୀ ମାର୍ଗଦର୍ଶନରେ ଲକ୍ଷପତି ଦିଦି ଯୋଜନା ମହିଳାମାନଙ୍କୁ ବାର୍ଷିକ ୧ ଲକ୍ଷ ଟଙ୍କାରୁ ଅଧିକ ରୋଜଗାର କରିବାର ପଥ ପ୍ରସ୍ତୁତ କରିଛି। ଏହାର ମୂଳ ଉଦ୍ଦେଶ୍ୟ ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ଦେବା ଏବଂ ଗ୍ରାମାଞ୍ଚଳ ମହିଳାଙ୍କ ମଧ୍ୟରେ ନେତୃତ୍ୱ ଭାବନା ଜାଗ୍ରତ କରିବା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଷ୍ଟ୍ରୀୟ ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି।

ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଦେଶର ୨୫ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଲକ୍ଷପତି ଦିଦି ଓ ସରକାରୀ ଅଧିକାରୀମାନେ ଯୋଗ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉକ୍ତ ସମ୍ମିଳନୀ କେବଳ ଆମ ପାଇଁ ଉପଲବ୍ଧିର ଉତ୍ସବ ନୁହେଁ ବରଂ ଏହା ଆମ ମହିଳା ନେତୃତ୍ୱ ପ୍ରତି ସଂକଳ୍ପ। ପ୍ରଧାନମନ୍ତ୍ରୀ ମହିଳାଙ୍କ ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ ସ୍ୱତନ୍ତ୍ରତା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ରାଜନୈତିକ କ୍ଷେତ୍ରରେ ମହିଳାଙ୍କ ପ୍ରତିନିଧିତ୍ୱ ପାଇଁ ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ହୋଇଛି। ଏହା ମାଧ୍ୟମରେ ଆଗାମୀ ନିର୍ବାଚନରେ ଅତି କମ୍‌ରେ ୩୩% ମହିଳା ଲୋକ ସଭା ଓ ବିଧାନସଭାକୁ ନିର୍ବାଚିତ ହୋଇ ଆସିବେ। ଓଡ଼ିଶା ଲକ୍ଷପତି ଦିଦି ମିଶନକୁ ପ୍ରତିବଦ୍ଧତାର ସହ କାର୍ଯ୍ୟକାରୀ କରିଛି। ପ୍ରାୟ ୧୭ ଲକ୍ଷ ମହିଳାଙ୍କୁ ଲକ୍ଷପତି ଦିଦି ଭାବେ ଗଢ଼ି ଆଜି ଓଡ଼ିଶା ଭାରତବର୍ଷରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ସଫଳତା ଆମ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ନିଷ୍ଠା, ମିଶନ ଶକ୍ତି ଏବଂ ଓଡ଼ିଶା ଜୀବିକା ମିଶନର ଆନ୍ତରିକତା ଓ ତୃଣମୂଳ ସ୍ତରରେ ଦକ୍ଷତାପୂର୍ଣ୍ଣ କାର୍ଯ୍ୟର ଫଳସ୍ୱରୂପ ଆମକୁ ମିଳିଛି ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରେଷ୍ଠ ଲକ୍ଷପତି ଦିଦି ଭାବରେ ଦେବଗଡ଼ ଜିଲାର ଶକୁନ୍ତଳା ଧଳ, ଗଜପତି ଜିଲାର ସୁଲମୀ ଦଳବେହେରା ଏବଂ କେନ୍ଦ୍ରାପଡ଼ା ଜିଲାର ମମତା ନାଥଶର୍ମାଙ୍କୁ ପୁରସ୍କୃତ କରିଛନ୍ତି। ଜିଲାରେ ୯୮% ଲକ୍ଷପତି ଦିଦି ସୃଷ୍ଟିକରି ପ୍ରଥମ ସ୍ଥାନ ଅଧିକାର କରିଥିବା ନୟାଗଡ଼ ଜିଲା ଏବଂ ୯୭% ଲକ୍ଷପତି ଦିଦି ସୃଷ୍ଟି କରି ୨ୟ ସ୍ଥାନ ଅଧିକାର କରିଥିବା କେନ୍ଦ୍ରାପଡ଼ା, କଟକ, ଭଦ୍ରକ, ଜଗତ୍‌ସିଂହପୁର ଜିଲାକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଲକ୍ଷପତି ଦିଦିଙ୍କ ଉପରେ ପର୍ଯ୍ୟବସିତ ଏକ ଭିଡିଓ, ଏକ କଫି ଟେବୁଲ ବୁକ୍ ଓ ବୁକ୍‌ଲେଟ୍ ଉନ୍ମୋଚନ କରିଥିଲେ ।

ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ବୋଧନଦେଇ କହିଛନ୍ତି, ଲକ୍ଷପତି ଦିଦି ଯୋଜନା କେବଳ ଏକ କାର୍ଯ୍ୟକ୍ରମ ନୁହେଁ, ଏହା ଏକ ଆନ୍ଦୋଳନ ; ଯାହା ମହିଳାମାନଙ୍କୁ ଘର ଚାରିକାନ୍ଥ ମଧ୍ୟରୁ ବାହାରକରି ବିକାଶ ସ୍ରୋତରେ ଯୋଡୁଛି। ଲକ୍ଷପତି ଦିଦି ସୃଷ୍ଟି କରାଇବାରେ ଓଡ଼ିଶା ଲଗାତର ଭାବେ ୧ ନମ୍ବର ସ୍ଥାନରେ ରହିଛି। ଏହା ଆମ ପାଇଁ ବଡ଼ ଉପଲବ୍ଧି। ଏହି କାର୍ଯ୍ୟକ୍ରମ ବଳରେ ବର୍ତ୍ତମାନ ଗ୍ରାମାଞ୍ଚଳର ମହିଳାମାନେ କେବଳ ନିଜ ପାଇଁ ରୋଜଗାର କରୁନାହାନ୍ତି, ଅନ୍ୟମାନଙ୍କ ପାଇଁ ଉଦାହରଣ ମଧ୍ୟ ହୋଇଥିବା ସେ କହିଛନ୍ତି। ଏ ହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ ସ୍ୱାଗତ ଭାଷଣ ଏବଂ ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ମୃତ



ଉତ୍ତ୍ୟକ୍ତ ଲୋକେ ପିକ୍‌ଅପ୍ ଭ୍ୟାନ ପୋଡ଼ିଦେଉଛନ୍ତି।

- ପିକ୍‌ଅପ୍ ଭ୍ୟାନ୍ ଜାଳି ରାସ୍ତା ଅବରୋଧ
- ପୋଲିସ-ଉତ୍ତ୍ୟକ୍ତ ଲୋକେ ମୁହାଁମୁହିଁ

**ଝାରସୁଗୁଡ଼ା, ୨୯।୫(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡ଼ା ଜିଲା ବଡ଼ମାଲ-ରାଉରକେଲା ବିଜୁ ଏକ୍ସପ୍ରେସ୍ ୱେର ସାରସମାଲଠାରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଝାରସୁଗୁଡ଼ାର ଅଜିତ୍ ସିଂ(୬୦) ଓ ତାଙ୍କ ସମ୍ପର୍କୀୟ ଅଶୋକ ହିନ୍ଦୁଜା(୬୮)। ଦୁର୍ଘଟଣାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକମାନେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍ ଜାଳିଦେବା ସହ ଚାଳକଙ୍କୁ ଆକ୍ରମଣ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଘଟଣାସ୍ଥଳରେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ଝାରସୁଗୁଡ଼ା ସଦର ଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମଧ୍ୟରେ ମୁହାଁମୁହିଁ ହୋଇଥିଲା।

ସୂଚନା ଅନୁଯାୟୀ, ଅଜିତ୍ ଓ ଅଶୋକ ଏକ ସ୍କୁଟି(ନଂ.ଓଡ଼ି୧୬କେ-୧୭୭୭)ରେ ସମ୍ବଲପୁର ଅଭିମୁଖେ ଯାଉଥିବାବେଳେ ପଛପଟୁ ପିକ୍‌ଅପ୍ ଭ୍ୟାନ୍ (ନଂ.ଓଡି୨୩ଇ-୮୧୫୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ସେମାନେ ରାସ୍ତାରେ ଛିଟିକି ପଡିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଉତ୍ତେଜନା ପ୍ରକାଶ ପାଇବା ସହ ଲୋକମାନେ ରାସ୍ତା ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଥିଲା। ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବାବେଳେ ଉଭୟ ପକ୍ଷ ମୁହାଁମୁହିଁ ହୋଇଥିବା ଦେଖିବାକୁ ମିଳିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମଧୁସିକ୍ତା ମିଶ୍ର, ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଅପରାହ୍ନ ପ୍ରାୟ ୧ଟାରେ ରାସ୍ତା ଅବରୋଧ ହଟିବା ସହ ପରିସ୍ଥିତି ଶାନ୍ତ ହୋଇଥିଲା। ଅପରପକ୍ଷରେ ସ୍ଥାନୀୟ ଅଗ୍ନିଶମ କର୍ମଚାରୀ ପହଞ୍ଚି ପିକ୍‌ଅପ୍ ଭ୍ୟାନ୍‌ରୁ ନିଆଁ ଲିଭାଇଥିଲେ। ପରେ ପୋଲିସ ଝାରସୁଗୁଡ଼ା ମୁଖ୍ୟ ଡାକ୍ତରଖାନାରେ ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ କରାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧୪/୨୫) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଏହି ବିଜୁ ଏକ୍ସପ୍ରେସ୍ ୱେର ବିଭିନ୍ନ ସ୍ଥାନରେ ଅଧିକାଂଶ ସମୟ ଦୁର୍ଘଟଣା ଘଟୁଛି। ଏଥିରେ ଅନେକ ମୃତାହତ ହେଉଛନ୍ତି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲେ ମଧ୍ୟ ଜିଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନ ନେବାରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଭାରତୀୟ ନୌସେନା, ତଟରକ୍ଷୀ ବାହିନୀ ସହ କିଟ୍‌ର ଏମ୍‌ଓୟୁ





**କିଟ୍‌ର ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷଣ ରହିବ**

**ଭୁବନେଶ୍ୱର,୨୯।୫ (ଅନୁରାଧା ମହାରଣା)**

କିଟ୍ ବିଶ୍ୱବିଦ୍ୟାଳୟ, ଭାରତୀୟ ନୌସେନା ଓ ଭାରତୀୟ ତଟରକ୍ଷୀ ବାହିନୀ ମଧ୍ୟରେ ଦୁଇଟି ପୃଥକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ବୁଝାମଣାପତ୍ରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ, ନୌସେନା ସ୍ତ୍ରୀ କଲ୍ୟାଣ ସଂଘ ସଭାପତି ଶଶି ତ୍ରିପାଠୀ ଏବଂ ନୌସେନା ଶିକ୍ଷା ଅଧିକାରୀ କମୋଡର ଏସ୍‌ଏମ୍ ଉରୁଜ ଆଥାର ସ୍ୱାକ୍ଷର କରିଛନ୍ତି। ଏହି ଅନୁସାରେ କିଟ୍ ବିଶ୍ୱବିଦ୍ୟାଳୟରେ ନୌସେନା କର୍ମଚାରୀ ଏବଂ ସେମାନଙ୍କ ପରିବାର ପିଲାଙ୍କ ପାଇଁ ଛାତ୍ରବୃତ୍ତି, ଟ୍ୟୁଶନ ଫି ଛାଡ଼ ଏବଂ ବିଭିନ୍ନ ପାଠ୍ୟକ୍ରମରେ ସିଟ୍ ସଂରକ୍ଷିତ ରଖାଯିବ। ସେମାନଙ୍କ ପିଲାଙ୍କ ପାଇଁ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି ସିଟ୍ ପାଇଁ ୧୦% ଟ୍ୟୁଶନ ଫି ଛାଡ, ବିଡିଏସ୍ ଏବଂ ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷଣ, ବି.ଟେକ୍ (କମ୍ପ୍ୟୁଟର ବିଜ୍ଞାନ ଏବଂ ଆନୁଷଙ୍ଗିକ ପାଠ୍ୟକ୍ରମ)ରେ ୪ଟି ସିଟ୍ ସଂରକ୍ଷଣ ରଖାଯିବା ସହ କାର୍ଯ୍ୟରତ ନୌସେନା ଅଧିକାରୀଙ୍କ ପିଲାଙ୍କ ପାଇଁ ଅନ୍ୟ ସମସ୍ତ ଅଣଡାକ୍ତରୀ ପାଠ୍ୟକ୍ରମରେ ୫୦% ଇନ୍‌ଷ୍ଟିଚ୍ୟୁଶନାଲ ଫି' ଛାତ୍ରବୃତ୍ତି ସହ ଆବଶ୍ୟକ ସିଟ୍ ପ୍ରଦାନ କରାଯିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ତଟରକ୍ଷୀର କୋଷ୍ଟଗାର୍ଡ ୱେଲ୍‌ଫେୟାର ଆଣ୍ଡ ୱେଲନେଶ୍ ସଂଘ ମଧ୍ୟରେ ଅନ୍ୟଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିରେ ମଧ୍ୟ ଭାରତୀୟ ତଟରକ୍ଷୀ କର୍ମଚାରୀଙ୍କ ପିଲାଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ଇନ୍‌ଷ୍ଟିଚ୍ୟୁଶନାଲ ଫି' ଉପରେ ୧୦% ବୃତ୍ତି ସହ ଏମ୍‌ବିବିଏସ୍ ପାଠ୍ୟକ୍ରମରେ ୨ଟି, ବିଡିଏସ୍‌ରେ ୫ଟି, ବିଏସ୍‌ସି ନର୍ସିଂରେ ୫ଟି ସିଟ୍ ସଂରକ୍ଷିତ ରଖାଯିବ। ଏହା ବ୍ୟତୀତ କମ୍ପ୍ୟୁଟର୍ ସାଇନ୍ସ ଓ ଅନ୍ୟ ବି.ଟେକ ପାଠ୍ୟକ୍ରମରେ ୪ଟି ସିଟ୍ ସଂରକ୍ଷିତ ରହିବ। ଅନ୍ୟ ସମସ୍ତ ଅଣଡାକ୍ତରୀ ପାଠ୍ୟକ୍ରମରେ ସେମାନଙ୍କ ପିଲାଙ୍କ ପାଇଁ ଇନ୍‌ଷ୍ଟିଚ୍ୟୁଶନାଲ ଫି' ଉପରେ ୫୦% ବୃତ୍ତି ପ୍ରଦାନ କରାଯିବ। ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ଏହି ବୁଝାମଣା ହେଉଛି ନୌସେନା କର୍ମଚାରୀଙ୍କ ନିଃସ୍ୱାର୍ଥପର ସେବାକୁ ସମ୍ମାନ ଜଣାଇବା ସହ ଶିକ୍ଷା ମାଧ୍ୟମରେ ଅନ୍ତର୍ଭୁକ୍ତୀମୂଳକ ବିକାଶ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ।

# ସେନାର ବଳିଦାନକୁ ନେଇ ଭାଜପା ରାଜନୀତି କରୁଛି:ଦୀପେନ୍ଦ୍ର




ଭୁବନେଶ୍ୱର କଂଗ୍ରେସ ଭବନଠାରେ ଗୁରୁବାର ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆୟୋଜିତ 'ଜୟ ହିନ୍ଦ୍' ସଭାରେ ସେନା ଯବାନମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କଂଗ୍ରେସର ଜୟହିନ୍ଦ୍ ସଭା**

**ଭୁବନେଶ୍ୱର,୨୯।୫ (ରବିନାରାୟଣ ଜେନା)**

କୌଣସି କ୍ଷେତ୍ରରେ ହିନ୍ଦୁସ୍ଥାନର ସମକକ୍ଷ ପାକିସ୍ତାନ ହୋଇପାରିବ ନାହିଁ। ଯେଉଁମାନେ କହୁଛନ୍ତି, ୭୦ବର୍ଷରେ କଂଗ୍ରେସ କ'ଣ କରିଛି। ସେମାନେ ଜାଣି ରଖିବା ଉଚିତ ଯେ ଏହି ୭୦ବର୍ଷ ପାକିସ୍ତାନକୁ ଏତେ ପଛକୁ ଠେଲି ଦେଇଛି, ଯାହା କି ଗରିବ ରାଷ୍ଟ୍ର ତାଲିକାରେ ଏବେ ପାକିସ୍ତାନ ଗଣାଯାଉଛି ବୋଲି ସାଂସଦ ଦୀପେନ୍ଦ୍ର ସିଂହ ହୁଡ଼ା କହିଛନ୍ତି। ଗୁରୁବାର କଂଗ୍ରେସ ପକ୍ଷରୁ ଆୟୋଜିତ ଜୟହିନ୍ଦ୍ ସଭାକୁ ସମ୍ବୋଧିତ କରି ଦୀପେନ୍ଦ୍ର କହିଛନ୍ତି, ଦେଶର ସେନାର ତ୍ୟାଗ ଓ ବଳିଦାନକୁ ଏ ଦେଶ କେବେହେଲେ ବ୍ୟର୍ଥ ହେବାକୁ ଦେବ ନାହିଁ । ମାତ୍ର ଏମାନଙ୍କ ତ୍ୟାଗ ଓ ବଳିଦାନକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତଥା ଭାଜପା ରାଜନୀତି କରୁଛି । ସେନାରେ କାର୍ଯ୍ୟରତ ସେନାଧିକାରୀଙ୍କୁ ସମ୍ମାନ ଜଣାଇବା ପରିବର୍ତ୍ତେ ତାଙ୍କର ଧର୍ମକୁ ନେଇ ତାଙ୍କୁ ସାରା ଦେଶରେ ନିନ୍ଦିତ କରାଯାଉଛି । ଏପରି କି ତାଙ୍କୁ ଆତଙ୍କବାଦୀଙ୍କର ଭଉଣୀ ବୋଲି ଆଖ୍ୟା ଦିଆଯାଉଛି । ଏହା ଅତ୍ୟନ୍ତ ପୀଡ଼ାଦାୟକ। ଭାରତବର୍ଷକୁ ଧର୍ମନାମରେ ଭାଗ ଭାଗ କରୁଥିବା ଭାଜପା ପହଲଗାମ୍‌ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ଓ ତାଙ୍କର ପରିବାରକୁ ସମ୍ମାନ ଜଣାଇବା ପରିବର୍ତ୍ତେ ଏଥିରୁ ରାଜନୈତିକ ଫାଇଦା ହାସଲ କରିବାରେ ଲାଗିଛନ୍ତି ବୋଲି ସେ କହିଛନ୍ତି। ପ୍ରଦେଶ କଂଗ୍ରେସ(ପିସିସି) ସଭାପତି ଭକ୍ତ ଚରଣ ଦାସ ଭାରତୀୟ ସେନାର ପରାକ୍ରମ ଓ ବଳିଦାନର ଭୂୟସୀ ପ୍ରଶଂସା କରି କହିଥିଲେ, ୧୯୭୧ରେ ଆମ ସେନା ୯୧ ହଜାରରୁ ଅଧିକ ପାକିସ୍ତାନୀ ସେନାକୁ ଗୃହବନ୍ଦୀ କରି ରଖିଥିଲା। କିନ୍ତୁ ଦୁଃଖର କଥା ଆଜି ଦେଶର ପ୍ରଧାନମନ୍ତ୍ରୀ ଏଭଳି ଏକ ପ୍ରଚାରଜୀବୀ ନିଜ ପଦ ମର୍ଯ୍ୟାଦାକୁ ସମ୍ମାନ ନ ଜଣାଇ ସେନାର ସଫଳତା ଓ ପରାକ୍ରମକୁ ନିଜର ପରାକ୍ରମ କହି ପ୍ରଚାର କରି ବୁଲୁଛନ୍ତି। ଯୁଦ୍ଧ ଭାଜପା ପାଇଁ ରାଜନୈତିକ ପ୍ରଚାର ଓ ପ୍ରସାରର ଏକ ଅସ୍ତ୍ର ପାଲଟିଛି ବୋଲି କହି ସେ ସମାଲୋଚନା କରିଥିଲେ । ପ୍ରଭାରୀ ଅଜୟ କୁମାର ଲଲ୍ଲୁ କହିଥିଲେ, ଭାରତୀୟ ସେନା ଭାରତବର୍ଷର ଗୌରବ। ସେମାନଙ୍କର ପରାକ୍ରମ ଯୋଗୁ ଆଜି ଶତ୍ରୁମାନେ ଧୂଳିସାତ୍ ହେଉଛନ୍ତି । ମାତ୍ର ଭାରତୀୟ ସେନାର ସଫଳତାକୁ ଆଜି ଭାଜପା ନିଜର ସଫଳତା ବୋଲି କହିବାରେ ଲାଗିଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ,ବରିଷ୍ଠ ନେତା ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ।

# ବୋମା ଭିଡ଼ିବାବେଳେ ବିସ୍ଫୋରଣ, ଜଣେ ମୃତ

**ନିଶ୍ଚିନ୍ତକୋଇଲି, ୨୯।୫ (ଅଶୋକ କୁମାର ମହାପାତ୍ର)**



- ଭାଙ୍ଗିଲା ଘରର କାନ୍ଥ, ଶଟର
- ୧୨ ଅଫୁଟା ବୋମା ନିଷ୍କ୍ରିୟ
- ବିସ୍ଫୋରକ ଦ୍ରବ୍ୟ, ଗ୍ୟାସ ସିଲିଣ୍ଡର ଜବତ

କଟକ ଜିଲା ନେମାଳ ଥାନା ଝାଡ଼େଶ୍ୱରପୁର ପଞ୍ଚାୟତ ଗୋପୀନାଥପୁର ଗ୍ରାମ ମନାନଗଡ଼ା ନିକଟରେ ଏକ କୋଠା ଘରେ ବୁଧବାର ବିଳମ୍ବିତ ରାତିରେ ବୋମା ବିସ୍ଫୋରଣ ହୋଇଛି। ବୋମା ଭିଡ଼ା ଯାଉଥିବାବେଳେ ବିସ୍ଫୋରଣ ହୋଇଥିବା କୁହାଯାଇଛି। ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ନେମାଳ ଥାନା ଅନ୍ତର୍ଗତ ଦାଉଦପୁର ପଞ୍ଚାୟତ ନାହାଳପୁର ଗାଁର ମିର୍ଜା ଆକବର ବେଗ (୪୭)। ସେଠାରେ ୪ ବଖରା ଘର ଥିବାବେଳେ ଗୋଟିଏ ଘରେ ଏହି ବିସ୍ଫୋରଣ ହୋଇଛି। ଅନ୍ୟ ଘରଗୁଡ଼ିକରେ ମଧ୍ୟ ଅଫୁଟା ବୋମା, ଗ୍ୟାସ୍ ସିଲିଣ୍ଡର ଥିବା ପୋଲିସ ଜାଣିବା ପରେ ବୋମା ନିଷ୍କ୍ରିୟକାରୀ ଦଳଙ୍କୁ ଡକାଇଥିଲା। ଏଥିସହ ଉକ୍ତ ଅଞ୍ଚଳକୁ ଫୋର୍ସ ଜରିଆରେ ଘେରାବନ୍ଦୀ କରି ଜନଶୂନ୍ୟ କରିଥିଲା। ଖବରପାଇ ବୋମା ନିଷ୍କ୍ରିୟକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୧୨ ଅଫୁଟା ବୋମା ନିଷ୍କ୍ରିୟ କରିଛି। ପୋଲିସ ସେଗୁଡ଼ିକୁ ଜବତ କରିଛି। ସାଇଣ୍ଟିଫିକ୍ ମଧ୍ୟ ଘଟଣାସ୍ଥଳରୁ ବିସ୍ଫୋରକ ଦ୍ରବ୍ୟ, ଗ୍ୟାସ ସିଲିଣ୍ଡର ଜବତ କରିବା ସହ ଘଟଣା ଘଟିଥିବା ସ୍ଥାନ ମ୍ୟାପିଂ କରି ପୋଲିସକୁ ରିପୋର୍ଟ ପ୍ରଦାନ କରିଛି। କଟକ ଗ୍ରାମାଞ୍ଚଳ ଏସ୍‌ପି ପ୍ରତୀକ ସିଂ ସେଠାରେ ପହଞ୍ଚି ତଦନ୍ତ କରିଛନ୍ତି।

ଏହି ଘଟଣାରେ ନେମାଳ ପୋଲିସ ଥାନାରେ ମାମଲା (ନଂ. ୧୩୧/୨୫) ରୁଜୁ କରି ତଦନ୍ତକୁ କ୍ରିୟାଶୀଳ କରିଛି। ବିଳମ୍ବିତ ରାତିରେ ମନାନଗଡ଼ା ନିକଟରେ ଥିବା ଏକ କୋଠାଘରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ସଂଖ୍ୟାଲଘୁ ବସ୍ତିର ଲୋକେ ଉଠି ଆସିଥିଲେ। ଘଟଣାସ୍ଥଳରେ ବିସ୍ଫୋରକ ଦ୍ରବ୍ୟ ପଡିଥିବାବେଳେ ପାଖରେ ଏକ ବାଇକ୍ ଓ ଘରର ଶଟର, କାନ୍ଥ ଭାଙ୍ଗି ଯାଇଥିଲା। ଘର ଭିତରେ ଜଣେ ବ୍ୟକ୍ତି ଗୁରୁତର ଅବସ୍ଥାରେ ଚିତ୍କାର କରୁଥିଲେ। ସ୍ଥାନୀୟ ଲୋକେ ନେମାଳ ଥାନାକୁ ଖବର ଦେଇଥିଲେ। ପୋଲିସ ସ୍ଥାନୀୟ ଲୋକଙ୍କ ସହାୟତାରେ ଘଟଣାସ୍ଥଳରୁ ଗୁରୁତର ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଆଇଆଇସି ସୁଶୀଲ କୁମାର ନାୟକ ସୂଚନା ଦେଇଛନ୍ତି। ପରିବାର ଲୋକ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମିର୍ଜା ଆକବରଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି। ଏହି ଘଟଣାରେ ସମ୍ପୃକ୍ତି ସନ୍ଦେହରେ ୪ ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏଥିରେ ଏକାଧିକ ଲୋକଙ୍କ ସମ୍ପୃକ୍ତିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସ୍ଥାନୀୟ ଲୋକେ କହିବା ଅନୁଯାୟୀ, ଏଠାରେ ପୂର୍ବରୁ ବୋମା ଭିଡା ଯାଉଥିବାର ନଜୀର ରହିଛି। ୨ ବର୍ଷ ପୂର୍ବେ ବୋମା ବିସ୍ଫୋରଣରେ ମୃତ ମିର୍ଜା ଆକବରଙ୍କ ପୁତରାଙ୍କ ମୃତ୍ୟୁ ଘଟିଥିଲା। ନେମାଳ ଥାନା ଅଞ୍ଚଳରେ ଦିନକୁ ଦିନ ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାବେଳେ ପୋଲିସର ନିଷ୍କ୍ରିୟତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବନ ବିଭାଗର ସ୍ୱତନ୍ତ୍ର ଟାସ୍କଫୋର୍ସ ଚଢ଼ାଉ, ୭ ଶିକାରୀ ଗିରଫ

**ବାରିପଦା,୨୯।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରେଞ୍ଜି ଦକ୍ଷିଣ ଡିଭିଜନର ସ୍ୱତନ୍ତ୍ର ଟାସ୍କଫୋର୍ସ ଓ କର୍ମଚାରୀମାନେ କରଞ୍ଜିଆ ଥାନା ଦୁଧିଆଣୀ ପଞ୍ଚାୟତ ଅଧୀନରେ ଥିବା ଦୁଧିଆଣୀ ଏବଂ ଅଁଳାକଟା ଗ୍ରାମରେ ଚଢାଉ କରି ୨୦୨୩-୨୪ର ଗୋଟିଏ ଓଆର କେସ୍‌ରେ ସମ୍ପୃକ୍ତ ୭ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନେ ଦୀର୍ଘଦିନ ଧରି ଫେରାର ଥିଲେ। ଅଭିଯୁକ୍ତମାନେ ହେଲେ ରଘୁନାଥ ସୟ, ବାବୁରାମ ସୟ, ସୁକୁଲାଲ ହେମ୍ବ୍ରମ, ମଙ୍ଗଲ ବାଦ୍ରା, ଜୟସିଂହ ସିଂକା, କୁନାରାମ ସାମାଡ ଓ ବାୟା ବାନାରା। ସମସ୍ତ ଅଭିଯୁକ୍ତଙ୍କୁ ଗୁରୁବାର ନ୍ୟାୟିକ ହେପାଜତକୁ ପଠାଯାଇଛି। ସେମାନଙ୍କ ନିକଟରୁ ୬ଟି ଧନୁ, ୧୧ଟି ତୀର, ୨ଟି ଫାଶ, ୨ଟି କାଟାପଲ୍ଟ, କୁଟାରୀ ଶିଙ୍ଗ ଏବଂ ଗୋଟିଏ ସ୍ୱଟେଡ ହରିଣର ଶିଙ୍ଗକୁ ଜବତ କରାଯାଇଛି।

ଶିମିଳିପାଳ ଜାତୀୟ ଉଦ୍ୟାନରେ ବନ୍ୟଜନ୍ତୁଙ୍କ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ଅତ୍ୟାଧୁନିକ ଏଆଇ କ୍ୟାମେରାର ସହାୟତା ନିଆଯାଉଛି। ଶିକାର ଓ ଶିକାରୀଙ୍କ ଅନୁପ୍ରବେଶକୁ ରୋକିବାରେ ଏଆଇ କ୍ୟାମେରା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଏଆଇ କ୍ୟାମେରା ଜରିଆରେ ଶିକାରୀଙ୍କ ଫଟୋ ଉତ୍ତୋଳନ କରି ବିଭାଗ ପାଖକୁ ସଙ୍ଗେ ସଙ୍ଗେ ପଠାଇପାରୁଛି। ଫଳରେ ଶିକାରୀଙ୍କୁ ଧରିବା ଓ ବନ୍ୟଜନ୍ତୁ ସୁରକ୍ଷା ଦେବାରେ ସଫଳତା ମିଳୁଛି। ଏକ ସମ୍ବର ଶିକାର ଘଟଣାରେ ଜଡିତ ଥିବା ଶିକାରୀମାନେ ଫେରାର ଥିବା ବେଳେ ବନବିଭାଗର ଗୋଇନ୍ଦା ବିଭାଗ ଏବଂ ଏଆଇ କ୍ୟାମେରା ସହାୟତାରେ ସେମାନଙ୍କୁ ଧରିବାରେ ସଫଳ ହୋଇଛି। ତେବେ ଏହି ଘଟଣାରେ ପୂର୍ବରୁ ୧୩ ଜଣଙ୍କୁ ମିଶାଇ ମୋଟ ୨୦ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।



ଗିରଫ ହୋଇଥିବା ଶିକାରୀମାନେ।

# ଜିଡିପି ଓ ସମୃଦ୍ଧି



କୌଶିକ ବସୁ

ମୁଖ୍ୟଧାରାର ଅର୍ଥନୀତିରେ ବିଶ୍ଳେଷଣଲବ୍ଧ ତଥ୍ୟର ବ୍ୟାଖ୍ୟାତ୍ମକ ଅର୍ଥାତ୍ ଅନୁଧ୍ୟାନ, ସଂକ୍ଷେପରେ ପ୍ରକାଶ କରିବା ଏବଂ ଉପସ୍ଥାପନକୁ ନିୟମିତ ଭାବେ ଗୌଣ କରିଦିଆଯାଉଛି। ଗୋଟିଏ କାମକୁ ସମ୍ପୂର୍ଣ୍ଣ ବ୍ୟାଖ୍ୟାତ୍ମକ ଭାବେ ବିବେଚନା କରିବା ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି ସୂଚିତ କରାଯାଉଛି। ତଥାପି ନୋବେଲ ବିଜେତା ଅର୍ଥନୀତିଜ୍ଞ ଅମର୍ତ୍ତ୍ୟସେନ ୧୯୮୦ ମସିହାର ଏକ ଗବେଷଣାତ୍ମକ ଲେଖାରେ ମତ ଦେଇଥିଲେ ଯେ, ବ୍ୟାଖ୍ୟାର ପ୍ରତ୍ୟେକ କାର୍ଯ୍ୟ ସହ ବିକଳ୍ପଗୁଡ଼ିକ ଜଡ଼ିତ ରହିଛି। ଏକ ଐତିହାସିକ ଘଟଣା ହେଉ ଅବା ବ୍ୟକ୍ତିଗତ ଘଟଣା କିମ୍ବା ଏକ ଦେଶ ସମ୍ପର୍କରେ ବ୍ୟାଖ୍ୟା କଲାବେଳେ ସେଥିରେ ଆମେ କ'ଣ ସାମିଲ କରିବାକୁ ବା ବାଦ୍‌ଦେବାକୁ ଚାହୁଁ, ତାହା ହିଁ ଗୁରୁତ୍ୱପୂର୍ଣ୍ଣ। ବ୍ୟାଖ୍ୟା ଏକ ଦୃଷ୍ଟିକୋଣ ବା ମତ ସୃଷ୍ଟି କରେ ଏବଂ ଅପରପଟେ ଦୃଷ୍ଟିକୋଣ ବି ବ୍ୟବହାରକୁ ଅତ୍ୟଧିକ ପ୍ରଭାବିତ କରିପାରେ।

ଗୋଟିଏ ଦେଶର ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ବ୍ୟାଖ୍ୟା କରିବା ଏକ ଜଟିଳ କାମ। ଅତୀତରେ ଗୋଟିଏ ଦେଶ ଅନ୍ୟଠାରୁ ଭଲ କରୁଛି କି ନାହିଁ ତାହା ଉପରେ ବିତର୍କ କରି ଅତୀତରେ ବିଶେଷଜ୍ଞମାନେ ବହି ଲେଖିଛନ୍ତି। କିନ୍ତୁ ସମୟକ୍ରମେ, ଗୋଟିଏ ମୂଲ୍ୟାଙ୍କନ (ମାପଦଣ୍ଡ) ଆଲୋଚନାରେ ପ୍ରାଧାନ୍ୟ ବିସ୍ତାର କରିଛି, ତାହା ହେଉଛି ମୋଟ ଘରୋଇ ଉତ୍ପାଦ ବା ଜିଡିପି, ଯାହା ଗୋଟିଏ ବର୍ଷରେ ଏକ ଦେଶ ମଧ୍ୟରେ ଉତ୍ପାଦିତ ସମସ୍ତ ସାମଗ୍ରୀ ଓ ସେବା ମୂଲ୍ୟକୁ ସୂଚିତ କରେ। କିଛି ସୁଧାର ସହିତ ଏହା ମଧ୍ୟ ଜନସଂଖ୍ୟାର ସମସ୍ତ ଆୟକୁ ଆକଳନ କରିଥାଏ। ଏହା ହେଉଛି ଏକ ସ୍ପଷ୍ଟ ମାନଦଣ୍ଡ, ଯାହା ବହୁ ସମୟରେ ଏକ ସୁସ୍ଥ ଅର୍ଥନୀତି ପାଇଁ ଶର୍ଟହ୍ୟାଣ୍ଡ ଭାବେ ବ୍ୟବହାର କରାଯାଏ। ଡିଆନେ କୋୟେଲ ୨୦୧୪ରେ ତାଙ୍କ ପ୍ରକାଶିତ ପୁସ୍ତକରେ ଜିଡିପିର ଇତିହାସ ସମ୍ପର୍କରେ ଉଲ୍ଲେଖ କରିଥିଲେ ଏବଂ ଆର୍ଥିକ ନୀତିନିର୍ଦ୍ଧାରଣରେ ଏହାର ଅତ୍ୟାବଶ୍ୟକକୁ ଗୁରୁତ୍ୱପୂର୍ଣ୍ଣ ବୋଲି ସୂଚିତ କରିଥିଲେ। ୧୯୩୦ ଦଶନ୍ଧି ପ୍ରାରମ୍ଭରେ ସିମନ କୁଜନେଟ୍‌ସ କହିଥିଲେ ଯେ, ନୀତି ବିତର୍କ ପାଇଁ ନୀତିଗତ ଭାବେ ଜିଡିପି ଉପରେ ବିଚାର ଓ ଆକଳନର ବହୁ ଆବଶ୍ୟକତା ରହିଛି। ରାଜନେତାମାନେ ଉଚ୍ଚା କୋଠାକୁ ଦେଶର ପ୍ରଗତି ଓ ସମୃଦ୍ଧି ଭାବେ ଦର୍ଶାଇ ପାରୁ ନ ଥିଲେ (ଏବେସୁଦ୍ଧା ଅନେକେ ଏମିତି କରୁଛନ୍ତି)। ଏବେ ଗୋଟିଏ ସମୟରେ ଗୋଟିଏ ଦେଶର ଆର୍ଥିକ ପ୍ରଦର୍ଶନ ଉପରେ ଆକଳନ କରିବା ମାନେ ଏହାର ଜିଡିପି ଅଭିବୃଦ୍ଧିକୁ ବୁଝିବା ଓ ପ୍ରଦର୍ଶନ କରିବା। ଏହା ନିଶ୍ଚିତ ଯେ, ଜାତୀୟ ସମୃଦ୍ଧି କିମ୍ବା ସଫଳତା ଆକଳନ କରିବା ପାଇଁ ଅନ୍ୟ ଉପାୟ ସବୁ ରହିଛି। ଯଥା ଜାତିସଂଘର ମାନବ




ବିକାଶ ସୂଚକାଙ୍କ ଏବଂ ବିଶ୍ୱବ୍ୟାଙ୍କର ସହଭାଗୀ ସମୃଦ୍ଧି ସୂଚକାଙ୍କ। କିନ୍ତୁ ଗୋଟିଏ ଅର୍ଥ ବ୍ୟବସ୍ଥା ଅନ୍ୟଠାରୁ ବହୁତ ଭଲ ପ୍ରଦର୍ଶନ କରୁଛି କି ନାହିଁ ତାହା ନିର୍ଣ୍ଣୟ କରିବାବେଳେ ଜିଡିପି (କିମ୍ବା ମୁଣ୍ଡପିଛା ଜିଡିପି) ତ୍ରୁଟିପୂର୍ଣ୍ଣ ମାପଦଣ୍ଡ ହୋଇଥାଏ।

ଏହା ନିଃସନ୍ଦେହ ଯେ, ଆଧୁନିକ ତଥା ବିକଶିତ ଅର୍ଥନୀତିରେ ଜିଡିପି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। କିନ୍ତୁ ଏହା ସ୍ୱୀକାର୍ଯ୍ୟ ଯେ, ଏହାର ନିୟନ୍ତ୍ରଣ ଦିନକୁ ଦିନ କଠିନ ହୋଇଯାଉଛି। ସମୟକ୍ରମେ, ଏହା ଏକ ଲକ୍ଷ୍ୟ ପାଲଟିଯାଇଛି। ଲମ୍ବା ସମୟ ଧରି ରହିଥିବା ସାମାଜିକ ଓ ଆର୍ଥିକ ଦୁର୍ବଳ ସ୍ଥିତିରୁ ଦୃଷ୍ଟି ହଟାଇବା ପାଇଁ ଜିଡିପି ଅଭିବୃଦ୍ଧି ତଥ୍ୟକୁ ରାଜନେତାମାନେ ବ୍ୟବହାର କରିବାକୁ ସକ୍ଷମ ହୋଇଛନ୍ତି। ଜିଡିପି କୈନ୍ଦ୍ରିକ ନୀତିବିଚାରରେ ବଢୁଥିବା ସମସ୍ୟା ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସଙ୍କ ୨୦୨୧ ରିପୋର୍ଟ 'ଆମ ସାଧାରଣ କାର୍ଯ୍ୟସୂଚୀ'ରେ ପ୍ରକାଶ କରାଯାଇଥିଲା ଏବଂ ବିଶ୍ୱସ୍ତରରେ ନୀତି ନିର୍ଦ୍ଧାରକମାନେ ଏକ ବ୍ୟାପକ ଶ୍ରେଣୀର ପ୍ରଗତି ମାନାଙ୍କ ଗ୍ରହଣ କରିବାକୁ ଏଥିରେ କୁହାଯାଇଥିଲା।

ଏକ ଆର୍ଥିକ ସୂଚକାଙ୍କ ଭାବେ ଜିଡିପିର ତିନୋଟି ଦୁର୍ବଳତା ରହିଛି। ପ୍ରଥମେ, ଦେଶର ମୋଟ ଆୟ ଉପରେ କେବଳ ଗୁରୁତ୍ୱ ଦେଇ ଏହା ବ୍ୟାପକ ସମୃଦ୍ଧିର ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ, ଏପରି କି ଅସମାନତା ବୃଦ୍ଧି ପାଉଥିବା ସମୟରେ ମଧ୍ୟ। ଏପରି କି ବହୁ ସଂଖ୍ୟକ ଲୋକ ଏକ ବିପରୀତ ତଥା ଅନଗ୍ରସର ସ୍ଥିତିରେ ରହିଥିଲେ ମଧ୍ୟ ମୁଣ୍ଡପଛା ଜିଡିପି ବୃଦ୍ଧିକୁ ଦର୍ଶାଯାଇପାରେ। ଜୋଶେଫ ଇ. ଷ୍ଟିଗଲିଜ ୨୦୧୦ରେ ପ୍ରକାଶିତ ତାଙ୍କ ପୁସ୍ତକ 'ଫ୍ରିଫଲ୍'ରେ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ବଡ଼ ପିଜା ସମସ୍ତଙ୍କ ପାଇଁ କିମ୍ବା ଅଧିକାଂଶ ଲୋକଙ୍କ ଲାଗି ଆବଶ୍ୟକ ହୁଏ ନାହିଁ, ଏଥିରୁ ଏକ ବଡ଼ ଅଂଶ ନିଆଯାଇପାରେ। ସେହିଭଳି ଅଧିକାଂଶ ଲୋକ ଜିଡିପି ଅଭିବୃଦ୍ଧିରେ କାହାର ଲାଭ ହେଉଛି କି ନାହିଁ ତାହା ଉପରେ ପ୍ରଶ୍ନ ନ ଉଠାଇ ଅଭିବୃଦ୍ଧିକୁ ନେଇ ଉତ୍ସବ ପାଳନ କରନ୍ତି, ଯାହା ସେମାନଙ୍କ ଦେଶ ଅଲିମ୍ପିକ୍ସରେ ମେଡାଲ ଜିତିଲା ଭଳି ଖୁସି ସହ ସମାନ ହୋଇଥାଏ। ୨୦୦୮ରେ ସେତେବେଳର ଫ୍ରାନ୍ସ ରାଷ୍ଟ୍ରପତି ନିକୋଲାସ ସାର୍କୋଜିଙ୍କ ସମେତ ଷ୍ଟିଗଲିଜ ଓ ସେନ୍ ତଥା ଅନ୍ୟ ବିଶିଷ୍ଟ ଅର୍ଥନୀତିଜ୍ଞଙ୍କ ଦ୍ୱାରା ଗଠନ କରାଯାଇଥିବା କମିଶନ ଅନ୍ ମେଜର୍‌ମେଣ୍ଟ ଅଫ୍ ଇକୋନୋମିକ ପରଫର୍ମାନ୍ସ ଆଣ୍ଡ ସୋସିଆଲ ପ୍ରୋଗ୍ରେସ ଦ୍ୱାରା ଏହି ସମସ୍ୟାକୁ ସାମ୍ନାକୁ ଅଣାଯାଇଥିଲା। ଏହାର ଚୂଡ଼ାନ୍ତ ରିପୋର୍ଟରେ ଆୟ ବଣ୍ଟନ ଓ ଅସମାନତାକୁ ଜିଡିପିରେ ସାମିଲ କରିବାର ପଦକ୍ଷେପ ନେବାକୁ କୁହାଯାଇଥିଲା।

ଜିଡିପିର ଦ୍ୱିତୀୟ ଦୁର୍ବଳତା ହେଉଛି ଏହାର ଅତ୍ୟଧିକ ଅଭିବୃଦ୍ଧି ବହୁ ସମୟରେ ବିଭିନ୍ନ କାର୍ଯ୍ୟକଳାପକୁ ପ୍ରଶଂସା କରେ, ଯାହା ଗଣତାନ୍ତ୍ରିକ ସରକାରକୁ ଦୁର୍ବଳ କରିଥାଏ। ଜଣେ ବିଶେଷ ଧନୀ ଅଧିକ କାର୍, ଘର, ପ୍ଲେନ୍‌ଗୁଡ଼ିକର ମାଲିକ ହୋଇ ଆହୁରି ଅଧିକ ଚାହିଁଥାଏ। ବିଶେଷକରି ସୋସିଆଲ ମିଡିଆ ଓ ଏଆଇ ଯୁଗରେ ଅତ୍ୟଧିକ ଧନର ମାନେ ହେଉଛି ଲୋକଙ୍କ ବିଚାର ଉପରେ ଅନ୍ୟର ଶକ୍ତିଶାଳୀ ସ୍ୱର ଓ ବ୍ୟାପକ ପ୍ରଭାବକୁ ସୂଚିତ କରିବା। ଏକ ପରମ୍ପରାଗତ ସମାଜରେ ଯେତେବେଳେ ଜଣେ ସାମନ୍ତବାଦୀ ମାଲିକ ଏକ ଗ୍ରାମସଭାକୁ ପ୍ରବେଶ କରେ, ସେତେବେଳେ ସଭାରେ ଯୁକ୍ତି କରୁଥିବା ଏବଂ ପରିବର୍ତ୍ତନ ପାଇଁ ପ୍ରାର୍ଥନା କରୁଥିବା ସାଧାରଣ ଲୋକମାନେ ତାଙ୍କ ଆସିବାର କିଛି ସମୟ ପୂର୍ବରୁ ଶାନ୍ତ ହୋଇଯାଆନ୍ତି। ଏହିଭଳି ଗତିଶୀଳତା ଏବେ ବୈଶ୍ୱିକ ସ୍ତରରେ ପ୍ରକାଶ ପାଉଛି। ଏବେ କେତୋଟି ହାତଗଣତି ଲୋକଙ୍କ ପାଖରେ ଧନ ରହିଛି ଏବଂ ଅଧିକ ଅନ୍‌ଲାଇନ ପ୍ଲାଟଫର୍ମ ଅଛି, ଯାହାକୁ ଅନେକ କୋଟି ଲୋକ ବ୍ୟବହାର କରୁଛନ୍ତି ଏବଂ ଦେଖୁଛନ୍ତି। ଫଳରେ ଏମାନଙ୍କ ଦ୍ୱାରା ଅନେକେ ସେମାନଙ୍କ ସ୍ୱର ଅବଦମିତ ହେଉଥିବା ଜାଣିପାରୁଛନ୍ତି। ମନେରଖିବାକୁ ହେବ ଯେ, ବ୍ୟକ୍ତିର ସ୍ୱାଧୀନ ସ୍ୱର ବା ମତ ଏକ ଗଣତାନ୍ତ୍ରିକ ଦେଶର ସବୁଠୁ ଗୁରୁତ୍ୱପୂର୍ଣ୍ଣ ସାଧନ।

ଏହା ସ୍ପଷ୍ଟ ଯେ, ଏବେ ଜାତୀୟ ବିକାଶ ପାଇଁ ନୂଆ ପଦକ୍ଷେପ ନିଆଯିବାର ସମୟ ଉପନୀତ, ଯାହା ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି କରୁଥିବା ଶକ୍ତିଗୁଡ଼ିକୁ ଯେମିତି ଶକ୍ତିଶାଳୀ ନ କରିବ। ଆମେରିକାର ସୁପ୍ରିମକୋର୍ଟ ବିଚାରପତି ଲୁଇସ ବ୍ରାଣ୍ଡିସ ସତର୍କ କରିଦେଇଥିଲେ, "ଆମର ଏହି ଦେଶରେ ଗଣତନ୍ତ୍ର ଥାଇପାରେ କିମ୍ବା କିଛି ଲୋକଙ୍କ ପାଖରେ ଅତ୍ୟଧିକ ଧନ ଠୁଳ ହୋଇଥାଇ ପାରେ, କିନ୍ତୁ ଆମ ପାଖରେ ଉଭୟ ନ ରହିପାରେ।" ଶେଷରେ, ଜିଡିପିକୁ ବୃଦ୍ଧି କରାଯାଇପାରେ, ଯାହା ଆଗାମୀ ପିଢ଼ିର କ୍ଷତି କରିବ। ଆମେ କାର୍ଯ୍ୟକ୍ରମ ମାଧ୍ୟମରେ ଜିଡିପି ଅଭିବୃଦ୍ଧି ବଢ଼ାଇପାରିବା, ଯାହା ପରିବେଶକୁ କ୍ଷତି କରିବା ସହ ଜଳବାୟୁ ପରିବର୍ତ୍ତନକୁ ମଧ୍ୟ ତୀବ୍ର କରିବ। ଏହା ଆମ ଆଗାମୀ ପିଢି ପାଇଁ ଏକ କ୍ଷତିଗ୍ରସ୍ତ ପୃଥିବୀ ଛାଡ଼ିଯିବ। ଏହି ଦୃଷ୍ଟିରୁ କେବଳ ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ପଦକ୍ଷେପର ଆବଶ୍ୟକତାକୁ ଗ୍ରହଣ କରିବା ଯଥେଷ୍ଟ ହେବ ନାହିଁ। ଏକ ସୁସ୍ଥ ତଥା ପରିବେଶ ଉପଯୋଗୀ ଭବିଷ୍ୟତ ପାଇଁ ଆମେ ଆମ ଅର୍ଥନୀତିର ମଙ୍ଗଳକାରୀ ତଥା ସବୁଠୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ସୁଧାର ଆଣିବାକୁ ପଡ଼ିବ, ଯେଉଁଥିରେ ସ୍ଥାୟୀ ସମୃଦ୍ଧି ଆସିପାରିବ।

**-ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ, ବିଶ୍ୱବ୍ୟାଙ୍କ**

# ବନ୍ଧୁ ସାଙ୍ଗ ସାଥୀ



ଅଲେଖ ଚନ୍ଦ୍ର ମିଶ୍ର

ବନ୍ଧୁ, ସାଙ୍ଗ ଓ ସାଥୀ ଏ ତିନୋଟି ଏକାର୍ଥ ବୋଧକ ଶବ୍ଦ ହେଲେ ବି ପ୍ରତ୍ୟେକର ମର୍ମ ସ୍ୱତନ୍ତ୍ର। ବନ୍ଧୁ ଏକ ଆକସ୍ମିକତା, ସାଙ୍ଗ ଏକ ସଂଘଟନ ଏବଂ ସାଥୀ ଏକ ଭାବାବେଗ। ବନ୍ଧୁ ଭୁଲି ଯାଏ, ସାଙ୍ଗ ମନେରହେ, ସାଥୀ ମନେପଡ଼େ। ବନ୍ଧୁତା ସୃଷ୍ଟି ହେବା ପାଇଁ ଅନେକ ମାର୍ଗ ରହିଛି ଯଥା ପାରିବାରିକ ସମ୍ପର୍କ ସ୍ଥାପନ, କର୍ମକ୍ଷେତ୍ରରେ ସଂସ୍ପର୍ଶରେ ଆସିବା, ବାଟ ଘାଟରେ ପରିଚିତ ହେବା, ଅସୁବିଧାରେ ସାହାଯ୍ୟ କରିବା, ଅନେକ ବର୍ଷରୁ ଭୁଲିଯାଇଥିବା ପୁରୁଣା ବନ୍ଧୁଙ୍କ ସ୍ମୃତି, ବାରମ୍ବାର ସମ୍ପର୍କରେ ଆସିବା, ବନ୍ଧୁ ମାଧ୍ୟମରେ ବନ୍ଧୁ, ଦେବା ନେବା, ସ୍ନେହ, ପ୍ରେମ, ପସନ୍ଦ ଇତ୍ୟାଦି। ଏଭଳି ଘଟଣା ଆକସ୍ମିକ ଘଟେ ଏବଂ ସେଥିରୁ ବନ୍ଧୁତାର ସୂତ୍ରପାତ ହୁଏ। ଶାସ୍ତ୍ର ଅନୁସାରେ ଅଜଣା ଲୋକଟି ସହିତ ସାତ ପାଦ ଚାଲିଲେ କିମ୍ବା ସାତ ପଦ କଥା ହେଲେ ବନ୍ଧୁତା ସୃଷ୍ଟି ହୋଇଯାଏ (ପ୍ରାହୁ ସାପ୍ତପଦିଂ ମୈତ୍ରିଂ)। ବନ୍ଧୁତାର ଷଡ଼ବିଧ ଲକ୍ଷଣ ହେଲା, ଦବା ନବା, ଗୁପ୍ତକଥା କହିବା ଶୁଣିବା, ଖାଇବା ଖୋଇବା। ବିପଦ ଆପଦ ଭଲ ମନ୍ଦରେ ସହାୟତାର ହାତ ବଢ଼େଇବା, ଖୋଜିବା ଲୋଡ଼ିବା ବନ୍ଧୁତାର ସଂକେତ। ବନ୍ଧୁ ପାଇଁ ଜୀବନ ଦେବାର ଦୃଷ୍ଟାନ୍ତ ଯେପରି ବହୁଳ ବନ୍ଧୁ ପ୍ରତି ବିଶ୍ୱାସଘାତକତା କରିବାର ନଜିର ବି ସେହିପରି ଅନେକ। ବନ୍ଧୁତାକୁ ଅତୁଟ ରଖିବା ପାଇଁ ମହାବୀର କର୍ଣ୍ଣ ନିଜର ସହୋଦର ଭାଇଙ୍କଠାରୁ ଦୂରେଇ ଯାଇ ଅକାଳ ମୃତ୍ୟୁକୁ ଆଦରି ନେଲେ ପଛକେ ଦୁର୍ଯ୍ୟୋଧନ ସହିତ ବନ୍ଧୁତାକୁ ଛିନ୍ନ କଲେନାହିଁ। ବନ୍ଧୁ ପାଇଁ ଜୀବନ ଉତ୍ସର୍ଗ ଉପରେ ଆଧାରିତ ଗ୍ରୀକ୍ ସାହିତ୍ୟର ଲୋକପ୍ରିୟ କାହାଣୀ ଡାମନ ଓ ପିଥିୟାସ ଏବଂ ବନ୍ଧୁକୁ ମୃତ୍ୟୁମୁଖକୁ ଠେଲିଦେବା ଭଳି ସଂସ୍କୃତ ଗଳ୍ପ ସସେମିରା କଥା ବନ୍ଧୁତାର ଉଭୟ ପାର୍ଶ୍ୱର କାଳଜୟୀ ଦୃଷ୍ଟାନ୍ତ ହୋଇ ରହିଯାଇଛି। ମାଙ୍କଡ଼ କୁମ୍ଭୀର କଥା ତ ଚିର ସ୍ମରଣୀୟ। ବନ୍ଧୁତା ଭଳି ଏକ ପବିତ୍ର ସମ୍ପର୍କ ଭିତରେ ବିଶ୍ୱାସଘାତକତା ଆଶା କରା ଯାଏନା, କିନ୍ତୁ ସେପରି ଘଟେ ଯେତେବେଳେ ତା' ଭିତରକୁ ସ୍ୱାର୍ଥ ପଶିଆସେ।

ସାଙ୍ଗ ମିଳନ୍ତି ମୁଖ୍ୟତଃ କୈଶୋର ଅବସ୍ଥାରେ। ଯେତେବେଳେ ବିଦ୍ୟାଳୟରେ ପିଲାଟିର ନାମ ଲେଖାଯାଏ ସେବେଠାରୁ ସେ ତା' ଭଳି ଅନେକ ପିଲାଙ୍କ ସଂସ୍ପର୍ଶରେ ଆସେ ଯେଉଁମାନଙ୍କ ସହିତ ବିଶେଷ କରି ଏକା ଶ୍ରେଣୀରେ ପଢୁଥିବା ପିଲାଙ୍କ ସହିତ ନିତି ଚଳ ପ୍ରଚଳ ଓ ଭାବର ଆଦାନ ପ୍ରଦାନ ମଧ୍ୟରେ ଯେଉଁ ସାଙ୍ଗମାନେ ସୃଷ୍ଟି ହୁଅନ୍ତି ବିଦ୍ୟାଳୟ ଛାଡ଼ିଲା ପରେ ବି ଅନେକ ବର୍ଷ ପର୍ଯ୍ୟନ୍ତ ସେମାନେ ମନେରହନ୍ତି। ଘଟଣା ଚକ୍ରରେ ଏକା ସମୟରେ ଏକା ବିଦ୍ୟାଳୟରେ ପଢ଼ିବାକୁ ସୁଯୋଗ ମିଳି ଥିବାରୁ ଏପରି ସାଙ୍ଗ ହେବା ସମ୍ଭବ ହୁଏ। ସ୍କୁଲକୁ ଯାଇ ନ ଥିବା ସମ ବୟସର ପିଲାମାନେ ବି ପରସ୍ପରର ସଂସ୍ପର୍ଶରେ ଆସି ସାଙ୍ଗ ହୁଅନ୍ତି। କାଳକ୍ରମେ ସେମାନଙ୍କର ସ୍ମୃତି ଝାପ୍ସା ହୋଇ ଆସେ ଏବଂ ଶେଷରେ ଆଉ ମନେପଡେନା। ଏହିଭଳି ସାଙ୍ଗ ଥିଲେ ପ୍ରଭୁ ଶ୍ରୀକୃଷ୍ଣ ଓ ସୁଦାମା। ପରସ୍ପରଠାରୁ ବିଚ୍ଛିନ୍ନ ହେଲା ପରେ ଯିଏ ଯାହା କର୍ମରେ ବ୍ୟସ୍ତ ରହି ସବୁ ଭୁଲି ଯାଇଥିଲେ ବି ପୁରୁଣା ସ୍ମୃତି ଉଭୟଙ୍କର ମନରେ ଥିଲା ଏବଂ ଆକସ୍ମିକ ସାକ୍ଷାତ୍‌ରେ ପୁନରୁଜ୍ଜୀବିତ ହୋଇ ପରସ୍ପରକୁ ଅତୁଟ ବନ୍ଧନରେ ବାନ୍ଧି ଦେଇଥିଲା। ଅଥଚ ସେହିଭଳି ଏକା ସ୍ଥିତିରେ ସାଙ୍ଗ ଥିଲେ ବି ମହାରାଜା ଦ୍ରୁପଦ ଓ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ମଧ୍ୟରେ ଅନେକ ବର୍ଷର ବ୍ୟବଧାନ ପରେ ଯେତେବେଳେ ଭେଟ ହେଲା ସେ ପରିସ୍ଥିତି ଥିଲା ସମ୍ପୂର୍ଣ୍ଣ ବିପରୀତ। ଦ୍ରୁପଦ ନିଜ ସାଙ୍ଗ ଦ୍ରୋଣାଚାର୍ଯ୍ୟଙ୍କୁ ଚିହ୍ନି ବି ଚିହ୍ନିଲେନି, ବରଂ ଅପମାନିତ କରି ବିଦା କରିଦେଲେ। ଏହା ହେଉଛି ସାଙ୍ଗ ସମ୍ପର୍କର ଦୁଇଟି ପାର୍ଶ୍ୱ ' ଯାହା ଏବେ ବି କଦାଚିତ ଅନୁଭୂତ ହୁଏ। କିନ୍ତୁ ବନ୍ଧୁ କଣ ନ ଜାଣି, ସାଙ୍ଗ କଣ ନ ବୁଝି ଶିଶୁଟିଏ ସମ ବୟସ୍କ ସହିତ ଯେଉଁ ଅନାବିଳ ଭବାବେଗରେ ବାନ୍ଧି ହୋଇପଡେ ସେ ହୁଏ ସାଥୀ। ତାକୁ ଭୁଲି ହୁଏନା, କାରଣ ସେହୃଦୟରେ ଥାଏ। ତା' ଭିତରେ ରାଗ, ରଷା,ଅଭିମାନ, ଦୁଇ ହାତର ବିଶି ଆଙ୍ଗୁଠିକୁ ଛକି ପକେଇ କଟି, ଡବଲ କଟି ପୁଣି କୁଟାଖଣ୍ଡକୁ ବା ଦୁବଘାସଟିକୁ ଛିଣ୍ଡେଇ ଦେଲେ କଟିଯାଏ ଫିଟି, ସମସ୍ତେହୁଅନ୍ତି ଏକାଠି। କେତେ ଅନାବିଳ ସେ ସଂପର୍କ। ସାଥୀର ମୂଲ୍ୟ ନ ବୁଝିବି ସେମାନେ ସାଥୀ, ଶୈଶବର ସାଥୀ,ବାଲ୍ୟସାଥୀ। ସେ ସାଥୀ ଜୀବନ ସାଥୀ ହୋଇ ପାରେନା, କିନ୍ତୁ ତା'ର ସ୍ମୃତି ଏତେ ମଧୁର ଯେ କଞ୍ଚା ସିଲଟରେ ପଡ଼ିଥିବା ଗାରଟିଏ ପରି ଜୀବନ ସାରା ଅଲିଭା ରହିଯାଏ।

ମୋ:୯୪୩୮୬୭୩୮୯୮

## ଏଇ ଭାରତରେ

ମହାରାଷ୍ଟ୍ରର ପଚେଗାଁଓ ଗ୍ରାମ ନିକଟରେ ପ୍ରବାହିତ ବିମଲ ନଦୀ ବର୍ଷାଦିନ ପରେ ପ୍ରାୟତଃ ଶୁଖିଲା ରହୁଥିଲା। କାରଣ ଏହା ବର୍ଜ୍ୟ ଓ ପଙ୍କରେ ପୋତିହୋଇ ଯାଇଥିଲା। ଏହା ଯୋଗୁ ଲୋକମାନେ ଗାଁ ଛାଡ଼ି କୋହ୍ଲାପୁର, ପୁଣେ ଏବଂ ପଶ୍ଚିମ ମହାରାଷ୍ଟ୍ରର ବିଭିନ୍ନ ଅଞ୍ଚଳକୁ କାମ ଅନ୍ୱେଷଣରେ ୬୯ ପ୍ରତିଶତ ଲୋକ ଚାଲି ଯାଆନ୍ତି। ଏହି ଗାଁରେ ୪୫୦ ପରିବାର ରୁହନ୍ତି। କିନ୍ତୁ ଏବେ ନଭାଙ୍ଗ ଫାଉଣ୍ଡେଶନ ନାମକ ଏକ ଏନ୍‌ଜିଓ ତତ୍ତ୍ୱାବଧାନରେ ଏବଂ ଗ୍ରମବାସୀଙ୍କ ସହଯୋଗରେ ଗାଁ ନିକଟରେ ଥିବା ନଦୀର ପୁନରୁଦ୍ଧାର ହୋଇପାରିଛି। ଏହି ଫାଉଣ୍ଡେଶନର ପ୍ରତିଷ୍ଠାତା ହେଉଛନ୍ତି ରାଜଶ୍ରୀ ଦେଶପାଣ୍ଡେ ଏବଂ ଉପଦେଷ୍ଟା ଭାବେ ଜଳ ବିଶେଷଜ୍ଞ ଡ. ସୁମନ୍ତ ପାଣ୍ଡେ ରହିଛନ୍ତି। ନଦୀଟି ପୂରା ପୋତି ହୋଇପଡ଼ିଥିଲା। ସେଥିରେ ବର୍ଜ୍ୟ ଓ ପଙ୍କ ବାହାର କରାଯିବା ପରେ ଜଳ ପ୍ରବାହିତ ହେଉଛି। ଗାଁର ଲୋକେ କାମ ପାଇଁ ଆଉ ବାହାରକୁ ନ ଯାଇ ଚାଷ କରୁଛନ୍ତି, ଯାହାଦ୍ୱାରା ବାହାରକୁ ଚାଲିଯାଉଥିବା ଲୋକଙ୍କ ସଂଖ୍ୟା ୫୧ ପ୍ରତିଶତ କମିଯାଇଛି। ଗାଁର ଲୋକେ ଏବେ ଯଅ ଓ ବାଜରା ଚାଷ କରୁଛନ୍ତି। ପାଖାପାଖି ୪୦୪ ଏକର ଜମିକୁ ଜଳସେଚନ ସୁବିଧା ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୩୦ ମେ ୧୯୭୬

- ପଞ୍ଜାବ ପ୍ରଦେଶ କଂଗ୍ରେସ ସଭାପତି ତଥା ଜନୈକ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନିରଞ୍ଜନ ସିଂହ ତାଲିବ୍‌ଙ୍କ ୭୫ ବର୍ଷ ବୟସରେ ପରଲୋକ।
- ମାର୍କିନ କଥାଚିତ୍ର 'ଟ୍ୟାକ୍‌ସି ଡ୍ରାଇଭର' କାନ୍ସ ଅନ୍ତର୍ଜାତିକ ଚଳଚ୍ଚିତ୍ର ଉତ୍ସବରେ ସର୍ବୋଚ୍ଚ ପୁରସ୍କାର ଲାଭ କରିଛି।
- ଗୋଲାନ ହାଇଟ୍ସରେ ଜାତିସଂଘ ବାହିନୀର ଅବସ୍ଥାପନ ସଂକ୍ରାନ୍ତ ନିଷ୍ପତ୍ତିର ମିଆଦକୁ ୬ ମାସ ବଢ଼ାଇ ଦିଆଯିବା ନିମିତ୍ତ ଏକ ପ୍ରସ୍ତାବ ଜାତିସଂଘ ନିରାପତ୍ତା ପରିଷଦ ଦ୍ୱାରା ଅନୁମୋଦିତ।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | 5 | | | | | 8 | | 3 |
| | 3 | | | | | | | 1 |
| | 7 | | 5 | | 9 | | 2 | 4 |
| 3 | 9 | | 4 | | | | | |
| 1 | 8 | | | | | | | 9 |
| 7 | | | 6 | | | | | |
| | | | | | 8 | | 1 | |
| | | | | 5 | 4 | | 9 | 7 |
| | | | | | | | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 9 | 1 | 8 | 5 | 2 | 4 | 7 |
| 4 | 1 | 5 | 3 | 7 | 2 | 6 | 9 | 8 |
| 8 | 2 | 7 | 4 | 9 | 6 | 5 | 1 | 3 |
| 3 | 8 | 6 | 9 | 2 | 7 | 1 | 5 | 4 |
| 7 | 5 | 4 | 6 | 1 | 8 | 9 | 3 | 2 |
| 2 | 9 | 1 | 5 | 3 | 4 | 7 | 8 | 6 |
| 9 | 4 | 2 | 7 | 5 | 3 | 8 | 6 | 1 |
| 5 | 6 | 8 | 2 | 4 | 1 | 3 | 7 | 9 |
| 1 | 7 | 3 | 8 | 6 | 9 | 4 | 2 | 5 |

ଗତକାଲିର ଉତ୍ତର

# ଜଳବାୟୁ ପରିବର୍ତ୍ତନ ଓ ବୟସ୍କ ବିଶ୍ୱ



ଭାରତୀ ଚକ୍ର

ପୃଥିବୀର ପ୍ରାୟ ସବୁ ଦେଶରେ ବୟସ୍କ ଲୋକଙ୍କ ସଂଖ୍ୟା ଓ ଅନୁପାତ ବୃଦ୍ଧି ପାଉଛି। ଇତିହାସରେ ପ୍ରଥମ ଥର ପାଇଁ ୨୦୧୮ରେ ବିଶ୍ୱରେ ୬୫ ବର୍ଷରୁ ଅଧିକ ବୟସର ଲୋକଙ୍କ ସଂଖ୍ୟା ୫ ବର୍ଷରୁ କମ୍ ବୟସର ପିଲାଙ୍କ ସଂଖ୍ୟାଠାରୁ ଅଧିକ ଥିଲା। ୨୦୫୦ ବେଳକୁ ବିଶ୍ୱରେ ପ୍ରତି ୫ ଜଣଙ୍କ ମଧ୍ୟରୁ ଜଣେ ୬୦ ବର୍ଷରୁ ଅଧିକ ବୟସ୍କ ହେବେ ଏବଂ ବିଶ୍ୱର ପ୍ରାୟ ୮୦ ପ୍ରତିଶତ ବୟସ୍କ ଲୋକ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶରେ ରହିବେ। ଭାରତରେ ୨୦୫୦ ମସିହାରେ ମୋଟ ଜନସଂଖ୍ୟାର ୨୦ ପ୍ରତିଶତଙ୍କ ବୟସ ୬୦-୯୯ ବର୍ଷ ହେବ। ସାରା ବିଶ୍ୱରେ ବୟସ୍କ ଲୋକଙ୍କ ସଂଖ୍ୟା ଦ୍ରୁତ ଗତିରେ ବଢ଼ିଚାଲିଛି ଏବଂ ସାମାଜିକ, ରାଜନୈତିକ ତଥା ଜଳବାୟୁ ପରିବର୍ତ୍ତନର ଏକ ବିରାଟ ପ୍ରଭାବ ଏହି ବର୍ଗ ଉପରେ ପଡ଼ିବାକୁ ଯାଉଛି। ଆଉ ଟିକେ ସରଳ ଭାବରେ ବୁଝିବାକୁ ହେଲେ ଏପରି କହିପାରିବା। ଧରାଯାଉ ୨୦୧୧ ଜନଗଣନା ଅନୁସାରେ ଭାରତରେ ବୟସ୍କ ଲୋକଙ୍କ ସଂଖ୍ୟା ଥିଲା ପ୍ରାୟ ୧୦ଭାଗ ଓ ୨୦୫୦ରେ ତାହା ଦ୍ୱିଗୁଣିତ ହେବାକୁ ଯାଉଛି ଅର୍ଥାତ୍ ୨୦ ଭାଗ। ଆମ ଘରେ ଯଦି ୨୦୧୧ରେ ବା ଏବେ ୨ ଜଣ ବୟସ୍କ ଲୋକ ଅଛନ୍ତି ତେବେ ୨୦୫୦ରେ ୪ ଜଣ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଥିବେ। ସେ ଦୃଷ୍ଟିରୁ ଦେଖିଲେ ଘରର ଅର୍ଥନୀତି, ଦୈନନ୍ଦିନ ଆବଶ୍ୟକତା, ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ସବୁ କିଛି ଉପରେ ତାହାର ପ୍ରଭାବ ପଡ଼ିବ ଓ ସମାନ ପ୍ରଭାବ ଭାରତ ତଥା ସାରା ବିଶ୍ୱ ଉପରେ ମଧ୍ୟ ଆକଳନ କରାଯାଇପାରେ। ବୈଷୟିକ ଜ୍ଞାନକୌଶଳର ବିକାଶ ଓ ବ୍ୟବହାର, ଉନ୍ନତ ସ୍ୱାସ୍ଥ୍ୟସେବାର ଉପଲବ୍ଧତା ଆଦି ମନୁଷ୍ୟର ଜୀବନଧାରଣର ମାନରେ ଉନ୍ନତି ଆଣିବା ସହ ସମ୍ଭାବ୍ୟ ଜୀବନକାଳ ବା ଲାଇଫ୍ ଏକ୍ସପେକ୍‌ଟାନ୍ସିରେ ଉନ୍ନତି ଆଣିଛି। ସ୍ୱାଧୀନତା ସମୟରେ ହାରାହାରି ଆୟୁଷ ୩୭ ବର୍ଷ ଥିବା ବେଳେ ଭାରତରେ ବର୍ତ୍ତମାନ ହାରାହାରି ଆୟୁଷ ୬୭ ବର୍ଷ। ତା' ସହ ପ୍ରଜନନ ହାର କମିଚାଲିଛି। ଏ ସବୁର ମିଳାମିଶା ପ୍ରଭାବ ହେଉଛି ବୟସ୍କମାନଙ୍କର ସଂଖ୍ୟାରେ ବୃଦ୍ଧି। ବୟସ୍କ ଲୋକଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ଅଧିକ ସୂକ୍ଷ୍ମ ଭାବରେ ବୁଝିବାର ଆବଶ୍ୟକତା ରହିଛି। କାରଣ ୬୦, ୭୦, ୮୦ ବର୍ଷରୁ ଅଧିକ ବୟସର ଲୋକମାନଙ୍କ ଆଚରଣ ଏବଂ ଆବଶ୍ୟକତାର ଅନନ୍ୟ ଏବଂ ଭିନ୍ନ ଢାଞ୍ଚା ଥାଇପାରେ। ହେଲ୍‌ଦି ଏଜିଙ୍ଗ ବା ସୁସ୍ଥ ବାର୍ଦ୍ଧକ୍ୟ କହିଲେ ଆମେ ସାଧାରଣ ଭାବେ ବୁଝିବା ଜଣେ ବ୍ୟକ୍ତି ମାନସିକ ଓ ଶାରୀରିକ ଭାବେ ନିଜର ସାଧାରଣ ଦୈନନ୍ଦିନ ଆବଶ୍ୟକତା ପୂରଣ କରିପାରୁଥିବେ। ଅର୍ଥାତ୍ ନିଜର ନିତ୍ୟକର୍ମ ବିନା ସହାୟତାରେ ସମାପନ କରିପାରୁଥିବେ, ନିଜର ନିତିଦିନିଆ ମୌଳିକ ଆବଶ୍ୟକତା ପାଇଁ ଅନ୍ୟ ଉପରେ ନିର୍ଭର କରୁ ନ ଥିବେ, ବୁଝିବିଚାରି ନିଜ ନିଷ୍ପତ୍ତି ନିଜେ ନେଇପାରୁଥିବେ, ନିଜେ ବିନା ସହାୟତାରେ ଚଳପ୍ରଚଳ କରିପାରୁଥିବେ, ଜନସମ୍ପର୍କ ରକ୍ଷା କରିପାରୁଥିବେ ତଥା ସମାଜ ପ୍ରତି ତାଙ୍କର କିଛି ଅବଦାନ ଥିବ। ଏସବୁ ସ୍ଥିତିରୁ କେଉଁଟି ଯଦି କୌଣସି କାରଣରୁ ପୂରଣ ନ ହୋଇପାରିଲା ତେବେ ଆମେ ତାହାକୁ ଅସୁସ୍ଥ ବୋଲି ଗଣନା କରିପାରିବା। ଏ ଦିଗରୁ ବିଚାରକଲେ ଜଳବାୟୁ ପରିବର୍ତ୍ତନ ଯୋଗୁ ଅତ୍ୟଧିକ ତାପମାତ୍ରା ବୃଦ୍ଧି, ବନାଗ୍ନି, ମରୁଡ଼ି, ବନ୍ୟା, ବାତ୍ୟା, ବାୟୁର ଗୁଣବତ୍ତା ତଥା ପରିବେଶ ସମ୍ବେଦନଶୀଳ ସଂକ୍ରମଣ ଆଦି ଅନେକ କ୍ଷେତ୍ରରେ ବୟସ୍କ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥାଏ। ଜଳବାୟୁ ପରିବର୍ତ୍ତନ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ, କଲ୍ୟାଣ ଏବଂ ଜୀବିକାକୁ ମଧ୍ୟ ବାଧାପ୍ରାପ୍ତ କରେ।



ତା' ସହ ଏହା ସେହି ବୟସ୍କ ବ୍ୟକ୍ତିଙ୍କ ପରିବାର, ସମାଜ ତଥା ରାଜ୍ୟ ବା ଦେଶ ଉପରେ ମଧ୍ୟ ଅନେକ ଚାପ ସୃଷ୍ଟି କରିଥାଏ। କିନ୍ତୁ ବିଶ୍ୱବ୍ୟାପୀ ଜଳବାୟୁ ପରିବର୍ତ୍ତନ ନେଇ ହେଉଥିବା ବିତର୍କରେ ବୃଦ୍ଧାବସ୍ଥା ଉପରେ ଏହାର ପ୍ରଭାବ ତଥା ସମଗ୍ର ବିଶ୍ୱ ଉପରେ ତଜ୍ଜନିତ ସାମାଜିକ, ଅର୍ଥନୈତିକ ତଥା ରାଜନୈତିକ ପ୍ରଭାବ ବିଷୟରେ ଆଲୋଚନାକୁ ସେଭଳି ଗୁରୁତ୍ୱ ବା ପ୍ରାଧାନ୍ୟ ଦେବା ଦେଖିବାକୁ ମିଳୁନାହିଁ। ଏହା ସର୍ବବିଦିତ ଯେ ଋଣ ବୋଝ ବୃଦ୍ଧି, ଖରାପ ପ୍ରାକୃତିକ ପରିବେଶ ଏବଂ ବିକାଶ ସୂଚକାଙ୍କରେ ମନ୍ଥର ଅଗ୍ରଗତି କାରଣରୁ ନିମ୍ନ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକ, ଜଳବାୟୁଜନିତ ଅଧିକ ବିପଦ ଏବଂ ଉଚ୍ଚ ସାମାଜିକ, ଅର୍ଥନୈତିକ ଦୁର୍ବଳତାର ସମ୍ମୁଖୀନ ହେବେ। ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ିବ ନାହିଁ। ତେଣୁ ସଜାଗ ହେବାର ସମୟ ଆସିଯାଇଛି। ନିରନ୍ତର ବିକାଶ ପାଇଁ ୨୦୩୦ କାର୍ଯ୍ୟସୂଚୀରେ ୧୭ଟି ପରସ୍ପର ସହ ଜଡ଼ିତ ବିଶ୍ୱ ନିରନ୍ତର ବିକାଶ ଲକ୍ଷ୍ୟ(ଏସ୍‌ଡିଜି)ର ରୂପରେଖ ଦିଆଯାଇଛି ଯାହା କି ସମସ୍ତଙ୍କ ପାଇଁ ଏକ ଉନ୍ନତ ଏବଂ ଅଧିକ ସ୍ଥାୟୀ ଭବିଷ୍ୟତ ହାସଲକରିବା ପାଇଁ ବ୍ଲୁପ୍ରିଣ୍ଟ ଭାବରେ ପ୍ରସ୍ତୁତ କରାଯାଇଛି। ତେବେ କ୍ଷମତା, ଦକ୍ଷତା ଓ ସମ୍ବଳର ଅଭାବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ହୋଇଥିବାରୁ ଅନେକ ନିମ୍ନ ଓ ମଧ୍ୟମ ଆୟକରୀ ଦେଶ ୨୦୩୦ ସୁଦ୍ଧା ଏସ୍‌ଡିଜି ହାସଲ କରିବାର ସମ୍ଭାବନା ନାହିଁ। ନିମ୍ନ ଏବଂ ମଧ୍ୟମ ଆୟକରୀ ଦେଶଗୁଡ଼ିକ ବୟସ୍କ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଦୁର୍ବଳ ଏବଂ ଅଳ୍ପ ସମ୍ବଳଯୁକ୍ତ ସ୍ୱାସ୍ଥ୍ୟ ଏବଂ ସାମାଜିକ ଯତ୍ନ ବ୍ୟବସ୍ଥା ସହ ସଂଘର୍ଷ କରୁଛନ୍ତି ଏବଂ ସେମାନଙ୍କର ସ୍ୱାସ୍ଥ୍ୟ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନର ପ୍ରଭାବ ବିରୋଧରେ ଲଢ଼ିବାକୁ ଅସମର୍ଥ। ବାସ୍ତବରେ ୭୫ ପ୍ରତିଶତ ନିମ୍ନ ଓ ମଧ୍ୟମ ଆୟକରୀ ଦେଶରେ ବୟସ୍କ ଲୋକଙ୍କ ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ଯୋଜନା ସମ୍ପର୍କରେ ସୂଚନା ଦେବା ପାଇଁ କୌଣସି ତଥ୍ୟ ନାହିଁ। ଭିତ୍ତିଭୂମି ଏବଂ ସେବା ଯୋଗାଣ ଏବଂ ଚାହିଦା ମଧ୍ୟରେ ଅସମାନତା ଏଡ଼ାଇବା ପାଇଁ ବାର୍ଦ୍ଧକ୍ୟ ସହ ଜଡ଼ିତ ଦ୍ରବ୍ୟ ଏବଂ ସେବାର ଚାହିଦାର ଧାରାକୁ ବୁଝିବା ଜରୁରୀ। ଜଳବାୟୁ ପରିବର୍ତ୍ତନ ପାରିବାରିକ ଢାଞ୍ଚାକୁ ପ୍ରଭାବିତ କରିବ। ଆୟ, ସମ୍ପତ୍ତି, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ଏକାଧିକ ଝଟକା ଲାଗିବ, ବୟସ୍କ ଲୋକମାନଙ୍କର ଯତ୍ନ ନେବାର କ୍ଷମତା ହ୍ରାସ କରିବ। ଏକଥା ମଧ୍ୟ ମନେରଖିବାକୁ ହେବ ଯେ, ବୟସ୍କ ଲୋକଙ୍କ ବିନା ଜଳବାୟୁ କାର୍ଯ୍ୟ ସଫଳ ହୋଇପାରିବ ନାହିଁ। ପୁରୁଣା ପିଢ଼ି ତୁଳନାରେ ଯୁବପିଢ଼ି ଏବେ ଅଧିକ ଶିକ୍ଷିତ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗରେ ଅଧିକସଚେତନ। କିନ୍ତୁବୟସ୍କ ଲୋକମାନେ ବାସ୍ତବରେ ଜଳବାୟୁ କିପରି ସେମାନଙ୍କ ସମ୍ପ୍ରଦାୟକୁ ପ୍ରଭାବିତ କରିପାରେ, ସାମାଜିକ ଭାବରେ ସଂଯୁକ୍ତ ଏବଂ ସେମାନଙ୍କ ସମ୍ପ୍ରଦାୟ ମଧ୍ୟରେ ନୈତିକ ଅଧିକାର ଧାରଣ କରିପାରେ, ସେ ବିଷୟରେ ବିବିଧ ଅନୁଭୂତି ଏବଂ ଜ୍ଞାନ ଧାରଣ କରନ୍ତି। ଦ୍ରୁତ ବୃଦ୍ଧାବସ୍ଥା ଦେଇ ଗତି କରୁଥିବା ଦେଶଗୁଡ଼ିକରେ ସାମଗ୍ରୀ ଏବଂ ସେବାର ଚାହିଦା ଉପରେ ବାର୍ଦ୍ଧକ୍ୟର ପ୍ରଭାବ ବିଷୟରେ ଆଇପିପିସି ଏ ପର୍ଯ୍ୟନ୍ତ ବିଚାର କରୁନାହିଁ। ଜୀବନର ବିଭିନ୍ନ ପର୍ଯ୍ୟାୟରେ ବିଳାସପୂର୍ଣ୍ଣ କାର୍ବନ ନିର୍ଗମନଠାରୁ ଅତ୍ୟାବଶ୍ୟକ କାର୍ବନ ନିର୍ଗମନକୁ ପୃଥକ୍ କରିବା ପାଇଁ ବୟସ ସହ ଉଚ୍ଚ କାର୍ବନ ଦ୍ରବ୍ୟ ଏବଂ ସେବାର ଆବଶ୍ୟକତା କିପରି ବିକଶିତ ହୁଏ ତାହା ନୀତି ନିର୍ଦ୍ଧାରକମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ। ତେଣୁ ବର୍ତ୍ତମାନ ଭାରତ ତଥା ସାରା ବିଶ୍ୱରେ ନୂତନ ବୟସ୍କ ନୀତି ବିକଶିତ କରିବା ଆହୁରି ଜରୁରୀ ହୋଇପଡ଼ିଛି, ଯାହା ବୟସ୍କ ଲୋକଙ୍କ ଅଧିକାର ଏବଂ କଲ୍ୟାଣ ପାଇଁ ଜଳବାୟୁ ଓ ଅନ୍ୟାନ୍ୟ ପରିବେଶଜନିତ ବିପଦର ଆକଳନ କରି ଏକ ସୁନ୍ଦର ଭବିଷ୍ୟତ ବିଶ୍ୱର ପରିକଳ୍ପନାକୁ ସାକାର ରୂପ ପ୍ରଦାନ କରିପାରିବ।

ମୋ: ୭୯୭୮୫୦୧୧୫୧

## ଚିରନ୍ତନୀ

ସେ ସଙ୍ଗୀତ ପ୍ରିୟାର ନୂପୁରେ,
ଅଛି କେଉଁ ବଇକୁଣ୍ଠ ପୁରେ ?
ପ୍ରିୟା ରୂପ-ଶଶୀ ସେ କେଉଁ ଉର୍ବଶୀ
ପାରେ ଜିଣି ଗରବିଣୀ !
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଅବହେଳିତ ଖେଳପଡ଼ିଆ

ମହାଶୟ,

ଭଦ୍ରକ ଜିଲାର ସାବରଙ୍ଗ ଗ୍ରାମପଞ୍ଚାୟତ ଅଧୀନରେ କୁଶପଦା ନାମକ ଏକ ପଡ଼ିଆ ଅଛି । ରକ୍ଷଣାବେକ୍ଷଣ ଅଭାବରୁ ଏହା ଅଦରକାରୀ ହୋଇପଡିଛି । ଏହା ଛୋଟ ଛୋଟ ଖାଲଖମା ଓ ଅନାବନା ଗଛରେ ପରିପୂର୍ଣ୍ଣ । ଏଣୁ ଏହା କୌଣସି ସମୟରେ ଖେଳ ଉପଯୋଗୀ ହୋଇପାରୁନି । ସୁତରାଂ ଏହି ପଡିଆଟିର ଉନ୍ନତୀକରଣ ହୋଇପାରିଲେ ସ୍ଥାନୀୟ ପିଲାମାନେ ଖେଳିବାର ସୁଯୋଗ ପାଇପାରନ୍ତେ । ଏଥିପ୍ରତି ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ଯଥାଶୀଘ୍ର ଏହି ଖେଳପଡ଼ିଆର ଉନ୍ନତି ପାଇଁ କାର୍ଯ୍ୟ ଆରମ୍ଭ କରିବାକୁ ଅନୁରୋଧ ।

**-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଟ୍ରକ୍‌କୁ ପିଟିଲା କାର, ୨ଗୁରୁତର

ଗଞ୍ଜାମ,୨୯।୫(ବିଦ୍ୟାଧର ସାହୁ)-ଗଞ୍ଜାମ ଥାନା ଅନ୍ତର୍ଗତ ଲକ୍ଷ୍ମୀପୁର ନିକଟ ଓଭର୍ ବ୍ରିଜଠାରେ ଏକ ଟ୍ରକ୍‌କୁ କାର ପିଟିଛି। ଏଥିରେ ୨ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣକର ଅବସ୍ଥା ଗୁରୁତର ରହିଛି। ବାଲୁଗାଁରୁ ଆସୁଥିବା କାର୍‌ରେ ସ୍ୱାମୀ ସ୍ତ୍ରୀ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଲକ୍ଷ୍ମୀପୁର ଓଭର ବ୍ରିଜ୍‌ଠାରେ ଟ୍ରକ୍‌କୁ କାର୍‌ଟି ପଛ ପଟୁ ଧକ୍କା ଦେଇଥିଲା। ଫଳରେ କାର୍‌ରେ ବସିଥିବା ମହିଳାଙ୍କୁ ଆଘାତ ଲାଗିଥିବାରୁ ସ୍ଥାନୀୟ ଲୋକଙ୍କ ସହଯୋଗରେ ଏକ ସ୍କର୍ପିଓକୁ ଅଟକାଇ ବ୍ରହ୍ମପୁର ମେଡ଼ିକାଲକୁ ପଠାଇଥିଲେ। ଖବର ପାଇ ଗଞ୍ଜାମ ଥାନା ଏସ୍‌ଆଇ ଅନିରୁଦ୍ଧ ସ୍ୱାଇଁ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟତାରେ କାରକୁ ବାହାର କରି ରାସ୍ତାରୁ ହଟାଇଥିଲେ। ଖବର ଲେଖା ହେବା ସୁଦ୍ଧା ଦୁର୍ଘଟଣା ଘଟିଥିବା ସ୍ୱାମୀ ସ୍ତ୍ରୀଙ୍କ ପରିଚୟ ମିଳିନାହିଁ। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଗଛ ପଡି ଭାଙ୍ଗିଗଲା ଘର, ବର୍ତ୍ତିଲେ ୨ ପରିବାର

ଦିଗପହଣ୍ଡି,୨୯।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ୍ ଜକର ପଞ୍ଚାୟତ ମାଣିକ୍ୟପୁର ଗ୍ରାମରେ ବୃହତ କାୟ ମୁକ୍ତାମଞ୍ଜା ଗଛ ପଡ଼ିଯିବାରୁ ସୀମାଞ୍ଚଳ ସେଠୀ ଏବଂ ବାଇନାଥ ସେଠୀଙ୍କ ଘର ଭାଙ୍ଗିଯାଇଛି। ଘର ଭିତରେ ଥିବା ୨ ପରିବାରର ସଦସ୍ୟ ବର୍ତ୍ତି ଯାଇଛନ୍ତି। ଖବର ପାଇ ଗୁରୁବାର ସକାଳେ ଦିଗପହଣ୍ଡି ଅଗ୍ନିଶମ ବାହିନୀ ଗାଁରେ ପହଞ୍ଚି ଘର ଉପରେ ପଡ଼ିଥିବା ଗଛକୁ କାଟିଛି। ଲଘୁଚାପ ବର୍ଷା ଓ ପବନରେ ଗଛଟି ବୁଧବାର ରାତିରେ ଉପୁଡ଼ି ଯାଇ ଘର ଉପରେ ପଡ଼ିଯାଇଥିଲା। ଗଛ ପଡ଼ିବା ପୂର୍ବରୁ ଶବ୍ଦ ଶୁଣି ପରିବାର ଲୋକେ ଘର ବାହାରକୁ ଦୌଡ଼ି ପଳାଇଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ବ୍ପ୍ରଧାନ ଗ୍ରାମରେ ପହଞ୍ଚି ଦିଗପହଣ୍ଡି ତହସିଲଦାର ସନ୍ତୋଷ ସାହୁଙ୍କୁ ଜଣାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଜକର ସର୍କଲର ରାଜସ୍ୱ ନିରୀକ୍ଷିକା ସଞ୍ଜୁକ୍ତା ମହାପାତ୍ର ଗ୍ରାମରେ ପହଞ୍ଚି ଉଭୟ ପରିବାରକୁ ଭେଟିବା ସହ ରିପୋର୍ଟ ସଂଗ୍ରହ କରି ଫେରିଥିବା ଜଣାପଡ଼ିଛି। ଉଭୟ ବିପନ୍ନ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ଟଙ୍କା, ଜମିଜମା ଦରକାରୀ କାଗଜପତ୍ର ଚୋରି

ରମ୍ଭା,୨୯।୫(ବନବାସୀ ସେଠୀ)

ରମ୍ଭା ଥାନା ହୁମ୍ମା ଫାଣ୍ଡି ଅଧିନ ଜାତୀୟ ୧୬ ନଂ. ଜାତୀୟ ରାଜପଥରୁ ଏକ ବୃଦ୍ଧଙ୍କ ନିକଟରୁ କିଛି ନଗଦ ଟଙ୍କା ଓ ଜମିଜମା ଦରକାରୀ କାଗଜପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀ ଜଣଙ୍କ ହେଲେ ଲୁଣ୍ଡୁରି ଗ୍ରାମର ପ୍ରଫୁଲ୍ଲ ସ୍ୱାଇଁ(୭୫)। ଗତ ମେ ୧୭ରେ ସେ ଜାତୀୟ ରାଜପଥ କଡ଼ରେ ନିଜ ସାଇକେଲକୁ ରଖି ରାସ୍ତା କଡ଼ରେ ପରିସ୍ରା କରୁଥିବା ବେଳେ ସାଇକେଲରେ ଲାଗିଥିବା ବ୍ୟାଗରୁ ଅଜଣା ଦୁର୍ବୃତ୍ତମାନେ ନଗଦ ୨୭୬୦ଟଙ୍କା ଓ ଜମିଜମା ଦରକାରୀ କାଗଜପତ୍ର ଚୋରି କରି ନେଇଯାଇଛନ୍ତି। ଏନେଇ ବୃଦ୍ଧ ଜଣଙ୍କ ହୁମ୍ମା ଫାଣ୍ଡିରେ ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ରମ୍ଭା ଥାନାରେ ଜେନେରାଲ ଡାଏରି ୧୯/୨୫ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି। ଏନେଇ ପ୍ରଫୁଲ୍ଲ ସ୍ୱାଇଁ ଓକିଲ ନିରଞ୍ଜନ ମହାପାତ୍ରଙ୍କ ପରାମର୍ଶ ଲୋଡ଼ିଛନ୍ତି।

## ଫାକ୍ଟ୍ରିରୁ କାଜୁ ଚୋରି ଅଭିଯୋଗ : ୪ ଗିରଫ
### ୨୦ ବସ୍ତା କାଜୁ ଜବତ

ବୁଗୁଡ଼ା,୨୯।୫(କାଳିଚରଣ ଦାଶ)

ବୁଗୁଡ଼ା ଥାନା ଅନ୍ତର୍ଗତ ଜାମପଲ୍ଲୀ ଗାଁ ଛକସ୍ଥିତ ଏକ କାଜୁ ଫାକ୍ଟ୍ରିରୁ ୨୦ ବସ୍ତା କାଜୁ ଚୋରି ଅଭିଯୋଗରେ ପୋଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ବୁଗୁଡା ଥାନା ଅନ୍ତର୍ଗତ ଜେଏକ ଗ୍ରାମର ମହେଶ୍ୱର ଗୌଡ, ବସନ୍ତ ଗୌଡ, ରୋହିତ ସେଠୀ ଏବଂ କଣ୍ଟାବଣି ଗ୍ରାମର ଜଗନ୍ନାଥ ପ୍ରଧାନ। ଏ ନେଇ ପୋଲିସ ନଂ. ୩୫୧/୨୫ ଏକ ମାମଲା ରୁଜୁ କରିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ ଅନ୍ତର୍ଗତ ଜେଏକ ଗ୍ରାମର ନାରାୟଣ ନାୟକଙ୍କ ଜାମପଲ୍ଲୀ ଗ୍ରାମ ଛକରେ ଥିବା ଏକ କାଜୁ ଫାକ୍ଟ୍ରି ରହିଛି। ଗତ ୨୭ ତାରିଖ ରାତିରେ ୧୦୦୦ କିଲୋ ଓଜନର ୨୦ ବସ୍ତା କାଜୁ ଚୋରି ହୋଇ ଯାଇଥିଲା। ଏ ନେଇ ନାରାୟଣ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ଚୋରି ସବୁ କାଜୁ ବସ୍ତା ଜବତ ହୋଇଛି।

# ଜୈବ ବିବିଧତା ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ

ବ୍ରହ୍ମପୁର, ୨୯।୫(ସୁବାସ ଚନ୍ଦ୍ର ପାଢ଼ୀ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଗୋପାଳପୁର ସ୍ଥିତ ଭାରତୀୟ ପ୍ରାଣୀ ସର୍ବେକ୍ଷଣ (ଜେଡଏସଆଇ)କେନ୍ଦ୍ରରେ ଗୁରୁବାର ଭାରତୀୟ ପ୍ରାଣୀ ସର୍ବେକ୍ଷଣର ୧୧୦ ବର୍ଷ ପୂର୍ତ୍ତି ଅବସରରେ "ନଦୀ ମୁହାଣରେ ଜୈବ ବିବିଧତା" ଉପରେ ହାକାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କେନ୍ଦ୍ରର ବୈଜ୍ଞାନିକ ତଥା ନୋଡାଲ ଅଫିସର ଡ଼. ଡି. ଏସ. ସୁମନ ସଭା ପରିଚାଳନା କରିଥିବା ବେଳେ କାର୍ଯ୍ୟକ୍ରମର ଆୟୋଜକ କେନ୍ଦ୍ରର ଅଧିକାରୀ ତଥା ବୈଜ୍ଞାନିକ ଡ଼. ଅନିଲ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇ ଜୈବ ବିବିଧତା ସୁରକ୍ଷା କେବଳ କୌଣସି ଏକ ସଂସ୍ଥା କିମ୍ବା ବ୍ୟକ୍ତିର ଦାୟିତ୍ୱ ନୁହେଁ । ଏହା ସମସ୍ତଙ୍କ ଦାୟିତ୍ୱ ହେବା ଉଚିତ ବୋଲି କହିଥିଲେ। ହାକାଥନ ଭଳି ଜାତୀୟ ଉଦ୍ୟମ ସହଯୋଗ ଓ ନୂତନ ଚିନ୍ତାଧାରାକୁ ପ୍ରଶଂସା କରିଛନ୍ତି । ସମ୍ମାନନୀୟ ଅତିଥି ଭାବେ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ତଥା ଖ୍ୟାତିନାମା ପ୍ରାକୃତିକ ବିଜ୍ଞାନ ବିଶେଷଜ୍ଞ ପ୍ରଫେସର ସୁଶୀଲ କୁମାର ଦତ୍ତ ଯୋଗ ଦେଇ ହାକାଥନ ଏକ ଗତିଶୀଳ ମଞ୍ଚ ଯେଉଁଠି ନୂତନ ଚିନ୍ତା ଓ ପରିବେଶ ରକ୍ଷାର ମିଳନ ଘଟେ ବୋଲି କହିଥିଲେ । ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ବ୍ରହ୍ମପୁର ଡିଏଫଓ ସନ୍ନି ଖୋକ୍କର ଯୋଗ ଦେଇ ଯୁବ ଚିନ୍ତାଧାରାର ପ୍ରୟୋଗ ଉପରେ ଜୋର ଦେଇ କହିଲେ, ଆଜି ଯୁବ ବୈଜ୍ଞାନିକ ମାନେ ଯେଉଁ ସମାଧାନ ଦେଉଛନ୍ତି, ସେଗୁଡ଼ିକ ଆମ ପରିବେଶ ରକ୍ଷା ନୀତିକୁ ପୁନଃ ଗଠନ କରିପାରିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନର ୨୭ ଜଣ ଭାଗ ନେଇ ୯ ଟି ଟିମ ଗଠନ କରାଯାଇ ଶୀର୍ଷକ ଉପରେ ନିଜ ନିଜ ବିଚାର ଉପରେ ପ୍ରତିଯୋଗିତା ହୋଇଥିଲା । ବିଚାରକ ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରାଣୀ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ଜୟ କିଶୋର ସେଠ,ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ପ୍ରଫେସର ଶିବ ପ୍ରସାଦ ପରିଡ଼ା, ଭାରତୀୟ ପ୍ରାଣୀ ସର୍ବେକ୍ଷଣ ପୂର୍ବତନ ବୈଜ୍ଞାନିକ ଶୁଭ୍ରେନ୍ଦୁ ଶେଖର ମିଶ୍ର ଉପସ୍ଥିତ ରହି ଦାୟିତ୍ୱ ତୁଲାଇ ଥିଲେ । ପ୍ରଥମ ସ୍ଥାନ ଭୁବନେଶ୍ୱର ଓୟୁଏଟିର କୁମାରୀ ସ୍ୱାତୀ ପ୍ରଧାନ, ଶୁଭମ ମହାପାତ୍ର ଓ ସାହିଲ ସମସର ଆଲାମ, ଦ୍ୱିତୀୟ ତାମିଲନାଡୁର କାଶୀନ ମେରିନାୟୋଲୋଜି ଆନାମାଲାଇ ବିଶବିଦ୍ୟାଳୟର କୁମାରୀ ସନ୍ଧ୍ୟା, ପି., କୁମାରୀ ସେଲସିଆ ଗାନାନ, ତୃତୀୟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଶକ୍ତି ପ୍ରସାଦ ପଟ୍ଟନାୟକ, ସନ୍ଦୀପ ରାଉତ, ବିଶ୍ୱଜିତ ସାମନ୍ତରାୟ । ଏହି କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି, ସ୍ମାରକୀ ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ପ୍ରଥମ ସ୍ଥାନ ହାସଲ କରିଥିବା କୃତୀ ମାନେ ପୁନେ ଠାରେ ହେବାକୁ ଥିବା ହାକାଥନ ପ୍ରତିଯୋଗିତାରେ ଭାଗ ନେବେ ବୋଲି କେନ୍ଦ୍ରର ବୈଜ୍ଞାନିକ ଡ଼.ମହାପାତ୍ର କହିଛନ୍ତି ।

## ପଦୋନ୍ନତିରେ ଓଟିଇଟିକୁ ପ୍ରତ୍ୟାହାର ପାଇଁ ଦାବିପତ୍ର

ହିଞ୍ଜିଳିକାଟୁ, ୨୯।୫ (ଦ୍ୱିତୀକୃଷ୍ଣ ପଣ୍ଡା) :

ପଦୋନ୍ନତି କ୍ଷେତ୍ରରେ ଓଟିଇଟିକୁ ବାଧ୍ୟତାମୂଳକ ନିୟମକୁ ପ୍ରତ୍ୟାହାର ପାଇଁ ଗୁରୁବାର ହିଞ୍ଜିଳିକାଟୁ ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ହିଞ୍ଜିଳିକାଟୁ ଏବିଡିଓ ବାଳକୃଷ୍ଣ ପାତ୍ରଙ୍କ ଜରିଆରେ ପ୍ରଦାନ କରାଯାଇଛି । ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଚିଠି ସଂଖ୍ୟା–୧୨୬୩୭/୩।୫।୨୦୨୫ ଅନୁସାରେ ଶିକ୍ଷକମାନଙ୍କ ଲେବୁଲ ୧ରୁ ୨କୁ ପଦୋନ୍ନତି ସକାଶେ ଓଟିଇଟି ବାଧ୍ୟତାମୂଳକ କରାଯାଇଛି । ଗତ ୧୧।୨।୨୦୧୧ରିଖ ପୂର୍ବରୁ ଯେଉଁ ଶିକ୍ଷକମାନେ ଓଟିଇଟି ପାସ କରିନାହାନ୍ତି ସେମାନଙ୍କୁ ପଦୋନ୍ନତି ଦେବାକୁ ବାରଣ କରାଯାଇଛି। ମାତ୍ର ଏହି ନିର୍ଦ୍ଦେଶନାମା ପ୍ରାଥମିକ ଶିକ୍ଷକମାନଙ୍କ କ୍ୟାଡର ନିୟମ ୨୦୧୯ର ପରିପନ୍ଥୀ ଅଟେ ବୋଲି ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି କାହ୍ନୁଚରଣ ସାହୁ, ସମ୍ପାଦକ ପି. ଶିଶିର କୁମାର, ସାଗରିକା ଦାଶ, ବିଚିତ୍ରାନନ୍ଦ ବିଶ୍ୱାଳ, କୃଷ୍ଣଚନ୍ଦ୍ର ପାତ୍ର, ଯାଦବ ସାହୁ, ଅରୁଣ ସେଠୀ, ଗୋପାଳକୃଷ୍ଣ ସ୍ୱାଇଁ, ରଘୁନାଥ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ ।


## ଦିନ ମଜୁରିଆଙ୍କ ଝିଅ କଳାରେ ବ୍ଲକ ଟପ୍ପର

ମୋହନା, ୨୯।୫(ମନ୍ମଥ ମିଶ୍ର)


ଶିବାନୀ ଗୌଡା।

ଜଣେ ଦିନ ମଜୁରିଆଙ୍କ ଝିଅ ମୋହନା ବ୍ଲକରେ କଳାରେ ଟପ୍ପର ହୋଇଛନ୍ତି। ସେ ହେଲେ ମୋହନା ବ୍ଲକ ଆଲିଗଣ୍ଡା ପଞ୍ଚାୟତ ବେବିରି ଗ୍ରାମର ସାହେବ ଗୌଡ଼ ଓ ମାଆ ବାଙ୍କେଶରୀଙ୍କ ଝିଅ ଶିବାନୀ ଗୌଡ଼। ସେ ହରଭଙ୍ଗି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ କଳାରେ ପରୀକ୍ଷା ଦେଇ ବ୍ଲକ ପାଇଁ ଗୌରବ ଆଣିଛନ୍ତି। ମୋଟ ୬୦୦ ମାର୍କରୁ ଶିବାନୀ ୪୬୫ ମାର୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି। ମା'ବାପା ପରିବାର ପ୍ରତିପୋଷଣ ପାଇଁ କଟକରେ ରହି ଦିନ ମଜୁରିଆ ଭାବେ କାମ କରି ଯାହା ଅର୍ଥ ଉପାର୍ଜନ କରନ୍ତି ସେଥିରେ ନିଜେ କଷ୍ଟରେ ଚଳି ବଳକା ମାଉସୀଙ୍କ ଘରେ ରହି ପାଠ ପଢୁଥିବା ଶିବାନୀଙ୍କ ପାଇଁ ପଠାନ୍ତି। ସେହି ଅର୍ଥରେ ଶିବାନୀଙ୍କ ପାଠପଢ଼ା ହୁଏ । ଏକମାତ୍ର ଭାଇ ରୋଗାକ୍ରାନ୍ତ ହେତୁ ସେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଆର୍ଥିକ ଅନାଟନ ଭିତରେ ରହି ଶିବାନୀ କଠିନ ପରିଶ୍ରମ କରି ଭଲ ପଢି ବ୍ଲକ ଟପ୍ପର ହୋଇ ଛନ୍ତି। ସେ କହିଛନ୍ତି ଆଗକୁ ତାଙ୍କର ପାଠ ପଢିବା ପାଇଁ ବହୁତ ଇଚ୍ଛା ଅଛି। ଯଦି ସରକାର କିମ୍ବା କୌଣସି ବଦାନ୍ୟ ବ୍ୟକ୍ତି ସାହାଯ୍ୟ କରନ୍ତି ତେବେ ସେ ସ୍ନାତକ ଅଧ୍ୟୟନ କରି ଶିକ୍ଷୟିତ୍ରୀଟିଏ ହେବାକୁ ଲକ୍ଷ୍ୟ ରଖିଛନ୍ତି। ନିଜ ସଫଳତା ପାଇଁ ପ୍ରେରଣା ଯୋଗାଇଥିବା ବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କମିଟି ବୃନ୍ଦ ଓ ପରିବାର ଲୋକଙ୍କୁ ଶିବାନୀ ଶ୍ରେୟ ଦେଇଛନ୍ତି।

## କୁମ୍ଭାରୀଗାଁ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ପାଣି କାଦୁଅ ଭର୍ତ୍ତି



ବ୍ରାହ୍ମଣୀଗାଁ,୨୯।୫ (ମନୋରଞ୍ଜନ ରଣା):


ଦାରିଙ୍ଗବାଡି ବ୍ଲକର ଦୁର୍ଗମ ପଞ୍ଚାୟତ ଭାବେ ଜଣାଶୁଣା କୁମ୍ଭାରୀଗାଁକୁ ଭଲ ରାସ୍ତା ଖଣ୍ଡେ ନାହିଁ। ୧୧ଟି ୱାର୍ଡ଼କୁ ନେଇ ଏହି ପଞ୍ଚାୟତ ଗଠିତ ଥିବା ବେଳେ ଏହାର ଜନ ସଂଖ୍ୟା ପ୍ରାୟ ୫ ହଜାରରୁ ଅଧିକ ରହିଥିବା ଜଣାପଡ଼ିଛି। କୁମ୍ଭାରୀଗାଁ ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଏବେ ପାଣି କାଦୁଅ ଭର୍ତ୍ତି ହୋଇ ରହିଛି । ଯାହା ପୂର୍ତ୍ତ ବିଭାଗ ରାସ୍ତାରୁ ପ୍ରାୟ ୨ କି.ମି ହେବ। ଗାଁକୁ ଭଲ ରାସ୍ତା ନ ଥିବାରୁ ବର୍ଷା ହେଲେ କାଦୁଅ ଭରା ରାସ୍ତା ଦେଇ ଗର୍ଭବତୀ ଓ ରୋଗୀଙ୍କୁ ରାତି ଅଧରେ ଜରୁରୀ କାଳୀନ ସେବା ପାଇଁ ସମ୍ପର୍କୀୟ ମାନେ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଦେଇ ସ୍କୁଲ କଲେଜ ପିଲା ଯିବା ଆସିବା କରନ୍ତି। ରାସ୍ତାର ମଝିରେ ଖାଲ ଢିପ ଥିବା ବେଳେ ଅଧିକାଂଶ ଜାଗାରେ ପିଚୁ ସବୁ ବାହାରି କାଦୁଅ ସର୍‌ସର୍ ହୋଇଛି । ଦୁଇ ଚକିଆ ଯାନ ଠାରୁ ଆରମ୍ଭ କରି ଚାରି ଚକିଆ ଯାନ ବି ଠିକ ସେ ଯାତାୟାତ କରିହେଉ ନାହିଁ। ଏପରିକି ଯେ ନିତିଦିନିଆ ଛୋଟ ବଡ଼ ଦୁର୍ଘଟଣାର ଶିକାର ହେବାର ନଜିର ରହିଛି। ବର୍ଷା ଦିନରେ ପିଡିଏସ୍ ଚାଉଳ ଗାଡ଼ି ଦବି ଯାଇ ଠିକ ସମୟରେ ଲୋକଙ୍କ ପାଖରେ ପହଞ୍ଚିପାରୁ ନାହିଁ। ଦୁର୍ଗମ ଅଞ୍ଚଳରେ ଏଭଳି ସମସ୍ୟାର ଅଭିଯୋଗ ପରେ ବି ସମାଧାନ ପାଇଁ ଜିଲା ପ୍ରଶାସନ କୌଣସି ପଦକ୍ଷେପ ନେଉନାହାନ୍ତି। ଉକ୍ତ ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିଲେ ମଧ୍ୟ ସବୁଦିନିଆ ଭଲ ରାସ୍ତା ନ ଥିବାରୁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହି ପଞ୍ଚାୟତର ଅନେକ ଗ୍ରାମ ଅଛି ଯାହା ଏ ପର୍ଯ୍ୟନ୍ତ ପକ୍କା ରାସ୍ତା ଟିଏ ବି ନାହିଁ। ଏଠାକୁ ବ୍ଲକରୁ ଆରମ୍ଭ କରି ଜଲା ପ୍ରଶାସନର ବଡ଼ବଡ଼ ଅଧିକାରୀ ମାନେ ଆସନ୍ତି ହେଲେ ଗ୍ରାମବାସୀମାନେ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ଅଭିଯୋଗ ପରେ ବି କାହାରି ନ ଜର ରାସ୍ତା ଉପରେ ପଡୁନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ନୂତନ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଆର୍ଯ୍ୟପଲ୍ଲୀ ଗାଁକୁ ମାଡିଆସୁଛି ସମୁଦ୍ର
### ଜିଲାପାଳଙ୍କ ଉପସ୍ଥିତିରେ କାମ ଆରମ୍ଭ

ଛତ୍ରପୁର, ୨୯।୫(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)

ସମୁଦ୍ର କୂଳ ନିକଟରେ ଅବସ୍ଥିତ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ଗ୍ରାମରେ ଲଗାତାର ବର୍ଷାର ଆଗମନରେ ଏବଂ ସମୁଦ୍ରର ଉଚ୍ଚ ଜୁଆର ପାଣି ଆସି ଲୀନ ହେବାକୁ ଅବସ୍ଥା ଆସିଗଲାଣି। ଏନେଇ ସ୍ଥାନୀୟ ଲୋକେ ଜିଲାପ୍ରଶାସନର ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟା ସମାଧାନ ପାଇଁ ନିବେଦନ କରିଥିଲେ। ବର୍ଷାର ପ୍ରକୋପରେ ବିଳମ୍ବିତ ରାତିରେ ସେଠାରେ ପହଞ୍ଚି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ବୁଲି ଦେଖିଥିଲେ। ଏଥିସହ ସ୍ଥାନୀୟ ଜିଲା, ବ୍ଲକ ପ୍ରଶାସନ, ନିର୍ବାହୀ ଯନ୍ତ୍ରୀ ଓ ଗ୍ରାମବାସୀଙ୍କୁ ନେଇ ଏକ ନୂତନ ଭାବେ ବୃହତ ପଦକ୍ଷେପ ଗ୍ରହଣ କରିବା ପାଇଁ ପ୍ରଶାସନକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟର ତୁରନ୍ତ ଅଗ୍ରଗତି କରିବା ପରେ ଜିଲାପାଳ ଉପସ୍ଥିତ ରହି କାମ ଆରମ୍ଭ କରିଛନ୍ତି।

## ଅସ୍ଥାୟୀ ମଣ୍ଡପରେ ଇନ୍ଦ୍ରଜିତ ବଧ ମଞ୍ଚସ୍ଥ



**■ମା' ପାଟଖଣ୍ଡା ଠାକୁରାଣୀ ଯାତ୍ରା**

ବାଲିଗୁଡ଼ା,୨୯।୫ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା' ପାଟଖଣ୍ଡା ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ଗୁରୁବାର ୨୪ ଦିନରେ ପହଞ୍ଚିଛି। ଯାତ୍ରା ସରିବାକୁ ଆଉ ମାତ୍ର ୮ ଦିନ ବାକି ରହିଛି। ଅସ୍ଥାୟୀ ପୀଠରେ ମା' ପାଟଖଣ୍ଡାଙ୍କ ସମେତ ମା' କନକ ଦୁର୍ଗା, ମା' ଡେଙ୍ଗସିଲ, ମା' ବରାଳଦେବୀ, ମା' ମହାମାୟୀ ଓ ମା' ଦକ୍ଷିଣ କାଳୀ ବିରାଜମାନ ଅଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ପୁରୋହିତ ଭାବେ ସଞ୍ଜୟ କୁମାର ଦାସ ଦାୟିତ୍ୱ ତୁଲାଉଥିବା ବେଳେ ମୁଖ୍ୟ ପ୍ରଚାରକ ଭାବେ ନୀଳକଣ୍ଠ ମିଶ୍ର, ମୁଖ୍ୟ ସେବାକାରୀ ଭାବେ ସନ୍ତୋଷ ଦାସ ଏବଂ ମୁଖ୍ୟ ସେବକ ଭାବେ ପ୍ରକାଶ ଚନ୍ଦ୍ର ପାଢ଼ୀ ଓ ଶ୍ରୀକାନ୍ତ ପଣ୍ଡା ଅଛନ୍ତି। ଗୁରୁବାର ବିଶ୍ରାମ ଦିବସରେ ଅସ୍ଥାୟୀ ମଣ୍ଡପ ନିକଟରେ ନୟାଗଡ ଜିଲା ଭାପୁର ନିକଟସ୍ଥ ଏଲପଡା ଗ୍ରାମର ଯାତ୍ରା ସମ୍ରାଟ ଓଁ ଶ୍ରୀ ଶ୍ରୀ ବାବା ବୈଦ୍ୟନାଥ ବାଳିକା ରାମ ନାଟ୍ୟ ସଂସଦର ଜ୍ୟୋତିର୍ମୟୀ ମହାପାତ୍ରଙ୍କ ଲବକୁଶ ଜନ୍ମ ବା ଇନ୍ଦ୍ରଜିତ ବଧ ମଞ୍ଚସ୍ଥ ହୋଇଥିଲା। ଶୁକ୍ରବାର ମା'ମାନଙ୍କ ଘଟ ଦଣ୍ଡପଦର ଗ୍ରାମକୁ ଓ ଶନିବାର ପାତ୍ର ସାହି, ଜକି ସାହି, କାମନା ସାହି ଓ ପୂଜାରୀସାହି ପୂଜା କମିଟି ଅଞ୍ଚଳକୁ ପରିଭ୍ରମଣ କରିବାର କାର୍ଯ୍ୟକ୍ରମ ରହିଛି।

## କାମଧେନୁ ଯୋଜନାରେ ବାଛୁରୀ ଦାନା ବଣ୍ଟନ

ବୁଗୁଡ଼ା,୨୯।୫(କାଳିଚରଣ ଦାଶ)

ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପରିସରରେ ଗୁରୁବାର ବୁଗୁଡା ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ଶୁଭ୍ରାଂଶୁ ଶେଖର ରାଉତ ତତ୍ତ୍ୱାବଧାନରେ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ଗୋପାଳକମାନଙ୍କୁ ବାଛୁରୀ ଦାନା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଯୋଜନାରେ ବୁଗୁଡା ବ୍ଲକର ୧୫ ଜଣ ଗୋପାଳକଙ୍କୁ ପ୍ରଥମ କିସ୍ତିରେ ସର୍ବମୋଟ ୧୫ କ୍ୱିଣ୍ଟାଲ୍ ଦାନା ଯୋଗାଇ ଦିଆଯାଇଛି। ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ କୃତିମ ପ୍ରଜନନ ଦ୍ୱାରା ମାଈ ବାଛୁରୀ ଜନ୍ମ ହୋଇଥିବା ଆବଶ୍ୟକ ଏବଂ ଦୁଗ୍ଧ ସମବାୟ ସମିତି ମାଧ୍ୟମରେ ୮ଟି କିସ୍ତିରେ ୧୪ କ୍ୱିଣ୍ଟାଲ ଦାନା ଯୋଗାଣ ସହ ମାଗଣାରେ ବୀମାକରଣ, କୃମିନାଶକ ଓ ଟୀକାକରଣ କରାଯିବ ବୋଲି ପ୍ରାଣୀ ଚିକିତ୍ସାଧିକାରୀ କହିଛନ୍ତି।

## ଘୁମୁସର ବିଦ୍ରୋହ ଭାରତ ଇତିହାସର ଦୀର୍ଘତମ ବିଦ୍ରୋହ

ଭଞ୍ଜନଗର,୨୯।୫(ବାବୁଲା ପ୍ରଧାନ)–

ଘୁମୁସର ଗବେଷଣା ପ୍ରତିଷ୍ଠାନର ୫ମ ଅଧିବେଶନ ଗୁରୁବାର ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧିବେଶନକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ବିଧାୟକ ନାୟକ ଘୁମୁସର ଇତିହାସର ପ୍ରଚାର ପ୍ରସାର ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ। ଘୁମୁସର ଇତିହାସର ମୁକସାକ୍ଷୀ ଚକରା ଘାଟି ଏବଂ ଘାଟିଶୁଳାର ବିକାଶ ବର୍ତ୍ତମାନ କରାଯାଉଛି । ଏଥିସହ ଅନ୍ୟାନ୍ୟ ଐତିହାସିକ ସ୍ଥଳୀ ଗୁଡ଼ିକର ପୁନରୁଦ୍ଧାର କରାଯାଉଛି ବୋଲି ବିଧାୟକ ନାୟକ କହିଥିଲେ। ଏହି ଅବସରରେ ଦକ୍ଷିଣ ଓଡ଼ିଶାର ସାମାଜିକ, ରାଜନୈତିକ ଏବଂ ସାଂସ୍କୃତିକ ଇତିହାସ ଉପରେ ପ୍ରଥମ ଅଧିବେଶନରେ ଆଲୋଚନା ହୋଇଥିଲା । ବିଧାୟକ ନାୟକ ଘୁମୁସର ଗବେଷଣା ପ୍ରତିଷ୍ଠାନର ସ୍ମରଣିକା ଉନ୍ମୋଚନ କରିଥିଲେ। ଏଥିସହ ଡ. ଶ୍ୟାମା ପ୍ରସାଦ ମିଶ୍ର, ନେତାଜୀ ବିଷୋୟୀଙ୍କ ପୁସ୍ତକ ଉନ୍ମୋଚିତ ହୋଇଥିଲା। ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତିରୁଭାରୁର ଅବସରପ୍ରାପ୍ତ ଇତିହାସ ବିଭାଗ ମୁଖ୍ୟ ପ୍ରଫେସର ଡ ଭଗବାନ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ୧୭୫୩ ରୁ ୧୮୫୬ ପର୍ଯ୍ୟନ୍ତ ଫରାସୀ ଏବଂ ବ୍ରିଟିଶ ଶାସକଙ୍କ ବିରୋଧରେ ଘୁମୁସର ଭଞ୍ଜ ରାଜବଂଶ ଲଢ଼େଇ ଜାରି ରଖିଥିଲା ବୋଲି କହିଥିଲେ। ୧୦୩ ବର୍ଷର ଘୁମୁସର ବିଦ୍ରୋହ ଥିଲା ଆଧୁନିକ ଭାରତ ଇତିହାସର ଏକ ଗୌରବଜଳ ଅଧ୍ୟାୟ। ଏହା ଭାରତ ଇତିହାସର ଦୀର୍ଘତମ ବିଦ୍ରୋହ ବୋଲି ଡ ସାହୁ କହିଥିଲେ। ସଭାପତି ଡ ସନ୍ତୋଷ କୁମାର ଆପଟ ପ୍ରଥମ ପର୍ଯ୍ୟାୟରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ତପନ ମିଶ୍ର ବିବରଣୀ ପାଠ କରିଥିଲେ। ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ ଶାନ୍ତନୁ ରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଘୁମୁସର ଇତିହାସ ଉପରେ ଆହୁରି ଅଧିକ ଗବେଷଣା ଆବଶ୍ୟକ ରହିଛି ବୋଲି କହିଥିଲେ। ଇନ୍ଦିରା ଗାନ୍ଧୀ ମୁକ୍ତ ବିଶବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ ବିଜୟ ସାହୁ, ମେଜର ରମା ରମଣ ପାଢ଼ୀ ବିଶିଷ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ଦାମୋଦର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ଦକ୍ଷିଣ ଓଡ଼ିଶା ଇତିହାସ ସମାଜର ସମ୍ପାଦକ ଡ ଶିବ ପ୍ରସାଦ ଦାସ, ଚାନ୍ଦିପୁଟ ଆଇ ଏମ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପୂର୍ଣ୍ଣ ଚନ୍ଦ୍ର ତ୍ରିପାଠୀ, କେଶପୁର୍ ସ୍ନାତକ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ ବିନୋଦ ବିହାରୀ ପଟ୍ଟନାୟକ, କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟ ଇତିହାସ ବିଭାଗ ଅଧ୍ୟାପକ ଡ. ରବିନ୍ଦ୍ର ଦାସ, ଧରାକୋଟ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ସୁଜିତ୍ ପଣ୍ଡା ଅତିଥି ଭାବେ ଉପସ୍ଥିତ ଥିଲେ। ଡ. ଶ୍ୟାମ ପ୍ରସାଦ ମିଶ୍ର ଉଭୟ ଅଧିବେଶନରେ ସଂଯୋଜନା କରିଥିଲେ। ସନ୍ତୋଷ ଜେନା,ଡ ଶିରିସ ଷଡଙ୍ଗୀ, ଲୋକନାଥ ମହାନ୍ତି, ଆଶୋକ ସ୍ୱାଇଁ, ଡ ରବିନ୍ଦ୍ର ମିଶ୍ର, ଜଗବନ୍ଧୁ ଜେନା, ଦୁର୍ଗା ମାଧବ ଦାସ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଭିଜିଲାନ୍ସ ଟିମ୍‌ର ଖୋଳତାଡ

## କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ମାମଲା

ଗୋପାଳପୁର,୨୯।୫(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଣ୍ଠିରୁ ୧ କୋଟି ୩୭ ଲକ୍ଷ ଟଙ୍କା ଆତ୍ମସାତ ମାମଲା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଏହି ଘଟଣାରେ ଗତ ରବିବାର ଗୋଳନ୍ଥରା ପୋଲିସ ପିଇଓଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ରହିଛି ସେନେଇ ପୋଲିସ ତଦନ୍ତ ଚଳାଇଛି। ହଡପ ଟଙ୍କା କେଉଁଠାରେ ବିନିଯୋଗ ହୋଇଛି ନା ବିଳାସ ବ୍ୟସନରେ ଖର୍ଚ୍ଚ ହୋଇଛି, ପୋଲିସ କାହାକୁ ଜେରା କରିବ ସେନେଇ ସମସ୍ତଙ୍କ ନଜର ରହିଛି। ଏନେଇ ବ୍ଲକ କର୍ମଚାରୀଙ୍କ ମଧ୍ୟରେ ଆଲୋଚନା ମଧ୍ୟ ହେଉଛି। ଏହି ଘଟଣା ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ଜାଣିବା ପରେ ଡ଼ିଏସ୍‌ପି ଶରତ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ୪ ଜଣିଆ ଟିମ୍ ରଙ୍ଗେଇଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ଲଉଡ଼ିଗାଁ ପଞ୍ଚାୟତରେ ମଧ୍ୟ ଦୁର୍ନୀତି ଆଭାଷ ମିଳିବା ପରେ ଉକ୍ତ କାର୍ଯ୍ୟାଳୟରେ ମଧ୍ୟ ଟିମ୍ ପହଞ୍ଚି ତନାଘନା କରିଛି। ଏଠାରୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ ହୋଇଛି। ସରପଞ୍ଚଙ୍କୁ ଭିଜିଲାନ୍ସ ଟିମ୍ ପଚରାଉଚରା କରି ଫେରିଥିବା ଜଣାପଡିଛି। ଅଡ଼ିଟ୍ ସମୟରେ କିଭଳି ଦୁର୍ନୀତି ବ୍ଲକ ପ୍ରଶାସନ ଧରିପାରିଲା ନାହିଁ ସେନେଇ ଭିଜିଲାନ୍ସ ପ୍ରଶ୍ନ ଉଠାଇ ଏହାକୁ ତଦନ୍ତ ପରିସରଭୁକ୍ତ କରିଛି। ୫ରୁ ଉର୍ଦ୍ଧ୍ୱ ପଞ୍ଚାୟତରେ ସରକାରୀ ଉନ୍ନୟନ ପାଣ୍ଠି ହେରଫେର ନେଇ ସାଧାରଣ ଅଭିଯୋଗ ହେଉଛି। ଭିଜିଲାନ୍ସର ହସ୍ତକ୍ଷେପ ପରେ କର୍ମଚାରୀ ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ରଙ୍ଗେଇଲୁଣ୍ଡା ବ୍ଲକ କେଲୁଆପଲ୍ଲୀ ପଞ୍ଚାୟତରେ ଗ୍ରାମ ପଞ୍ଚାୟତ ପାଣ୍ଠି, ପଞ୍ଚଦଶ ଅର୍ଥ କମିଶନ କ୍ୟାଶବୁକ, ପଞ୍ଚମ ରାଜ୍ୟ ଅର୍ଥ କମିଶନ କ୍ୟାଶ ବୁକରୁ ୧ କୋଟି ୩୭ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ ହୋଇଥିବା ନେଇ ବିଡିଓ ଜାଣିବା ପରେ ଏନେଇ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ପୋଲିସ ସମ୍ପୃକ୍ତ ପିଇଓ ସମୀର କୁମାର ମିଶ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସାଇବର ଠକ ପୁଣି ୩ ଯୁବକଙ୍କ ୩୬ ଲକ୍ଷ ନେଇଗଲେ

ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁର ସହରରେ ସାଇବର ଦଳ ଏବେ ସକ୍ରିୟ ରହିଛନ୍ତି। ପୁଣି ୩ ଜଣ ଯୁବକଙ୍କ ଠାରୁ ୩୬ ଲକ୍ଷ ଚଳୁ କରି ନେଇଛନ୍ତି । ବ୍ୟବସାୟ ଓ ପାର୍ଟ ଟାଇମ କାମ ଯୋଗାଇଦେବା ନାଁରେ ଠକେଇ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବ୍ରହ୍ମପୁର ବଡବଜାର ଅଞ୍ଚଳର ଜଣେ ଯୁବକଙ୍କ ନିକଟକୁ କିଛି ଦିନ ତଳେ ଏକ ଫୋନ କଲ ଆସିଥିଲା । ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିକଟକୁ ଜିପିଏନଏସ ବିଜିନେସ କମ୍ପାନୀର ଅଧିକାରୀ ବୋଲି ପରିଚୟ ଦେବା ସହ ତାଙ୍କ କମ୍ପାନୀରେ ଇନଭେଷ୍ଟ କଲେ ମାସକୁ ୭ ପ୍ରତିଶତ ସୁଧ ମିଳିବ ବୋଲି କୁହାଯାଇଥିଲା । ଯୁବକ ଜଣଙ୍କ ପ୍ରଥମେ ରାଜି ହୋଇନଥିଲେ । ହେଲେ ସାଇବର ଠକ ଜଣଙ୍କ ତାଙ୍କୁ ବାରମ୍ବାର ବୁଝାଇବା ସହ ଓଡ଼ିଶାର ବହୁ ଲୋକ ଇନଭେଷ୍ଟ କରି ଲାଭ ପାଉଥିବା କହିଥିଲେ । ଏହାପରେ ଯୁବକ ଜଣଙ୍କ ରାଜି ହୋଇ ପ୍ରଥମେ ୧ ଲକ୍ଷ ଜମା କରିଥିଲେ । ତା' ପରେ ପରେ ମୋଟ ୨୯ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ । ହେଲେ ଯେତେବେଳେ ନିଜ ଟଙ୍କା ଓ ସୁଧ ପଠାଇବାକୁ ଚାହିଁଲେ ସେତେବେଳେ କମ୍ପାନୀ ପକ୍ଷରୁ ଆକାଉଣ୍ଟ ଅଚଳ ହୋଇଯାଇଥିବା କୁହାଯାଇଥିଲା । ୯୦ ଦିନ ପରେ ଆକାଉଣ୍ଟ କାର୍ଯ୍ୟକ୍ଷମ ହେବ ବୋଲି କୁହାଯାଇଥିଲା । ଯୁବକ ଜଣଙ୍କ ୯୦ ଦିନ ଅପେକ୍ଷା କରିବା ପରେ ମଧ୍ୟ ତାଙ୍କ ଟଙ୍କା ଉଠାଣ ସମ୍ଭବ ହୋଇ ପାରିନଥିଲା । ଫଳରେ ସେ ଜିପିଏନଏସ କମ୍ପାନୀ ବିଷୟରେ ଯାଞ୍ଚ କରିଥିଲେ । ସେତେବେଳେ ଏହି କମ୍ପାନୀ ନାଁରେ ଠକେଇ ଅଭିଯୋଗ ରହିଥିବା ସୂଚନା ପାଇବା ପରେ ଯୁବକ ଜଣଙ୍କ ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ । ଏହାପରେ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ ।ସେହିପରି ବ୍ରହ୍ମପୁରର ଆଉ ଜଣେ ଯୁବକ ଟେଲିଗ୍ରାମ ଜରିଆରେ ଅନଲାଇନରେ ପାର୍ଟ ଟାଇମ ଚାକିରି କରିବାକୁ ଯାଇ ୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଟେଲିଗ୍ରାମ ଚ୍ୟାନେଲରେ ଯୋଡି ହୋଇ ଅନଲାଇନରେ ଦିଆଯାଉଥିବା କାମ ଶେଷ କଲେ ପ୍ରତ୍ୟେକ ଦିନ ଶହ ଶହ ଟଙ୍କା କମିଶନ ମିଳିବ ବୋଲି ସାଇବର ଠକମାନେ ତାଙ୍କୁ କହିଥିଲେ। ଏହାପରେ ଯୁବକ ଜଣଙ୍କ ସାଇବର ଠକଙ୍କ କହିବା ପ୍ରକାରେ କିଛି ଅନଲାଇନ କାମ କରିଥିଲେ ତାଙ୍କୁ ଏଥିପାଇଁ କମିଶନ ମଧ୍ୟ ମିଳିଥିଲା। ପରେ ସାଇବର ଠକମାନେ ତାଙ୍କୁ ଅନଲାଇନରେ ଇନଭେଷ୍ଟ କରି ମୋଟା ଅଙ୍କର କମିଶନ ପାଇପାରିବେ ବୋଲି ପ୍ରବର୍ତ୍ତାଇଥିଲେ । ଯୁବକ ଜଣଙ୍କ ସାଇବର ଠକଙ୍କ କଥାରେ ପଡି ପର୍ଯ୍ୟାୟକ୍ରମରେ ୫ ଲକ୍ଷ ଟଙ୍କା ଇନଭେଷ୍ଟ କରିଥିଲେ। ପରେ ସେ ସାଇବର ଠକଇରେ ଶିକାର ହୋଇଥିବା ଜାଣିବା ପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ । ସେହିପରି ସହରର ଆଉ ଜଣେ ଯୁବକ ମଧ୍ୟ ସାଇବର ଠକଙ୍କ କବଳରେ ପଡି ୨ ଲକ୍ଷ ଟଙ୍କା ହରାଇଥିବା ସୂଚନା ମିଳିଛି ।

## ସଂକ୍ଷେପରେ

### ଟ୍ରକ୍‌କୁ ପଛପଟୁ ଧକ୍କା ଦେଲା ବସ୍, ୨୦ ଆହତ

ରମ୍ଭା,୨୯ା୫(ବନବାସୀ ସେଠୀ)

ରମ୍ଭା ଥାନା ଅଞ୍ଚଳରେ ୧୬ ନଂ. ଜାତୀୟ ରାଜପଥ ସୁବଳୟା ଗ୍ରାମ ନିକଟସ୍ଥ କୋକୋ ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏକ ଟ୍ରକ୍(ଓଡି ୦୭ -୬୯୫୫୦)କୁ ଯାତ୍ରୀବାହୀ ବସ୍ (ଏପି ୩୯ ଭିସି ୩୨୯୯) ପଛପଟୁ ଧକ୍କା ଦେଇଛି। ଏହି ଦୁର୍ଘଟଣାରେ ୨୦ ଯାତ୍ରୀ ଆହତ ହୋଇଥିବା ବେଳେ ଡ୍ରାଇଭର ଏବଂ କଣ୍ଡକ୍ଟର ମଧ ଆହତ ହୋଇଛନ୍ତି। ରମ୍ଭା ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚିଥିଲା। ଆହତ ଯାତ୍ରୀମାନେ ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର ହୋଇଥିବାରୁ ଜିଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନ ସେମାନଙ୍କୁ ଅନ୍ୟ ବସ୍ ଯୋଗେ ତାଙ୍କ ଗନ୍ତବ୍ୟ ସ୍ଥଳକୁ ପଠାଇଛି। ସୂଚନାଯୋଗ୍ୟ ଯେ, ଆନ୍ଧ୍ରପ୍ରଦେଶ ବିଜୟନଗରମ ଅଞ୍ଚଳର କିଛି ଯାତ୍ରୀ ଓଡ଼ିଶା ବୁଲିବାକୁ ଆସିଥିଲେ। ସେମାନେ ଫେରିବା ବେଳେ ୧୬ ନମ୍ବର ଜାତୀୟ ରାଜପଥ ଦୁର୍ଘଟଣା ଘଟିଥିଲା।

### ଆର୍ଯ୍ୟପଲ୍ଲୀରେ ଡେଙ୍ଗୁ ସଚେତନତା

ଛତ୍ରପୁର,୨୯ା୫ (ସନ୍ତୋଷ ପାଢ଼ୀ/ ଦିଲ୍ଲୀପ ସାମଲ)

ପ୍ରଶାସନିକ କ୍ଷେତ୍ରରେ ଗୁରୁବାର ଡେଙ୍ଗୁ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ସହ ଅନ୍ୟ ବିଭିନ୍ନ ବିଭାଗ ଅଣ୍ଟା ଭିଡ଼ିଛନ୍ତି। ଆର୍ଯ୍ୟପଲ୍ଲୀ ଗ୍ରାମରେ କିଛି ଦିନ ହେବ ଡେଙ୍ଗୁ ଜ୍ୱରର ଲକ୍ଷଣ ପରିଲକ୍ଷିତ ହେବା ସକାଶେ ମ୍ୟୁନିଶିପାଲିଟ୍ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ଼ା.ସ୍ୱାଧୀନ ରଥ ନିଜ ଟିମକୁ ନେଇ ନିରାକରଣ ପାଇଁ ଆଗେଇ ଆସିଛନ୍ତି। ପଞ୍ଚାୟତ ସଭା ଗୃହରେ ସରପଞ୍ଚ ତ୍ରିଲୋଚନ ବେହେରାଙ୍କ ସହଯୋଗରେ ହେଙ୍ଗୁ ସଚେତନତା ଉପରେ ଏକ ସଭା ଆୟୋଜନ ହୋଇଥିଲା। ଏଥିରେ ଛତ୍ରପୁର ଉପ ଜିଲାପାଳ ଶିବାଶିଷ ବରାଲ, ବିଡିଓ ସମ୍ବିତ ସଂଗ୍ରାମଜିତ ସାହୁ, ଆଦାନୀ ଫାଉଣ୍ଡେସନ ଗ୍ରୁପର ଦେବଦତ୍ତ ମିଶ୍ର, ପିଏଚ୍‌ଇଓ ବରୁଣ ପାଣିଗ୍ରାହୀ, ବିପିଏମ୍ ସୀମାଞ୍ଚଳ ପ୍ରଧାନ, ପିଇଓ ଡାକ୍ତର ସେଠୀ, ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଶିବ ମନ୍ଦିରରୁ ଚୋରି ଉଦ୍ୟମ

ରାଇକିଆ,୨୯ା୫ (ପ୍ରଦୀପ ବେହେରା)

ରାଇକିଆ ଶିବ ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଚୋରି ଉଦ୍ୟମ ହୋଇଛି। ଦୁର୍ବୃତ୍ତ ମାନେ ମନ୍ଦିରର ସିଂହ ଦ୍ୱାର ତାଲା ଭାଙ୍ଗି ପ୍ରବେଶ କରିବା ସହ ଭିତରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଥିଲେ। ତେବେ ମନ୍ଦିର ଭିତରୁ କୌଣସି ସାମଗ୍ରୀ ଚୋରି କରି ନେବାରେ ବିଫଳ ହୋଇଛନ୍ତି। ସେହିପରି ମନ୍ଦିରର ଭଣ୍ଡାର ଘର ତାଲା ମଧ ଭାଙ୍ଗି ଥିଲେ। କିନ୍ତୁ ସଠାରୁ କୌଣସି ସାମଗ୍ରୀ ଚୋରି ନାହିଁ। ଗୁରୁବାର ଭୋର୍‌ରୁ ପୂଜାରୀ ଆସି ଦେଖିଲା ବେଳେ ସମସ୍ତ ତିନୋଟି ତାଲା ଭାଙ୍ଗିଯାଇଥିଲା। ପରେ ମନ୍ଦିର ପରିସରରେ ହୋମ ଯଜ୍ଞ କରାଯାଇ ସଂସ୍କାର କରଯାଇଛି ।

# ବ୍ରହ୍ମପୁର ପାଇଁ ସାପୁଆ, ବାହାନା ନାଳ ବିପଦ

ଛତ୍ରପୁର,୨୯ା୫
(ସନ୍ତୋଷ ପାଢ଼ୀ/ଦିଲ୍ଲୀପ ସାମଲ)




ବୈଠକରେ ଉପସ୍ଥିତ ମନ୍ତ୍ରୀ, ବିଧାୟକ ଓ ଅନ୍ୟମାନେ ।

■ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ

■ନାଳ ଗୁଡ଼ିକର ଡିପିଆର ପ୍ରସ୍ତୁତ କର:ମନ୍ତ୍ରୀ

ଆଗାମୀ ଦକ୍ଷିଣ-ପଶ୍ଚିମ ମୌସୁମୀ ସମୟରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ବୈଠକ ଅନୁଷ୍ଠିତ ହୋଇଯାଇଛଇ। ଏହା ଗୁରୁବାର ଛତ୍ରପୁର ସ୍ଥିତ ଜିଲା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ହୋଇଥିଲା। ଏଥିରେ ରାଜ୍ୟ ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣି ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗଦାନ କରିଥିଲେ। ଗଞ୍ଜାମ ଜିଲାର ସମସ୍ତ ଲୋକ ପ୍ରତିନିଧି ଏବଂ ସରକାରୀ ଅଧିକାରୀ ମିଳିତ ଉଦ୍ୟମରେ ସମସ୍ୟା ଗୁଡ଼ିକର ସମାଧାନ କିପରି ହୋଇ ପାରିବ ତାହା ଆଲୋଚନା କରାଯାଇ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଗଲେ ନିଶ୍ଚିତ ରୂପେ ଜିଲାର ଉନ୍ନତି ହୋଇ ପାରିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାସହିତ ବ୍ରହ୍ମପୁର ସହରରେ ଅଳ୍ପ ବର୍ଷା ହେଲେ ବନ୍ୟା ପରିସ୍ଥିତି ଭଳି ସମସ୍ୟାମାନ ଦେଖାଯାଉଛି। ରାସ୍ତାର ଜଳ ସଠିକ ଭାବେ ନିଷ୍କାସନ ହୋଇପାରୁନାହିଁ ଏବଂ ଘର ମାନଙ୍କରେ ପାଣି ପଶୁଛି। ନାଳ ଗୁଡ଼ିକ ବୈଷୟିକ ଦୃଷ୍ଟିକୋଣର ହୋଇ ନ ଥିବା ହେତୁ ଏଭଳି ସମସ୍ୟା ଦେଖାଯାଉଛି। ଡ୍ରେନେଜ ଡିଭିଜନ ଏବଂ ବ୍ରହ୍ମପୁର ମହାନଗର ନିଗମ ମିଳିତ ଭାବେ ସଠିକ ଡିପିଆର୍ ପ୍ରସ୍ତୁତ କରି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଡିପିଆର୍ ଅନୁଯାୟୀ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ହେବ ଏବଂ ଆଗାମୀ ଦିନରେ ଏଭଳି ସମସ୍ୟା ଦେଖାଯିବ ନାହିଁ। ବୈଠକ ପ୍ରାରମ୍ଭରେ ଗଞ୍ଜାମ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ଜଣାଇ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଭାଗ ଗୁଡିକ ଉପସ୍ଥାପନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଦେବଦତ୍ତ ପଣ୍ଡା, ଜିଲା ଜରୁରୀକାଳିନ ବିଭାଗ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର ପରିଚାଳନା ସକାଶେ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରି ହୋଇଥିବା ପ୍ରସ୍ତୁତି ସମ୍ପର୍କରେ ମତ ରଖିଥିଲେ। କେନାଲ ଗୁଡ଼ିକ ନଷ୍ଟ ହେଲେ ସେଗୁଡ଼ିକ ସୁରକ୍ଷା ନିମନ୍ତେ ଯଥେଷ୍ଟ ବାଲିବସ୍ତା, ବାଉଁଶ ଏବଂ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତ ରହିଥିବା ଅବଗତ କରାଯାଇଥିଲା। ସାପୁଆ ନାଳ ଏବଂ ବାହାନା ନାଳ ସଫେଇ କରି ବର୍ଷା ଜଳ କିଭଳି ସଠିକ ଭାବରେ ନିଷ୍କାସନ ହେବ ସେଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବ୍ରହ୍ମପୁର ଏମପି ଡ.ପ୍ରଦୀପ କୁମାର ପାଣିଗ୍ରାହୀ ନିର୍ଦ୍ଦେଶ ଦେବା ସହିତ ଅନ୍ୟାନ୍ୟ ସମସ୍ୟା ବିଷୟ ନେଇ ବୈଠକରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ବିଭାଗ ଦ୍ୱାରା ଖାଦ୍ୟ ସାମଗ୍ରୀ ମହଜୁଦ ଥିବା ଯୋଗାଣ ଅଧିକାରୀ ପୁଷାମୁଣ୍ଡା ଅବଗତ କରାଇଥିଲେ। ସମ୍ଭାବ୍ୟ ବନ୍ୟା ପରିସ୍ଥିତିରେ ମୁକାବିଲା ନିମନ୍ତେ ଓଡ୍ରାଫ ଟିମ ଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି, ୨୭ଟି ଗାଡ଼ି ପ୍ରଭୃତି ମହଜୁଦ ଥିବା ଅବଗତ କରାଇଥିଲେ। ବୈଠକରେ ଜିଲା ପରିଷଦ ଅଧକ୍ଷା ଅଞ୍ଜଳୀ ସ୍ୱାଇଁ, ଆସିକା ଏମ୍‌ପି ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ, କବି ସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଦିଗପହଣ୍ଡି ବିଧାୟକ ଡ.ସିଦ୍ଧାନ୍ତ ମହାପାତ୍ର, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡା ବିଧାୟକ ନୀଳମଣି ବିଷୋୟୀ, ଚିକିଟି ବିଧାୟକ ମନୋ ରଞ୍ଜନ ଦ୍ୟାନ ସାମନ୍ତରାୟ, ଅତିରିକ୍ତ ଜିଲ୍ଲାପାଳ ଡ.ପ୍ରମୋଦ ପୃଷ୍ଟିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଆଇନ ସଚେତନତା ଶିବିର

ଛତ୍ରପୁର,୨୯ା୫ (ଦିଲ୍ଲୀପ ସାମଲ)

ଛତ୍ରପୁର ତାଲୁକ ଆଇନ ସେବା କମିଟି ଆନୁକୂଲ୍ୟରେ ଭିକରିପଲ୍ଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଛତ୍ରପୁର ଅତିରିକ୍ତ ଜିଲା ଜଜ୍ ତଥା ତାଲୁକଆଇନ ସେବା କମିଟି ଅଧକ୍ଷ ପ୍ରଦୀପ ସାମଲ ଅଧକ୍ଷତା କରି ଜାତୀୟ ଆଇନ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଦିଆ ଯାଉଥିବା ବିଭିନ୍ନ ପ୍ରକାର ମାଗଣା ଆଇନ ସେବା ସମ୍ବନ୍ଧରେ ପଞ୍ଚାୟତର ଲୋକମାନଙ୍କୁ ଅବଗତ କରିଥିଲେ। ଅନ୍ୟତମ ଅତିଥି ଭାବେ ଛତ୍ରପୁର ଏସ୍‌ଡିଜେଏମ ପ୍ରିତିସ କୁମାର୍ ରଥ, ଆସିଷ୍ଟାଣ୍ଟ କଲେକ୍ଟର ପୁଷ୍ପାଞ୍ଜଳୀ କୃଶିକା, ଛତ୍ରପୁର ଏବିଡ଼ିଓ ଜୟଶ୍ରୀ ନାୟକ, ଭିକାରୀପଲ୍ଲୀ ଗ୍ରାମ ପଞ୍ଚାୟତ ସରପଞ୍ଚ ମମତା ସୁବୁଦ୍ଧି, ତାଲୁକ କମିଟି ମେମ୍ବର ତଥା ଆଇନଜୀବୀ ସୁରଜିତ ସାମନ୍ତରାୟ ଓ ମନୋଜ ପାଢ଼ୀ ଉପସ୍ଥିତ ଥିଲେ। ଏହି ସଭାରେ ଜାତୀୟ ଆଇନ ସେବା ପ୍ରାଧିକରଣ ଦ୍ୱାରା ଟୋଲ ଫ୍ରି ହେଲ୍ପଲାଇନ ନମ୍ବର ୧୫୧୦୦ରେ କିପରୀ କଲ କରି ଆଇନ ସେବା ପାଇପାରିବେ ଏବଂ ୱେବ ପୋର୍ଟାଲରେ ଅନଲାଇନ ମାଧମରେ ଆଇନ ସେବା ଦରଖାସ୍ତ ଫର୍ମ ଦାଖଲ କରିପାରିବେ ସେ ବିଷୟର ସଚେତନତା କରାଯାଇଛି। ବହୁ ସଂଖ୍ୟାରେ ପଞ୍ଚାୟତର ବହୁ ଜନ ସାଧାରଣ, ଆଶା କର୍ମୀ, ଅଙ୍ଗନୱାଡ଼ି ଏବଂ ସହାୟକ ମାନେ ଉପସ୍ଥିତ ଥିଲେ। ପୂର୍ବତନ ସମିତି ସଭ୍ୟ ମଥୁରା ସୁବୁଦ୍ଧି, ବାବୁଲା ନାହକ, ରେନୁପ୍ରଭା ଦାସ, ସନ୍ଧ୍ୟାରାଣୀ ପଣ୍ଡା, ଭାରତୀ ଗୌଡ଼ ଓ ଝୁନୁ ମହାନ୍ତି ସଭା ପରିଚାଳନାରେ ସହଯୋଗ କରିଥଲେ।



ଆଇନ ସଚେତନତା କାର୍ଯ୍ୟକ୍ରମତରେ ଉପସ୍ଥିତ ଧିକାରୀ ।

## ନୂଆବନ୍ଧପଲ୍ଲୀ ଗ୍ରାମକୁ ନାହିଁ ପକ୍କା ରାସ୍ତା, ବିଡ଼ିଓଙ୍କୁ ଦାବିପତ୍ର

ଦିଗପହଣ୍ଡି,୨୯ା୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କରପଡା ପଞ୍ଚାୟତ ନୂଆବନ୍ଧପଲ୍ଲୀ ଗ୍ରାମକୁ ପକ୍କା ରାସ୍ତା ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି। କରପଡା ଗ୍ରାମଠାରୁ ଉକ୍ତ ଜନଜାତି ବହୁଳ ଗ୍ରାମକୁ ସଂଯୋଗ କରୁଥିବା ମାଟି ରାସ୍ତାଟି ଦୀର୍ଘ ଦିନ ଧରି ଅତି ଦୟନୀୟ ଅବସ୍ଥାରେ ରହିଛି। ଗ୍ରାମରେ ୫ ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବା ବେଳେ ପ୍ରତ୍ୟେହ ସେମାନେ ଯାତାୟାତ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ମରାମତି ଅଭାବରୁ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ବିଭିନ୍ନ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ଏପରିକି ରୋଗୀ ସେବା ନିମନ୍ତେ ଆମ୍ବୁଲାନ୍ସ ଏବଂ ବିଦ୍ୟାଳୟକୁ ଯାଉଥିବା ଛାତ୍ରୀଛାତ୍ରମାନେ ଯାତାୟାତ କରିବା କଷ୍ଟକର ହେଉଛି। ଗୁରୁବାର ଭାଜପାର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢୀଙ୍କ ନେତୃତ୍ୱରେ ବହୁ ଗ୍ରାମବାସୀ ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଅନାମିକା ପାଣ୍ଡେଙ୍କୁ ଦାବିପତ୍ର ଦେଇଛନ୍ତି। ଏନେଇ କରପଡ଼ା ପଞ୍ଚାୟତ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ କହନ୍ତି, ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ଗ୍ରାମର ଝାଙ୍କିରି ମନ୍ଦିର, ବ୍ରାହ୍ମଣଦେଈ ମନ୍ଦିର ଭାୟା ବୃନ୍ଦାବନପଲ୍ଲୀ ଦେଇ କରପଡା - ବଡ଼ଖୁମ୍ବୁଲା ମୁଖ୍ୟ ରାସ୍ତାକୁ ସଂଯୋଗ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ ସରି ପ୍ରଶାସନିକ ଅନୁମୋଦନ ମିଳି ସାରିଛି। ଖୁବଶୀଘ୍ର ରାସ୍ତା ନିର୍ମାଣ ନିମନ୍ତେ ଟେଣ୍ଡର ଆହ୍ୱାନ କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ତାଙ୍କୁ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି।

## ବିଦ୍ୟୁତ୍ ଦେୟ ଆଦାୟ କରିବାକୁ ଯାଇ କର୍ମଚାରୀ ଅଟକ

ଦିଗପହଣ୍ଡି,୨୯ା୫(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ କଇଠଖଣ୍ଡି ପଞ୍ଚାୟତ ବୋରିପଦର ଗ୍ରାମରେ ଟିପିଏସ୍‌ଓଡିଏଲର ୪ଜଣ କର୍ମଚାରୀଙ୍କୁ ଗୁରୁବାର ଅପରାହ୍ନଠାରୁ ବିଳମ୍ବିତ ସନ୍ଧ୍ୟା ଯାଏ ଗ୍ରାମବାସୀ ଅଟକ ରଖିଥିଲେ। ବିଦ୍ୟୁତ୍ କର୍ମଚାରୀମାନେ ଗ୍ରାମର ଘରଗୁଡ଼ିକରେ ନୂଆ ମିଟର ଲଗାଇବା ପାଇଁ ଯାଇଥିବା ବେଳେ ପୂର୍ବରୁ ବିଦ୍ୟୁତ୍ ବିଚ୍ଛିନ୍ନ କରି ଦେଇଥିବାରୁ ଦଳିତ ସାହିର ବହ ବ୍ୟକ୍ତି ଏକାଠି ହୋଇ ସେମାନଙ୍କୁ ଘେରାଉ କରିବା ସହ ଅଟକ ରଖିଥିଲେ। ବହୁ ବର୍ଷ ତଳେ ଗ୍ରାମର ଦଳିତ ସାହିର ବିପିଏଲ ଶ୍ରେଣୀର ଗରିବ ହିତାଧିକାରୀଙ୍କୁ କୁଟୀର ଜ୍ୟୋତି ଯୋଜନାରେ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ସେମାନଙ୍କଠାରୁ ପ୍ରତି ମାସରେ ବିଦ୍ୟୁତ୍ ଦେୟ ଆଦାୟ କରା ନ ଯାଇ ଏକକାଳୀନ ହଜାର ହଜାର ଟଙ୍କାର ବିଲ୍ ପ୍ରଦାନ କରାଯାଇଥିଲା। ପରିବାରଗୁଡ଼ିକେ ବିଦ୍ୟୁତ୍ ଦେୟ ପ୍ରଦାନ କରିବାରେ ଅସମର୍ଥ ହେବାରୁ ଗତ ଫେବୃଆରୀ ମାସରେ ସେମାନଙ୍କ ଘରଗୁଡ଼ିକରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପିଲାଙ୍କ ପରୀକ୍ଷା ଥିବା ନେଇ ଅନୁରୋଧ କରି ହିତାଧିକାରୀମାନେ ବିଦ୍ୟୁତ୍ ବକେୟା ପରିଶୋଧ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଭେଟି ମହଲତ ମାଗିଥିଲେ ମଧ ସେ ଶୁଣି ନ ଥିଲେ। ଗୁରୁବାର ବିଦ୍ୟୁତ୍ କର୍ମଚାରୀ ଗାଁକୁଆସିଥିବା ଖବର ପାଇ ଲୋକେ ମେଳିବାନ୍ଧି ପ୍ରଥମେ ବିଦ୍ୟୁତ୍ ସଂଯୋଗ କରା ନ ଗଲେ କର୍ମଚାରୀଙ୍କୁ ଛଡାଯିବ ନାହିଁ ବୋଲି ସମ୍ପୃକ୍ତ ପରିବାର ଲୋକେ ଅଡି ବସିଥିଲେ। ଦିଗପହଣ୍ଡି ଏଏସଆଇ ଅଜୟ ନାୟକ ଓ ସରପଞ୍ଚ ମନୋରଞ୍ଜନ ଗୌଡ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ସେମାନଙ୍କୁ ଛାଡିଥିଲେ ।

## ବାସନ୍ଦ ସମସ୍ୟା ସମାଧାନ ହେଲା

ଧରାକୋଟ,୨୯ା୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ବଡଗଡ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମରେ ଏକ ସରକାରୀ କାର୍ଯ୍ୟର କାର୍ଯ୍ୟାଦେଶକୁ ନେଇ ଦୁଇପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଗ୍ରାମର ୧୦ ପରିବାରକୁ ସାମାଜିକ ବାସନ୍ଦ କରାଯାଇଥିଲା। ଗ୍ରାମରେ କଙ୍ଗାରୁ କୋର୍ଟ ଜରିଆରେ ଦୀର୍ଘ ତିନି ମାସ ହେଲା ଏହି ପରିବାରଗୁଡିକ ବାସନ୍ଦ ହୋଇଥିଲେ। ସେମାନଙ୍କୁ ନିଆଁ ପାଣି, ଜମିଜମା ଓ ମନ୍ଦିର ଦର୍ଶନ ବନ୍ଦ ରହିଥିଲା। ଏନେଇ ସମ୍ପୃକ୍ତ ପରିବାରଗୁଡିକ ବଡଗଡ ଥାନାର ଦ୍ୱାରସ୍ଥ ହୋଇଥିଲେ। ବାସନ୍ଦ ଥାନାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହୋଇ ଗୁରୁବାର ସମସ୍ୟାର ସମାଧାନ ହୋଇଛି। ଥାନା ଅଧିକାରୀ ଦୁଇ ପକ୍ଷଙ୍କୁ ଡକାଇ ଆଲୋଚନା ବେଳେ ବୁଝାଶୁଝା କରିଥିଲେ। ଫଳରେ ସେମାନେ ଆଗାମୀ ଦିନରେ ସମସ୍ତେ ମିଳିମିଶି ଚଳିବେ। କେହି କାହାର ଚଳଣିରେ ହସ୍ତକ୍ଷେପ କରିବେନାହିଁ। ଉଭୟ ପକ୍ଷ ମିଳିତ ଭାବେ ଯାନିଯାତ୍ରାରେ ସାମିଲ ହେବାକୁ ସହମତି ପ୍ରକାଶ କରିଥିଲେ।

## ୨୮୦ ଲିଟର ମଦ ଜବତ, ପୂର୍ବତନ ବନକର୍ମଚାରୀ ଗିରଫ

ରମ୍ଭା,୨୯ା୫(ବନବାସୀ ସେଠୀ)

ରମ୍ଭା ଥାନା ଅଧିନସ୍ଥ ପାଲୁର ଗଡ଼ ଏକ ବ୍ୟବସାୟୀଙ୍କ ନିକଟରୁ ୨୮୦ ଲିଟର ମଦ ଜବତ ହୋଇଛି। ବ୍ୟବସାୟୀ ଜଣଙ୍କ ହେଲେ ପାଲୁର ଗଡ଼ ଗ୍ରାମର ପୂର୍ବ ବନ ବିଭାଗ କର୍ମଚାରୀ ବାବୁଲା ଦାସ। ପୋଲିସ ପକ୍ଷରୁ ରମ୍ଭା ଥାନାରେ କେଶ ନଂ.୪୨୨/୨୫ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କିଛି ଦିନ ହେବ ରମ୍ଭା ଥାନା ଅଞ୍ଚଳରେ ଚୋରା ମଦ ବ୍ୟବସାୟୀମାନେ ଗିରଫ ହୋଇ ଜେଲରେ ସଜା କାଟୁଛନ୍ତି। ଦେଶୀ ମଦଭାଟି ମଧ ପୋଲିସ ପକ୍ଷରୁ ସିଲ୍ କରାଯାଇଛି। ରମ୍ଭା ଥାନା ଆଇଆଇସି ଛୁଟିରେ ଥିବା ଯୋଗୁ ବ୍ୟବସାୟୀମାନଙ୍କ ସହଯୋଗୀ ଏବେ ବେଆଇନ ମଦ କାରବାରରେ ଲିପ୍ତ ଥିବା ଦେଖିବାକୁ ମିଳିଛି।

## ଗଞ୍ଜେଇ ଚାଲାଣ ଅଭିଯୋଗ

## ଯୁବକଙ୍କୁ ଘରୁ ଉଠାଇ ନେଲା ଦିଲ୍ଲୀ ପୋଲିସ

ଫୁଲବାଣୀ,୨୯ା୫ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ଅଞ୍ଚଳରୁ ଗଞ୍ଜେଇ ଚାଲାଣରେ ସମ୍ପୃକ୍ତି ଓ ବ୍ୟାଙ୍କ ପାସବୁକ୍‌ରେ ୧୦ ଲକ୍ଷ ଟଙ୍କା ନେଣଦେଣକୁ ନେଇଁ ଗୋଚ୍ଛାପଡ଼ା ପୋଲିସ ସହାୟତାରେ ଅଭିଯୁକ୍ତଙ୍କୁ ଦିଲ୍ଲୀ ପୋଲିସ ଘରୁ ଉଠାଇ ନେଇଛି। ସୂଚନା ଅନୁସାରେ ଦିଲ୍ଲୀ ପୋଲିସ ଗଞ୍ଜେଇ ସହ କିଛି ଗଞ୍ଜେଇ ଚାଲାଣକାରୀକୁ ଦିଲ୍ଲୀରେ ଗିରଫ କରିଥିଲା। ପରେ ଗଞ୍ଜେଇ ଚାଲାଣର ଚେର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ଅଞ୍ଚଳରୁ ଦିଲ୍ଲୀ ପର୍ଯ୍ୟନ୍ତ ଲମ୍ବିଥିବା ଦିଲ୍ଲୀ ପୋଲିସ ତଦନ୍ତ ପରେ ଜାଣିବାକୁ ପାଇଥିଲା। ଏହି ଘଟଣା ପରେ ଗଞ୍ଜେଇ ଚାଲାଣକାରୀମାନେ ଗୋଚ୍ଛାପଡ଼ା ଥାନା ପକାରୀ ପଞ୍ଚାୟତ ମାଣ୍ଡିବାଲା ଗାଁର ଭାଗୀରଥି ପ୍ରଧାନ (୨୭)ଙ୍କ ପାସବୁକକୁ ୧୦ ଲକ୍ଷ ଟଙ୍କା ପଠାଇଥିବା ଦିଲ୍ଲୀ ପୋଲିସ ସୂଚନା ପାଇଥିଲା । ଏହି ଘଟଣାରେ ଦିଲ୍ଲୀ ପୋଲିସର ଏକ ୫ ଜଣିଆ ଟିମ ଫୁଲବାଣୀ ପହଞ୍ଚି ଗୋଚ୍ଛାପଡ଼ା ପୋଲିସ ସହାୟତାରେ ରାତିରେ ଭାଗୀରଥିଙ୍କ ଘର ମାଣ୍ଡିବାଲା ଗାଁରେ ପହଞ୍ଚି ତାଙ୍କୁ ଗିରଫ କରିବା ସହ ବୁଧବାର ଗୋଚ୍ଛାପଡା ଥାନାରୁ ଅଭିଯୁକ୍ତକୁ ଦିଲ୍ଲୀ ନେଇଥିବା ଗୋଚ୍ଛାପଡ଼ା ଏସ୍‌ଆଇ ଅନନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।

## କାର୍ଯ୍ୟ ସରି ତାଲା ପଡିରହିଛି ୨ କୋଠା

ଶେରଗଡ଼, ୨୯ା୫(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ନିର୍ମିତ କୋଠା କାର୍ଯ୍ୟକ୍ଷମ ହେଉନି। ୫୦ ଖଣ୍ଡ ଗ୍ରାମର ଲୋକଙ୍କୁ ଗୋଟିଏ ସ୍ଥାନରେ ସବୁ ପ୍ରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିବା ଏହି କୋଠା ଏବେ ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି। ବର୍ଷେ ହେଲା ଏହାର ସମସ୍ତ କାର୍ଯ୍ୟ ଶେଷ ହୋଇଛି। ପାଣି, ବିଦ୍ୟୁତ୍, କାମ ସରିଛି। ରଙ୍ଗ କାମ ମଧ ଶେଷ ହୋଇଛି। ତେବେ ଜିଲା ସାସ୍ଥ୍ୟ ବିଭାଗ ଉକ୍ତ କୋଠାରେ ସ୍ୱାସ୍ଥ୍ୟକେନ୍ଦ୍ର କାର୍ଯ୍ୟକ୍ଷମ ନେଇ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ରୋଗୀମାନେ ଚିକିତ୍ସା ପାଇଁ ଖର୍ଚ୍ଚାନ୍ତ ହୋଇ ବ୍ରହ୍ମପୁର ଯାଉଛନ୍ତି। ସେହିପରି ଶେରଗଡ଼ରେ ଏକ ଅନୁସନ୍ଧାନଗାର ଖୋଲିବା ଉଦ୍ଦେଶ୍ୟରେ ସାସ୍ଥ୍ୟ ବିଭାଗ ୨ କୋଟି ବ୍ୟୟରେ ନିର୍ମାଣ କରିଥିବା ରିସର୍ଚ୍ଚ ସେଣ୍ଟର କୋଠା ମଧ ନିର୍ମାଣ ସରିଥିଲେ ସୁଦ୍ଧା ଏଯାଏ କାର୍ଯ୍ୟକ୍ଷମ ହୋଇନାହିଁ। ସାସ୍ଥ୍ୟ ବିଭାଗର ଉଦାସୀନତା ଯୋଗୁ ଏହି ଦୁଇଟିଯାକ କୋଠାରେ ତାଲା ଝୁଲୁଛି। ଏଥିପ୍ରତି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।



ତାଲା ପଡି ରହିଥିବା ଏକ କୋଠା ।

## କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ଜଣାଇଲେ ଯୁବଗୋଷ୍ଠୀ

**ଅଘୋଷିତ ବିଦ୍ୟୁତ୍ କାଟର ପ୍ରତିବାଦ**

ପାତ୍ରପୁର,୨୯ା୫
(ଉମା ଚରଣ ନେପାକ)

ପାତ୍ରପୁର ବ୍ଲକ ଜୟନ୍ତୀପୁର ପଞ୍ଚାୟତ ଅନ୍ତର୍ଗତ ବୋରିବାଡ ଗ୍ରାମରେ ବହୁ ଦିନ ଧରି ବିଦ୍ୟୁତ୍ ସମସ୍ୟା ଲାଗିରହିଛି। ଗ୍ରାମର ଯୁବଗୋଷ୍ଠୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ସାମାନ୍ୟ ବର୍ଷା କିମ୍ବା ପବନ ହେଲେ ଗ୍ରାମରେ ବିଦ୍ୟୁତ୍ ବିଚ୍ଛିନ୍ନ ହେଉଛି। ଏଥିସହ ଦୀର୍ଘ ଦିନ ହେଲା ରାତି ଅଧରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଫଳରେ ରାତି ସାରା ଲୋକେ ଅନ୍ଧାରରେ ରହୁଛନ୍ତି। ପ୍ରାୟ ୭ଟି ଗ୍ରାମକୁ ବିଦ୍ୟୁତ୍ ଯୋଗାଣ ପାଇଁ ଜୟନ୍ତୀପୁର ଗ୍ରାମ ମଶାଣି ପାଖରେ ଗୋଟିଏ ୧୧ କେଭି ଏଭି ସୁଇଚ ସ୍ଥାପନ ହୋଇଛି। ତେବେ ଏହି ୭ଟି ଗ୍ରାମର କୌଣସି ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଉପୁଜିବା ମାତ୍ରେ ଜୟନ୍ତୀପୁରଠାରେ ଥିବା ଏହି ସୁଇଚ ବନ୍ଦ କରାଯାଉଛି। ଫଳରେ ସମସ୍ତ ଗ୍ରାମକୁ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି। ଗୋଟିଏ ଗ୍ରାମରେ ବିଦ୍ୟୁତ୍ ସମସ୍ୟା ଯୋଗୁ ୭ଟିଯାକ ଗାଁ ଅନ୍ଧାରରେ ରହିବାକୁ ବାଧ ହେଉଛନ୍ତି। ଫଳରେ ବିଭିନ୍ନ ସମୟରେ ଛୋଟ ପିଲା, ରୋଗୀ, ଛାତ୍ରୀଛାତ୍ର ଓ ବୟସ୍କ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉନ୍ତି। ଗତ ଏକ ସପ୍ତାହ ଧରି ଗ୍ରାମରେ ନିୟମିତ ଭାବେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି।

ଅନ୍ୟ ପକ୍ଷରେ ବୋରିବାଡ ଗ୍ରାମରେ ପ୍ରାୟ ୧୮୦ ପରିବାର ବସବାସ କରୁଥିବା ବେଳେ ଗ୍ରାମରେ ବସିଥିବା ପୁରୁଣା ଟ୍ରାନ୍ସଫର୍ମରକୁ ବଦଳା ଯାଉନି। ଉକ୍ତ ଟ୍ରାନ୍ସଫର୍ମରରେ ଅଧିକ ଲୋଡ ପଡ଼ିବା ଯୋଗୁ ବିଭିନ୍ନ ସମୟରେ ଟ୍ରିପ ହେଇ ଗାଁ ଅନ୍ଧାର ହୋଇଯାଉଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହିସବୁ ସମସ୍ୟା ନେଇ ଗ୍ରାମର ଯୁବଗୋଷ୍ଠୀ ପାତ୍ରପୁର ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଭେଟି ସମସ୍ତ ବିଷୟ ଅବଗତ କର ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ତୁରନ୍ତ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଅଭିଯୋଗ ପତ୍ର ପ୍ରଦାନ ସମୟରେ ଗ୍ରାମର ଗୁଜୁ ହାରେସ, ଇଶ୍ୱରୁ ଶିବାଜୀ, ଗୁଜୁ ଶିବା, ଏ. ଜୟ ପ୍ରକାଶ, କେ. ଗଣେଶ, ଜି.ଭେଙ୍କଟେସ,ଏ. ସାଇ, ଏ. ଅଜୟ, କୋଲା କନକା ରାଓ, କୋଲା ସୁମନ, ଜି. ନବୀନ, ଜି.ରାମୁ, ପ୍ରେମା ସେଠୀ, ବି. ଅଖିଲ ଓ କେ. ପ୍ରେମ କୁମାର ଉପସ୍ଥିତ ଥିଲେ। ଏସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପପୁ ଡାକୁଆଙ୍କୁ ପଚାରିବାରୁ ସେ କହିଲେ, ବୋରିବାଡ ଗ୍ରାମର ଯୁବଗୋଷ୍ଠୀ ଅଭିଯୋଗ ପତ୍ର ଦେଇଛନ୍ତି। ସମସ୍ୟା ସମାଧାନ କରିବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କର ପଦକ୍ଷେପ ନିଆଯିବ।

## ଅର୍ଥାଭାବରୁ ବିଷ୍ଣୁଙ୍କ ହୋଇପାରୁନି କ୍ୟାନସର ଚିକିତ୍ସା

ଶେରଗଡ଼,୨୯ା୫
(ସୂର୍ଯ୍ୟ ନାରାୟଣ ଦାଶ)

ଶେରଗଡ଼ ବ୍ଲକ ବନ୍ଧା ଗୁଡା ପଞ୍ଚାୟତର ବି.ଚିପିଲି ଗ୍ରାମ ଗ୍ରାମର ବିଷ୍ଣୁ ପ୍ରସାଦ ସ୍ୱାଇଁ (୫୧) କ୍ୟାନସରରେ ପୀଡ଼ିତ ହୋଇଛନ୍ତି। ଏଥିପାଇଁ ତାଙ୍କର ଗୋଟିଏ ଥର ଛାତି ପାଖରେ ଅପରେଶନ ହୋଇଥିବା ବେଳେ ଆଉ ଥରେ ଅପରେଶନ ପାଇଁ ଡାକ୍ତର ତାଙ୍କୁ ପରାମର୍ଶ ଦେଇଛନ୍ତି। ବିଷ୍ଣୁଙ୍କ ଆଧାର କାର୍ଡ ଥିବା ବେଳେ ରାଶନ କାର୍ଡ ନାହିଁ। ରାଶନ କାର୍ଡ ନ ଥିବାରୁ ସ୍ୱାସ୍ଥ୍ୟବୀମା କାର୍ଡ ମଧ ତାଙ୍କର ହୋଇପାରୁନାହିଁ। ନିହାତି ଗରିବ ବିଷ୍ଣୁ ପ୍ରଥମ ଥର ଅପରେଶନ ବେଳେ ଯାହା ସୁନା ରୂପା ଥିଲା ତାକୁ ବିକ୍ରି କରି ଅପରେଶନ ହୋଇଥିଲେ। ଏବେ କିଛି ନାହିଁ ତାଙ୍କ ପାଖରେ। ଅପରେଶନ ପାଇଁ ୩ ଲକ୍ଷ ଟଙ୍କା ଆବଶ୍ୟକ ଥିବାରୁ ଏନେଇ ଚିନ୍ତାରେ ରହିଛନ୍ତି ପରିବାର। ଜିଲାପାଳ ଓ ବଦାନ୍ୟ ବ୍ୟକ୍ତି ତାଙ୍କୁ ସହାୟତା କରିବା ପାଇଁ ବିଷ୍ଣୁ ଓ ପରିବାର ଲୋକେ ନିବେଦନ କରିଛନ୍ତି।

## ଖଜୁରିପଡ଼ା ମେଡିକାଲରେ ଓଡ଼ିଶା ବିଧାନସଭା ଷ୍ଟାଣ୍ଡିଂ କମିଟି

ଫୁଲବାଣୀ/ଖଜୁରିପଡ଼ା,୨୯ା୫ (ରାକେଶ କୁମାର ରାଉତ/ବିଦୁର ବେହେରା)



ଓଡ଼ିଶା ସରକାର ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ମେଡିକାଲ ମାନଙ୍କର ସ୍ଥିତି ଅନୁଧ୍ୟାନ କରିବା ପାଇଁ ବିଧାନସଭା ଷ୍ଟାଣ୍ଡିଂ କମିଟିଗଠନ କରିଛନ୍ତି। ଯେଉଁଥିରେ ବିଧାନସଭା ଷ୍ଟାଣ୍ଡିଂ କମିଟିରେ ବିଜେଡ଼ି ଚିଫ ହ୍ୱିପ ପ୍ରମିଳା ମଲ୍ଲିକ, ପ୍ରଶାନ୍ତ ବେହେରା, ପ୍ରକାଶ ଚନ୍ଦ୍ର ସେଠ, ଫକିର ମୋହନ ନାଏକ, ରୁପେଶ ପାଣିଗ୍ରାହୀ, ବିଜୟ ଦଳବେହେରା, ସ୍ମିରାଣୀ ନାଏକ, ଉମା ଚରଣ ମଲ୍ଲିକ, ହିମାଂଶୁ ଶେଖର ସାହୁ,ଗୌତମ ବୁଦ୍ଧ, ସତ୍ୟଜିତ ଗମାଙ୍ଗ ସମେତ ଚେୟାର ମ୍ୟାନ ବିଭୂତି ଭୂଷଣ ପ୍ରଧାନ ରହିଛନ୍ତି। ଗୁରୁବାର ଦିନ କନ୍ଧମାଳ ଗସ୍ତରେ ଆସିଛି ବିଧାନସଭା ଷ୍ଟାଣ୍ଡିଂ କମିଟି। ଜିଲାର ପ୍ରବେଶ ଦ୍ୱାରରେ ଥିବା ଖଜୁରିପଡ଼ା ଛକଠାରେ ଏହି କମିଟିକୁ ବ୍ଲକ୍ ପ୍ରଶାସନ ପକ୍ଷରୁ ସାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ସ୍ୱାସ୍ଥ୍ୟ କେନ୍ଦ୍ରରେ ରହିଥିବା ସମସ୍ୟା ଉପରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ନିମାଇଁ ଚରଣ ବିଶୀଙ୍କୁ ପଚାରି ବୁଝିଥିଲେ। ଜିଲାପାଳ ଏବଂ ମେଡିକାଲ କର୍ମଚାରୀ ସହିତ ସମୀକ୍ଷା କରିଥିଲେ। ଷ୍ଟାଣ୍ଡିଂ କମିଟି ପରିଦର୍ଶନରେ ଖଜୁରିପଡ଼ା ମେଡିକାଲ, ବାରିକୁମ୍ପା ମେଡିକାଲ ଏବଂ ବିଲାବାଡ଼ି ମେଡିକାଲରେ ରହିଥିବା ବିଭିନ୍ନ ସମସ୍ୟା ଗୁଡ଼ିକ ଉପରେ ସାମ୍ବାଦିକ ସଂଘ କମିଟିକୁ ଅବଗତ କରାଇବା ଥିଲେ। ଚେୟାର ମ୍ୟାନ ବିଭୂତିଭୂଷଣ ପ୍ରଧାନ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ମେଡିକାଲରେ ରହିଥିବା ସମସ୍ୟା ଗୁଡ଼ିକ ଆମେ ଅନୁଧ୍ୟାନ କଲୁ, ସେସବୁ ସମସ୍ୟା ଦୂରୀକରଣ ପାଇଁ ଜିଲାପାଳଙ୍କ ସହିତ ଆଲୋଚନା ହେବ। ଏହା ସହିତ ଓଡ଼ିଶା ସରକାରଙ୍କୁ ଆମେ ବିଧାନସଭାରେ ସୁପାରିସ କରିବୁ ବୋଲି କହିଛନ୍ତି। ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଅଧିକାରୀମାନଙ୍କ ଆଲୋଚନା କରିଥିଲେ। ମଧାହ୍ନରେ ଜିଲାସ୍ତରୀୟ ଅଧିକାରୀଙ୍କ ସହିତ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ। ଅପରାହ୍ନରେ ଫିରିଙ୍ଗିଆ ସ୍ୱାସ୍ଥ୍ୟ କେନ୍ଦ୍ର ଓ କ, ନୂଆଗାଁ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଦାରିଙ୍ଗିବାଡି ଗସ୍ତରେ ଯାଇଛନ୍ତି। ଦାରିଙ୍ଗିବାଡ଼ିରେ ରାତ୍ରି ରହଣି କରିବେ। ୩୦ରେ କଫିବଗିଚା, ହିଲଭିଉ ଓ ପାଇନ ଗାର୍ଡେନ ବୁଲିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟି ପରିଦର୍ଶନ ବେଳେ ଜିଲାପାଳ ଅମ୍ରିତ ରତୁରାଜ, ଉପ ଜିଲାପାଳ ଭିକାରୀ ସାହୁ, ବିଡ଼ିଓ ଶୁଭ ଦତ୍ତାତ୍ରେୟ ବାହିନୀପତି, ଏମ୍‌ପି ପ୍ରତିନିଧି ମନୋଜ ପଣ୍ଡା, ବିଧାୟକ ପ୍ରତିନିଧି ଅନନ୍ତ ଦିଗାଲ, ଜିଲା ପରିଷଦ ସଭ୍ୟା ଉର୍ବଶୀ ଦିଗାଲ ସମେତ ବ୍ଲକ ପ୍ରଶାସନ ଓ ଭାଜପା କର୍ମୀ ମାନେ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ବଳାତ୍କାର: ୧୩ ବର୍ଷ ପରେ ସରକାରୀ କର୍ମଚାରୀଙ୍କୁ ୭ ବର୍ଷ ଜେଲ୍

ବ୍ରହ୍ମପୁର,୨୯।୫( ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଅତିରିକ୍ତ ଜିଲା ଜଜ୍-୨ ଆୟୁଷମାନ ମହନ୍ତ ଗୁରୁବାର ଏକ ବଳାତ୍କାର ସହ ପ୍ରତାରଣା ମାମଲାର ଚୂଡ଼ାନ୍ତ ରାୟ ୧୩ ବର୍ଷ ପରେ ପ୍ରକାଶ କରିଛନ୍ତି। କୋର୍ଟରେ ୪ର୍ଥ ଶ୍ରେଣୀ ଭାବେ କାମ କରୁଥିବା ତଥା ଗୋଳନ୍ଥରା ଥାନା ଅଞ୍ଚଳର ଉକ୍ତ ଅଭିଯୁକ୍ତ ଟି. ଦେବରାଜ (୪୨)ଙ୍କୁ ସେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଜଜ୍ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍ ଦଣ୍ଡ ସହ ୨୨ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୋରିମାନା ଅନାଦାୟ ଅତିରିକ୍ତ ୨୬ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ହେବ ବୋଲି ଜଜ୍ ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସେହିପରି ନିୟମ ଅନୁଯାୟୀ ପିଡାତାଙ୍କୁ ସହାୟତା ରାଶି ଦେବାକୁ ସେ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଅଭିଯୁକ୍ତଙ୍କ ଠାରୁ ଆଦାୟ ଜରିମାନା ଟଙ୍କା ମଧ୍ୟ ପିଡ଼ିତାଙ୍କୁ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୨ ବେଳକୁ ଅଭିଯୁକ୍ତ ଜଣଙ୍କ ବ୍ରହ୍ମପୁର ବଡବଜାର ଅଞ୍ଚଳର ଜଣେ ଯୁବତୀଙ୍କୁ ଗୋଳନ୍ଥରା ଅଞ୍ଚଳରେ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା । ଏ ବିଷୟ ଜଣାପଡିବା ପରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ବୁଝାମଣା ହୋଇଥିଲା। ଅଭିଯୁକ୍ତ ଦେବରାଜ ଯୁବତୀଙ୍କୁ ଏକ ମନ୍ଦିରରେ ବିବାହ କରିଥିଲେ। କିଛି ମାସ ପରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ । ହେଲେ ଦେବରାଜ ଉକ୍ତ ଯୁବତୀଙ୍କୁ ଗର୍ଭନଷ୍ଟ ପାଇଁ କହିଥିଲେ। ଯୁବତୀ ଜଣଙ୍କ ରାଜି ନହେବାରୁ ଦେବରାଜ ତାଙ୍କୁ ଘରୁ ବାହାର କରି ଦେଇଥିଲେ । ଏହାକୁ ନେଇ ଯୁବତୀ ଜଣଙ୍କ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୮/୧୨ ରେ ଏକ ମାମଲା ରୁଜୁ କରି ତଦନ୍ତ କରିବା ସହ ଦେବରାଜଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କିଛି ମାସ ପରେ ସେ ଜାମିନରେ ମୁକୁଳିଥିଲେ । ପରବର୍ତ୍ତୀ ସମୟରେ ଯୁବତୀଙ୍କ ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା । ହେଲେ ସେହି କନ୍ୟା ତାଙ୍କର ନୁହଁ ବୋଲି ଦେବରାଜ କୋର୍ଟରେ ବିଚାରଣା ବେଳେ କହିଥିଲେ । ପରେ ଉଭୟଙ୍କ ଡିଏନଏ ପରୀକ୍ଷା ହୋଇଥିଲା। ଡିଏନଏ ପରୀକ୍ଷା ରିପୋର୍ଟ ପଜିଟିଭ ଆସିଥିଲା । ଏହି ମାମଲାର ବିଚାରଣା ଚାଲୁଥିବା ବେଳେ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଜ ଉପରୋକ୍ତ ରାୟ ଶୁଣାଇଥିଲେ । ଅଭିଯୁକ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ଇସମାଇଲ ମହମ୍ମଦ ମକଦ୍ଦମା ପରିଚାଳନା କରୁଥିଲେ ।

## ପ୍ରଫୁଲ୍ଲ ସାହୁଙ୍କ ବିୟୋଗରେ ସିପିଏମ୍‌ର ଶୋକ

ବ୍ରହ୍ମପୁର,୨୯।୫(ସ୍ମୃତି ରଞ୍ଜନ ମହାଲିକ) ବିଶିଷ୍ଟ ଚିକିତ୍ସକ, ଏମକେସିଜି କଲେଜର ପୂର୍ବତନ ପ୍ରଫେସର ଡା. ପ୍ରଫୁଲ୍ଲ ଚନ୍ଦ୍ର ସାହୁଙ୍କ ବିୟୋଗରେ ସିପିଏମ ପକ୍ଷରୁ ଶୋକ ପ୍ରକାଶ କରାଯାଇଛି। ତାଙ୍କର ବିୟୋଗ ସମଗ୍ର ରାଜ୍ୟର ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅପୂରଣୀୟ କ୍ଷତି ସୃଷ୍ଟି କରିଛି ବୋଲି ଦଳର ବରିଷ୍ଠ ନେତା ଅଳିକିଶୋର ପଟ୍ଟନାୟକ କହିଛନ୍ତି। ଡା. ସାହୁ ରାଜ୍ୟର ବିଭିନ୍ନ ମେଡିକାଲ କଲେଜରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସଫଳତାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ। ଡାକ୍ତର ସାହୁଙ୍କ ମର ଶରୀରକୁ ତାଙ୍କର ଶେଷ ଇଚ୍ଛା ମୁତାବକ ଏମକେସିଜି ଏନାଟୋମି ବିଭାଗକୁ ଚିକିତ୍ସା ବିଜ୍ଞାନ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଓ ଗବେଷଣା ପାଇଁ ପ୍ରଦାନ କରାଯାଇଛି। ଦଳ ପକ୍ଷରୁ ଯୁଧିଷ୍ଠିର ବେହେରା ଓ ଶିବ ପ୍ରସାଦ ମହାପାତ୍ର ଡା ସାହୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

# ମୌସୁମୀ ପୂର୍ବରୁ ବିଇଏମସିର ସ୍ୱତନ୍ତ୍ର ଡ୍ରାଇଭ



ବିଇଏମସି ପକ୍ଷରୁ ସଫେଇ ହେଉଥିବା ଡ୍ରେନ।

ବ୍ରହ୍ମପୁର,୨୯।୫(ସ୍ମୃତି ରଞ୍ଜନ ମହାଲିକ) ମୌସୁମୀ ଆଗମନକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ସାନିଟେସନ ଓ ଏନଫୋର୍ସମେଣ୍ଟ ବିଭାଗ ପକ୍ଷରୁ ଆଉଥା ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ୩ ଘରୋଇ ଏଜେନ୍ସି, ସଫେଇ କର୍ମଚାରୀ ଓ ଅଧିକ କର୍ମଚାରୀ ମୁତୟନ କରାଯାଇଛି। ସହରକୁ ଜଳବନ୍ଦୀରୁ ରକ୍ଷା ପାଇଁ ନିଗମ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ କରାଯାଉଛି। ଏଥିସହ ଜବର ଦଖଲରେ ଥିବା ଡ୍ରେନ ଗୁଡ଼ିକର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ଗୁରୁବାର ସହରର ଜେମାଦେଇ ପେଣ୍ଠଠାରୁ କୁଠାରୀ ମନ୍ଦିର ଯାଏଁ ପଛ ପାର୍ଶ୍ୱ ଡ୍ରେନ ସଫେଇ ଏବଂ ୧୫ ନଂ ୱାର୍ଡ ଅନ୍ତର୍ଗତ ସୁରଜ ବିହାର ଅଂଚଳର ମଲିକେଶ୍ୱର ମନ୍ଦିର ପାର୍ଶ୍ୱବର୍ତ୍ତୀ ନାଳ ସଫେଇ କରାଯାଇଛି। ଏହାଦ୍ୱାରା ଆଖପାଖର ବହୁ ଅଂଚଳ ଜଳ ବନ୍ଦୀରୁ ରକ୍ଷା ପାଇବେ ବୋଲି ନିଗମ ପକ୍ଷରୁ ଆଶା କରାଯାଉଛି। ତେବେ ରାସ୍ତା ପାର୍ଶ୍ୱରେ ଡ୍ରେନକୁ ଜବର ଦଖଲ କରି ରହିଥିବା ବ୍ୟବସାୟୀଙ୍କୁ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଘଟଣା ସ୍ଥଳକୁ ଯାଇ ତାଗିଦ କରିଛନ୍ତି। ଏଥିସହ ଡ୍ରେନରେ ବିଭିନ୍ନ ଆବର୍ଜନା ପକାଇ ନିୟମ ଖିଲାପ କରୁଥିବା ବ୍ୟବସାୟ ପ୍ରତିଷ୍ଠାନଠାରୁ ଜୋରିମାନା ଆଦାୟ କରାଯାଉଥିବା ବିଇଏମସି ପକ୍ଷରୁ ସୂଚନା ମିଳିଛି। ଆଗାମୀ ଦିନରେ ଡ୍ରେନରୁ ଆବର୍ଜନା ସଫେଇ ସହ ଜବରଦଖଲରେ ରହିଥିବା ଡ୍ରେନଜ ଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ବିଇଏମସି ପକ୍ଷରୁ କୁହାଯାଇଛି।

# ନିର୍ଦ୍ଦେଶକୁ ମାନୁନାହାନ୍ତି ଯନ୍ତ୍ରୀ, ଅସନ୍ତୋଷ ଝାଡ଼ିଲେ ମେୟର

ବ୍ରହ୍ମପୁର,୨୯।୫(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ମହାନଗର ନିଗମ (ବିଇଏମସି)ର ଉନ୍ନୟନ ମୂଳକ କାର୍ଯ୍ୟ କରୁଥିବା ଠିକାଦାରଙ୍କ ବିଲ୍ ଯନ୍ତ୍ରୀ ପାସ କରୁ ନ ଥିବା ନେଇ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ଗୁରୁବାର ପୁଣି ଥରେ୨୦ ଠିକାଦାର ବିଇଏମସି ମେୟର ସଂଘମିତ୍ରା ଦଳେଇଙ୍କୁ ସାକ୍ଷାତ କରି ସହକାରୀ ନିର୍ବାହୀ ଯନ୍ତ୍ରୀ ମିଥିଳେଶ ରଥ ପୁରୁଣା କାମର ବିଲ ପ୍ରଦାନରେ ସହଯୋଗ କରୁ ନ ଥିବା ଅଭିଯୋଗ କରିଛନ୍ତି। ସହକାରୀ ଯନ୍ତ୍ରୀ ୨ ଦିନ ଛୁଟିରେ ରହିବା ପରେ ବୁଧବାର କାର୍ଯ୍ୟରେ ଯୋଗ ଦେଇଥିଲେ। କିନ୍ତୁ ମେୟରଙ୍କ ନିର୍ଦ୍ଦେଶ ଓ ପ୍ରତିଶ୍ରୁତି ମୁତାବକ ଯନ୍ତ୍ରୀ ବିଲ୍ ପାସ କ୍ଷେତ୍ରରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ବହୁ ଠିକାଦାର ଅଭିଯୋଗ କରିଛନ୍ତି। ସିଟି ଇଞ୍ଜିନିୟର ରଞ୍ଜନ କୁମାର ପାତ୍ରଙ୍କୁ ଠିକାଦାରଙ୍କ ଦୀର୍ଘ ବର୍ଷର ବିଲ୍ ପାସ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ସହକାରୀ ଯନ୍ତ୍ରୀ କୌଣସି ସହଯୋଗ କରୁ ନ ଥିବା କାରଣରୁ ସମସ୍ୟା ସମାଧାନ ହେଉ ନ ଥିବା ଠିକାଦାର ଅଭିଯୋଗ କରିଛନ୍ତି।



ମେୟରଙ୍କ ସହ ଠିକାଦାରଙ୍କ ଆଲୋଚନା।

ଠିକାଦାରଙ୍କ ଅଭିଯୋଗ ପ୍ରକାରେ ମେୟର ସହକାରୀ ଯନ୍ତ୍ରୀଙ୍କୁ ଫୋନ ଯୋଗେ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସମାଧାନ ପରିବର୍ତ୍ତେ ମେୟରଙ୍କ ନିର୍ଦ୍ଦେଶକୁ ମଧ୍ୟ ସେ ଖାତିର କରି ନ ଥିଲେ। ଫଳରେ ମେୟର ଯନ୍ତ୍ରୀଙ୍କ ଉପରେ ଅସନ୍ତୋଷ ଝାଡ଼ିଥିଲେ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ମେୟର ଯନ୍ତ୍ରୀଙ୍କୁ ତାଗିଦ କରିଥିଲେ। ଅନ୍ୟପଟେ ବିଲ୍ ପାସ କରିବା କ୍ଷେତ୍ରରେ ଯନ୍ତ୍ରୀଙ୍କ ବିଳମ୍ବକୁ ନେଇ ଠିକାଦାରଙ୍କ ଅସନ୍ତୋଷ ବୃଦ୍ଧି ପାଉଛି। ଆଗାମୀ ଦିନରେ ଠିକାଦାର ବିଇଏମସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ଗତ ୨୧ ତାରିଖ ସନ୍ଧ୍ୟାରେ ୨ ବର୍ଷ ତଳେ ହୋଇଥିବା ୫-ଟି ସ୍କୁଲ ଓ ପୋଖରୀ ଖନନ କାର୍ଯ୍ୟର ବିଲ୍ ପାସ କରୁ ନ ଥିବା ନେଇ ଠିକାଦାର ଓ ସହକାରୀ ଯନ୍ତ୍ରୀଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏପରିକି ଯନ୍ତ୍ରୀ ପିସି ଖାଉଥିବା ଅଭିଯୋଗ କରି ତାଙ୍କ ଟେବୁଲ ଉପରେ ଠିକାଦାର ଟଙ୍କା ବିଡା ରଖିଥିଲେ। ଯାହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା।

## ମୋବାଇଲ ଫୋନ'ପେରୁ ୬୦ ହଜାର ଟଙ୍କା ନେଇଗଲେ

ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ଯୁବକଙ୍କ ସ୍କୁଟି ଓ ମୋବାଇଲ ଚୋରି ହୋଇଥିଲା। ସେହି ମୋବାଇଲରୁ ଫୋନ ପେ' ଜରିଆରେ ଦୁର୍ବୃତ୍ତମାନେ ୬୦ ହଜାର ଟଙ୍କା ବିଭିନ୍ନ ସାମଗ୍ରୀ କିଣିଛନ୍ତି। ଏ ନେଇ କମଳନାଥ ଗୌଡ଼ ନିମଖଣ୍ଡି ଥାନାରେ ଅଭିଯୋଗ କରିଛନ୍ତି। ଭାବିନିପୁର ଶ୍ରୀନଗରର କମଳନାଥ(୨୦) ଗତ ୨୫ରେ ଚଣ୍ଡୀପଦରରେ ଥିବା ଏକ ଘରୋଇ ଶିକ୍ଷା ଅନୁଷ୍ଠାନକୁ ଆଇଜର ପ୍ରବେଶିକା ପରୀକ୍ଷା ଦେବାକୁ ଯାଇଥିଲେ। ସେଠାରେ ସେ ନିଜ ସ୍କୁଟି ରଖି ଡିକିରେ ମୋବାଇଲ ରଖି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ। ପରୀକ୍ଷା ସରିବା ପରେ ସେ ବାହାରକୁ ଆସି ଦେଖିବା ବେଳେ ତାଙ୍କ ସ୍କୁଟି ସେଠାରୁ ଗାଏବ ହୋଇଯାଇଥିଲା ।

## ଧାର ନେଇ ୭.୮୦ ଲକ୍ଷ ଠକେଇ

ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ) ଜଣେ ବ୍ୟକ୍ତିଙ୍କ ଠାରୁ ୭ ଲକ୍ଷ ୮୦ ହଜାର ଟଙ୍କା ଧାର ନେବା ପରେ ପରବର୍ତ୍ତୀ ସମୟରେ ତାଙ୍କୁ ଠକେଇ କରାଯାଇଥିଲା। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି । ପୋଲିସ ଏସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବିଜୟବିହାରରେ ରହୁଥିବା ଜଗନ୍ନାଥ ପାତ୍ରଙ୍କ ଠାରୁ ତାଙ୍କର ଚିହ୍ନା ପରିଚୟ ଥିବା ୨ ଜଣ ବ୍ୟକ୍ତି କୌଣସି କାମ ପାଇଁ ୭ ଲକ୍ଷ ୮୦ ହଜାର ଟଙ୍କା ଧାର ନେଇଥିଲେ। ଅଭିଯୁକ୍ତମାନେ ଫ୍ଲାଟ ବ୍ୟବସାୟ କରୁଥିବାରୁ ଜଗନ୍ନାଥ ଉଭୟଙ୍କୁ ବିଶ୍ୱାସ କରି ଅନଲାଇନରେ ୭ ଲକ୍ଷ ୮୦ ହଜାର ଟଙ୍କା ପଠାଇଥିଲେ। ନିର୍ଦ୍ଧାରିତ ସମୟର ଅନେକ ମାସ ଯାଏଁ ଉଭୟେ ତାଙ୍କୁ ଟଙ୍କା ଫେରସ୍ତ କରିନଥିଲେ। ଋଣ ଦାତା ଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ଅଭିଯୁକ୍ତମାନେ ତାଙ୍କୁ ଏକ ଫ୍ଲାଟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଫ୍ଲାଟ ମଧ୍ୟ ତାଙ୍କ ନାମରେ ପଞ୍ଜିକରଣ କରାଇନଥିଲେ। ଏପଟେ ଟଙ୍କା ମାଗିବାରୁ ଜଗନ୍ନାଥଙ୍କୁ ଧମକ ଦେଇଥିଲେ ବୋଲି ସେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

# ୧୦୦ ଜଣଙ୍କୁ ଗର୍ଭାଶୟ ଗ୍ରୀବା କର୍କଟ ପ୍ରତିଷେଧକ ଟିକା



ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ଗାନ୍ଧୀ ମାର୍କେଟ ସ୍ଥିତ ସ୍ନେହମ ଠାରେ ୯ରୁ ୨୬ ବର୍ଷ ବୟସର ୧୦୦ ଝିଅଙ୍କୁ ଗର୍ଭାଶୟ ଗ୍ରୀବା କର୍କଟରୁ ରକ୍ଷା ପାଇଁ ପ୍ରତିଷେଧକ ଟିକା ପ୍ରଥମ ମାତ୍ରା ନିଃଶୁଳ୍କ ପ୍ରଦାନ କରାଯାଇଛି। ଫ୍ରେଣ୍ଡସ ହେଲପିଂ କ୍ଲବ ଆନୁକୂଲ୍ୟରେ ଏହା ଅନୁଷ୍ଠିତ ହୋଇଥିଲା। ଏହାକୁ ବ୍ରହ୍ମପୁର ମହାନଗର ନିଗମର ମେୟର ସଂଘମିତ୍ରା ଦଳାଇ ଉଦଘାଟନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ.ଭବାନୀ ଶଙ୍କର ମିଶ୍ର, ଏନଏଚଏମର ଜିଲା ପ୍ରକଳ୍ପ ଅଧିକାରୀ ସ୍ମୃତିବର୍ଦ୍ଧନ ଦାସ, ଡ.ଜୟନ୍ତୀ ରାଓ ଅତିଥି ଥିଲେ। ଗର୍ଭାଶୟ ଗ୍ରୀବା କର୍କଟର ମୁଖ୍ୟ କାରଣ ହେଉଛି ଏକ ପ୍ରକାରର ଭୂତାଣୁ ଯାହାକି ହ୍ୟୁମାନ ପାପିଲିମ ଭାଇରସ। ଏହି ମାରାତ୍ମକ କର୍କଟରୁ ରକ୍ଷାପାଇବା ପାଇଁ ଏହି ଟୀକା ନେବା ଆବଶ୍ୟକ। ୯ ବର୍ଷରୁ ୧୪ ବର୍ଷର ଟୀକା ନେଇଥିବା ଝିଅ ମାନଙ୍କୁ ଠିକ ଦୁଇମାସରେ ଏହାର ଦ୍ୱିତୀୟ ଟିକା ଦିଆଯିବ ଓ ସେହିପରି ଯେଉଁ ୧୫ ବର୍ଷରୁ ୨୬ ବର୍ଷର ଯେଉଁ ଝିଅମାନେ ଟୀକା ନେଇଛନ୍ତି। ସେମାନଙ୍କୁ ଠିକ ୨ ମାସରେ ଦ୍ୱିତୀୟ ଟିକା ଓ ୬ ମାସରେ ୩ ଟୀକା ଦିଆଯିବାର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଏହି ଟୀକାନେବାକୁ ଇଚ୍ଛୁକ ଝିଅ ଓ ସେମାନଙ୍କ ପିତାମାତାଙ୍କୁ ଏହି ଟିକାର ଉଦ୍ଦେଶ୍ୟ ଓ ଉପକାରିତା ବିଷୟରେ ସଚେତନ କରାଯାଇଥିଲା ଓ ଝିଅ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିଶୁ ରୋଗ ବିଶେଷଜ୍ଞ ଡା. ଟି.ପ୍ରକାଶ ରାଓଙ୍କ ନେତୃତ୍ୱରେ ଶିଶୁ ବିଶେଷଜ୍ଞ ଡ. ଏସ.କେ.ବର୍ମା, ଡ. ରୋଶନ କୁମାର, ୟୁ.ଏସ.ମୂର୍ତ୍ତି, ଡ.ଚକ୍ରଧର ରାଜୁ, ଡ.ଜେ.ନାରାୟଣ ରାଓ ଟୀକା ପ୍ରଦାନ କରିଥିଲେ। ସିଟି ହସ୍ପିଟାଲ ପକ୍ଷରୁ ତନୁଜା ବନାଙ୍ଗୀ, ମହିଳା କର୍ମୀ ଉଷାରାଣୀ ପାଢ଼ି, ସହାୟକ ଏଲିଶା ଓ ନୀଳାଞ୍ଚଳ ପାଢି ପ୍ରମୁଖ ସହାୟତା କରିଥିଲେ।

# ଦକ୍ଷିଣ ଓଡ଼ିଶାର ୧୬ ସ୍ଥାନରେ ୩୯୬.୪ କିଲୋୱାଟ ସୌର ପ୍ୟାନେଲ ସ୍ଥାପନ



ସୌର ପ୍ୟାନେଲ ନିକଟରେ ବିଭାଗୀୟ କର୍ମଚାରୀ।

ବ୍ରହ୍ମପୁର,୨୯।୫(ସ୍ମୃତି ରଞ୍ଜନ ମହାଲିକ)

ପରିବେଶ ଓ ପର୍ଯ୍ୟାବରଣର ସ୍ଥିରତା ଏବଂ ସୁରକ୍ଷା ତଥା ନବୀକରଣ ଯୋଗ୍ୟ ଶକ୍ତି ଆପଣାଇବା କ୍ଷେତ୍ରରେ ଟିପିଏସଓଡିଏଲ ଦକ୍ଷିଣ ଓଡିଶାର ୧୬ ସ୍ଥାନରେ ୩୯୬.୪ କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ କରିଛି। ଏଗୁଡିକ କଂପାନୀର କର୍ପୋରେଟ କାର୍ଯ୍ୟାଳୟ ସର୍କଲ ଅଫିସ, ଡିଭିଜନ ଅଫିସ ସମେତ ପ୍ରାଇମେରୀ ସବଷ୍ଟେସନ ଓ ସେକ୍ସନ ଅଫିସରେ ସ୍ଥାପିତ ହୋଇଛି। ଏହି ସ୍ଥାନରେ ସୌର ପ୍ୟାନେଲ ସ୍ଥାପନ ପରେ କେବଳ ଦୈନନ୍ଦିନ ବିଜୁଳି ଆବଶ୍ୟକତା ପୂରଣ କରିପାରୁଛି। ବ୍ରହ୍ମପୁର ସ୍ଥିତ କର୍ପୋରେଟ କାର୍ଯ୍ୟାଳୟରେ ୧୦୦ କିଲୋୱାଟ, ଛତ୍ରପୁର ଡିଭିଜନରେ ୩୪.୧ କିଲୋୱାଟ, ଏମଆରଟି ଆମ୍ବଗଡଠାରେ ୨୭.୫ କିଲୋୱାଟ, ଶାସନ ଆମ୍ବ ଗାଁ ପିଏସଏସରେ ୨୮.୬ କିଲୋୱାଟ, ହିଞ୍ଜିଳି ସିଆରସି, ଡିଭିଜନ ଅଫିସ ଓ ପିଏସଏସଠାରେ ୨୮.୫ କିଲୋୱାଟ କ୍ଷମତାର ସୌର ପ୍ୟାନେଲ ସ୍ଥାପନ ହୋଇଛି। ଟିପିଏସଓଡିଏଲର ଏହି ପ୍ରୟାସରୁ ପ୍ରତି ବର୍ଷ ୩୮୮.୫ ଟନ କାର୍ବନ ଡାଇଅକ୍ସାଇଡ ହ୍ରାସ ଲକ୍ଷ୍ୟ ସହ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ବର୍ତ୍ତି ପାରିବ ବୋଲି କଂପାନୀ ପକ୍ଷରୁ କୁହାଯାଇଛି।

# ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ନର୍ସିକନ କାର୍ଯ୍ୟକ୍ରମ

ବ୍ରହ୍ମପୁର,୨୯।୫(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡ଼ିକାଲ ଓ ହସ୍ପିଟାଲ ପରିସରରେ ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ପକ୍ଷରୁ ନର୍ସିକନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶାଖା ସଂଭାନେତ୍ରୀ କନକଲତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ନର୍ସିଂ ନିର୍ଦ୍ଦେଶକ ଡ଼ା. ଶକ୍ତି ପ୍ରକାଶ ମିଶ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏମକେସିଜି ମେଡ଼ିକାଲ ଓ ହସ୍ପିଟାଲ ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଅତିରିକ୍ତ ନର୍ସିଂ ଅଧୀକ୍ଷକ ଚୁଳାମଣି ହେମରମ, ଓଡ଼ିଶା ଡାକ୍ତରୀ ଶିକ୍ଷକ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଡ଼ା. ନିହାର ରଞ୍ଜନ ସାହୁ, ଓଡ଼ିଶା ନର୍ସିଂ କର୍ମଚାରୀ ସଂଘ ସଭାପତି ସୁଚିସ୍ମିତା ଦାଶ, ସାଧାରଣ ସମ୍ପାଦକ ଅଶ୍ୱିନୀ ଦାଶ ଉପସ୍ଥିତ ଥିଲେ। ନର୍ସିଂ ଅଫିସରଙ୍କ କାର୍ଯ୍ୟ ଓ ରୋଗୀ ଚିକିତ୍ସା ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଶାଖା ସାଧାରଣ ସମ୍ପାଦିକା ସୁପ୍ରଭା ବେହୁରା ସଂଘର ବିଭିନ୍ନ ଦାବି ସମ୍ପର୍କରେ ଉପସ୍ଥାପନ କରିଥିଲେ।


बैंक ऑफ़ बड़ौदा
Bank of Baroda

ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା ଭର୍ଟିକାଲ
ବ୍ୟାଙ୍କ ଅଫ୍ ବରୋଦା, ବରୋଦା କର୍ପୋରେଟ୍ ସେଣ୍ଟର, ସି-୨୬, ଜି-ବ୍ଲକ, ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସ, ବାନ୍ଦ୍ରା ପୂର୍ବ, ମୁମ୍ବାଇ-୪୦୦୦୫୧
ଇମେଲ: wfd.bcc@bankofbaroda.co.in

BOB: SAMV:117:1101 | Date: 17.05.2025

**ଇଚ୍ଛାକୃତ ଋଣ ଖିଲାପୀ ଶ୍ରେଣୀ ବିଭାଗ :**
**ସମୀକ୍ଷା କମିଟି ନିକଟରେ ପକ୍ଷ ଉପସ୍ଥାପନ କରିବା ସୁଯୋଗ**

**ମେସର୍ସ ଗୁପ୍ତା ପାୱାର ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ.,** ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା- ଇଏନ୍-୬୨, ସେକ୍ଟର-୫, ୭ମ ଫ୍ଲୋର, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ-୭୦୦୦୯୧

**ଶ୍ରୀ ପ୍ରବୀଣ କୁମାର ଅଗ୍ରୱାଲ (ନିର୍ଦ୍ଦେଶକ),** ଫ୍ଲାଟ୍ ନଂ.: ୬୨୭, ଗୋବିନ୍ଦ ବ୍ଲକ, ବାଲାଜୀ କମ୍ପ୍ଲେକ୍ସ, ଜେଲ୍ ରୋଡ଼, ଝାରପଡ଼ା, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା-୭୫୧୦୦୬

**ତା୦୬.୦୨.୨୦୨୫ରିଖ**ରେ ଆପଣଙ୍କ ପଞ୍ଜିକୃତ ଠିକଣାରେ **ତା୦୩.୦୨.୨୦୨୫ରିଖ** କାରଣ ଦର୍ଶାଅ ନୋଟିସ ଆପଣଙ୍କ ନିକଟକୁ ପ୍ରେରଣ କରାଯାଇଥିଲା। ଯାହା କି ଫେରସ୍ତ ଆସିଥିବା କାରଣରୁ ତାହାର ଖବରକାଗଜ ପ୍ରକାଶନ **ଦି ନିଉ ଇଣ୍ଡିଆନ ଏକ୍ସପ୍ରେସ(ଭୁବନେଶ୍ୱର) ଏବଂ ଧରିତ୍ରୀ( ଭୁବନେଶ୍ୱର) ତା୧୭.୦୨.୨୦୨୫ରିଖ**ରେ ପ୍ରକାଶ କରାଯାଇଥିଲା। ଆପଣଙ୍କ ତରଫରୁ ଉପସ୍ଥାପିତ ଉତ୍ତରକୁ ଗ୍ରହଣ କରାଯାଇଥିଲା। ଏବଂ ତାହାକୁ ଚିହ୍ନଟ କମିଟି ଦ୍ୱାରା ପରୀକ୍ଷା କରାଯାଇ ଶେଷ ନିଷ୍ପତ୍ତି ଜାରି କରାଗଲା କି ଋଣ ଖିଲାପୀ ଶ୍ରେଣୀଭୁକ୍ତ ବିରୁଦ୍ଧରେ ପ୍ରତିପାଦିତ ତଥ୍ୟାବଳୀ ଏବଂ ଉତ୍ତର ଯଥେଷ୍ଟ ନୁହେଁ। ଖିଲାପର ଦିଗଗୁଡ଼ିକ ସମାଧାନ କରାଯାଇନାହିଁ। ଆପଣଙ୍କର ପ୍ରତିକ୍ରିୟା ଆମର ମୂଲ୍ୟାୟନକୁ ପରିବର୍ତ୍ତନ କରିବା ପାଇଁ ପର୍ଯ୍ୟାପ୍ତ କାରଣ ପ୍ରଦାନ କରେ ନାହିଁ। ତେଣୁ ଇଚ୍ଛାକୃତ ଖିଲାପ କମିଟି ଆପଣଙ୍କର ଇଚ୍ଛାକୃତ ଖିଲାପର ବର୍ଗୀକରଣ ପାଇଁ ସମୀକ୍ଷା କମିଟିକୁ ସୁପାରିସ କରିଛି। ଆପଣ ଏହି ନୋଟିସର **୧୫ ଦିନ** ମଧ୍ୟରେ ଉପରେ ଦିଆଯାଇଥିବା ଠିକଣାରେ ସମୀକ୍ଷା କମିଟି ନିକଟରେ ନିଜର ପକ୍ଷ ରଖିପାରିବେ। ଯଦି ଏହା ନ ହୁଏ ତେବେ ସମୀକ୍ଷା କମିଟି ଆପଣଙ୍କୁ ଇଚ୍ଛାକୃତ ଖିଲାପ ଭାବରେ ବର୍ଗୀକରଣର ସ୍ୱତନ୍ତ୍ର କ୍ଷମତା ରଖିଛନ୍ତି। ଆପଣ ଆପଣଙ୍କ ଆକାଉଣ୍ଟ ଯେଉଁଠାରେ ପରିଚାଳନା କରୁଛନ୍ତି ସେହି ସମ୍ପୃକ୍ତ ଶାଖାରୁ ଆପଣଙ୍କ ପ୍ରତିନିଧିତ୍ୱର ସବିଶେଷ ଉତ୍ତର ସଂଗ୍ରହ କରିପାରିବେ।

ତାରିଖ: ୨୯.୦୫.୨୦୨୫ | ସ୍ୱା/- ମହାପ୍ରବନ୍ଧକ

**कार्यपालक अभियंता का कार्यालय**
**लघु सिंचाई प्रमण्डल, मेदिनीनगर।**
g-mail I.D. – eemid041@gmail.com

पत्रांकः– 206 मेदिनीनगर, दिनांक– 28/05/2025

**शुद्धि पत्र**

इस कार्यालय के द्वारा आमंत्रित ई0 निविदा सूचना सं0:– WRD/MID/MEDININAGAR/B.D./S.L.I.-03/2025-26 PR No:- 352958 Minor Irrigation (25-26)#D है। अपरिहार्य कारणवश निम्न संशोधन किया जाता हैः–

| | | |
|---|---|---|
| 1 | वेबसाईट में ई–निविदा प्रकाशन की तिथि एवं समय | 06/06/2025 (04.00 PM) |
| 2 | वेबसाईट में ई–निविदा प्राप्ति की अंतिम तिथि एवं समय | 23/06/2025 (03.00 PM) |
| 3 | ई–निविदा खुलने की तिथि एवं समय | 24/06/2025 (04.00 PM) |

निविदा की अन्य शर्ते पूर्ववत् रहेगी।

कार्यपालक अभियंता,
लघु सिंचाई प्रमण्डल, मेदिनीनगर।

PR 353797 (Minor Irrigation) 25-26 (D)

**Government of Odisha, "e"-Procurement Notice**
**WORKS DEPARTMENT**
No.B-162 E-mail : ceroads.bbsr@gmail.com
**Bid Identification No. CE-Roads-II-03/2025-26**

1. The Chief Engineer (Roads-II), Odisha on behalf of Governor of Odisha invites percentage rate bids in double cover system through ONLINE MODE from eligible contractors for Roadwork as mentioned below :
2. Nature of work : Road work
3. No. of work : 1 No.
4. Tender Paper cost : Rs. 10,000.00
5. Class of contractor : 'A' Class/Special Class
6. Available of bid document the website : From 10.00 A.M. of 05.06.2025 to 5.30 P.M. of 25.06.2025
7. Date of opening of bid : Dt. 26.06.2025 at 11.30 A.M.
8. The Bidders have to participate in ONLINE bidding only. Further details can be seen from the website : https://tenderodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Chief Engineer (Roads-II), Odisha
OIPR-34181/11/0018/2526

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I, MALKANGIRI**
No.O-196
**NATIONAL COMPETITIVE BIDDING THROUGH e-Procurement**
**Identification No. Online Tender 01/RWD-I, MKG/2025-26 dt.23.05.2025**

01. Name of the work : Construction of Road, Building & Boxcell works (Detailed in Annexure), 02. Total Number of works : 7 nos. (Seven), 03. Estimated cost : Rs. 20.47 lakhs to Rs. 80.86 Lakhs, 04. Class of contractor : "C" & "B" Class, 05. Period of Completion : (As per Detailed in Annexure), 06. Other details :

| Procurement Officer | Bid Identification No. | No. of Works | Availability of Tender on-line for bidding | | Last Date & Time of seeking Tender Clarification | Date & Time of Opening of Tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender - 01/RWD-I, MKG/2025-26 | Total 7 nos. (Single Cover & Double Cover) | 06.06.2025 from 11.00 A.M. | 20.06.2025 up to 5.00 P.M. | 19.06.2025 up to 5.00 P.M. | Tech Bid opening : (Single Cover & Double Cover Tech. Bid) 21.06.2025 at 11.00 A.M. |

Further details can be seen from the website: www.tendersorissa.gov.in.

Sd./- Sujata Dishari
Superintending Engineer
R.W. Division-I, Malkangiri
OIPR-25058/11/0012/2526

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, BALANGIR (R&B) CIRCLE : BALANGIR**
Mail ID : sepwdbalangir@gmail.com
**e-Procurement Notice**
**Bid Identification No. : CCE(R&B) BGR/03/2025-26**
**Letter No. - 998** **Dtd. : 23.05.2025**

**No.B-152** : The **Chief Engineer, Balangir (R&B) Circle, Balangir** on behalf of Governor of Odisha invites percentage rate bid in double cover system in **ONLINE MODE** for the construction of works detailed in the table below from **"B" "A" & "Special" Class** Contractors registered with the State Governments and contractors of equivalent Grade/Class registered with Central Government/MES/Railways for execution of Civil works. The proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Nature of Work | : | Building work |
| 2. | No. of tender | : | Building work - 3 Nos. |
| 3. | Tender Cost | : | Rs. 10,000/- |
| 4. | Class of Contractor | : | "B" "A" & "Special" Class |
| 5. | Date & Time of sale & Receipt of Bids | : | From Dt. 05.06.2025, 05.00 P.M. to Dt. 19.06.2025 up to 05.00 P.M. |
| 6. | Date of opening Bid | | Dt. 20.06.2025 at 11.00 A.M. |
| 7. | The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendum will be available on ONLINE MODE only. | | |

Sd./- Chief Costruction Engineer,
Balangir (R&B) Circle, Balangir
OIPR-34131/11/0011/2526

**कार्यालय मुख्य अभियंता**
**लोक स्वास्थ्य यांत्रिकी विभाग, रायपुर परिक्षेत्र, रायपुर (छ.ग.)**
**ई-प्रोक्योरमेंट निविदा सूचना**

एकीकृत पंजीयन प्रणाली अंतर्गत सक्षम श्रेणी में पंजीकृत ठेकेदार से प्रपत्र ''ए'' में प्रतिशत दर पर कार्य हेतु ऑनलाईन निविदा आमंत्रित की जाती है:-

| क्रं | निविदा आमंत्रण क्र./दिनांक | सिस्टम नं. | निविदा आमंत्रण | जिला | कार्य का विवरण | अनुमानित लागत (रू. लाख में) | ठेकेदारो की श्रेणी |
|---|---|---|---|---|---|---|---|
| 1 | 35/26.05.2025 | 169015 | द्वितीय | रायपुर | रायपुर जिले के विकासखण्ड आरंग के ग्राम भिलाई में स्थित रिजर्व फोर्स पुलिस कैम्प में पेयजल व्यवस्था कार्य | 1169.18 | अ एवं उच्च |

Important Events and Time Schedule - Date of Calling NIT - 26.05.2025, Bid Start Date: 29.05.2025, Pre Bid meeting Date: 03.06.2025, Bid due Date: 20.06.2025, PHY Doc. submission Last Date: 23.06.2025, PQ Document Download Date: 23.06.2025.

नोट: उपरोक्त निर्माण कार्यो की निविदा की सामान्य शर्तों, धरोहर राशि, विस्तृत निविदा विज्ञप्ति, निविदा दस्तावेज व अन्य जानकारी ई-प्रोक्योरमेंट वेबपोर्टल https://eproc.cgstate.gov.in में उक्त निविदा दिनांक 28.05.2025 से देखी जा सकती है।

स्वा./- अधीक्षण अभियंता (प्रकोष्ठ प्रभारी)
राज्य स्तरीय निविदा प्रकोष्ठ
कार्यालय मुख्य अभियंता,
लो.स्वा.यां विभाग, परिक्षेत्र, रायपुर (छ.ग.)
G-252601211/2

**Govt. of Jharkhand**
**Directorate of Sports & Youth Affairs**
**(Department of Tourism, Art Culture, Sports & Youth Affairs)**
**Gate No. 28, Birsa Munda Football Stadium, Morabadi, Ranchi - 834008**
**E-mail Id - directorsportsjharkhand@gmail.com**

**Corrigendum – 1**
(NIT No. 13/2025-26 Dated 26.05.2025)

Sub: Corrigendum No. 3 to the above referred NIT No.: 13/2025-26 dated 26th May, 2025 (PR No. - 353530 Dated: 27.05.2025 against the RFP of Rate contract for supply of Sports and Generic Kits.
The following changes are incorporated to the RFP:

| S.N. | RFP Clause Reference | Existing Clause | To be Read as |
|---|---|---|---|
| 1. | IFB (Page 2) Last date and time for physical submission of Tender, Original Demand Draft towards cost of bid document, Earnest Money and Samples/Catalogue | Up to 01.00 PM on 02nd June 2025 | Last date and time for physical submission of Tender, Earnest Money and Samples/Catalogue Up to 11.00 AM on 06th June 2025 |
| 2. | IFB (Page 2) Date and time for opening of Tender Part -I (Technical Bid) | At 03.00 PM on 02nd June 2025 | At 12.00 PM on 06th June 2025 |
| 3. | Section -III (A) S. No 8 | The Manufacturer/OEM should have a valid and effective factory registration and DIC certificate and should be manufacturing all items as mentioned in Section V. | The Manufacturer/OEM should have a valid and effective factory registration or DIC/NSIC certificate and should be manufacturing all items as mentioned in Section V. |
| 4. | Section III, Page No. 13 to 15 | Evaluation Criteria | Attached as Annexure-'A' |

Note: 1. Comprehensive information regarding the corrigendum is available on website – sports.jharkhand.gov.in
2. All other terms and conditions mentioned in tender document will remain unchanged.

Sd/-, Director
Directorate of Sports & Youth Affairs
Jharkhand, Ranchi
PR 353860 Art Culture Sports and Youth Affairs(25-26)#D

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, राँची**
**ई–प्रोक्योरमेंट सूचना**
टेन्डर रेफरेंन्स नं0–प0नि0वि0/राँची–02/2025–26 दिनांक :–28.05.2025

| | | |
|---|---|---|
| 1. | कार्य का नाम | हरमू रोड से टेलिफोन एक्सेन्ज रोड भाया अवधूत आश्रम, सेवा सदन एवं जालान टिम्बर रोड तथा मेन रोड उर्दू लाईब्रेरी से किशोरगंज चौक भाया राँची लेक रोड (कुल लम्बाई–4.110 कि0मी0) का राईडिंग क्वालिटी में सुधार (IRQP) कार्य वर्ष 2025–26. |
| 2. | प्राक्कलि राषि (रू0 लाख में) | रू0 320.22455 लाख (रूपये तीन करोड़ बीस लाख बाईस हजार चार सौ पचपन रूपये) मात्र। |
| 3. | अग्रधन की राशि (रू0 लाख में) | रू0 3.21 लाख (रूपये तीन लाख एक्कीस हजार) मात्र। |
| 4. | कार्य पूर्ण करने की अवधि | 03 (तीन) माह |
| 5. | वेबसाईड पर निविदा प्रकाशन की तिथि | 30.05.2025 10.30 बजे पूर्वाह्न |
| 6. | निविदा प्राप्ति की अंतिम तिथि/समय | 19.06.2025 12.00 बजे दोपहर तक |
| 7. | निविदा खोलने तिथि/समय | 20.06.2025 12.30 बजे |
| 8. | निविदा प्रकाशित करने वाले कार्यालय का नाम एवं पता | कार्यपालक अभियंता पथ निर्माण विभाग, पथ प्रमंडल राँची, मोहराबादी, राँची–834008. |
| 9. | प्रोक्योरमेंट पदाधिकारी का सम्पर्क संख्या | 0651–2361018 |
| 10. | ई–प्रोक्योरमेंट सेल का हेल्पलाईन संख्या | 0651–2403007 |

- प्राक्कलित राशि एवं अग्रधन की राशि घट–बढ़ सकती है, जिसे **Tender Online Upload** में देखा जा सकता है, एवं किसी भी प्रकार का बदलाव ***http://jharkhandtenders.gov.in*** पर देखा जा सकता है।
- पथ निर्माण विभाग, झारखण्ड सरकार में निबंधित संवेदकों के लिए ***UCAN*** निबंधन आवश्यक है।
- नियम एवं शर्ते के लिए वेबसाईट ***http://jharkhandtenders.gov.in*** पर देखें।

**PR 353787 Road Construction Dept Road Division Ranchi(25-26)#D**
कार्यपालक अभियंता
पथ निर्माण विभाग,पथ प्रमंडल, राँची

# ଜନସ୍ୱାସ୍ଥ୍ୟ ଅଧୀକ୍ଷଣ ଯନ୍ତ୍ରୀ ଗିରଫ, ଗୁମର ଖୋଲୁଛି ଭିଜିଲାନ୍ସ

## ୯ବର୍ଷର ସରକାରୀ ଚାକିରିରେ ବିପୁଳ ସମ୍ପତ୍ତି ଠୁଳ

ରାୟଗଡ଼ା, (ଆଶିଷ ରଞ୍ଜନ ପଣ୍ଡା)/ ଭୁବନେଶ୍ୱର,୨୯।୫ (ସତ୍ୟଜିତ ରାଉତ)

- ୨ ଫ୍ଲାଟ୍, ୧୦ ଲକ୍ଷ ଟଙ୍କାର ସାମଗ୍ରୀ, ୧୦୦ ଗ୍ରାମ୍ ସୁନା ଠାବ
- ସାଙ୍ଗଙ୍କ ନାଁରେ ଆକାଉଣ୍ଟ, ଶେୟାର ମାର୍କେଟରେ ଲଗାଇଛନ୍ତି ୩୦ଲକ୍ଷ

ଠିକାଦାରଙ୍କଠାରୁ ଲାଞ୍ଚ ଟଙ୍କା ଧରି ଯାଉଥିବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଥିବା ରାୟଗଡ଼ା ଜନସ୍ୱାସ୍ଥ୍ୟ (ପିଏଚ୍) ଖଣ୍ଡ ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ସହଦେବ କିଷାନଙ୍କ ଦୁର୍ନୀତି ଗୁମର ଖୋଲିବାରେ ଲାଗିଛି। ଭିଜିଲାନ୍ସ ଆଖିରେ ଧୂଳିଦେବା ପାଇଁ ସାଙ୍ଗଙ୍କ ବ୍ୟାଙ୍କ ଆକାଉଣ୍ଟରେ କଳାଟଙ୍କା ଜମା କରୁଥିଲେ। ଏପରିକି ସେ ସାଙ୍ଗଙ୍କ ନାଁରେ ଶେୟାର ମାର୍କେଟ୍‌ରେ ଟଙ୍କା ମଧ୍ୟ ନିବେଶ କରୁଥିଲେ। କିଷାନ ଧରାପଡ଼ିବା ପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଦିଗକୁ ନେଇ ତାଙ୍କର ସମ୍ବଲପୁର ଓ ରାୟଗଡ଼ାସ୍ଥିତ ୨ ସ୍ଥାନରେ ଭିଜିଲାନ୍ସ ଟିମ୍ ଯାଞ୍ଚ କରିଥିଲା। ମାତ୍ର ୯ବର୍ଷର ଚାକିରି କାଳରେ କିଷାନ ବେଆଇନ ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବିପୁଳ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅର୍ଜିଥିବା ଜଣାପଡିବା ପରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଗୁରୁବାର ତାଙ୍କୁ ଗିରଫ କରିଛି। ଏ ନେଇ କିଷାନଙ୍କ ନାଁରେ କୋରାପୁଟ ଭିଜିଲାନ୍ସ ଥାନାରେ ମାମଲା (ନଂ.୨୮/୨୦୨୫) ରୁଜୁ କରାଯାଇଛି। ଅଭିଯୁକ୍ତ କିଷାନଙ୍କୁ ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଭିଜିଲାନ୍ସ ସୂଚନା ଅନୁଯାୟୀ, ସମ୍ବଲପୁରରେ କିଷାନଙ୍କ ୨ଟି ବହୁମୂଲ୍ୟ ଫ୍ଲାଟ୍ ଠାବ ହୋଇଛି। ସେହିପରି ତାଙ୍କର ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା ଏବଂ ମ୍ୟୁଚୁଆଲ୍ ଫଣ୍ଡ ଓ ଶେୟାର ଆଦିରେ ନିବେଶ ରହିଛି। ଏଥିସହ ଘରୁ ୧୦୦ ଗ୍ରାମ୍‌ର ସୁନା ଅଳଙ୍କାର ଓ ୧୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ମଧ୍ୟ ଭିଜିଲାନ୍ସ ଠାବ କରିଛି। ଆଉ ଏକ ବଡ କଥା ହେଲା, ସମ୍ବଲପୁର ଗୋଲବଜାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖାରେ କିଷାନଙ୍କ ସାଙ୍ଗ ତଥା ଉତ୍ତରପ୍ରଦେଶର ରାମେଶ କୁମାରଙ୍କ ନାଁରେ ଏକ ଆକାଉଣ୍ଟ ଥିବାବେଳେ ଏହାକୁ କିଷାନ ହିଁ ଚଳାଉଥିଲେ। ଏହି ଆକାଉଣ୍ଟରେ କିଷାନ ୧୬ଲକ୍ଷ ଟଙ୍କା ଜମା କରିଥିବା ବେଳେ ଏହାକୁ ନେଇ ଭିଜିଲାନ୍ସ ଅଧିକ ଯାଞ୍ଚ କରୁଛି। ଏଥିସହ ସାଙ୍ଗଙ୍କ ନାଁରେ ସେ ଶେୟାର ମାର୍କେଟ୍‌ରେ ୧୫ ଲକ୍ଷ ଟଙ୍କା ନିବେଶ କରିଥିବା ଭିଜିଲାନ୍ସ ଜାଣିବାକୁ ପାଇଛି।

ଉଲ୍ଲେଖଯୋଗ୍ୟ, କିଷାନ ଜଣେ ଠିକାଦାରଙ୍କଠାରୁ ବହୁ ପରିମାଣର ଟଙ୍କା ନେଇଥିବା ଭିଜିଲାନ୍ସ ଟିମ୍ ସୂଚନା ପାଇଥିଲା। ବୁଧବାର ସନ୍ଧ୍ୟାରେ କିଷାନ ୧.୫୦ ଲକ୍ଷ ଟଙ୍କା ନେଇ ଅଫିସରୁ ସରକାରୀ ବାସଭବନ ଅଭିମୁଖେ ଏକ ସ୍କର୍ପିଓରେ ଯିବାବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ କାବୁକରିଥିଲା।


ସହଦେବ କିଶାନ

### କରିତ୍ କର୍ମା କିଷାନ: ଏଇଇରୁ ଏସ୍ଇ

ଭିଜିଲାନ୍ସ ହାତରେ ଧରାପଡ଼ିଥିବା ସହଦେବ କିଷାନ କଳାଟଙ୍କାରେ ବିପୁଳ ସମ୍ପତ୍ତି ଠୁଳ କରି ନ ଥିଲେ, ନିଜ ଚାକିରିରେ ପଦୋନ୍ନତି ପରେ ପଦୋନ୍ନତି ପାଇ ଚାଲିଥିଲେ। ମାତ୍ର ୯ବର୍ଷରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ରୁ ଦୁଇଥର ପଦୋନ୍ନତି ପାଇ ଅଧୀକ୍ଷଣ ଯନ୍ତ୍ରୀ (ଏସ୍ଇ) ହୋଇଯାଇଥିଲେ। କରିତ୍‌କର୍ମା କିଷାନଙ୍କ ଚାକିରି କାଳର କଳା ଚିଠା ଖୋଲିଦେଇଛି ଭିଜିଲାନ୍ସ। କିଷାନ ୨୦୧୬ ମାର୍ଚ୍ଚ ୨୯ରେ ସରକାରୀ ସେବାରେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ବିଭାଗରେ ଏଇଇ ଭାବେ କାର୍ଯ୍ୟ କରିଥିଲେ। ସେ ଏଇଇ ଭାବେ ଓଡ଼ିଶା ଜଳ ଯୋଗାଣ ଓ ପରିମଳ ବୋର୍ଡର ସମ୍ବଲପୁର ପରେ ଭବାନୀପାଟଣା ଜନସ୍ୱାସ୍ଥ୍ୟ ମଣ୍ଡଳ ଏବଂ ରାୟଗଡ଼ା ଜନସ୍ୱାସ୍ଥ୍ୟ ଖଣ୍ଡରେ କାମ କରିଥିଲେ। କିଷାନ ୨୦୨୨ରେ ନିର୍ବାହୀ ଯନ୍ତ୍ରୀ (ଇଇ) ଏବଂ ୨୦୨୫ ମାର୍ଚ୍ଚ ୧ରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିଲେ।

# ଫୋନ୍ ପେ'ରେ ଲାଞ୍ଚ ନେଇ କ୍ୟାଶିୟର, ଆକାଉଣ୍ଟାଣ୍ଟ ଗିରଫ

## ଠିକାଦାରଙ୍କ ଅଭିଯୋଗକ୍ରମେ ଭିଜିଲାନ୍ସ ଚଢାଉ

ପାରଳାଖେମୁଣ୍ଡି,୨୯।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା କ୍ଷୁଦ୍ର ଜଳସେଚନ ବିଭାଗରେ କାମ କରୁଥିବା ଜଣେ ଠିକାଦାରଙ୍କଠାରୁ ବିଭାଗର ଦୁଇ କିରାଣି ୩୦ ହଜାର ଟଙ୍କା ଲାଞ୍ଚ ନେବା ମହଙ୍ଗା ପଡିଛି। ବ୍ରହ୍ମପୁର ଭିଜିଲାନ୍ସବର ଏକ ଟିମ ଗୁରୁବାର ଉଭୟଙ୍କୁ ବାନ୍ଧିଛି। ସେମାନେ ହେଲେ ଉକ୍ତ କାର୍ଯ୍ୟାଳୟର ବରିଷ୍ଠ ପ୍ଲାନିଂ ଆସିଷ୍ଟାଣ୍ଟ ତଥା କ୍ୟାସିୟର ନରେଶ ପଟ୍ଟନାୟକ ଓ ଆକାଉଣ୍ଟାଣ୍ଟ ସୁରଜ ପ୍ରସାଦ ଜୟସ୍ୱାଲ । ମାମଲା ନଂ. ୫/୨୫ରେ ଉଭୟଙ୍କୁ ଗିରଫ କରାଯାଇଛି ବୋଲି ଭିଜିଲାନ୍ସ ଏସ୍‌ପି ପ୍ରଦୀପ ପ୍ରଧାନ କହିଛନ୍ତି।

ମାମଲାରୁ ପ୍ରକାଶ, ଜଣେ ଠିକାଦାର ଗଜପତି କ୍ଷୁଦ୍ର ଜଳସେଚନ ବିଭାଗର ୪ଟି କାମ କରିଥିଲେ। ଉକ୍ତ କାମଗୁଡ଼ିକର ବିଲ୍ ପାସ କରି ଦେବାକୁ ସମ୍ପୃକ୍ତ ଦୁଇ କର୍ମଚାରୀ ତାଙ୍କଠାରୁ ୩୦ ହଜାର ଟଙ୍କା ଦାବି କରିଥିଲେ। ବିଲ ପାସ ପାଇଁ ଠିକାଦାର ଜଣଙ୍କ ଉକ୍ତ ଦୁଇ କିରାଣିଙ୍କ ଦାବି ମୁତବାକ ଟଙ୍କା ଉଭୟଙ୍କ ଆକାଉଣ୍ଟକୁ ୧୫ ହଜାର ଟଙ୍କା ଲେଖାଏ ପଠାଇଥିଲେ। ହେଲେ ତାଙ୍କ ବିଲ ପାସ ହୋଇ ନ ଥିଲା। ସେ ଏନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଟିମ୍ ଏହାର ତଦନ୍ତ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଉଭୟଙ୍କ ମୋବାଇଲ ଜବତ କରି ତଦନ୍ତ କରାଯାଉଛି। ବର୍ତ୍ତମାନ କ୍ୟାଶିୟର ଜୟସ୍ୱାଲ ଛେଳିଗଡ଼ ପ୍ରକଳ୍ପ ଓ ପାରଳାଖେମୁଣ୍ଡି କ୍ଷୁଦ୍ର ଜଳସେଚନ ବିଭାଗର ଦୁଇଟି ଯାକ କାର୍ଯ୍ୟାଳୟର କ୍ୟାସିୟର ଦାୟିତ୍ୱରେ ରହିଥିବା ଜଣାପଡିଛି। ପାରଳାଖେମୁଣ୍ଡି ଓ ଛେଳିଗଡ଼ ପ୍ରକଳ୍ପ କାର୍ଯ୍ୟାଳୟ ଦୁଇଟିଯାକ କାର୍ଯ୍ୟାଳୟ ଏବଂ ଛେଳିଗଡ଼ସ୍ଥିତ ତାଙ୍କ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ ଖାନତଲାସ ଜାରି ରଖିଛି। ସେହିପରି ଆକାଉଣ୍ଟାଣ୍ଟ ନରେଶ ପଟ୍ଟନାୟକଙ୍କ କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନରେ ମଧ୍ୟ ଟିମ୍ ଯାଞ୍ଚ କରୁଛି।


ନରେଶ ପଟ୍ଟନାୟକ


ସୁରଜ ପ୍ରସାଦ ଜୟସ୍ୱାଲ

# ଜାଲ ଦସ୍ତଖତରେ ମଜୁରି ଅର୍ଥ ହରିଲୁଟ୍

କେନ୍ଦୁଝର,୨୯।୫(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଦେଓବନ୍ଦ ସେକ୍ସନ ଦେଓବନ୍ଦ ବିଟ୍ ଅନ୍ତର୍ଗତ ନଳପଙ୍ଗା ସଂରକ୍ଷିତ ଜଙ୍ଗଲରେ ବନୀକରଣ କାର୍ଯ୍ୟରେ ଜାଲ ଦସ୍ତଖତ ହୋଇ ବିଲ ଉଠାଯାଇଛି। ଏନେଇ ପୂର୍ବତନ ବନପାଳ ରାମଚନ୍ଦ୍ର ନାଏକଙ୍କ ଅଭିଯୋଗ ଆଧାରରେ ଡିଏଫ୍‌ଓ ଏଚ୍‌ଡି ଧନରାଜ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଘଟଗାଁ ରେଞ୍ଜ ନଳପଙ୍ଗା ସଂରକ୍ଷିତ ଜଙ୍ଗଲରେ ୧୦୦ ହେକ୍ଟର ଉଜୁଡା ଜଙ୍ଗଲ ଜମିରେ ୨୦୨୪-୨୫ ଆର୍ଥିକ ବର୍ଷରେ ୫୦ ହଜାର ଚାରାରୋପଣ ହୋଇଥିଲା। କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ମଜୁରୀ ଫରେଷ୍ଟର ରାମଚନ୍ଦ୍ର ନାଏକଙ୍କ ଜାଲ ଦସ୍ତଖତ କରି ତାଙ୍କ ଦ୍ୱାରା ପଇଠ କରାଯାଇଥିବା ଦର୍ଶାଯାଇଥିଲା। ପ୍ରାୟ ୬ ଲକ୍ଷ ଟଙ୍କା ହରିଲୁଟ କରାଯାଇଥିବା ଦେଓବନ୍ଦର ବନପାଳ ସରୋଜ ବେହେରା ପୂର୍ବତନ ବନପାଳ ନାଏକଙ୍କୁ ଜଣାଇବା ପରେ ଘଟଣା ପଦାକୁଆସିଥିଲା। ଡିଏଫ୍‌ଓ ଏସିଏଫ ଡ. ସୁଦିପ୍ତ ପଣ୍ଡାଙ୍କୁ ତଦନ୍ତ ଆଦେଶ ଦେଇଛନ୍ତି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ: ଧରାଛୁଆଁ ଦେଉନାହାନ୍ତି ପ୍ରେମିକ

## ଥାନାରେ ଅଭିଯୋଗ କଲେ ପ୍ରେମିକା

ବାଲିଆପାଳ, ୨୯।୫ (ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନମଣ୍ଡଳୀର ଜଣେ ଲୋକପ୍ରତିନିଧିଙ୍କ ପୁଅଙ୍କ ନାମରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି ଜଣେ ଯୁବତୀ। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ପରେ ଏବେ ଧରା ଛୁଆଁ ଦେଉନାହାନ୍ତି ପ୍ରେମିକ। ନ୍ୟାୟ ପାଇଁ ପ୍ରେମିକଙ୍କ ବିରୋଧରେ ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବାଲିଆପାଳ ଥାନା ପୋଲିସ ଏକ ମାମଲା(ନଂ.୧୨୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ ବାଲିଆପାଳ ଥାନା ଅଞ୍ଚଳର ଜଣେ ଯୁବତୀ ଡାଏଲିସିସ ଟେକନିସିଆନ୍ କୋର୍ସ କରିବା ପାଇଁ କେନ୍ଦୁଝର ଯାଇଥିଲେ। ସେଠାରେ ସିନିୟର ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ଉକ୍ତ ଯୁବକଙ୍କ ସହ ପରିଚୟ ହେବା ପରେ ଉଭୟଙ୍କ ଭିତରେ ଭଲ ପାଇବା ଆରମ୍ଭ ହୋଇଥିଲା। ଏହାପରେ ବିବାହ ପ୍ରତିଶ୍ରୁତି ଦେଇ ଯୁବକ ଜଣକ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଏକଥା ଜାଣିବା ପରେ ପ୍ରଥମେ ଉଭୟଙ୍କ ପରିବାର ଲୋକେ ଦୁଇଜଣଙ୍କ ବାହାଘର ପାଇଁ ସହମତି ପ୍ରଦାନ କରିଥିଲେ। ମାତ୍ର ପରମୁହୂର୍ତ୍ତରେ ଯୁବକଜଣକ ବାହା ହେବାକୁ ରାଜି ନ ହେବା ସହ ତାଙ୍କ ପରିବାର ଲୋକେ ବୋହୂ କରିବା ପାଇଁ ମଧ୍ୟ ମନା କରିବାରୁ ସମ୍ପୃକ୍ତ ଯୁବତୀ ନ୍ୟାୟ ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଯୁବକଙ୍କ ପରିବାର ଲୋକେ କହିଛନ୍ତି ଯେ, ସେମାନେ ବୋହୂ କରିବା ପାଇଁ ରାଜିଥିଲେ ମଧ୍ୟ ଝିଅ ଘର ଲୋକେ ଜାତିଆଣ ଆକ୍ଷେପ କରି ବିବାହ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଛନ୍ତି। ଘଟଣାର ସବୁ ଦିଗରୁ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି ବୋଲି ବାଲିଆପାଳ ଥାନା ଆଇଆଇସି ଗୋବିନ୍ଦ ବେହେରା କହିଛନ୍ତି।

# ବ୍ରହ୍ମପୁରରେ ଇଡି ଟିମ୍: ବ୍ୟବସାୟୀଙ୍କ ବ୍ୟାଙ୍କ କଲୋନି, ପୈତୃକ ଘରେ ଚଢ଼ାଉ

ବ୍ରହ୍ମପୁର, ୨୯।୫ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଗୁରୁବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଏକ ଟିମ୍ ପହଞ୍ଚି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ବ୍ୟାଙ୍କ କଲୋନୀ ସିଦ୍ଧାର୍ଥନଗରରେ ରହୁଥିବା ବ୍ୟବସାୟୀ ମନୋରଞ୍ଜନ ପଣ୍ଡାଙ୍କ ଘରେ ଚଢ଼ାଉ କରିଛି। ପଣ୍ଡା ପ୍ଲଟ ବ୍ୟବସାୟ କରନ୍ତି। ଇଡି ସେଠାରେ ପହଞ୍ଚି ତାଙ୍କ ଘରକୁ ପ୍ରଥମେ ସିଲ୍ କରି ଥିଲା। କାହାକୁ ଭିତରକୁ ଛଡା ଯାଇ ନ ଥିଲା। ଇଡି ଟିମ ବ୍ୟବସାୟୀ ପଣ୍ଡା ଓ ତାଙ୍କ ପରିବାରବର୍ଗଙ୍କ ଆର୍ଥିକ କାରବାର ଯାଞ୍ଚ କରିଥିବା ସୂଚନା ମିଳିଛି। ବ୍ରହ୍ମପୁର ସହରରେ ତାଙ୍କର ଏକାଧିକ ବହୁ ମହଲା ଅଟ୍ଟାଳିକା ରହିଥିବା ଜଣାପଡିଛି। ତାଙ୍କ ନିଜ ଘର ବେଲଗୁଣ୍ଠା ନିକଟସ୍ଥ ଚଡ଼େୟାପଲ୍ଲୀରେ। ତାଙ୍କର ଏତେ ସବୁ ସମ୍ପତ୍ତି କେଉଁଠୁ ଆସିଲା ତା'ର ଲିଙ୍କ ସମ୍ପର୍କରେ ଟିମ୍ ପକ୍ଷରୁ ଖୋଳତାଡ ଚାଲିଛି। ତାଙ୍କର ପୈତୃକ ଗାଁରେ ମଧ୍ୟ ଏକ ଘର ରହିଛି। କିନ୍ତୁ ସେଠାରେ ଆଉ କେହି ରହୁ ନାହାନ୍ତି। ପଣ୍ଡା ପୂର୍ବରୁ ସିମେଣ୍ଟ ଓ ଲୁହାଛଡ ବ୍ୟବସାୟ କରୁଥିଲେ। ବ୍ରହ୍ମପୁର ସିଦ୍ଧାର୍ଥନଗରରେ ରହୁଥିବା ପଣ୍ଡାଙ୍କ ଏକ ୪ ମହଲା ବିଶିଷ୍ଟ ଘର ରହିଛି। ସେ ପ୍ଲଟ ବ୍ୟବସାୟ କରୁଥିବା ବେଳେ ଅନ୍ୟ କ୍ଷେତ୍ରରେ ଟଙ୍କା ନେଣଦେଣ କରୁଥିବା ସନ୍ଦେହ କରାଯାଉଛି। ତେବେ କେଉଁ କାରଣ ପାଇଁ ଇଡି ଟିମ୍ ତାଙ୍କ ଘରେ ଚଢ଼ାଉ କରିଛି ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଏ ସମ୍ପର୍କରେ ଟିମ କୌଣସି ମତାମତ ଦେବାକୁ ମନା କରିଦେଇଛନ୍ତି।


ସିଦ୍ଧାର୍ଥନଗରସ୍ଥିତ ମନୋରଞ୍ଜନ ପଣ୍ଡାଙ୍କ ଘର।

## Business

# ସର୍ବୋଚ୍ଚ ସ୍ତରରେ ଭାରତର ଘରୋଇ ପ୍ରତିରକ୍ଷା ଉତ୍ପାଦନ

ଭୁବନେଶ୍ୱର,୨୯।୫

ବିଗତ କିଛି ବର୍ଷ ମଧ୍ୟରେ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ଏପରିକି ଭାରତର ଘରୋଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ବୋଲି ଗୁରୁବାର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଭାରତୀୟ ଶିଳ୍ପ ମହାସଂଘ (ସିଆଇଆଇ)ର ବାର୍ଷିକ ଅଧିବେଶନ-୨୦୨୫ରେ ଯୋଗଦେଇ କହିଛନ୍ତି। ଅପରପକ୍ଷରେ ସେ କହିଛନ୍ତି, ଭାରତ ବର୍ତ୍ତମାନ ୧.୪୬ ଲକ୍ଷ କୋଟି ଟଙ୍କାର ଘରୋଇ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ କରୁଥିଲାବେଳେ ୨୪,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି କରୁଛି। ସେହିଭଳି ବିଗତ ଦୀର୍ଘ ଶତାବ୍ଦୀ ପୂର୍ବରୁ ଭାରତର ପ୍ରତିରକ୍ଷା ସାମଗ୍ରୀ ରପ୍ତାନି ପ୍ରାୟ ୧୦୦୦ କୋଟି ହେଉଥିଲାବେଳେ ବର୍ତ୍ତମାନ ସମୟରେ ଏହା ୨୩,୫୦୦ କୋଟି ଟଙ୍କାରୁ ଅଧିକ ହେଉଛି ବୋଲି ରାଜନାଥ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ସେହିପରି ଆଧୁନିକ ଭାରତର ସ୍ୱପ୍ନ ଦେଖୁଥିବା ସରକାର ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ସଶକ୍ତ ହେଉଛି। ଏପରିକି ସରକାରଙ୍କ ଆଭିମୁଖ୍ୟ ଓ ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଜରିଆରେ ଦେଶର ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ଉନ୍ନତ ଜ୍ଞାନକୌଶଳ ଏବଂ ଗୁଣାତ୍ମକ ସାମଗ୍ରୀ ଉତ୍ପାଦନକୁ ସବୁ ସ୍ତରରେ ଗୁରୁତ୍ୱ ଦିଆଯାଉଛି। ଫଳରେ ଭାରତ ଆଜି ଏହି ସଫଳତାରେ ପହଞ୍ଚିଛି। ଉଲ୍ଲେଖଯୋଗ୍ୟ, ଭାରତ-ପାକ୍ ଯୁଦ୍ଧ ଓ ପହଲଗାମ୍ ଆତଙ୍କବାଦ ଆକ୍ରମଣ ପରେ ଭାରତ ସରକାର ଆହୁରି କଠୋର ଓ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ସରକାର ଅତିରିକ୍ତ ଆର୍ଥିକ ସହାୟତା ମଧ୍ୟ ଯୋଗାଇ ଦେଇଛନ୍ତି। ଫଳରେ ଉଭୟ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ଓ ସେନାର ମନୋବଳ ମଧ୍ୟ ଯଥେଷ୍ଟ ପରିମାଣରେ ବୃଦ୍ଧି ପାଇଛି। ଅପରପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟି ଓ ଦେଶବାସୀଙ୍କ ସହଯୋଗ ଯୋଗୁ ସରକାର ଓ ସେନା ପାକିସ୍ତାନର ଆତଙ୍କୀ କାର୍ଯ୍ୟକଳାପ ବିରୋଧରେ ଅପରେଶନ 'ସିନ୍ଦୂର' ଭଳି ଏକ ସ୍ୱତନ୍ତ୍ର ଯୁଦ୍ଧ ରଣନୀତ ଆପଣାଇଥିଲା। ଆଗାମୀ ଦିନରେ ଭାରତୀୟ ସେନା ଓ ପ୍ରତିରକ୍ଷା କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳ ସହ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ବିଶେଷ ପଦକ୍ଷେପକୁ ବିନିଯୋଗ କରିବ ବୋଲି ରାଜନାଥ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ବଜେଟ (ୟୁନିୟନ ବଜେଟ-୨୦୨୫)ରେ ପ୍ରତିରକ୍ଷା କ୍ଷେତ୍ରକୁ ଭାରତ ସରକାର ୬.୮୧ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲାବେଳେ ଗତ ବଜେଟର ପ୍ରତିରକ୍ଷା କ୍ଷେତ୍ରକୁ ଆବଣ୍ଟନ କରାଯାଇଥିବା ପରିମାଣଠାରୁ ୯.୫% ଅଧିକ ବୋଲି ରାଜନାଥ କହିଥିଲେ। ୨୦୨୪ରେ ସରକାର ପ୍ରତିରକ୍ଷା କ୍ଷେତ୍ରକୁ ୬.୨୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଥିଲାବେଳେ ୨୦୨୫ରେ ଏହି ପରିମାଣ ୬.୮୧ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି।



ରାଜନାଥ ସିଂ

# ବଜାରରେ ରିଅଲ୍‌ମି ଜିଟି ୭ ସିରିଜ

ଭୁବନେଶ୍ୱର,୨୯।୫

ରିଅଲ୍‌ମିର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ରିଅଲ୍‌ମି ଜିଟି ୭ ସିରିଜ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ରିଅଲ୍‌ମି ଜିଟି୭ରେ ୭୦୦୦ ଏମ୍‌ଏଏଚ୍ ବ୍ୟାଟେରି, ୧୨୦ୱାଟ ଅଲଟ୍ରା ଚାର୍ଜ, ଭାରତର ପ୍ରଥମ ମିଡିଆଟେକ୍ ଡାଇମେନ୍‌ସିଟି ୯୪୦୦ଇ ଚିପ୍‌ସେଟ୍ ରହିଛି। ଏହା ୩୪,୯୯୯ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ୮ଜିବି+୨୫୬ଜିବି, ୧୨ଜିବି+୨୫୬ଜିବି ଓ ୧୨ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ସେହିଭଳି ଆଷ୍ଟନ ମାର୍ଟିନ ଫର୍ମୁଲା ୱାନ୍ ଟିମ୍ ସହ ମିଳିତ ଭାବେ ନିର୍ମିତ ରିଅଲ୍‌ମି ଜିଟି ୭ ଡ୍ରିମ୍ ଏଡିସନରେ ମଧ୍ୟ ଏକ ପ୍ରିମିୟମ ଆଷ୍ଟନ ମାର୍ଟିନ ରେସିଂ ଗ୍ରୀନ୍ ଫିନିଶ, ଏରୋଡାଇନାମିକ ଫ୍ଲୋ ଲାଇନ୍ସ ଡିଜାଇନ ଓ ଖୋଦିତ ସିଲ୍‌ଭର ୱିଙ୍ଗ୍‌ସ ଏମ୍ବ୍ଲେମ ରହିଛି। ଏହା ୪୯,୯୯୯ ଟଙ୍କାରେ ୧୬ ଜିବି+୫୧୨ଜିବି ଭାରିଆଣ୍ଟରେ ଉପଲବ୍ଧ ହେଉଛି।

# ଏଟିଏମ୍‌ରୁ ଉଠିବ ପିଏଫ୍ ଟଙ୍କା

ଭୁବନେଶ୍ୱର,୨୯।୫ (ଅନୁରାଧା ମହାରଣା)

କର୍ମଚାରୀ ଭବିଷ୍ୟନିଧି ସଂଗଠନ (ଇପିଏଫଓ) ଏହାର ନୂତନ ପ୍ଲାଟଫର୍ମ ଇପିଏଫଓ ୩.୦ ଲଞ୍ଚ କରିବାକୁ ଯାଉଛି। ଏହି ଆଇଟି ପ୍ଲାଟଫର୍ମ ମାଧ୍ୟମରେ, ସଦସ୍ୟମାନଙ୍କୁ ବ୍ୟାଙ୍କ ଭଳି ସୁବିଧା ଯୋଗାଇ ଦିଆଯିବ। ଇପିଏଫଓ ୩.୦ ଏହାର ୯ କୋଟିରୁ ଅଧିକ ଗ୍ରାହକଙ୍କୁ କୌଣସି ଅସୁବିଧା ବିନା ଅନେକ ନୂତନ ସୁବିଧା ପ୍ରଦାନ କରିବ। ଦାବି ସମାଧାନ ସ୍ୱୟଂଚାଳିତ ହେବାସହ ଡିଜିଟାଲ ଭାବରେ ତ୍ରୁଟି ସଂଶୋଧନ କରାଯିବ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଉପଭୋକ୍ତା ସିଧାସଳଖ ଏଟିଏମରୁ ପିଏଫ୍ ଟଙ୍କା ଉଠାଇପାରିବେ। ଏହାଦ୍ୱାରା ପିଏଫ୍ ଟଙ୍କା ଉଠାଇବା ପ୍ରକ୍ରିୟା ପୂର୍ବ ଅପେକ୍ଷା ସହଜ ଏବଂ ଦ୍ରୁତ ହେବ। ଏହସହ ଉପଭୋକ୍ତା ଘରେ ବସି ଅନଲାଇନରେ ଆକାଉଣ୍ଟରେ ଦିଆଯାଇଥିବା ଯେକୌଣସି ସୂଚନା ସଂଶୋଧନ କରିପାରିବେ। ଏହାଦ୍ୱାରାର ଫର୍ମ ପୂରଣ କରିବାରେ ପୂର୍ବରୁ ଯେଉଁ ସମସ୍ୟା ହେଉଥିଲା ତାହା ଦୂର ହେବ। କେନ୍ଦ୍ର ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡଭିଆ ନିକଟରେ କହିଥିଲେ ଯେ ଏହି ନୂତନ ବ୍ୟବସ୍ଥା ଚଳତବର୍ଷ ମେ'ରୁ ଜୁନ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଅଟଳ ପେନସନ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଜୀବନ ବୀମା ଯୋଜନା ଭଳି ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜନାକୁ ଏହାର ସିଷ୍ଟମରେ ଅନ୍ତର୍ଭୁକ୍ତ କରିବାକୁ ଇପିଏଫଓ ପ୍ରସ୍ତୁତ ହେଉଛ। ଏହାଦ୍ୱାରା ଅଣସଂଗଠିତ ଏବଂ ଅନୌପଚାରିକ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ମଧ୍ୟ ପେନସନ ଏବଂ ସୁରକ୍ଷାର ଉତ୍ତମ ଲାଭ ପାଇପାରିବେ। ନୂଆ ପ୍ଲାଟଫର୍ମ କାର୍ଯ୍ୟକାରୀ ହେବା ଦ୍ୱାରା ଲମ୍ବା ଫର୍ମ ପୂରଣ କରିବା ପରିବର୍ତ୍ତେ ଓଟିପି ମାଧ୍ୟମରେ ଆବଶ୍ୟକୀୟ ପରିବର୍ତ୍ତନ ଶୀଘ୍ର ଏବଂ ସୁରକ୍ଷିତ ଭାବରେ କରାଯାଇପାରିବ।

# ଆଜିଠୁ ଡବ୍ଲ୍ୟୁଆର୍‌ଏସ୍‌ର ୧୬ତମ ସଂସ୍କରଣ

ଭୁବନେଶ୍ୱର,୨୯।୫

ଆମାଜନ୍ ଫ୍ୟାଶନ୍‌ର ବହୁ ପ୍ରତୀକ୍ଷିତ ତଥା ୱାର୍ଡରୋବ୍ ରିଫ୍ରେସ୍ ସେଲ୍ (ଡବ୍ଲ୍ୟୁଆର୍‌ଏସ୍)ର ୧୬ତମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି। ଏପରିକି ଏହି ସେଲ୍ ୨୦୨୫ ମେ ୩୦ରୁ ଜୁନ୍ ୪ ପର୍ଯ୍ୟନ୍ତ ଜାରିରହିବ। ଏଥିରେ ୪ ଲକ୍ଷରୁ ଅଧିକ ଷ୍ଟାଇଲର ସବୁଠାରୁ ବିସ୍ତାରିତ ବ୍ରାଣ୍ଡ ପୋର୍ଟଫୋଲିଓକୁ ଉପସ୍ଥାପିତ କରାଯାଉଛି। ବର୍ତ୍ତମାନ ୨୦ରୁ ଅଧିକ ବ୍ରାଣ୍ଡରୁ ରଣନୈତିକ ନୂତନ ଉତ୍ପାଦ ଏବଂ କ୍ୟାରାଟଲେନ୍, ଗ୍ୟାପ୍, ୱାଇଲ୍ଡକ୍ରାଫ୍ଟ ଭଳି ଅନ୍ୟାନ୍ୟ ବ୍ରାଣ୍ଡ ସହ ଅନେକ ଆକର୍ଷଣୀୟ ଉତ୍ପାଦ ସାମିଲ ରହିଛି। ଏପରିକି ଗ୍ରାହକମାନେ ୪ଲକ୍ଷରୁ ଅଧିକ ଷ୍ଟାଇଲ୍ ମଧ୍ୟରୁ ସେମାନଙ୍କର ପସନ୍ଦର ଉତ୍ପାଦ ବାଛିପାରିବେ ଏବଂ ୧୫୦୦ରୁ ଅଧିକ ଶ୍ରେଷ୍ଠ ବ୍ରାଣ୍ଡ, ଲାଟେଷ୍ଟ ଟ୍ରେଣ୍ଡ ଏବଂ କ୍ୟାରାଟଲେନ୍, ଗ୍ୟାପ୍, କାଲଭିନ୍ କ୍ଲେନ୍, ୱାଇଲ୍ଡକ୍ରାଫ୍ଟ, ହାଇଲ୍ୟାଣ୍ଡର ଏବଂ ଅନ୍ୟାନ୍ୟ ସାମଗ୍ରୀର ନୂତନ ଶୁଭାରମ୍ଭ ଉପରେ ୫୦-୮୦% ରିହାତି ପାଇପାରିବେ। ସେହିଭଳି ବିବା, ୟୁଏସ୍‌ପିଏ, କ୍ରକ୍‌ସ, ପୁମା, ଆମେରିକାନ୍ ଟୁରିଷ୍ଟର, ସାମସୋନାଇଟ୍, ଟାଇଟନ୍, ଫସିଲ୍, କାସିଓ ଜିଭା ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡରୁ ଗ୍ରାହକଙ୍କ ପସନ୍ଦର ଜିନିଷଗୁଡ଼ିକ ଆକର୍ଷଣୀୟ ମୂଲ୍ୟରେ କିଣିପାରିବେ। ଏହା ସହ ନୂତନ ପ୍ରିମିୟମ ଗନ୍ତବ୍ୟସ୍ଥଳ ଦି ପ୍ରିମିୟମ ଏଡିଟ୍ ମଧ୍ୟ ସାମିଲ ରହିଛି। ପ୍ରିମିୟମ ଫ୍ୟାଶନ ଉତ୍ସାହୀମାନେ ଗେସ୍, ଅର୍ମାନୀ ଏକ୍ସଚେଞ୍ଜ, କାଲ୍‌ଭିନ୍ କ୍ଲେନ୍, ଲାକୋଷ୍ଟେ, ଆଲେକ୍‌ଜାଣ୍ଡର କ୍ରିଷ୍ଟି, ମାଇକେଲ୍ କୋର୍ସ, ମୋକୋବାରା, ଟମି ହିଲ୍‌ଫାଇଜର, ଲୁଇ ଫିଲିପ୍, ଫସିଲ୍ ଏବଂ ଅନ୍ୟାନ୍ୟ ସ୍ଥାନରୁ କିଣିପାରିବେ ଏବଂ ଟ୍ରେଣ୍ଡ-ସଚେତନ ଗ୍ରାହକମାନେ ସର୍ବନିମ୍ନ ୩୦% ରିହାତି ସହ ନୂତନ ଭାବରେ ଶୁଭାରମ୍ଭ ହୋଇଥିବା ଆମେରିକୀୟ କ୍ଲାସିକ୍ ବ୍ରାଣ୍ଡ ଗ୍ୟାପ ଅନୁସନ୍ଧାନ କରିପାରିବେ। ଏ ସମ୍ପର୍କରେ ଆମାଜନ୍ ଫ୍ୟାଶନ ଇଣ୍ଡିଆର ଡାଇରେକ୍ଟର ନିଖିଲ ସିହ୍ନା କହିଛନ୍ତି, ଆମେ ଆପଣଙ୍କ ପାଇଁ ବ୍ରାଣ୍ଡ, ଟ୍ରେଣ୍ଡିଂ ଷ୍ଟାଇଲ୍ ଏବଂ ରୋମାଞ୍ଚକର ନୂତନ ଶୁଭାରମ୍ଭଗୁଡ଼ିକର ଏକ ବ୍ୟାପକ ସଂଗ୍ରହ ଆଣିଛୁ। ଏସବୁ କିଛି ଆମାଜନ୍‌ର ବିଶ୍ୱାସ ଏବଂ ସୁବିଧା ସହିତ ଆକର୍ଷଣୀୟ ମୂଲ୍ୟରେ ଉପଲବ୍ଧ ରହିଛି।

# କ୍ୟାମ୍ପସ ଚୟନରେ ଡ୍ରିମ୍‌ସ ବି.ଟେକ୍‌ର ସଫଳତା


କ୍ୟାମ୍ପସ ଚୟନରେ କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କ ସମେତ କଲେଜର ଅଧ୍ୟାପକ- ଅଧ୍ୟାପିକାମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୯।୫ (ଅଭୟ ଦାଶ)

ଡ୍ରିମ୍‌ସ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍ନୋଲୋଜିର ୩୮ ଜଣ ବି.ଟେକ୍ ଛାତ୍ରୀଛାତ୍ର କ୍ୟାମ୍ପସ ଚୟନରେ ସଫଳତା ଲାଭ କରିଛନ୍ତି। ଏପରିକି ଦେଶର ଅନ୍ୟତମ ପ୍ରତିଷ୍ଠିତ ଆଇଟି ଉଦ୍ୟୋଗ 'ଅଟୋଲିଭ୍ ଇଣ୍ଡିଆ ଲିମିଟେଡ୍'ରେ ନିଯୁକ୍ତି ଲାଗି ମନୋନୀତ ହୋଇଛନ୍ତି। ଏଥିପାଇଁ ଉଭୟ ଅନ୍‌ଲାଇନ୍ ଓ ଅଫ୍‌ଲାଇନରେ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏହି ପ୍ରକ୍ରିୟାରେ କମ୍ପ୍ୟୁଟର ସାଇନ୍ସ, ଇଲେକ୍ଟ୍ରିକାଲ, ମେକାନିକାଲ, ଇଏନ୍‌ଟିସି ଓ ଟ୍ରିପଲଇ ବିଭାଗର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୨୦୨୫ ଜୁନ୍ ୨ରେ ମନୋନୀତ ସମସ୍ତ ଛାତ୍ରୀଛାତ୍ର ନୂତନ ନିଯୁକ୍ତି କ୍ଷେତ୍ରରେ ଯୋଗଦେବେ ବୋଲି ଜଣାପଡ଼ିଛି। ଏହି ଉପଲକ୍ଷେ ସ୍କୁଲ ଅଫ୍ ଇଞ୍ଜିନିୟରିଂ ଓ ଟେକ୍‌ନୋଲୋଜିର ଅଧ୍ୟକ୍ଷ ଡ. ନୟନ ରଞ୍ଜନ ସାମଲଙ୍କ ପୌରହିତ୍ୟରେ ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଚିନ୍ମୟୀ ରଥ ଯୋଗଦେଇ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ ପ୍ରମୁଖ ନିଯୁକ୍ତି ସୁଯୋଗ ପାଇଥିବା ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନେ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ ଆମ୍ବାସଡର' ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ।

# ଦିନକରେ ସର୍ବାଧିକ ଜୀବନ ବୀମା ପଲିସି ବିକ୍ରି

ଭୁବନେଶ୍ୱର,୨୯।୫

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି)କୁ ନିକଟରେ ଆଉ ଏକ ସଫଳତା ମିଳିଛି। ଦିନରେ ସର୍ବାଧିକ ଜୀବନ ବୀମା ପଲିସି ବିକ୍ରୟ ପାଇଁ ଏଲ୍‌ଆଇସି ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସର୍ ଗୌରବ ଅର୍ଜନ କରିଛି। ଏହି ଐତିହାସିକ ଉପଲବ୍ଧିକୁ ଜିଡବ୍ଲ୍ୟୁଆର୍ ଦ୍ୱାରା ଯାଞ୍ଚ କରାଯାଇଛି। ୨୦୨୫ ଜାନୁଆରୀ ୨୦ରେ ନିଗମର ସମର୍ପିତ ଏଜେନ୍ସି ନେଟ୍‌ୱର୍କର ଅସାଧାରଣ ପ୍ରଦର୍ଶନକୁ ଏହା ସ୍ୱୀକାର କରୁଛି। ଭାରତୀୟ ଜୀବନ ବୀମା ନିଗମର ସମୁଦାୟ ୪,୫୨,୮୩୯ ଏଜେଣ୍ଟ ଭାରତବ୍ୟାପୀ ୫,୮୮,୧୦୭ ଜୀବନ ବୀମା ପଲିସି ସଫଳତାର ସହ ପୂରଣ ଏବଂ ଜାରି କରିଥିଲେ। ଏହି ମହତ୍ତ୍ୱପୂର୍ଣ୍ଣ ପ୍ରୟାସ ଜୀବନ ବୀମା ଉଦ୍ୟୋଗରେ ଏଜେଣ୍ଟ ଉତ୍ପାଦକତାରେ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଟିମ୍ ଏଲ୍‌ଆଇସି ଏହି ପ୍ରତିଷ୍ଠିତ ଗିନିଜ୍ ୱାର୍ଲଡ ରେକର୍ଡ ଗୌରବ ଅର୍ଜନ ପାଇଁ ଅତ୍ୟନ୍ତ ଉତ୍ସାହିତ। ଏହା ଆମର ଏଜେଣ୍ଟମାନଙ୍କର ଅବିଶ୍ରାନ୍ତ ସମର୍ପଣ, ଦକ୍ଷତା ଏବଂ ପରିଶ୍ରମ ନୀତିର ଏକ ଶକ୍ତିଶାଳୀ ପ୍ରମାଣ ବୋଲି କୁହାଯାଉଛି। ଏହି ଉପଲବ୍ଧି ଆମ ଗ୍ରାହକ ଏବଂ ସେମାନଙ୍କ ପରିବାରଙ୍କୁ ଜରୁରୀ ଆର୍ଥିକ ସୁରକ୍ଷା ପ୍ରଦାନ କରିବା ଉଦ୍ଦେଶ୍ୟ ପ୍ରତି ଆମର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ରେକର୍ଡ ପ୍ରୟାସ ଏଲ୍‌ଆଇସିର ସିଇଓ ଓ ଏମ୍‌ଡି ସିଦ୍ଧାର୍ଥ ମହାନ୍ତିଙ୍କ ଏକ ଚିନ୍ତାପୂର୍ଣ୍ଣ ପଦକ୍ଷେପର ପରିଣାମ ଥିଲା, ଯେଉଁଥିରେ 'ମ୍ୟାଡ୍ ମିଲିୟନ ଡେ' ଅର୍ଥାତ୍ ୨୦୨୫ ଜାନୁଆରୀ ୨୦ରେ ପ୍ରତ୍ୟେକ ଏଜେଣ୍ଟଙ୍କୁ ଅତିକମ୍‌ରେ ଗୋଟିଏ ପଲିସି ପୂରଣ ପାଇଁ ଅନୁରୋଧ କରାଯାଇଥିଲା। ଏ ନେଇ ମହାନ୍ତି ସମସ୍ତ ଗ୍ରାହକ, ଏଜେଣ୍ଟ ଏବଂ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଯେଉଁମାନେ 'ମ୍ୟାଡ୍ ମିଲିୟନ ଡେ'କୁ ଐତିହାସିକ କରିଥିଲେ। କାରଣ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ଯାହା ଗୋଟିଏ ଦିନରେ ସର୍ବାଧିକ ପଲିସି ଅର୍ଜନ କରିଥିଲା ତାହା ବର୍ତ୍ତମାନ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ଦ୍ୱାରା ସ୍ୱୀକୃତ ପାଇଛି ଏବଂ ସେଥିରେ ସ୍ଥାନ ପାଇଛି।

# ଖଣି ଅଞ୍ଚଳ ବାରୁଦ ଗୋଦାମକୁ ନେଇ ଚିନ୍ତା ବଢ଼ିଲା

**ଯୋଡ଼ା, ୨୯।୫ (ମାନସ ମହାନ୍ତି)**

କୋଇଡ଼ା ଖଣି ଅଞ୍ଚଳର କେବାଲାଙ୍ଗ ବାରୁଦ ଲୁଟ୍ ଘଟଣା ପରେ ଏବେ କେନ୍ଦୁଝର ଜିଲା ଯୋଡ଼ା ଖଣି ଅଞ୍ଚଳରେ ଚିନ୍ତା ବଢ଼ିଯାଇଛି। କେନ୍ଦୁଝର-ସୁନ୍ଦରଗଡ଼ ସୀମାନ୍ତରୁ ପ୍ରାୟ ୪ ମେଟ୍ରିକ୍ ଟନ୍ ବାରୁଦ ଲୁଟ୍‌ହେବା ପରେ ଓଡ଼ିଶା ପୋଲିସକୁ ଚ୍ୟାଲେଞ୍ଜ କରାଯାଇଛି। ଏହାକୁ ଲୁଟେରାମାନେ କିପରି ବ୍ୟବହାର କରିବେ, ଏ ନେଇ କେନ୍ଦୁଝର ଜିଲା ସୀମାନ୍ତରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିବା ବେଳେ ଆନ୍ତଃ ରାଜ୍ୟ ସୀମାରେ ପୋଲିସ ହାଇ ଆଲର୍ଟରେ ରହିଛି।

ପ୍ରକାଶ ଯେ, କେନ୍ଦୁଝର ଜିଲା ଖଣି ବହୁଳ ଅଞ୍ଚଳ ଯୋଡ଼ା ଖଣି ମଣ୍ଡଳରେ ସମୁଦାୟ ୯୮ ଗୋଟି ଖଣି ରହିଛି। କେବାଲାଙ୍ଗ ବାରୁଦ ଲୁଟ ଘଟଣା ଘଟିବା ପରେ ଯୋଡ଼ା ଖଣି ମଣ୍ଡଳରେ କେତେ ସୁରକ୍ଷିତ ଏହାକୁ ନେଇ ପ୍ରଶ୍ନ ଉଠିଛି। ଯୋଡ଼ା ଏକ ଖଣି ପରିପୂର୍ଣ୍ଣ ଅଞ୍ଚଳ ହୋଇଥିବାରୁ ଏଠାରେ ବାରୁଦର ବ୍ୟବହାର ହୋଇଥାଏ। ଖଣି ଅଞ୍ଚଳକୁ ରାଉରକେଲାରୁ ବାରୁଦ ସ୍ୱତନ୍ତ୍ର ମାଗାଜିନ ଗାଡ଼ିରେ ଆସିଥାଏ। ଖଣି ସମୃଦ୍ଧ ଚମ୍ପୁଆ ଉପଖଣ୍ଡର ବିଭିନ୍ନ ଅଞ୍ଚଳରେ ଯଥା ବଡ଼ବିଲ-ଠାକୁରାଣୀ ରାସ୍ତାରେ କଲାମ ବାରୁଦ ଗୋଦାମ, କାଳିକାପ୍ରସାଦ, ଚମ୍ପୁଆ-ଡୁରୁମୁଙ୍ଗା ରାସ୍ତା, ଯୋଡ଼ା- ବାସୁଦେବପୁର ରାସ୍ତା ସମେତ ଢେଙ୍କିକୋଟ ପ୍ରଭୃତିରେ ଏହି ବାରୁଦ ଗୋଦାମ ରହିଛି। ଗୋଦାମଗୁଡ଼ିକରେ ସାଧାରଣତଃ ଉଚ୍ଚ ବିସ୍ଫୋରକ କାଟ୍ରିଜ, ଜିଲୋଟିନ, ଫ୍ୟୁଜ୍ କଏଲ ଇତ୍ୟାଦି ରହିଥାଏ। ଏହି ଗୋଦାମଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ହାତଗଣତି କେତେଜଣ ସୁରକ୍ଷା କର୍ମୀ ନିୟୋଜିତ ଅଛନ୍ତି। ଏହି ବାରୁଦକୁ ବ୍ୟବହାର କରୁଥିବା ଖଣି କମ୍ପାନୀଗୁଡ଼ିକ ରାଉରକେଲାଠାରେ ଥିବା କେନ୍ଦ୍ର ସରକାରଙ୍କ ଏକ୍ସପ୍ଲୋସିଭ ବିଭାଗଠାରୁ ଲାଇସେନ୍ସ ଆଣି ଗୋଦାମରୁ ଅନ୍‌ଲାଇନ ମାଧ୍ୟମରେ କିଣି ଥାଆନ୍ତି। କିଣିବା ପରେ ଏହାକୁ ଖଣିରେ ଥିବା ନିଜର ବାରୁଦ ମାଗାଜିନ୍‌ରେ ଗଚ୍ଛିତ ରଖି ଆବଶ୍ୟକ ଅନୁଯାୟୀ ବ୍ୟବହାର କରିଥାନ୍ତି। ଗୋଦାମଗୁଡ଼ିକ ଥିବା ସ୍ଥାନ ସମ୍ପୂର୍ଣ୍ଣ ଜଙ୍ଗଲ ଭିତରେ ରହିଥିବା ବେଳେ ଖଣିରେ ଥିବା ମାଗାଜିନ୍‌ଗୁଡ଼ିକ ଅବସ୍ଥା ଆହୁରି ବିପଜ୍ଜନକ। ସମ୍ପୂର୍ଣ୍ଣ ଭାବେ ଖଣିରୁ



ବାରୁଦ ମାଗାଜିନ ଗୋଦାମ କରିଥିବା ବ୍ୟବସାୟୀଙ୍କ ସହ ଏସ୍‌ଡିପିଓ ଆଲୋଚନା କରୁଛନ୍ତି।

### ଆନ୍ତଃ ରାଜ୍ୟ ସୀମାରେ ହାଇ ଆଲର୍ଟ

ଦୂରରେ ପରିତ୍ୟକ୍ତ ସ୍ଥାନରେ ଏହା ଥିବାରୁ ଏହାକୁ ଲୁଟ୍ କରିବା ଅସମ୍ଭବ ନୁହେଁ। ଏଣୁ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ବାରୁଦ ମାଗାଜିନ ଗୋଦାମ କରିଥିବା ବ୍ୟବସାୟୀଙ୍କୁ ଡକାଇ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏସ୍‌ଡିପିଓ ପିଙ୍ଗୁଆ ଖଣିରେ ଥିବା ବାରୁଦ ମାଗାଜିନ୍‌ଗୁଡ଼ିକୁ ଯାଇ ପ୍ରତ୍ୟକ୍ଷ ଭାବେ ଯାଞ୍ଚ କରିବେ। ଅନିୟମିତତା ଥିଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏତଦ୍‌ବ୍ୟତୀତ ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ରହିଥିବା ଖଣିର ବାରୁଦ ମାଗାଜିନ୍‌ଗୁଡ଼ିକର ମଧ୍ୟ ସ୍ୱତନ୍ତ୍ର ଯାଞ୍ଚ କରାଯିବ। ଆନ୍ତଃରାଜ୍ୟ ସୀମାନ୍ତକୁ ହାଇ ଆଲର୍ଟ ମଧ୍ୟରେ ରଖାଯାଇଥିବା ସେ କହିଥିଲେ।

## ଖଣି ଓ ବାଣିଜ୍ୟରୁ ୯୫ହଜାର କୋଟି ସଂଗ୍ରହ ଲକ୍ଷ୍ୟ

### ରାଜସ୍ୱ ଆଦାୟକୁ ସରକାରଙ୍କ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୫ (ରବିନାରାୟଣ ଜେନା)**

ଚଳିତ ଆର୍ଥିକବର୍ଷ ରାଜ୍ୟ ସରକାର କିଭଳି ତାଙ୍କର ରାଜସ୍ୱ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ପୂରଣ କରିବେ ସେନେଇ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଖଣି ଓ ବାଣିଜ୍ୟ କରକୁ ମୁଖ୍ୟ ଆୟୁଧ କରିଛନ୍ତି। ଏହି ଉଭୟ କ୍ଷେତ୍ରରୁ ପ୍ରାୟ ୯୫ହଜାର କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅର୍ଥବିଭାଗ ଅତିରିକ୍ତ ସଚିବ ଏଚ୍. କେ. ଜେନା ନିକଟରେ ଖଣି-ଇସ୍ପାତ, ବାଣିଜ୍ୟ, ଅବକାରୀ, ରାଜସ୍ୱ, ଜଳସମ୍ପଦ ଭଳି କେତେକ ପ୍ରମୁଖ ବିଭାଗକୁ ରାଜସ୍ୱ ସଂଗ୍ରହ ଲାଗି ଅବଗତ କରାଇଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଜେନା ଦର୍ଶାଇଛନ୍ତି, ଚଳିତ ଆର୍ଥିକବର୍ଷ ଯେଭଳି କେବଳ ବାଣିଜ୍ୟ କର କ୍ଷେତ୍ରରୁ ୪୪୩୯୪.୬୬କୋଟି ଟଙ୍କା ସଂଗ୍ରହ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ। ତଥ୍ୟ ଅନୁଯାୟୀ, ଚଳିତ ଆର୍ଥିକବର୍ଷରେ ଖଣିଜ କ୍ଷେତ୍ରରୁ ୪୭୪୬୭.୯୩କୋଟି ଟଙ୍କା, ବାଣିଜ୍ୟ କରରୁ ୪୪୩୯୪.୬୬କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ଏହାବାଦ୍ ଜମି ଖଜଣା ବାବଦକୁ ୯୮୦କୋଟି, ଜମି ପଞ୍ଜୀକରଣରେ ୨୬୧୦.୩୬କୋଟି ଏବଂ ଅବକାରୀ କ୍ଷେତ୍ରରୁ ୯୭୫୩.୬୩କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ଲାଗି ସରକାର ଲକ୍ଷ୍ୟ ରଖିଥିବା ଅର୍ଥବିଭାଗର ତଥ୍ୟରୁ ଜଣାଯାଇଛି।

## ଲକ୍ଷପତି ଦିଦି କାର୍ଯ୍ୟକ୍ରମ ନବୀନ ବହିରେ ଭାଜପା ମଲାଟ: ବିଜେଡି

**ଭୁବନେଶ୍ୱର, ୨୯।୫ (ସୁନିତ୍ ମିଶ୍ର)**

ଭାଜପା ସରକାରଙ୍କ ଲକ୍ଷପତି ଦିଦି କାର୍ଯ୍ୟକ୍ରମକୁ ବିଜେଡି 'ନବୀନଙ୍କ ବହିରେ ଭାଜପା ମଲାଟ' ବୋଲି କହିଛି। କ୍ଷମତାକୁ ଆସିବା ପରଠାରୁ ଭାଜପା ସରକାର କେବଳ ନବୀନ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ପରିବର୍ତ୍ତନ କରିଆସୁଥିବା ବେଳେ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ସେହି ପ୍ରକ୍ରିୟାରେ ଆଉ ଏକ ନମୁନା ବୋଲି ଗୁରୁବାର ଶଙ୍ଖ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି।

## ବୋରିଗୁମ୍ମା ଛାତ୍ରଙ୍କ ଇସ୍ରୋ ପରିଭ୍ରମଣ

**ବୋରିଗୁମ୍ମା, ୨୯।୫ (ବିଜୟ ସାହୁ)**

କୋରାପୁଟ ଜିଲା ବୋରିଗୁମ୍ମା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ନିଖିଲ ମହାପାତ୍ର ଓ ବିଜ୍ଞାନ ଶିକ୍ଷକ ଗୌରୀ ଶଙ୍କର ସାମନ୍ତରାୟ ବେଙ୍ଗାଲୁରୁର ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ପରିଭ୍ରମଣ କରିଛନ୍ତି। ୟାଟସ୍(ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ)ର କୃତୀ ଛାତ୍ର ନିଖିଲ ଓ ତାଙ୍କ ଶିକ୍ଷକ ଟାଟା ଷ୍ଟିଲ୍ ଏବଂ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ କାରିଗରି ବିଭାଗ ଅଧୀନ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗରେ ଇସ୍ରୋ ପରିଭ୍ରମଣ କରିଛନ୍ତି। ସେଠାରେ ଟେଲିମେଟ୍ରି ଟ୍ରାକିଂ ଏବଂ କମାଣ୍ଡ ନେଟ୍‌ୱର୍କ(ଆଇଏସ୍‌ଟିଆର୍‌ଏସି) ଏବଂ ୟୁଆର୍ ରାଓ ସାଟେଲାଇଟ୍ ସେଣ୍ଟର(ୟୁଆର୍‌ଏସ୍‌ସି)ରେ ଶିକ୍ଷାମୂଳକ ଭ୍ରମଣରେ ବାସ୍ତବ ସାଟେଲାଇଟ୍‌ର କମାଣ୍ଡିଂ ସହ ସମସ୍ତ ଟ୍ରାକିଂ ବ୍ୟବସ୍ଥାକୁ ବିସ୍ତୃତ ଭାବେ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ଏହି ଯାତ୍ରା ମେ୨୪ରୁ ୨୮ ପର୍ଯ୍ୟନ୍ତ ହୋଇଥିଲା। ପ୍ରାୟ ୭୧ହଜାର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ସେଥିରୁ ୧୦ଜଣ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ନିଖିଲ ପ୍ରକଳ୍ପ ପ୍ରଦର୍ଶନକରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ସମ୍ମାନିତ ହୋଇଥିଲେ। ଭବିଷ୍ୟତରେ ଜଣେ ସଫଳ ବୈଜ୍ଞାନିକ ହେବେ ବୋଲି ସେ କହିଛନ୍ତି। ଏହି ସଫଳତା ପାଇଁ ତାଙ୍କ ବାପା ଶରତ ମହାପାତ୍ର ଓ ମା' ସୁନିତା ଖୁସି ବ୍ୟକ୍ତ କରିଛନ୍ତି।




ନିଖିଲ ମହାପାତ୍ର


**OFFICE OF THE COLLECTOR-CUM-CHAIRMAN**
**DISTRICT LEVEL ABS NODAL COMMITTEE, DEOGARH**
**TENDER NOTICE**

Letter No:166 Date: 20.05.25

**Selection of Agency for providing Facility Management Services (FMS) at Various location of Atal Bus Stand(s), Deogarh District, Odisha**

**No.F-20:** Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at various location of Atal Bus Stand (s), Deogarh District, Odisha on outsourcing basis. Details regarding the eligibility criteria, terms & conditions and formats of submission of tender may be downloaded from the website https://deogarh.odisha.gov.in/ and the tender should reach the office of the undersigned by 16.06.2025 (3.00 P.M.). The RFP (Technical Bid) will be opened on Dt.17.06.2025 at 11.00 AM. The undersigned reserves the right to reject any or all the tenders without assigning any reason thereof.

**Sd./- Collector-Cum-Chairman District Level ABS Nodal Committee, Deogarh**

OIPR-24422/11/0001/2526

GOVERNMENT OF ODISHA No.O-200:
RURAL WATER SUPPLY & SANITATION ORGANISATION
**OFFICE OF THE SUPERINTENDING ENGINEER**
**RWS&S DIVISION, ANGUL, AT: TALCHER**
At-Baghuabole, Po-Hatatota, Talcher, Dist-Angul, Pin-759100
(Ph.No./Fax-06760-240762, E-mail: eerwssang@gmail.com)

**INVITATIONS FOR BIDS (IFB) [e-Procurement]**
**Bid Identification No.07/SE/RWSS/2025-26, Dt.23.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum bid in SINGLE cover system in ONLINE MODE from eligible contractors for construction of office building and Residential building of Division office in Angul District.
2. Name of the Work : Building Work
3. No. of Work : 01 (One) No.
4. Value of the Work : Rs.43.09 Lakhs
5. Concerned tender inviting authority : Superintending Engineer RWS&S Division, Angul,At:Talcher
6. Security Amount (Rs.) (Online) : Nil
7. Cost of Bid documents (Rs.) (Online) : Rs.6,000/-
8. Class of Bidder : "B" Class
9. Period of Completion : 180 Days
10. Availability of bid documents in the website : From date 02.06.2025 at 11.00 AM to date 12.06.2025 till 5.30 PM
11. Last date & time of seeking tender clarification : Upto 09.06.2025 till 5.30 P.M.
12. Date of Opening of Bid : On date 13.06.2025 at 12.00 Noon

The Bidders have to participate in the tender through ONLINE bidding only. Further details can be had from the website i.e. http://tendersorissa.gov.in. Subsequent corrigendum/addendum if required shall only be appeared in the above website.

**Sd./- Superintending Engineer RWS&S Division, Angul at Talcher**

OIPR-25195/11/0007/2526

**ODISHA UNIVERSITY OF TECHNOLOGY AND RESEARCH**
**GHATIKIA, P.O.:MAHALAXMI VIHAR, BHUBANESWAR - 751 029**

**Notice No. OUTR/EM-AMC-LIFT/2025-26/06 Date:27-05-2025**

**No.KK-62** : **E-Tenders are invited** under two bid systems from reputed Authorised Service Centre/Reputed Service Provider/ Registered Firms/ Agencies/ Electrical Contractor with valid license for **"Annual Maintenance Contract of Elevatorsat OUTR, Bhubaneswar"**

Date of available inTenders Odisha Portal : 28-05-2025 at 06.00 p.m.

Last date and time of submission of Bid : 19-06-2025 upto 6.00 p.m.

For details : Please visit : http://tendersodisha.gov.in & http://www.outr.ac.in

For Technical query please contact:Prof. Kamlesh Chandra Rout Phone No- 8249989296, Email:- kcrout@outr.ac.in

**OIPR-16005/11/0089/2526 Sd./- REGISTRAR**

**GOVERNMENT OF ODISHA** No.O-204
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, CUTTACK**
e-mail : serw_ctc@yahoo.com

No. Tender Online RWC-08/25 **e-Procurement NOTICE** Letter No. 1821 Date : 21.05.2025

1. **Name of the work** : Construction of **Building works**
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-08/25 | 30.05.2025 at 11.30 A.M. | 19.06.2025 up to 05.00 P.M. | 18.06.2025 up to 02.00 P.M. | 20.06.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

**Sd./- Chief Construction Engineer Rural Works Circle, Cuttack**

OIPR-25097/11/0020/2526

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
No.CAD-565
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING TENDER**

| Sl. No. | Tender Notice No: | Tender Description: |
|---|---|---|
| 1 | 02/2025-26 | Engagement of private vehicle of diesel version ( Non AC Bolero/ Camper/ Non AC Pick up van-05 seated or equivalent) on monthly basis for use of T/L & S/S S/D, Sonepur & Birmaharajpur under EHT O&M Division, Bolangir. |
| 2 | ETCN/CTC/CLE/ 01/2025-26 | Construction of retaining wall at location no.276 of 132kV Paradeep-Kendrapara DC line near river Luna under EHT O&M Division, Paradeep under EHT O&M Circle, Cuttack. |
| 3 | LPNGA/04/2025-26 | Tower base cleaning and shrub uprooting at different tower locations under 400kV T/L S/D, Lapanga under EHT O&M Division, Lapanga. |
| 4 | LPNGA/05/2025-26 | PCC (Plain Cement Concrete) for the barren land in the peripheral area of the 220 kV, 132kV and 33kV switchyard of 400/220/132/33 kV Grid S/S, Lapanga under EHT O&M Division, Lapanga. |
| 5 | RKL/03/2025-26 | Procurement, Supply and Installation of 100 watt LED street lights in existing poles at various GSS under EHT O&M Division, Rourkela. |
| 6 | 03/2025-26 | Replacement of old cover slab and construction of new RCC cover slab for Grid S/S Bolangir New under EHT O&M Division, Bolangir. |
| 7 | 01/2025-26 | Engagement of one number Diesel run light vehicle 09 seated AC Bolero Neo or its equivalent for SDO (El.), E&MR S/D, Bhadrak on monthly basis under E&MR Division, Jajpur Road. |

For more details please visit OPTCL's website: **www.optcl.co.in.** FIPR-15/2025-26

OIPR-04011/11/0167/2526 /optcl.odisha /optcl_odisha

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK-753001

**NOTICE**
No. 3618/P.S.C., Dt. 28.05.2025
(DR-IV)(2PH-03-2025-26)

**Recruitment to the post of Medical Officer**
(Advt. No. 09 of 2024-25)

**No.D-89** : It is for information of all concerned that, the Written Examination for recruitment to the post of **Medical Officer** in Group-A (Junior Branch), pursuant to Advertisement No. **09 of 2024-25** will be conducted on **08.06.2025 (Sunday)** as per the programme detailed below.

| Date | Time | Subject code to be filled up in the OMR Answer Sheet |
|---|---|---|
| 08.06.2025 (Sunday) | 10.00 A.M. to 01.00 P.M. (10.00 A.M. to 02.00 P.M. for PWD candidates) | 01 |

The written Examination of Medical Officer shall be conducted in the following Examination Centres :

| Sl. No. | Name of the Examination Centres |
|---|---|
| 1 | Saraswati Sishu Vidya Mandira, College Square, Cuttack-3 |
| 2 | KMBB Science Higher Secondary School, Campur-II, Naranpur, Trisulia, Cuttack-754005 |
| 3 | Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack-753008 |
| 4 | Saraswati Shishu Vidya Mandir, Sector-9, Markat Nagar, Cuttack-14, Pin No.-753014. |
| 5 | Ajay Binaya Institute of Technology (Main Block), Sector-1, CDA, Cuttack-753014 |
| 6 | Institute of Professional Studies & Research (IPSAR), Campus-I, C.D.A., Sector-6, Cuttack-753014 |
| 7 | Saraswati Sishu Vidya Mandir, Mahanadi Vihar, Po-Nayabazar, Cuttack-753004 |

The admitted candidates are required to download their **"Admission Certificates"** and **"Instructions to candidates"** from the Website of the Commission i.e. www.opsc.gov.in with effect from **03.06.2025**.

**OIPR-12002/11/0230/2526 Sd./- Secretary**

**OFFICE OF THE SUPERINTENDING ENGINEER**
**MINOR IRRIGATION DIVISION, JASHIPUR**
**GOVERNMENT OF ODISHA**
No.A-231 **"e"-PROCUREMENT NOTICE**
**BID IDENTIFICATION No:02 MID JSP/2025-26**

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement to Dalkijorda MIP in Kusumi Block of Mayurbhanj District under Improvement to Tank & MIPs Scheme for the year 2025-26.
3. No. of Works :- 1 (One) No.
4. Tender Amount :- 96.95 Lakh
5. Date and Time of Availability of BID document in the Portal for online Bidding from :- 10.00 hrs. Dt.02.06.2025 to 17.00 hrs. Dt.16.06.2025
6. Last Date and Time of receipt of Bids in the Portal :- 17.00 hrs. Dt.16.06.2025
7. Last Date and Time for Clarification upto :- 17.00 hrs. Dt.15.06.2025
8. Date of Opening of Bid :- 11.00 hrs. onwards Dt.17.06.2025

**The detail tender call notice can also be seen in the DOWR website: http://dowrorissa.gov.in.**

Name & Address of the OIT : Superintending Engineer, M.I. Division Jashipur, At/Po-Khairi/Dist: Mayurbhanj PIN-757091, E-Mail:-eemijashipur@yahoo.com

Further details can be seen from the e-Procurement market place : **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/ cancel any or all tenders without assigning any reason thereof.

**Sd./- Superintending Engineer M.I.Division, Jashipur**

OIPR-32282/11/0012/2526

**ODISHA PUBLIC SERVICE COMMISSION CUTTACK**

**NOTICE**
No. 3595 / P.S.C., Dt. 28.05.2025
PF-1E-26-2025/26 (DR-III)

**Post Graduate Teacher in Discipline Logic/Philosophy**
**(Advertisement No. 25 of 2023-24)**

**No.D-83** : In Continuation to this Office Notice No. 3362/PSC, dtd. 19.05.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Logic/ Philosophy Discipline**, pursuant to Advertisement No. 25 of 2023-24 will be held from **17.06.2025 to 20.06.2025** at the office of OPSC, 19, Dr. P.K. Parija Road, Cuttack- 753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 17.06.2025 | 08.30 A.M. | 10.30 A.M. | 100589, 100623, 100654, 100662, 100680, 100698, 201668, 201673, 201675, 201677, 201679, 201680, 201681, 201692, 201700, 201702, 201710, 201715, 305664 & 305665 **= 20 Candidates** |
| | 12.30 P.M. | 02.30 P.M. | 305666, 305674, 305687, 305689, 305695, 305699, 305705, 305716, 305717, 305720, 305723, 305725, 305727 & 305730 **= 14 Candidates** |
| 18.06.2025 | 08.30 A.M. | 10.30 A.M. | 305732, 305740, 305753, 305760, 305764, 305770, 305777, 305778, 305786, 305787, 305794, 305796, 305798, 305801, 305809, 305810, 305811, 305813, 305816 & 305820 **= 20 Candidates** |
| | 12.30 P.M. | 02.30 P.M. | 305828, 305829, 305832, 305843, 305844, 305847, 305848, 305853, 305864, 305871, 305876, 305877, 305887 & 305889 **= 14 Candidates** |
| 19.06.2025 | 08.30 A.M. | 10.30 A.M. | 305896, 305903, 305904, 305909, 305921, 305925, 305929, 305941, 305947, 305949, 305951, 305955, 305960, 402480, 402482, 402484, 402489, 402491, 402493 & 402495 **= 20 Candidates** |
| | 12.30 P.M. | 02.30 P.M. | 402497, 402504, 402507, 402519, 402524, 402528, 402532, 402538, 402540, 402546,- 402553, 402557, 402560 & 402563 **= 14 Candidates** |
| 20.06.2025 | 08.30 A.M. | 10.30 A.M. | 402572, 402573, 402575, 402576, 402580, 402594, 402598, 402599, 402601, 402614, 402640, 402645, 402653, 402657, 402661, 402665, 503645, 503653, 503656 & 503660 **= 20 Candidates** |
| | 12.30 P.M. | 02.30 P.M. | 503667, 503671, 503675, 503677, 503684, 503705, 503711, 503718 & 503721 **= 09 Candidates** |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password OTP etc through OPSC e-Chayan Portal via www.opscechayan.in)*
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

**OIPR-12002/11/0231/2526 Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମିଟୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଯୁରୋପ ଗସ୍ତରେ ଭାରତୀୟ ହକି ଦଳ

**ବେଙ୍ଗାଲୁରୁ, ୨୯।୫ (ପି.ଟି.)**

ଏଫ୍ଆଇଏଚ୍ ପ୍ରୋ ଲିଗ୍ ଖେଳିବା ପାଇଁ ଭାରତୀୟ ପୁରୁଷ ହକି ଦଳ ଗୁରୁବାର ୟୁରୋପ ଗସ୍ତ କରିଛି। ସେଠାରେ କେତେକ ଶକ୍ତିଶାଳୀ ଦଳ ବିପକ୍ଷରେ ଭାରତ ମୁକାବିଲା କରିବ। ମ୍ୟାଚ ଗୁଡ଼ିକ ନେଦରଲାଣ୍ଡର ଆମଷ୍ଟେଲଭିନ ଓ ବେଲଜିୟମର ଆଣ୍ଟୱେର୍ପଠାରେ ଜୁନ ୭ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ‘‘ୟୁରୋପ ଚରଣରେ ଆମେ ବିଶ୍ୱର କେତେକ ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳିବୁ। ତେଣୁ ଆମପାଇଁ ଏହା ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱର ଚରଣରେ ଆମେ ମିଶ୍ରିତ ଫଳ ପାଇଥିଲୁ। ତେବେ ଆମେ ଏବେ ଷ୍ଟାଣ୍ଡିଂରେ ଭଲ ପୋଜିଶନରେ ଅଛୁ। ଏହାକୁ ଆଗାମୀ ଦିନରେ ବଜାୟ ରଖିବାକୁ ଚେଷ୍ଟା କରିବୁ’’ ବୋଲି ଦଳର ପ୍ରସ୍ଥାନ ଅବସରରେ ଅଧିନାୟକ ହରମନପ୍ରୀତ ସିଂ ପ୍ରକାଶ କରିଛନ୍ତି। ପ୍ରୋ ଲିଗ୍ ଷ୍ଟାଣ୍ଡିଂରେ ଭାରତ ଏବେ ୧୫ ପଏଣ୍ଟ ସହିତ ତୃତୀୟ ସ୍ଥାନରେ ରହିଛି। ଇଂଲଣ୍ଡ ଓ ବେଲଜିୟମ ୧୬ ପଏଣ୍ଟ ଲେଖାଏ ପାଇ


ୟୁରୋପ ଗସ୍ତରେ ଯିବା ପୂର୍ବରୁ ଭାରତୀୟ ପୁରୁଷ ହକି ଦଳ।

**ଏଫ୍ଆଇଏଚ୍ ପ୍ରୋ ଲିଗ୍**

ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ‘‘ଏହି ଲିଗ୍ ମାଧ୍ୟମରେ ଆମେ ଅଧିକରୁ ଅଧିକ ପଏଣ୍ଟ ହାସଲ କରି ଆସନ୍ତା ବର୍ଷ ହେବାକୁଥିବା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ଲକ୍ଷ୍ୟ ରଖିଛୁ’’ ବୋଲି ହରମନପ୍ରୀତ କହିଛନ୍ତି। ନେଦରଲାଣ୍ଡ ବିପକ୍ଷରେ ଜୁନ୍ ୭ ଓ ୯ ତାରିଖରେ ଲଗାତର ୨ଟି ମ୍ୟାଚ ଖେଳି ଭାରତ ଏହାର ୟୁରୋପିଆନ ଚରଣ ଆରମ୍ଭ କରିବ। ଏହାପରେ ଜୁନ୍ ୧୧ ଓ ୧୨ରେ ଆର୍ଜେଣ୍ଟିନାକୁ ଭେଟିବ। ଆମଷ୍ଟେଲଭିନର ୱାଗନର ଷ୍ଟାଡିୟମରେ ମ୍ୟାଚ ଗୁଡ଼ିକ ଖେଳାଯିବ। ଏହାପରେ ଭାରତୀୟ ଦଳ ଆଣ୍ଟୱେର୍ପ ଯାଇ ଅଷ୍ଟ୍ରେଲିଆ ବିପକ୍ଷରେ ଜୁନ୍ ୧୫ ଓ ୧୬ରେ ୨ଟି ମ୍ୟାଚ ଖେଳିବ। ପରେ ଜୁନ୍ ୨୧ ଓ ୨୨ରେ ବେଲଜିୟମ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଶେଷ କରିବ।

ୟୁରୋପ ଚରଣରେ ଭାରତ ବିଶ୍ୱର ଶ୍ରେଷ୍ଠ ଦଳ ଗୁଡ଼ିକ ବିପକ୍ଷରେ ଖେଳିବ। ତେଣୁ ନିଜକୁ ପରଖିବା ପାଇଁ ଏହା ସୁବର୍ଣ୍ଣ ସୁଯୋଗ ବୋଲି ଅନୁଭବ କରୁଛନ୍ତି ଭାରତୀୟ ଦଳର ଉପ ଅଧିନାୟକ ହାର୍ଦ୍ଦିକ ସିଂ। ଦଳ ମଧ୍ୟରେ ବାତାବରଣ ଖୁବ୍ ଭଲ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ସମସ୍ତେ ସମସ୍ତଙ୍କୁ ସହାୟତା କରିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି। ପ୍ରୋ ଲିଗ୍ ଖେଳିବା ପାଇଁ ଭାରତୀୟ ମହିଳା ହକି ଦଳ ଗୋଟିଏ ଦିନ ପୂର୍ବରୁ ବୁଧବାର ୟୁରୋପ ଗସ୍ତ କରିଥିଲା।

# କୋଚ୍ ଦାହିୟାଙ୍କୁ କ୍ଷମା ମାଗିଲେ ବଜରଙ୍ଗ

**ନୂଆଦିଲ୍ଲୀ, ୨୯।୫(ପି.ଟି.):** ଅଲିମ୍ପିକ୍ ମେଡାଲିଷ୍ଟ ବଜରଙ୍ଗ ପୁନିଆ ରେସଲିଂ କୋଚ୍ ନରେଶ ଦାହିୟାଙ୍କୁ ନିଃସର୍ତ୍ତମୂଳକ କ୍ଷମା ପ୍ରାର୍ଥନା କରିଛନ୍ତି। ଡବ୍ଲ୍ୟୁଏଫ୍ଆଇର ପୂର୍ବତନ ମୁଖ୍ୟ ବ୍ରିଜ ଭୂଷଣ ଶରନ ସିଂଙ୍କ ବିରୋଧରେ ରେସଲରମାନେ ବିକ୍ଷୋଭକୁ ଓହ୍ଲାଇଥିବା ବେଳେ ବଜରଙ୍ଗ କୋଚ୍ ଦାହିୟାଙ୍କ ନାମରେ ମିଛ ଅଭିଯୋଗ କରିଥିଲେ। ବ୍ରିଜ ଭୂଷଣଙ୍କ ବିରୋଧରେ ଜୁନିୟର ମହିଳା ରେସଲରଙ୍କୁ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ସହ ବଜରଙ୍ଗ, ଭିନେଶ ଫୋଗଟ ଓ ସାକ୍ଷୀ ମଲିକଙ୍କ ନେତୃତ୍ୱରେ ରେସଲରମାନେ ଜନ୍ତର ମନ୍ତରକୁ ଓହ୍ଲାଇଥିଲେ। ୨୦୨୩ ମେ ୧୦ରେ ଖବରଦାତା ସମ୍ମିଳନୀରେ ବଜରଙ୍ଗ କହିଥିଲେ, ନରେଶ ଦାହିୟା ନିଜେ ଜଣେ ବଳାତ୍କାର ଅଭିଯୁକ୍ତ। ଏଣୁ ତାଙ୍କର ରେସଲରଙ୍କ ବିକ୍ଷୋଭ ଉପରେ ପ୍ରଶ୍ନ ଉଠାଇବାର ଅଧିକାର ନାହିଁ। ଏଭଳି ବୟାନ ଲାଗି ପୁନିଆଙ୍କ ବିରୋଧରେ ଦାହିୟା ମାନହାନି ମକଦ୍ଦମା କରିଥିଲେ। ମାମଲାର ଶୁଣାଣିରେ ପୁନିଆଙ୍କ ଲାଗି ସମନ ଜାରି କରାଯିବା ପରେ ତାଙ୍କୁ ଜାମିନ ମିଳିଥିଲା।

# ନାକାମୁରାଙ୍କୁ ହରାଇଲେ ଗୁକେଶ

**ଷ୍ଟାଭାଙ୍ଗର, ୨୯।୫ (ପି.ଟି.)**

ବିଶ୍ୱ ଚାମ୍ପିୟନ ଡି. ଗୁକେଶ ଗୁରୁବାର ନିଜ ୧୯ତମ ଜନ୍ମଦିନରେ ୨ ନମ୍ବର ଖେଳାଳି ଆମେରିକାର ହିକାରୁ ନାକାମୁରାଙ୍କୁ ତୃତୀୟ ରାଉଣ୍ଡରେ ହରାଇ ନରୱେ ଚେସ୍ ଟୁର୍ନାମେଣ୍ଟରେ ପଏଣ୍ଟ ଖାତା ଖୋଲିଛନ୍ତି। ତେବେ ଅନ୍ୟତମ ଭାରତୀୟ ଖେଳାଳି ଅର୍ଜୁନ ଇରିଗାସି ପ୍ରଥମ ବିଜୟ ସ୍ୱାଦ ଚାଖିଛନ୍ତି। ପ୍ରଥମ ଦୁଇ ରାଉଣ୍ଡରେ ବିଶ୍ୱର ନମ୍ବର-୧ ନରୱେର ମ୍ୟାଗ୍ନସ କାର୍ଲସେନ ଓ ନିଜ ଦେଶର ଇରିଗାସିଙ୍କଠାରୁ ହାରିଥିବା ଗୁକେଶ ତୃତୀୟ ରାଉଣ୍ଡରେ ବିଜୟ ସହ ସଫଳ ପ୍ରତ୍ୟାବର୍ତ୍ତନ କରିଛନ୍ତି। ର୍ୟାପିଡ ଓ ବ୍ଲିଜ୍‌ରେ ନାକାମୁରା ହେଉଛନ୍ତି ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି। ତାଙ୍କୁ ୪୨ତମ ମୁଭ୍‌ରେ ପରାସ୍ତ କରି ଗୁକେଶ ୩ ପଏଣ୍ଟ ହାସଲ କରିଛନ୍ତି। ନାକାମୁରାଙ୍କ ବିପକ୍ଷରେ ଗୁକେଶ ଧଳା ଗୋଟିରେ ଖେଳିଥିଲେ। ‘‘ଏହି ବିଜୟ ଫଳରେ ମୁଁ ବହୁତ ଖୁସି ଅନୁଭବ କରୁଛି। ପୂର୍ବ ୨ ରାଉଣ୍ଡ ଅପେକ୍ଷା ଏଥିରେ ମୋ ଟାଇମ୍ ମ୍ୟାନେଜମେଣ୍ଟ ଭଲ ରହିଥିଲା। ନାକାମୁରା ଏକାଧିକଥର ଡ୍ର’ ସୁଯୋଗ ସୃଷ୍ଟି କରିଥିଲେ। ମାତ୍ର ଶେଷରେ ବିଜୟୀ ହୋଇଥିବାରୁ ଆନନ୍ଦିତ’’ ବୋଲି ମ୍ୟାଚପରେ ଗୁକେଶ ପ୍ରକାଶ କରିଛନ୍ତି। ଅନ୍ୟଏକ ମ୍ୟାଚରେ ଇରିଗାସି ଗ୍ରାଣ୍ଡମାଷ୍ଟର ଫାବିଆନୋ କରୁଆନାଙ୍କଠାରୁ ହାରି ଯାଇଛନ୍ତି। ସେହିପରି କାର୍ଲସେନ ଚାଇନାର ୱେଇ ୟିଙ୍କଠାରୁ ପରାଜିତ ହୋଇଛନ୍ତି। ଫଳରେ କାରୁଆନା ଏକକ ଅଗ୍ରଣୀଲାଭ କରିଛନ୍ତି।

ବିଶେଷଜ୍ଞ
ଅର୍ଶ ଭଗନ୍ଦର ମଳକଣ୍ଟକ
ଦୀର୍ଘ ୩୦ ବର୍ଷର ଅଭିଜ୍ଞତା ଥିବା ବିଶ୍ୱସନୀୟ ଚିକିତ୍ସାଳୟ
PILES CLINIC
ADDRESS
DR. R.PRASAD, BAMS
DR. PREM KUMAR, BAMS., LLB (UTKAL)
10 A.M. TO 8 PM.
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, Cuttack Road, BBSR
9861146916
8917362388
VSS Nagar, BBSR
9861917646

## ଜନ୍ମଦିନର ଶୁଭେଚ୍ଛା



ଦେବଦତ୍ତ ସୁଦାମ କେଶରୀ ରାଉତ (ମିଟୁ)
ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ତୁମକୁ DSK. ତୁମର ଚଲାପଥ କୁସୁମିତ ହେଉ, ପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ସର୍ବଦା ଭଲରେ ଓ ସୁସ୍ଥରେ ରଖନ୍ତୁ।
ଧ-୭୩୭

**ଫ୍ରେଞ୍ଚ୍ ଓପନ ଟେନିସ**

# ବୋପାନ୍ନା, ବାଲାଜୀ ବିଜୟୀ

**ପ୍ୟାରିସ, ୨୯।୫**

ପୁରୁଷ ଡବଲ୍ସରେ ଭାରତର ରୋହନ ବୋପାନ୍ନା ଓ ଏନ. ଶ୍ରୀରାମ ବାଲାଜୀ ନିଜ ନିଜ ମ୍ୟାଚ ଜିତି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ବୋପାନ୍ନା ଓ ଚେକ୍ ରିପବ୍ଲିକର ଆଡାମ ପାଭଲାସେକପ୍ରଥମ ରାଉଣ୍ଡରେ ଆମେରିକାର ରବର୍ଟ କ୍ୟାଶ୍ ଓ ଜେଜେ ଟ୍ରାସିଙ୍କୁ ୭-୬ (୮), ୫-୭, ୬-୧ ସେଟ୍‌ରେ ହରାଇଛନ୍ତି। ବାଲାଜୀ ଓ ତାଙ୍କ ମେକ୍ସିକାନ ପାର୍ଟନର ମିଗୁଏଲ ରେଜ୍-ଭରେଲା ଚାଇନାର ୟୁନଚୋକେଟେ ବୁ ଓ ଆର୍ଜେଣ୍ଟିନାର କାମିଲୋ ୟୁଗୋ କାରାବେଲିଙ୍କୁ ୬-୨, ୬-୧ରେ ହରାଇଛନ୍ତି।

# ତୃତୀୟ ରାଉଣ୍ଡରେ ସିନର, ଜେଭରେଭ

**ପ୍ୟାରିସ, ୨୯।୫**

ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ୱାର୍ଲ୍ଡ-୩ ଆଲେଜାଣ୍ଡର ଜେଭରେଭ ଚଳିତ ଫ୍ରେଞ୍ଚ ଓପନ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ନବମ ସିଡ ଆଲେକ୍ସ ଡି ମିନାଉର ପରାଜୟ ସହ ବିଦାୟ ନେଇଛନ୍ତି।

ଗୁରୁବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ସିନର ୬-୩, ୬-୦, ୬-୪ ସିଧାସଳଖ ସେଟରେ ଫ୍ରାନ୍ସର ରିଚାର୍ଡ ଗାସକୁଏଟଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଜର୍ମାନୀର ଜେଭରେଭ ୩-୬, ୬-୧, ୬-୨, ୬-୩ ସେଟ୍‌ରେ ନେଦରଲାଣ୍ଡର ଜେସ୍ପର


ଜାନିକ ସିନର

ଡେ ଜଙ୍ଗଙ୍କୁ ହରାଇଛନ୍ତି। ୧୭ତମ ସିଡ୍ ଆନ୍ଦ୍ରେ ରୁବଲେଭ ୭-୬(୭-୧), ୬-୧, ୭-୬(୭-୫) ସେଟ୍‌ରେ ଅଷ୍ଟ୍ରେଲିଆର ଆଡାମ ୱାଲଟନଙ୍କୁ, ଟାଲନ ଗ୍ରିକ୍ସପୁର ୭-୫, ୭-୬(୭-୩), ୧-୬, ୬-୩ ସେଟ୍‌ରେ ଗାବ୍ରିଏଲ ଡିଆଲୋଙ୍କୁ, ୧୪ତମ ସିଡ୍ ଆର୍ଥର ଫିଲ୍ସ ୭-୬(୭-୩), ୭-୬(୭-୪), ୨-୬, ୦-୬, ୬-୪ ସେଟ୍‌ରେ ଜାମେ ମୁନାରଙ୍କୁ, ଜିରି ଲେହେକା ୬-୩, ୩-୬, ୬-୧, ୬-୨ ସେଟ୍‌ରେ ଆଲେଜାଣ୍ଡ୍ରୋ ଡାଭିଡୋଭିଚ୍ ଫକିନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ମିନାଉର ୬-୨, ୬-୨, ୪-୬, ୩-୬, ୨-୬ ସେଟ୍‌ରେ ଆଲେଜାଣ୍ଡର ବବ୍ଲିକଙ୍କଠାରୁ ପରାସ୍ତ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ଜେଶିକା ପେଗୁଲା ୬-୩, ୭-୬(୭-୩) ସେଟ୍‌ରେ ଆମେରିକାର ଆନ ଲିଙ୍କୁ, ଦ୍ୱିତୀୟ ସିଡ୍ କୋକୋ ଗଫ ୬-୨, ୬-୪ ସେଟ୍‌ରେ ତେରେଜା ଭାଲେଣ୍ଟୋଭାଙ୍କୁ ଓ ଷଷ୍ଠ ସିଡ୍ ମିରା ଆଣ୍ଡ୍ରିଭା ୬-୩, ୬-୪ ସେଟରେ ଆଶଲିନ କ୍ରୁଗରଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।


# Classified Everyday

0674-2580101, 9692975378



**REAL ESTATE SALE**

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି boundary plot sale, 1500sqft. 30,00,000/-. 7978947520. D-76272

ଭୁବନେଶ୍ୱର, Puri bypass ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ Residential Plot, 2/3BHK Flat ବିକ୍ରିହେବ। 8327785834. D-76266

Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call-9861642492. D-738

Sthitiban plot sale near IIT Argul, Khurdha, Bhubaneswar. Immediate registration/possesion sqft.- 350/-. 8328868883. D-76270

Sale of personal plot 60x80= 4800sft. Nearer to Phulanakhara, 11 K.M. from BBSR @ 1500per sft. with big compound wall, beautiful road, touching to a building. 7809525452. D-76463

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Newly open health benefits SPA by expert therapist. Contact- 8280961126. D-76915

Full body massage by odia therapist in homely atmosphere. 9556498382. D-75388

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open Jyoti SPA positively health benefits (Expert therapist). 8458067955. D-76914

**LOST**

Lost sale deed of my property Khata No.- 64/250, 65/256 and Plot No.- 471/1094, 471/743, Mouza- Goibhanga, P.S.- Bramhani Tarang, Tahasil- Lathikata, Dist.- Sundargarh, State- Odisha, Registered document No.-644, dated 29.05.1992, NCR is lodged on 28.05.2025 at Rourkela Town P.S. Finder may send to: Bichitra Jena at above address or Ph. No.- 7008970266. D-76916

**AFFIDAVIT**

I, ASWINI MOHANTY, S/o- Prafulla Kumar Mohanty, resident of At- Plot No. SB-14 & 15, Arya Village, Dumduma, Phase- 4, Near Cosmopalli Apartment, Bhubaneswar, Dist.- Khordha- 751019, Odisha, declare by this affidavit No. 5990, dated- 27.05.2025 that now onwards I shall be known as ASWINI KUMAR MOHANTY for all future purposes. D-739

By virtue of an affidavit sworn before the Executive Magistrate, Angul, dated-28.05.2025, I, Ajita Kumar Barik, Address: At- Kothabhuin, P.O.-Kothabhuin, P.S.- Purunakote, Dist-Angul, Odisha-759127 declare that I have changed the name of my son from Dharmendra Barik to Amrit Kumar Barik. Henceforth, he shall be known as Amrit Kumar Barik for all purposes.
Ajita Kumar Barik D-743

I, RAJNI AGRAWAL, Aged about 50years, W/o- Pankaj Kumar Agrawal, Resident of Club Road, P.O./P.S./Dist.- Bolangir, PIN-767001, Odisha, do hereby declare by this affidavit No.-1958, dtd.26.03.2025 that now onwards I shall be known as RAJANI AGRAWAL for all future purposes. D-741

By virtue of an affidavit sworn before Executive Magistrate, Jagatsinghpur on dated 05.02.2025, I, Parwati Kumari Sahoo, W/o- Late Dhruba Charan Sahoo, Address- Vill- Nachhipur, P.O.- Kantilo, Dist.- Jagatsinghpur, PIN- 754114, State- Odisha have changed my name from "Parbati Sahoo" to "Parwati Kumari Sahoo". Henceforth, she shall be known as "Parwati Kumari Sahoo" for all purposes. D-735

By virtue of an affidavit sworn in before the Executive Magistrate, Talcher, dt. 29.05.2025, that my son Hritik Kumar Mohanty's actual Date of Birth is "15.12.2007", which is reflected in his Educational Certificates, Aadhaar Card and other relevant documents but in my service sheets which is maintained by Ananta OCP, MCLtd his Date of Birth is wrongly mentioned as "15.12.2008" which needs to be correction.
Dusmanta Mohanty D-742

I, Ranjana Agrawal, D/o- Late Prabhudayal Agrawal, resident of Choudhuri Bazar, Keuta Sahi, Cuttack Sadar, Cuttack, Cuttack G.p, Odisha PIN-753001 declares by this affidavit No.- 225, dtd. 27th May, 2025 that now onwards shall be known as Ranjana Agarwal for future purposes. D-749

By virtue of an affidavit before Executive Magistrate, Kantabanji on 29.05.2025, formerly I am known as Ahalya Bhoi, D/o- Giridhari Bhoi which is recorded in my Educational Documents but after marriage to Shankar Thela of Village- Hial P.O.- Kuibahal, P.S.- Kantabanji, Dist.- Balangir my name is recorded as Ahalya Thela, W/o- Shankar Thela in my Aadhaar Card where as Ahalya Bhoi and Ahalya Thela, W/o- Shankar Thela is same and one person and from today I will be known as Ahalya Bhoi, D/o- Giridhari Bhoi as per my educational records. D-740

NAME CHANGE I, Pratyusha Kiran, W/o- Jhinesh Kumar Bhinde, R/O-Plot 784/1391, Sub Plot-A-20, Girish Vihar, Durga Madhab Nagar, Lane 10C, Mahalaxmi Vihar, Bhubaneswar, Khurda, Odisha-751029 have changed the name of my minor son AADITH, born on 07th April 2022 to AADITH KIRAN. D-744


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


I, Prajana Paramita Panda, W/o-Srimanta Kumar Panda, Resident of Ward No-4, Plot No. 3C/471, Sector- 8, P.O.-Avinab Bidanasi, Markatnagar, CDA, Dr. Tonpe Road, P.S.- Markatnagar, Dist.- Cuttack, PIN-753014, Odisha declare by this affidavit No.-7404, dtd-28.05.2025 that now onwards I shall be known as PRAJNA PARAMITA PANDA for all future purposes. D-747

By virtue of an affidavit sworn before Executive Magistrate, Basudevpur I, Haramohan Panigrahi, S/o- Nishikanta Panigrahi, At- Gadala, P.O.- Rajagharpokhari, P.S.- Naikanidihi, Dist.- Bhadrak, declare that I have changed my name Hari Chandan Panigrahi to Haramohan Panigrahi. Henceforth, I shall be known as Haramohan Panigrahi for all purposes. D-746

I, Mohammed Roshan Anwar, S/o- Mohammad Khursheed Anwar LP/451 Prasanti vihar OSHB Colony, Bhubaneswar, PIN-751024 declare by this affidavit No.- 30101, Dated- 27.05.2025, That now onwards, I, shall be known as Md Roshan Anwar for all future purposes. D-748

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଶିଶିର ମହାପାତ୍ର
ହରିଦାସପୁର, ପାଟକୁରା, କେନ୍ଦ୍ରାପଡ଼ା
ଜନ୍ମ: 04/04/1969
ମୃତ୍ୟୁ: 20/05/2025
ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତ ସବୁ ଆମ ମାନସପଟ୍ଟରେ ସଜଳ ଓ ଜୀବନ୍ତ ହୋଇରହିଛି। ତୁମେ ଯେଉଁଠି ଥାଅ ଭଲରେ ଥାଅ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଆମର ବିନମ୍ର ପ୍ରାର୍ଥନା।
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ: ପୁତ୍ର- ବିଶ୍ୱପ୍ରକାଶ ମହାପାତ୍ର, ସୌମ୍ୟ ପ୍ରକାଶ ମହାପାତ୍ର, ରୁଦ୍ରପ୍ରକାଶ ମହାପାତ୍ର, ଝିଅ- ସିପ୍ରା ମହାପାତ୍ର, ଜ୍ୱାଇଁ- ରାକେଶ ମହାନ୍ତି ଓ ଆତ୍ମୀୟସ୍ୱଜନ
ଧ-୭୪୫

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ରାଫା ଯୁଗର ଅବସାନ

**କ୍ଲେ କୋର୍ଟର ରାଜାଭାବେ ପରିଚିତ ସ୍ପେନ୍‌ର ରାଫାଲ ନାଡାଲଙ୍କୁ ନିକଟରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଅବସରରେ ଭାବପୂର୍ଣ୍ଣ ଫେୟାରୱେଲ ଦିଆ ଯାଇଛି। ନିଜର ଅତି ପ୍ରିୟ ରୋଲାଣ୍ଡ ଗାରୋସର ଲାଲ ମାଟିରେ ଅଶ୍ରୁକୁ ରୋକିପାରି ନ ଥିବା ଏହି କ୍ଲେ–କିଙ୍ଗ୍ ଅନେକ ରେକର୍ଡର ଅଧିକାରୀ ହେବା ସହ ଟେନିସକୁ ଅଲ୍‌ବିଦା ଜଣାଇଛନ୍ତି। ଏଥିସହ ରାଫା ଯୁଗର ଅବସାନ ଘଟିଛି। କ୍ୟାରିୟରରେ କ୍ୟାରିୟର ସ୍ଲାମ ସହ ୨୨ ଗ୍ରାଣ୍ଡସ୍ଲାମ ଜିତିଥିବା ଏହି ମହାନ ଖେଳାଳିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...**

**ସ୍ପା**ନିଶ ଟେନିସ କିମ୍ବଦନ୍ତୀ ରାଫାଲ ନାଡାଲଙ୍କ ପୂରା ନାମ ହେଉଛି ରାଫାଲ ନାଡାଲ ପେରେରା (ରାଫା)। ୧୯୮୬ ଜୁନ ୩ ତାରିଖରେ ତାଙ୍କର ଜନ୍ମ। ସେ ଆସୋସିଏଶନ ଅଫ୍ ଟେନିସ ପ୍ରଫେଶନାଲ (ଏଟିପି) ର୍‍ୟାଙ୍କିଙ୍ଗ୍‌ରେ ୨୦୯ ସପ୍ତାହ ଧରି ୱାର୍ଲ୍ଡ ନଂ–୧ ହୋଇ ରହିଥିଲେ ଏବଂ ୫ ଥର ୱାର୍ଲ୍ଡ ନଂ–୧ ଭାବେ ବର୍ଷ ଶେଷ କରିଥିଲେ। ତାଙ୍କ ନାମରେ ୨୨ ଗ୍ରାଣ୍ଡସ୍ଲାମ ଟାଇଟଲ ରହିଛି, ଯାହାକି ପୁରୁଷ ସିଙ୍ଗଲ୍ସ ଇତିହାସରେ ଦ୍ୱିତୀୟ ସର୍ବାଧିକ। ଏଥିସହିତ ତାଙ୍କ କ୍ୟାରିୟରରେ ଅଲିମ୍ପିକ ଗୋଲ୍ଡ ମେଡାଲ ଓ ୩୬ ମାଷ୍ଟର୍ସ ଟାଇଟଲ ସହିତ ମୋଟ ୯୨ ଏଟିପି ଟୁର ଲେବଲ ସିଙ୍ଗଲ୍ସ ଟାଇଟଲ ରହିଛି। ସିଙ୍ଗଲ୍ସରେ କ୍ୟାରିୟର ଗୋଲ୍ଡେନ ସ୍ଲାମ ହାସଲ କରିଥିବା ବିଶ୍ୱର ୩ ଖେଳାଳିଙ୍କ ମଧ୍ୟରୁ ସେ ଜଣେ। କ୍ଲେ କୋର୍ଟରେ ଲଗାତର ୮୧ ମ୍ୟାଚ୍ ବିଜୟ ଓପନ ଏରାରେ ଯେ କୌଣସି ସର୍ଫେସରେ ଏହା ସବୁଠୁ ଲମ୍ବା ବିଜୟ ଧାରା।

ଦୁଇ ଦଶନ୍ଧି ଧରି ରୋଜର ଫେଡେରର ଓ ନୋଭାକ ଜୋକୋଭିଚ୍‌ଙ୍କ ସହ ନାଡାଲ ପୁରୁଷ ଟେନିସରେ ପ୍ରମୁଖ ଚେହେରା ହୋଇ ରହିଥିଲେ। ଏହି ୩ ମହାନ୍ ଖେଳାଳି ବିଗ୍ ଥ୍ରି ଭାବେ ଜଣାଯାଉଥିଲେ। ୨୦ ବର୍ଷରେ ପାଦ ଦେବା ପୂର୍ବରୁ ନାଡାଲ ୧୬ ଟାଇଟଲ ଜିତିବା ସହ ୱାର୍ଲ୍ଡ ନଂ–୨ ର୍‍ୟାଙ୍କ ହାସଲ କରି ଏଟିପି ଟୁର ଇତିହାସର ସବୁଠୁ ସଫଳ ଟିନ୍‌ଏଜ ଖେଳାଳି ହେବାର ଗୌରବ ଅର୍ଜନ କରିଥିଲେ। ଐତିହାସିକ ୨୦୦୮ ୱିମ୍ବଲଡନ ଫାଇନାଲରେ ରୋଜର ଫେଡେରରଙ୍କୁ ହରାଇ ନାଡାଲ ତାଙ୍କ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବା ସହ ପ୍ରଥମ ଥର ପାଇଁ ୱାର୍ଲ୍ଡ ନଂ–୧ ହୋଇଥିଲେ। ସେହି ବର୍ଷ ସେ ବେଜିଂ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଥିଲେ। ୨୦୧୦ରେ ୟୁଏସ୍ ଓପନ ଫାଇନାଲରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ନାଡାଲ ୨୪ ବର୍ଷ ବୟସରେ ଓପନ ଏରାର ସର୍ବକନିଷ୍ଠ ପୁରୁଷ ଭାବେ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ। ସେ ୨୦୦୫ରୁ ୨୦୧୪ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଏବଂ ୨୦୧୭ରୁ ୨୦୨୦ ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ଅତିକମ୍‌ରେ ଗୋଟିଏ ମେଜର ସିଙ୍ଗଲ୍ସ ଟାଇଟଲ ଜିତିଥିଲେ। କ୍ୟାରିୟରରେ ୧୧ ଡବଲ୍ସ ଟାଇଟଲ ସହ ୨୦୧୬ ରିଓ ଅଲିମ୍ପିକ୍ସରେ ଡବଲ୍ସରେ ଗୋଲ୍ଡ ଜିତିଥିଲେ। ୨୦୨୨ ଅଷ୍ଟ୍ରେଲିଆନ ଓପନ ଜିତିବା ସହ ସେ ସର୍ବାଧିକ ଗ୍ରାଣ୍ଡସ୍ଲାମ ଜିତିଥିବା ପୁରୁଷଙ୍କ ମଧ୍ୟରେ ଫେଡେରରଙ୍କୁ ପଛରେ ପକାଇବା ସହ ବିଶ୍ୱର ଚତୁର୍ଥ ଖେଳାଳି ଭାବେ ସିଙ୍ଗଲ୍ସରେ ଡବଲ କ୍ୟାରିୟର ଗ୍ରାଣ୍ଡସ୍ଲାମ ହାସଲ କରିଥିଲେ।

ମାଲୋର୍କା ଦ୍ୱୀପରେ ଜନ୍ମିତ ନାଡାଲଙ୍କ ବାପା ସେବାଷ୍ଟିଆନ ନାଡାଲ ହୋମାର। ସେ ଜଣେ ବ୍ୟବସାୟୀ। ତାଙ୍କର ଏକ ଗ୍ଲାସ ଓ ଝରକା କମ୍ପାନୀ ସହିତ ଏକ ରେଷ୍ଟୁରାଣ୍ଟ ଥିଲା। ନାଡାଲଙ୍କ ଦାଦା ମିଗୁଏଲ ଆଞ୍ଜେଲ ନାଡାଲ ଜଣେ ଅବସରପ୍ରାପ୍ତ ଫୁଟବଲର ଥିଲେ। ସେ ଏଫ୍‌ସି ବାର୍ସେଲୋନା ଓ ସ୍ପାନିଶ ଜାତୀୟ ଦଳ ଲାଗି ଖେଳିଥିଲେ। ରାଫାଙ୍କୁ ତାଙ୍କ ଦାଦାଙ୍କ କାରଣରୁ ଏକଦା ବାର୍ସେଲୋନା ଦଳର ଷ୍ଟାର ରୋନାଲ୍ଡୋଙ୍କ ସହ ଫଟୋ ଉଠାଇବାକୁ ସୁଯୋଗ ମିଳିଥିଲା। ଅନ୍ୟ ଜଣେ ଦାଦା ଟେନିସ କୋଚ୍ ଟୋନି ନାଡାଲ ୩ ବର୍ଷ ବୟସରେ ରାଫାଙ୍କୁ ଟେନିସ ସହ ପରିଚିତ କରାଇଥିଲେ। ରାଫା ଛୋଟ ବେଳେ ଫୁଟବଲ ପ୍ରତି ଅଧିକ ଆକର୍ଷିତ ଥିଲେ। କିନ୍ତୁ ସେ ଦାଦା ଟୋନିଙ୍କ ପରାମର୍ଶ କ୍ରମେ ଟେନିସକୁ କ୍ୟାରିୟର ଭାବେ ବାଛିଥିଲେ। ସେ ୪ ବର୍ଷ ବୟସରେ ଟେନିସ ଖେଳିବା ଆରମ୍ଭ କରିଥିଲେ। ଅନ୍ୟ ଖେଳାଳିଙ୍କ ଅପେକ୍ଷା ରାଫାଙ୍କ ଲାଗି ଦାଦା ଟୋନି ଅଧିକ କଠୋର ଥିଲେ। ରାଫାଙ୍କୁ ସେ ବଲ ଗୋଟାଇବା ଓ କୋର୍ଟରେ ଝାଡୁ ମାରିବା ଭଳି କାମ ଦେଉଥିଲେ। ୨୦୧୧ରେ ରାଫା ତାଙ୍କ ଆତ୍ମଜୀବନିରେ ଟୋନିଙ୍କୁ ଭୟ କରୁଥିବା ଓ ଏକା ପ୍ରାକ୍ଟିସ ସେସନ କରୁଥିବା ସ୍ୱୀକାର କରିଥିଲେ। ବହୁବାର ସେ ଟେନିସ କୋର୍ଟରୁ କାନ୍ଦି କାନ୍ଦି ଘରକୁ ଫେରିଥିବା ମଧ୍ୟ କହିଥିଲେ। ୮ ବର୍ଷ ବୟସରେ ୧୨ ବର୍ଷରୁ କମ୍ ଆଞ୍ଚଳିକ ଟେନିସ ଟୁର୍ନାମେଣ୍ଟ ଜିତିବା ପରେ ରାଫାଙ୍କୁ ଟୋନି ଅଧିକ ଟ୍ରେନିଂ କରାଇଥିଲେ। ୨୦୦୧ରେ ୧୪ ବର୍ଷ ବୟସରେ ନାଡାଲ ପ୍ରୋଫେଶନାଲ ଟୁର୍ନାମେଣ୍ଟର ଯୋଗ୍ୟତା ପର୍ଯ୍ୟାୟରେ ଖେଳିବା ଆରମ୍ଭ କରିଥିଲେ। ଏହି ବର୍ଷ ସେ ପ୍ରୋଫେଶନାଲ କ୍ୟାରିୟରର ମୁଖ୍ୟ ଡ୍ର’ରେ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୩ରେ ପ୍ରଥମ ୩ ମାସରେ ସେ ୧୯ଟି ଚ୍ୟାଲେଞ୍ଜର ମ୍ୟାଚ୍ ଜିତି ଟପ୍–୧୫୦ରେ ପ୍ରବେଶ କରିଥିଲେ।

୨୦୦୫ରେ କ୍ଲେ–କୋର୍ଟ ସିଜନରେ ସେ ଲଗାତର ୨୪ ସିଙ୍ଗଲ୍ସ ମ୍ୟାଚ୍ ଜିତି ଆନ୍ଦ୍ରେ ଆଗାସିଙ୍କ ଓପନ ଏରା ରେକର୍ଡ ଭାଙ୍ଗିଥିଲେ। ୧୯ତମ ଜନ୍ମଦିନରେ ସେ ଫ୍ରେଞ୍ଚ ଓପନ ସେମିଫାଇନାଲରେ ଫେଡେରରଙ୍କୁ ହରାଇଥିଲେ। ଫାଇନାଲରେ ମାରିଆନୋ ପୁଏର୍ଟାଙ୍କୁ ହରାଇ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଥିଲେ। ବିଶ୍ୱର ଦ୍ୱିତୀୟ ଖେଳାଳି ଭବେ ନାଡାଲ ପ୍ରଥମ ଉଦ୍ୟମରେ ହିଁ ଫ୍ରେଞ୍ଚ ଓପନ ଜିତିଥିଲେ। ୨୦୦୬ରେ ଫେଡେରରଙ୍କୁ ଏକ ୫ ସେଟ୍ ଟାଇବ୍ରେକର ଫାଇନାଲରେ ହରାଇ ଇଟାଲିଆନ ଓପନ ଜିତିଥିଲେ। ଏହି ମ୍ୟାଚ୍ ୫ ଘଣ୍ଟା ୫ ମିନିଟ୍ ଧରି ଚାଲିଥିଲା। ନାଡାଲ ଓ ଫେଡେରରଙ୍କ ମଧ୍ୟରେ ଖେଳାଯାଇଥିବା ଏହା ସବୁଠୁ ଲମ୍ବା ମ୍ୟାଚ୍ ଥିଲା। ଏହାପରେ ସେ ଫେଡେରରଙ୍କୁ ଫାଇନାଲରେ ହରାଇ ଦ୍ୱିତୀୟ ଥର ପାଇଁ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ତାଙ୍କ ପୂର୍ବରୁ କୌଣସି ଖେଳାଳି ଗ୍ରାଣ୍ଡସ୍ଲାମ ଫାଇନାଲରେ ଫେଡେରରଙ୍କୁ ହରାଇ ନଥିଲେ। ହେଲେ ଫେଡେରର ୱିମ୍ବଲଡନ ଫାଇନାଲରେ ନାଡାଲଙ୍କୁ ପରାସ୍ତ କରିଥିଲେ। ଏଥିଯୋଗୁ ଲଗାତର ଦ୍ୱିତୀୟ ଥର ପାଇଁ ନାଡାଲ ଦ୍ୱିତୀୟ ର୍‍ୟାଙ୍କରେ ବର୍ଷ ଶେଷ କରିଥିଲେ। ୨୦୦୭ରେ ହାମବର୍ଗ ଫାଇନାଲରେ ଫେଡେରରଙ୍କଠାରୁ ନାଡାଲ ପରାଜୟ ସହ କ୍ଲେ କୋର୍ଟରେ ୮୧ ମ୍ୟାଚ୍ ଧରି ଚାଲିଥିବା ବିଜୟ ଧାରାରେ ବ୍ରେକ ଲାଗିଥିଲା। କିନ୍ତୁ ଫ୍ରେଞ୍ଚ ଓପନରେ ଫେଡେରରଙ୍କୁ ହରାଇ ଚାମ୍ପିୟନ ହୋଇଥିଲେ। ୱିମ୍ବଲଡନ ଫାଇନାଲରେ ଫେଡେରରଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୦୮ ନାଡାଲଙ୍କ ପାଇଁ ଅନ୍ୟତମ ସଫଳ ବର୍ଷ ଥିଲା। ଏହି ବର୍ଷ ସେ ଦୁଇଟି ଗ୍ରାଣ୍ଡସ୍ଲାମ ଓ ଅଲିମ୍ପିକ ସିଙ୍ଗଲ୍ସ ଗୋଲ୍ଡ ଜିତିବା ସହ ୱାର୍ଲ୍ଡ ନଂ–୧ ହୋଇଥିଲେ। ସେ ଫେଡେରରଙ୍କୁ ଫାଇନାଲରେ ହରାଇ ଫ୍ରେଞ୍ଚ ଓପନ ଓ ୱିମ୍ବଲଡନ ଜିତିଥିଲେ।



ଏଥିସହିତ ସେ ଫେଡେରରଙ୍କ ଲଗାତର ୫ ଥର ୱିମ୍ବଲଡନ ଚାମ୍ପିୟନଶିପ୍ ଓ ଗ୍ରାସକୋର୍ଟରେ ୬୫ ମ୍ୟାଚ୍ ଜିତିବାର ଧାରା ମଧ୍ୟ ଭଙ୍ଗ କରିଥିଲେ। ୨୦୦୯ରେ ସେ ପ୍ରଥମ ଥର ପାଇଁ ଓ ସ୍ପେନର ପ୍ରଥମ ଖେଳାଳି ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଏଥର ମଧ୍ୟ ଫାଇନାଲରେ ଫେଡେରର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଏହି ବର୍ଷ ଫ୍ରେଞ୍ଚ ଓପନର ଚତୁର୍ଥ ରାଉଣ୍ଡରେ ରବିନ ସୋର୍ଲିଙ୍ଗଙ୍କଠାରୁ ପରାସ୍ତ ହୋଇଥିଲେ। ଫ୍ରେଞ୍ଚ ଓପନରେ ଏହା ତାଙ୍କ କ୍ୟାରିୟରର ପ୍ରଥମ ପରାଜୟ ଥିଲା। ନାଡାଲ ନଂ–୨ରେ ରହି ବର୍ଷ ଶେଷ କରିଥିଲେ। ୨୦୧୦ରେ ସେ ଫ୍ରେଞ୍ଚ ଓପନ, ୱିମ୍ବଲଡନ ଓ ୟୁଏସ୍ ଓପନ ଟାଇଟଲ ଜିତିବା ସହ ପୁଣି ଥରେ ନଂ–୧ ର୍‍ୟାଙ୍କ ହାସଲ କରିଥିଲେ। ୨୦୧୧ରେ ସେ ଷଷ୍ଠ ଥର ପାଇଁ ଫ୍ରେଞ୍ଚ ଓପନ ଟାଇଟଲ ଜିତିବା ସହ ସ୍ପେନକୁ ଡେଭିସ କପ୍ ଜିତାଇଥିଲେ। ୱିମ୍ବଲଡନ ଫାଇନାଲରେ ନୋଭାକ ଜୋକୋଭିଚ୍ ଓ ୟୁଏସ୍ ଫାଇନାଲରେ ଫେଡେରରଙ୍କଠାରୁ ପରାସ୍ତ ହୋଇଥିଲେ। ୨୦୧୨ରେ ସେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଜୋକୋଭିଚ୍‌ଙ୍କଠାରୁ ହାରିଥିଲେ। ଏହି ମ୍ୟାଚ୍ ୫ ଘଣ୍ଟା ୫୩ ମିନିଟ ଧରି ଚାଲିଥିଲା। ଏହି ମ୍ୟାଚ୍‌କୁ ସର୍ବକାଳୀନ ଶ୍ରେଷ୍ଠ ଟେନିସ ମ୍ୟାଚ୍ ଭାବେ ବିବେଚନା କରାଯାଏ। ଫ୍ରେଞ୍ଚ ଓପନରେ ସେ ଜୋକୋଭିଚ୍‌ଙ୍କୁ ୪ ସେଟ୍ ବିଶିଷ୍ଟ ଫାଇନାଲରେ ପରାସ୍ତ କରି ସପ୍ତମ ଥର ପାଇଁ ଟାଇଟଲ ଜିତିଥିଲେ। ୨୦୧୨ କ୍ଲେ କୋର୍ଟ ସିଜନରେ ନାଡାଲ ମାତ୍ର ୩ ସେଟ୍‌ରେ ପରାଜିତ ହୋଇଥିବା ବେଳେ ମଣ୍ଟେ କାର୍ଲୋ, ବାର୍ସେଲୋନା ଓପନ, ମାଡ୍ରିଡ୍ ଓପନ ଜିତିଥିଲେ। ୨୦୧୩ରେ ଅଷ୍ଟ୍ରେଲିଆନ ଓପନରୁ ଓହରିଯାଇଥିବା ରାଫା ଫ୍ରେଞ୍ଚ ଓପନ ଫାଇନାଲରେ ଡେଭିଡ ଫେରରଙ୍କୁ ପରାସ୍ତ କରିଥିଲେ। ୟୁଏସ୍ ଓପନ ଫାଇନାଲରେ ଜୋକୋଭିଚ୍‌ଙ୍କୁ ହରାଇ ଥିଲେ। ୨୦୧୪ରେ ଇଞ୍ଜୁରୀ କାରଣରୁ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଷ୍ଟାନ ୱାୱରିଙ୍କାଙ୍କଠାରୁ ପରାସ୍ତ ହୋଇଥିଲେ। ଫ୍ରେଞ୍ଚ ଓପନ ଫାଇନାଲରେ ଫେଡେରରଙ୍କୁ ହରାଇ କ୍ୟାରିୟରର ନବମ ଓ ଲଗାତର ପଞ୍ଚମ ଟାଇଟଲ ଜିତିଥିଲେ। ୱିମ୍ବଲଡନ ଚାମ୍ପିୟନଶିପରୁ ସେ ରିଷ୍ଟ ଇଞ୍ଜୁରୀ କାରଣରୁ ଓହରି ଯାଇଥିଲେ ଏବଂ ବଳକା ସିଜନରେ ଖେଳିନଥିଲେ। ୨୦୧୫ ଓ ୨୦୧୬ ବର୍ଷରେ ସେ କୌଣସି ମେଜର ଟୁର୍ନାମେଣ୍ଟ ଜିତି ପାରିନଥିଲେ। ୨୦୧୭ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଫେଡେରରଙ୍କଠାରୁ ପରାସ୍ତ ହୋଇଥିଲେ। ଏହି ବର୍ଷ ଷ୍ଟାନ ୱାୱରିଙ୍କାଙ୍କୁ ହରାଇ ସେ କ୍ୟାରିୟରର ୧୦ମ ଫ୍ରେଞ୍ଚ ଓପନ ଜିତିଥିଲେ। ଏଥିସହିତ ସେ ପିଟ୍ ସାମ୍ପ୍ରାସଙ୍କ ୧୪ ଗ୍ରାଣ୍ଡସ୍ଲାମ ରେକର୍ଡକୁ ପଛରେ ପକାଇଥିଲେ। ୱିମ୍ବଲଡନର ପ୍ରି–କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଥିବା ନାଡାଲ କେଭିନ ଆଣ୍ଡରସନଙ୍କୁ ହରାଇ ୟୁଏସ୍ ଓପନ ଜିତିଥିଲେ। ୨୦୧୮ରେ ଅଷ୍ଟ୍ରେଲିଆନ ଓପନ କ୍ୱାର୍ଟର ଫାଇନାଲରୁ ଇଞ୍ଜୁରୀ କାରଣରୁ ନାଡାଲ ଓହରିଯାଇଥିଲେ। ଏହାପରେ ସେ ୧୧ତମ ମେଣ୍ଟ କାର୍ଲୋ, ବାର୍ସେଲୋନା ଓ ଫ୍ରେଞ୍ଚ ଓପନ ଟାଇଟଲ ଜିତିଥିଲେ। ୨୦୧୯ରେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ନାଡାଲ ସିଧାସଳଖ ସେଟରେ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇଥିଲେ। ଫ୍ରେଞ୍ଚ ଓପନ ଫାଇନାଲରେ ଡେଭିଡ ଥିମ୍‌ଙ୍କୁ ଓ ୟୁଏସ୍ ଓପନ ଫାଇନାଲରେ ଡାନିଲ ମେଡଭେଡେଭଙ୍କୁ ପରାସ୍ତ କରି ଟାଇଟଲ ହାତେଇଥିଲେ। ଏହି ବର୍ଷ ତାଙ୍କର ଉଲ୍ଲେଖନୀୟ ଯୋଗଦାନ ବଳରେ ସ୍ପେନ ଷଷ୍ଠ ଥର ପାଇଁ ଡେଭିସ କପ୍ ଜିତିଥିଲା। ୨୦୨୦ରେ ସେ ଅଷ୍ଟ୍ରେଲିଆନ ଓପନର କ୍ୱାର୍ଟର ଫାଇନାଲରେ ଅଭିଯାନ ଶେଷ କରିଥିବା ବେଳେ ଜୋକୋଭିଚ୍‌ଙ୍କୁ ସିଧାସଳଖ ସେଟ୍‌ରେ ଫାଇନାଲରେ ହରାଇ ୧୩ତମ ଫ୍ରେଞ୍ଚ ଓପନ ଜିତିଥିଲେ। ଏହି ବର୍ଷ ପ୍ୟାରିସ ମାଷ୍ଟର୍ସରେ ସେ ଦ୍ୱିତୀୟ ରାଉଣ୍ଡରେ ଫେଲିସିଆନୋ ଲୋପେଜଙ୍କୁ ହରାଇ ଏଟିପି ଟୁରରେ ୧୦୦୦ତମ ବିଜୟ ହାସଲ କରିଥିଲେ। ଓପନ ଏରାରେ ଏଭଳି ଉପଲବ୍ଧି ପାଇବାରେ ସେ ଚତୁର୍ଥ ଖେଳାଳି ଥିଲେ। ୨୦୨୧ରେ ସେ ୧୨ତମ ବାର୍ସେଲୋନା ଓ ୧୦ମ ଇଟାଲିଆନ ଓପନ ଟାଇଟଲ ଜିତିଥିଲେ। ହେଲେ ଇଞ୍ଜୁରୀ କାରଣରୁ ଅଧିକ ଟୁର୍ନାମେଣ୍ଟରେ ଭାଗ ନେଇନଥିଲେ। ୨୦୨୨ରେ ସେ କ୍ୟାରିୟରର ଅଷ୍ଟ୍ରେଲିଆନ ଓପନ ଜିତିଥିଲେ। ଏହା ତାଙ୍କର ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଥିଲା। ଏଥିସହିତ ସେ ଫେଡେରରଙ୍କ ୨୦ ଗ୍ରାଣ୍ଡସ୍ଲାମ ରେକର୍ଡ ଅତିକ୍ରମ ଥିଲେ। ପରେ ଫ୍ରେଞ୍ଚ ଓପନ ଫାଇନାଲରେ ସେ କାସ୍ପର ରୁଡଙ୍କୁ ହରାଇ କ୍ୟାରିୟରର ୨୨ ତମ ଗ୍ରାଣ୍ଡସ୍ଲାମ ଜିତିଥିଲେ। ଏହାପରେ ସେ ଆହତ ସମସ୍ୟାରେ ରହିଥିଲେ। ୟୁଏସ୍ ଓପନ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଥିଲେ। ଲାଭର କପ୍‌ରେ ନାଡାଲ ଟିମ ୟୁରୋପ ଲାଗି ରୋଜର ଫେଡେରରଙ୍କ ସହ ଡବଲ୍ସ ଖେଳିଥିଲେ। ଏହା ରୋଜରଙ୍କ ଅନ୍ତିମ ପେଶାଦାର ମ୍ୟାଚ୍ ଥିଲା। ୨୦୨୪ ଫ୍ରେଞ୍ଚ ଓପନ ପ୍ରଥମ ରାଉଣ୍ଡରେ ଆଲେକ୍ସଜାଣ୍ଡର ଜେଭରେଭଙ୍କଠାରୁ ପରାସ୍ତ ହୋଇଥିଲା। ଏଥିସହିତ ୧୧୨–୪ ବିଜୟ–ପରାଜୟ ରେକର୍ଡ ସହ ଫ୍ରେଞ୍ଚ ଓପନ କ୍ୟାରିୟର ଶେଷ କରିଥିଲେ। ନେଦରଲାଣ୍ଡ ବିପକ୍ଷ ଡେଭିସ କପ୍ କ୍ୱାର୍ଟର ଫାଇନାଲରେ ବୋଟିକ ଭାନ ଡେ ଜାଣ୍ଡସ୍କୁଲପଙ୍କଠାରୁ କ୍ୟାରିୟରର ଅନ୍ତିମ ସିଙ୍ଗଲ୍ସ ମ୍ୟାଚ୍‌ରେ ପରାଜୟ ପରେ ନାଡାଲ ପେଶାଦାର ଟେନିସକୁ ଅଲବିଦା କରିଥିଲେ।

**–ଅନାଦି କର**




ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମରେ ରାଫାଲ ନାଡାଲଙ୍କ ୧୪ ଟ୍ରଫି।

## ସିଙ୍ଗଲ୍ସ କ୍ୟାରିୟର ରେକର୍ଡ

ବିଜୟ–ପରାଜୟ: ୧୦୮୦–୨୨୮
ମୋଟ ଟାଇଟଲ: ୯୨

**ଗ୍ରାଣ୍ଡସ୍ଲାମ ଫଳାଫଳ**

**ଟୁର୍ନାମେଣ୍ଟ ବର୍ଷ**

ଅଷ୍ଟ୍ରେଲିଆନ ଓପନ: ୨୦୦୯ ଓ ୨୦୨୨
ଫ୍ରେଞ୍ଚ ଓପନ: ୨୨୦୫, ୨୦୦୬, ୨୦୦୭, ୨୦୦୮, ୨୦୧୦, ୨୦୧୧, ୨୦୧୨, ୨୦୧୩, ୨୦୧୪, ୨୦୧୭, ୨୦୧୮, ୨୦୧୯, ୨୦୨୦, ୨୦୨୨
ୱିମ୍ବେଲଡନ: ୨୦୦୮, ୨୦୧୦
ୟୁଏସ୍ ଓପନ୍: ୨୦୧୦, ୨୦୧୩, ୨୦୧୭, ୨୦୧୯

## ଓଡ଼ିଆ

**ଓ**ଡ଼ିଶାର ପୁଅ ରୋହିତ ସାମଲ
ଚଣ୍ଡୀଗଡ଼ଠାରେ ମାତି
ଅଠଚାଳିଶ କେଜି ଫ୍ରି
ଷ୍ଟାଇଲରେ ବ୍ରୋଞ୍ଜ
ପଦକ ଯାଇଛି ଜିତି
କୋଲ୍ହାପୁର୍‌ଠାରେ ସାଥୀ
ପ୍ରତିଷ୍ଠା ସିଂ ବେଷ୍ଟ ଶକ୍ତି ଉତ୍ତୋଳିକା
ପ୍ରତିଷ୍ଠା କରିଛି ଖ୍ୟାତି....(୧)

ସ୍କ୍ୱାଟ ଆଣ୍ଡ ଡେଡ୍‌ଲିଫ୍ଟରେ ରୌପ୍ୟ
ବେଞ୍ଚ ପ୍ରେସ୍‌ରେ ସୁନା
ପଦକ ଜିତିକି ପ୍ରତିଷ୍ଠା ରାଜ୍ୟକୁ
ଗର୍ବିତ କରିଛି ସିନା
ତାଇୱାନ ଆଡେ ଅନା
ଭାରତୀୟ ଗେଟ୍‌ବଲ୍ ୟୁନିୟନ
ଦଳକୁ ମିଳିଛି ସୁନା...(୨)



ପ୍ରତିଷ୍ଠା ସିଂ

ସେ ଦଳ ରେ ଆମ ରାଇଜର ପୁଅ
ଉମାକାନ୍ତ, ସର୍ବେଶ୍ୱର
ଦିଲ୍ଲୀପ ଓ ଦୈପାୟନ ଭଳି ଥିଲେ
ଚାରି କ୍ରୀଡ଼ା କଳାକାର
ସବୁ ରାଇଜରେ ଘର
କଲେଣି ଓଡ଼ିଆ ନାଁ ବି ବଢିଆ
ଆମେ ତ ଓଡ଼ିଆ ବୀର (୩)।

**–ସୁବାସ ଚନ୍ଦ୍ର ପ୍ରଧାନ**

# ଟେନିସ ଜଗତର ୪ ଯୋଦ୍ଧା

**ମେ** ୨୫ ତାରିଖରେ ଫ୍ରେଞ୍ଚ ଓପନ ଦ୍ୱାରା ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆୟୋଜକଙ୍କ ପକ୍ଷରୁ ରାଫାଲ ନାଡାଲଙ୍କୁ ଫେୟାରୱେଲ ଦିଆଯାଇଥିଲା। ଏହି ଅବସରରେ ନାଡାଲଙ୍କ ସହ ତାଙ୍କ ଚିରପ୍ରତିଦ୍ୱନ୍ଦ୍ୱୀ ଫେଡେରର, ଜୋକୋଭିଚ୍ ଓ ଆଣ୍ଡି ମୁରେ ଉପସ୍ଥିତ ଥିଲେ।

### ନାଡାଲ ବନାମ ଫେଡେରର

ଫେଡେରର ଓ ନାଡାଲ ୨୦୦୪ରୁ ୨୦୧୯ ପର୍ଯ୍ୟନ୍ତ ପରସ୍ପର ବିପକ୍ଷରେ ୪୦ ମ୍ୟାଚ୍ ଖେଳିଥିଲେ। ନାଡାଲ ୨୪–୧୬ରେ ଆଗରେ ରହିଥିବା ବେଳେ ଗ୍ରାଣ୍ଡସ୍ଲାମ ମ୍ୟାଚ୍‌ରେ ୧୦–୪ ଆଗରେ ରହିଥିଲେ।

### ନାଡାଲ ବନାମ ଜୋକୋଭିଚ୍

ଜୋକୋଭିଚ୍ ଓ ନାଡାଲ ୬୦ ଥର ପରସ୍ପରକୁ ଭେଟିଥିଲେ, ଯାହାକି ଓପନ ଏରାରେ ନିର୍ଦ୍ଦିଷ୍ଟ ଦୁଇ ଖେଳାଳିଙ୍କ ମଧ୍ୟରେ ଖେଳାଯାଇଥିବା ସର୍ବାଧିକ ସଂଖ୍ୟକ ମ୍ୟାଚ୍। ନାଡାଲ ଗ୍ରାଣ୍ଡସ୍ଲାମରେ ୧୧–୭ରେ ଆଗରେ ରହିଥିବା ବେଳେ ମୋଟ ମ୍ୟାଚ୍‌ରେ ୨୯–୩୧ରେ ପଛରେ ରହିଥିଲେ।

### ସମ୍ମାନ

୨୦୧୭ରେ ବାର୍ସେଲୋନା ଓପନର ମୁଖ୍ୟ କୋର୍ଟକୁ ପିସ୍ତା ରାଫା ନାଡାଲଙ୍କ ନାମରେ ନାମିତ କରାଯାଇଥିଲା। ୨୦୨୧ ଫ୍ରେଞ୍ଚ ଓପନ ପୂର୍ବରୁ ଷ୍ଟେଡ ରୋଲାଣ୍ଡ ଗାରୋସଠାରେ ନାଡାଲଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ୨୦୦୩ରେ ଠାବ କରାଯାଇଥିବା ଏକ ଗ୍ରହର ନାମକୁ ୧୨୮୦୩୬ ରାଫେଲ ନାଡାଲ ନାମରେ ନାମିତ କରାଯାଇଥିଲା।

### ଅନ୍ଧବିଶ୍ୱାସୀ ନାଡାଲ

ଅନ–କୋର୍ଟ ବ୍ୟବହାର ଯୋଗୁ ନାଡାଲଙ୍କୁ ଅନ୍ଧବିଶ୍ୱାସୀ ବୋଲି କୁହାଯାଉଥିଲା। ସେ ସର୍ବଦା ପାଣି ବୋତଲକୁ ଚେୟାର ନିର୍ଦ୍ଦିଷ୍ଟ ସ୍ଥାନରେ ରଖୁଥିଲେ। ଚେଞ୍ଜଓଭର ବେଳେ ସେ ସର୍ବଦା ପ୍ରତିପକ୍ଷ ଖେଳାଳିଙ୍କୁ ପ୍ରଥମେ ନେଟ୍ ଅତିକ୍ରମ କରିବାକୁ ଦେଉଥିଲେ ଏବଂ ପ୍ରତ୍ୟେକ ଥର ସର୍ଭ କରିବା ପୂର୍ବରୁ ସେ ଚୁଟିକୁ କାନ ପଛକୁ ଠେଲୁଥିଲେ।



ନୋଭାକ ଜୋକୋଭିଚ୍, ରୋଜର ଫେଡେରର, ରାଫାଲ ନାଡାଲ ଓ ଆଣ୍ଡି ମୁରେ।

ଧରିତ୍ରୀ DHARITRI
ଧରିତ୍ରୀ 51 Years
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ମେ ୩୦/୨୦୨୫ Bhubaneswar, Friday, May 30/ 2025

# ଆଇପିଏଲ୍ ଫାଇନାଲରେ ଆର୍‌ସିବି

**ମୁଲାନପୁର, ୨୯।୫**

ଚଳିତ ଆଇପିଏଲ୍‌ରେ ଗୁରୁବାର ଅନୁଷ୍ଠିତ ପ୍ରଥମ କ୍ୱାଲିଫାୟରରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍)କୁ ପରାସ୍ତ କରିଛି। ପଞ୍ଜାବ ଦ୍ୱାରା ପ୍ରଦତ୍ତ ୧୦୨ ରନର ଛୋଟିଆ ଟାର୍ଗେଟକୁ ଆର୍‌ସିବି ୧୦ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଆର୍‌ସିବି ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛି।

## କ୍ୱାଲିଫାୟର-୧

ଆର୍‌ସିବି ଆଇପିଏଲ୍ ଇତିହାସରେ ଚତୁର୍ଥ ଥର ପାଇଁ ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ୨୦୦୯, ୨୦୧୧ ଓ ୨୦୧୬ରେ ଆର୍‌ସିବି ଫାଇନାଲରେ ପରାସ୍ତ ହୋଇଥିଲା। ଅନ୍ୟପକ୍ଷରେ ପରାଜୟ ସତ୍ତ୍ୱେ ପଞ୍ଜାବ ପାଖରେ ଏବେ ବି ଫାଇନାଲରେ ପହଞ୍ଚିବାର ସୁଯୋଗ ରହିଛି। ପଞ୍ଜାବ ଆସନ୍ତା ୧ ତାରିଖରେ ଅହମଦାବାଦରେ ଖେଳାଯିବାକୁଥିବା ଦ୍ୱିତୀୟ କ୍ୱାଲିଫାୟରରେ ଏଲିନେଟର ମ୍ୟାଚ୍‌ର ବିଜେତାକୁ ଭେଟିବ।

ଟସ୍ ଜିତି ବେଙ୍ଗାଲୁରୁ ଅଧିନାୟକ ରଜତ ପଟିଦାର ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିକୁ ଦଳୀୟ ବୋଲର ସଠିକ୍ ପ୍ରମାଣ କରିଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ସାଙ୍ଘାତିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଫଳରେ ଦଳ ୧୪.୧ ଓଭରରେ ମାତ୍ର ୧୦୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଆଇପିଏଲ୍ ପ୍ଲେଅଫ୍ ଇତିହାସରେ ଏହା ଚତୁର୍ଥ ସର୍ବନିମ୍ନ ଦଳଗତ ସ୍କୋର। ମାର୍କସ ଷ୍ଟୋଇନିସ (୨୬ ରନ, ୨ ଲେଖାଏ ଚୌକା ଓ ଛକା), ପ୍ରଭସିମରନ ସିଂ (୧୮ ରନ, ୨ ଚୌକା ଓ ୧ ଛକା) ଓ ଆଜମାତୁଲା ଓମାରଜାଇ (୧୮ ରନ୍, ୧ ଲେଖାଏଁ ଚୌକା ଓ ଛକା)ଙ୍କୁ ଛାଡ଼ି ଦେଲେ ଅନ୍ୟ କୌଣସି ବ୍ୟାଟର ଦୁଇ ଅଙ୍କ ସ୍କୋର ଛୁଇଁ ପାରିନଥିଲେ। ଅଧିନାୟକ ଶ୍ରେୟସ ଆୟର (୨), ପ୍ରିୟାଂଶ ଆର୍ଯ୍ୟ (୭), ଜୋଶ୍ ଇଙ୍ଗଲିସ୍ (୪), ନେହାଲ ୱାଧେରା (୮), ଶଶାଙ୍କ ସିଂ (୩), ମୁସିର ଖାନ୍ (୦) ବିଫଳ ହୋଇଥିଲେ। ଆର୍‌ସିବି ପକ୍ଷରୁ ଜୋଶ ହାଜେଲଉଡ୍ ଓ ସୁୟଶ ଶର୍ମା ୩ ଲେଖାଏ ଉଇକେଟ ନେଇଥିବା ବେଳେ ୟଶ ଦୟାଲ ଦୁଇଟି ଉଇକେଟ ହାତେଇ ଥିଲେ। ଜବାବରେ ଆର୍‌ସିବି ଆରମ୍ଭରୁ ବିରାଟ କୋହଲି (୧୨)ଙ୍କ ଉଇକେଟ ହରାଇଥିଲା। ହେଲେ ଅନ୍ୟତମ ଓପନର ଫିଲ୍ ସଲ୍ଟ ଓ ମୟଙ୍କ ଅଗ୍ରୱାଲ ଦ୍ୱିତୀୟ ଉଇକେଟରେ ୫୪ ରନ ଯୋଡ଼ି ଦଳର ବିଜୟ ନିଶ୍ଚିତ କରିଥିଲେ। ମୟଙ୍କ (୧୯ ରନ, ୨ ଚୌକା ଓ ୧ ଛକା) ଆଉଟ୍ ହେବା ପରେ ସଲ୍ଟ ଓ ଅଧିନାୟକ ରଜତ ପଟିଦାର ଆବଶ୍ୟକୀୟ ରନ ସଂଗ୍ରହ କରିନେଇଥିଲେ। ସଲ୍ଟ ୨୭ ବଲରେ ୫୬ (୬ ଚୌକା ଓ ୩ ଛକା) ଓ ପଟିଦାର ୧୫ (୧ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ପକ୍ଷରୁ କାଇଲ ଜେମିସନ ଓ ମୁଶିର ଖାନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ସୁୟଶ ଶର୍ମା।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୧୪.୧ ଓଭରରେ ୧୦୧/ଅଲଆଉଟ୍ (ମାର୍କସ ଷ୍ଟୋଇନିସ-୨୬, ପ୍ରଭସିମରନ ସିଂ-୧୮, ଆଜମାତୁଲା ଓମାରଜାଇ-୧୮, ସୁୟଶ ଶର୍ମା-୩/୧୭, ଜୋଶ ହାଜେଲଉଡ-୩/୨୧, ୟଶ ଦୟାଲ-୨/୨୬, ଭୁବନେଶ୍ୱର କୁମାର-୧/୧୭)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୦ ଓଭରରେ ୧୦୬/୨ (ଫିଲ ସଲ୍ଟ-୫୬*, ରଜତ ପଟିଦାର୧୫*, ମୟଙ୍କ ଅଗ୍ରୱାଲ-୧୯, କାଇଲ ଜେମିସନ-୧/୨୭, ମୁଶିର ଖାନ-୧/୨୭)।

# ଏଲିମିନେଟରରେ ଗିଲ୍ ବନାମ ପାଣ୍ଡ୍ୟା



ହାର୍ଦ୍ଦିକ ପାଣ୍ଡ୍ୟା ଓ ଶୁବମନ ଗିଲ୍।

**ମୁଲାନପୁର, ୨୯।୫ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଏଲିମିନେଟର ମ୍ୟାଚ ଶୁକ୍ରବାର ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଅନୁଷ୍ଠିତ ହେବ। ପରସ୍ପରର ସମ୍ମୁଖୀନ ହେବେ ଦୁଇ ଅଧିନାୟକ ଶୁବମନ ଗିଲ୍ ଓ ହାର୍ଦ୍ଦିକ ପାଣ୍ଡ୍ୟା। ଦୁଇ ଦଳ ଟାଇଟଲ ଫେଭରାଇଟ ଥିଲେ ହେଁ ନିଜ ନିଜର ପୂର୍ବ ମ୍ୟାଚ ହାରି ମୋମେଣ୍ଟମ ହରାଇଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଅଭିଜ୍ଞତାର ଲଢ଼େଇ ହେବ। ମୁମ୍ବାଇ ଦଳ ୫ ଥର ଚାମ୍ପିୟନ ହୋଇଥିବାବେଳେ ଟାଇଟନ ୨୦୨୨ରେ ଟାଇଟଲ ହାସଲ କରିଥିଲା ଏବଂ ଗତ ୪ ସିଜନ ମଧ୍ୟରୁ ୩ଥର ପ୍ଲେ-ଅଫ୍ ଖେଳିଛି। ତେବେ ଆଗାମୀ ମ୍ୟାଚରେ ନିଷ୍ପତ୍ତି ଦୃଷ୍ଟିରୁ ଉଭୟ ଗିଲ୍ ଓ ପାଣ୍ଡ୍ୟାଙ୍କୁ ଅନେକ କିଛି ପ୍ରମାଣ କରିବାକୁ ହେବ। ଭାରତୀୟ ଟେଷ୍ଟ ଦଳର ନୂଆ ଅଧିନାୟକ ଗିଲ୍ ଏହି ମ୍ୟାଚରେ ପରୀକ୍ଷାର ସମ୍ମୁଖୀନ ହେବେ।

ଗତବର୍ଷ ଅନେକ କାରଣରୁ ହାର୍ଦ୍ଦିକ ସମାଲୋଚିତ ହୋଇଥିଲେ। ଏଥର ଯଦି ଦଳକୁ ଟ୍ରଫି ଜିତାଇ ପାରିବେ ତେବେ ଫ୍ରାଞ୍ଚାଇଜ୍‌ର ଶ୍ରେଷ୍ଠ ଖେଳାଳିଙ୍କ ତାଲିକାରେ ସାମିଲ ହେବେ। ତେବେ ଦଳ ମଧ୍ୟରେ ଥିବା ସମସ୍ୟାକୁ ଦୁଇ ଲିଡର କିପରି ମୁକାବିଲା କରୁଛନ୍ତି ତା ଉପରେ ନଜର ରହିବ। ଟାଇଟନ୍ସ ଗତ ୨ଟି ମ୍ୟାଚରେ ଆଶ୍ଚର୍ଯ୍ୟଜନକ ଭାବେ ସ୍ୱାଭାବିକ ପ୍ରଦର୍ଶନ କରି ପାରିନାହିଁ। ୨ଟି ଯାକ ମ୍ୟାଚ ଦଳ ହାରିଥିବାବେଳେ ବୋଲରମାନେ ୪୬୫ ରନ ବ୍ୟୟ କରିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଦଳର ବୋଲିଂ ବିଭାଗକୁ ସୁଧାରିବାକୁ ହେବ। ଦଳର ବୋଲିଂ ଆକ୍ରମଣ ନେତୃତ୍ୱ ନେଉଥିବା ମହମ୍ମଦ ସିରାଜଙ୍କୁ ପାୱାରପ୍ଲେରେ ବ୍ରେକ୍ ଥ୍ରୁ ଦେବାକୁ ପଡ଼ିବ। ବାମହାତୀ ପେସର ଅର୍ଶଦ ଖାଁ ନୂଆ ବଲ୍‌ରେ ସଂଘର୍ଷ କରୁଥିବାରୁ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଉପରେ ଚାପ ପଡୁଛି। ଚଳିତ ସିଜନରେ ୨୩ଟି ଉଇକେଟ ହାସଲ ସହ ପ୍ରସିଦ୍ଧ ଟାଇଟନ୍ସର ଟ୍ରମ୍ପ କାର୍ଡ ବିବେଚିତ ହୋଇଛନ୍ତି। ସ୍ପିନ୍ ଅଲ୍‌ରାଉଣ୍ଡର ରଶିଦ ଖାଁଙ୍କ ବିଫଳତା ମଧ୍ୟ ଦଳର ଚିନ୍ତା ବଢ଼ାଇଛି। ବ୍ୟାଟିଂ ଅର୍ଡରର ଟପ୍-୩ ସାଇ ସୁଦର୍ଶନ, ଗିଲ୍ ଓ ଜୋସ ବଟଲରଙ୍କ ପ୍ରଦର୍ଶନଙ୍କ ପ୍ରଭାବୀ ପ୍ରଦର୍ଶନ ଦଳକୁ ଆଗକୁ ଆଣିଛି। ତେବେ ନ୍ୟାଶନାଲ ଡ୍ୟୁଟି ପାଇଁ ବଟଲର ଆଗାମୀ ମ୍ୟାଚରେ ଉପଲବ୍ଧ ହେଉ ନ ଥିବାରୁ ତାଙ୍କ ଅନୁପସ୍ଥିତି ଅନୁଭୂତ ହେବ। ତାଙ୍କ ସ୍ଥାନରେ କୁଶାଲ ମେଣ୍ଡିସ ଆସିଥିଲେ ହେଁ ସେ କେତେ ଆତ୍ମବିଶ୍ୱାସରେ ଅଛନ୍ତି ତାହା ଦେଖିବାର ଅଛି। ମିଡିଲ ଅର୍ଡରରେ ଶାହରୁଖ ଖାଁ ଓ ଶେର୍ଫାନେ ରଦରଫୋର୍ଡ ବିଶେଷ ନିର୍ଭରଯୋଗ୍ୟ ସାବ୍ୟସ୍ତ ହୋଇପାରି ନାହାନ୍ତି।

ମୁମ୍ବାଇ ଦଳ ମଧ ଆଗାମୀ ମ୍ୟାଚରେ ଇନ୍‌ଫର୍ମ ବିଦେଶୀ ଖେଳାଳିଙ୍କ ବିନା ପଡ଼ିଆକୁ ଓହ୍ଲାଇବ। ଟପ୍ ଅର୍ଡରରେ ରୋହିତ ଶର୍ମାଙ୍କ ସହ ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିବା ର୍ୟାନ ରିକେଲଟର ସ୍ୱଦେଶ ଫେରି ଯାଇଛନ୍ତି। ୱିଲ୍ ଜ୍ୟାକ୍ସ ମଧ ଜାତୀୟ ଦଳରେ ଯୋଗଦେବାକୁ ଇଂଲଣ୍ଡ ପ୍ରତ୍ୟାବର୍ତ୍ତନ କରିଛନ୍ତି।

# ୟାରାଜୀ, ସାବ୍‌ଲେଙ୍କୁ ସ୍ୱର୍ଣ୍ଣ



୧୦୦ ମିଟର ହର୍ଡଲ୍ସ ବିଜେତା ଜ୍ୟୋତି ୟାରାଜୀ।

**ଗୁମି, ୨୯।୫ (ପି.ଟି.)**

ଭାରତର ଦ୍ରୁତତମ ମହିଳା ହର୍ଡଲର ଜ୍ୟୋତି ୟାରାଜୀ ଓ ଜାତୀୟ ରେକର୍ଡଧାରୀ ଷ୍ଟିପଲ ଚେଜ୍ ଧାବକ ଅବିନାଶ ସାବ୍‌ଲେ ତାଙ୍କ ଚମତ୍କାର ଫର୍ମ ବଜାୟ ରଖି ଏଠାରେ ଚାଲିଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ସେମାନଙ୍କ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିପାରିଛନ୍ତି। ଜାତୀୟ ରେକର୍ଡଧାରୀ ସାବ୍‌ଲେ ସିଜନରେ ଶ୍ରେଷ୍ଠ ପ୍ରଦର୍ଶନ ସହ ୩୬ ବର୍ଷରେ ପ୍ରଥମ ଭାରତୀୟ ଭାବେ ୩,୦୦୦ ମିଟର ଷ୍ଟିପଲଚେଜ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସାବ୍‌ଲେ ୮:୨୦.୯୨ ସେକେଣ୍ଡ ଟାଇମିଂ ସହ ପ୍ରଥମ ହୋଇଥିଲେ। ୨୦୧୯ ସଂସ୍କରଣରେ ଏକ ରୌପ୍ୟ ପଦକ ପରେ ଏହା ହେଉଛନ୍ତି ତାଙ୍କର ଦ୍ୱିତୀୟ ଏସୀୟ ପଦକ। ଗତଥର ୧୯୮୯ରେ ଭାରତ ଏହି ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲା, ସେତେବେଳେ ଦୀନା ରାମ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ହାର୍ବେଲ ସିଂ ପ୍ରଥମ ଭାରତୀୟ ଭାବେ ୧୯୭୫ରେ ପୁରୁଷ ଷ୍ଟିପଲ ଚେଜ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଫାଇନାଲ ଲାପରେ ଅଗ୍ରଣୀ ଥିବା ଜାପାନର ୟୁତାରୋ ନିନାଏ ୮:୨୪.୪୧ ସେକେଣ୍ଡ ଟାଇମିଂରେ ରୌପ୍ୟ ଜିତିଛନ୍ତି। କତାରର ଜାକାରିଆ ଇଲାହଲାମି ୮:୨୭.୧୨ ସେକେଣ୍ଡ ଟାଇମିଂ ସହ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଅନ୍ୟପକ୍ଷରେ ଜ୍ୟୋତି (୧୨.୯୬ ସେକେଣ୍ଡ) ଏକ ନୂଆ ଚାମ୍ପିୟନଶିପ୍ ରେକର୍ଡ ସହ ଏହି ପ୍ରତିଯୋଗିତାରେ କ୍ରମାଗତ ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ହାସଲ କରିଥିଲେ। ପୂର୍ବରୁ ୧୩.୦୪ ସେକେଣ୍ଡ ଟାଇମିଂରେ ଏହି ରେକର୍ଡ କାଜାଖସ୍ତାନର ଓଲ୍‌ଗୋ ଶିଶିଜିନା (୧୯୯୮) ଓ ଚାଇନାର ସନ୍ ୟାୱି (୨୦୧୧)ଙ୍କ ନାମରେ ରହିଥିଲା। ଜ୍ୟୋତି ହେଉଛନ୍ତି ଜଣେ ଏସିଆନ ଗେମ୍ସ ରୌପ୍ୟ ବିଜେତା। ଏସିଆନ ଚାମ୍ପିୟନଶିପ୍ ୧୦୦ମିଟର ହର୍ଡଲ୍ସରେ ଯେଉଁ ୫ଜଣ ଆଥଲେଟ ସେମାନଙ୍କ ସ୍ୱର୍ଣ୍ଣ ପଦକ ବଜାୟ ରଖିବାରେ ସମର୍ଥ ହୋଇଛନ୍ତ, ସେମାନଙ୍କ ସହ ଯୋଗ ଦେଇଛନ୍ତି ଜ୍ୟୋତି। ସେମାନେ ହେଲେ ଜାପାନର ଏମି ଆକିମୋତୋ (୧୯୭୯, ୧୯୮୧, ୧୯୮୩), ଚାଇନାର ଝାଙ୍ଗ୍ ୟୁ (୧୯୯୧, ୧୯୯୩), ଚାଇନାର ସୁ ୟିନ୍‌ପିଙ୍ଗ୍ (୨୦୦୩, ୨୦୦୫) ଓ ଚାଇନାର ସୁନ୍ ୟାୱି (୨୦୦୯, ୨୦୧୧)।

## ପୁରୁଷ ୪X୪୦୦ ରିଲେ ଫାଇନାଲରେ ଭାରତ

ରିନ୍ସ ଜୋଶେଫ୍, ଧର୍ମବୀର ଚୌଧାରୀ, ମନୁ ଥେକିନାଲିଲ୍ ସାଜି ଓ ମୋହିତ କୁମାରଙ୍କୁ ନେଇ ଭାରତୀୟ ଦଳ ଏଠାରେ ଚାଲିଥିବା ୨୬ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍ ପୁରୁଷ ୪X୪୦୦ ରିଲେ ଫାଇନାଲରେ ପ୍ରବେଶ କରିଛି। ହିଟ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ଭାରତ ପାଇଁ ଏକ ବଡ଼ ସଫଳତା। ୩:୦୬.୨୮ ସେକେଣ୍ଡ ଟାଇମିଂରେ ରେସ୍ ଶେଷ କରିଥିବା ଭାରତୀୟ ରିଲେ ଦଳ ଲେନ୍ ୫ରୁ ରେସ୍ ଆରମ୍ଭ କରିବ। ଭାରତ ହିଟ୍‌ରେ ଚାଇନା (୩:୦୬.୭୯) ଓ କୋରିଆ (୩:୧୦.୦୫)କୁ ପରାସ୍ତ କରି ସିଧାସଳଖ ଯୋଗ୍ୟତା ହାସଲ କରିଥିଲା। ଫାଇନାଲ ଲାଇନ୍ ଅପ୍‌ରେ ଭାରତକୁ ଶ୍ରୀଲଙ୍କା, ଚାଇନା ଓ କାଜାଖସ୍ତାନଙ୍କ ସହିତ ମୁକାବିଲା କରିବାକୁ ପଡ଼ିବ। ଚଳିତ ସିଜନର ଶ୍ରେଷ୍ଠ ଟାଇମିଂ ଶ୍ରୀଲଙ୍କା (୩:୦୧.୬୫) ନାମରେ ରହିଛି। ମହିଳା ୧୦,୦୦୦ ମିଟର ଫାଇନାଲରେ ଭାରତର ସଞ୍ଜୀବନୀ ଯାଦବ ସିଜନରେ ତାଙ୍କ ଶ୍ରେଷ୍ଠ ଟାଇମିଂ ୩୩.୦୮.୧୭ ସେକେଣ୍ଡ ଟାଇମିଂ ସହ ୫ମ ସ୍ଥାନ ଅଧିକାର କରିଥିବା ବେଳେ ସୀମା ୩୩:୦୮.୨୩ ସେକେଣ୍ଡ ଟାଇମିଂ ସହ ୬ଷ୍ଠ ହୋଇଥିଲେ। କାଜାଖସ୍ତାନର ଦାଇସି ଜେପ୍‌କେମେଇ (୩୦:୪୮.୪୪) ଜାପାନର ରିରିରାକ୍ ହିରୋନିକା (୩୦:୫୬.୩୨) ଓ ମିକୁନି ୟାଦା (୩୧:୧୨.୨୧)ଙ୍କୁ ପଛରେ ପକାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ମହାଦେଶୀୟ ପ୍ରତିଯୋଗିତାରେ ଭାରତ ୮ ପୋଡିୟମ ଫିନିଶ କରି ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ପଦକ ଲାଭ କରିଛି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ